



ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯ Vol. 22 No-9 9 APRIL 2025 WEDNESDAY BHUBANESWAR ବୁଧବାର, ୯ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ୨ ବର୍ଷରେ ଶକ୍ତିପୀଠ କରିଡର

ଭୁବନେଶ୍ୱର,୮।୪(ଭାସ୍କର ନ୍ୟୁଜ): ଆସନ୍ତା ଦୁଇବର୍ଷ ମଧ୍ୟରେ ରାଜ୍ୟର ଶକ୍ତିପୀଠଗୁଡ଼ିକୁ ନେଇ ଶକ୍ତିପୀଠ କରିଡର ନିର୍ମାଣ କରାଯିବ। ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ତାରାତାରିଣୀ, ବିରଜା, ଉଗ୍ରତାରା, ମା' ଭଗବତୀ, ମା' ମଙ୍ଗଳା, ମା' କାଳୀଜାଈ, ମା' ଭୈରବୀ ପୀଠକୁ ନେଇ ଏହି କରିଡର ନିର୍ମାଣ କରାଯିବ। ଏପରିକି ଆବଶ୍ୟକ ହେଲେ ଭକ୍ତମାନଙ୍କ ସୁବିଧା ପାଇଁ ହେଲିକପ୍ଟରର ବ୍ୟବସ୍ଥା କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ।

### ଚଳିତମାସ ଶେଷସୁଦ୍ଧା ଧାଡ଼ି ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର,୮।୪(ଭାସ୍କର ନ୍ୟୁଜ): ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ସୁଦ୍ଧା ଧାଡ଼ିଦର୍ଶନ ବ୍ୟବସ୍ଥା କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସପ୍ତାହକ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ।


### ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର,୮।୪ (ଭାସ୍କର ନ୍ୟୁଜ୍): ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାଲେଶ୍ୱର ପୋଲିସ ବାରାକ ଭିତରେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଠାବ କରିଛି। ମୃତ ମହିଳା କନଷ୍ଟେବଲଙ୍କ ପରିଚୟ ମିଳିଛି ଏବଂ ତାଙ୍କ ନାମ ଯଶୋଦା ଦାସ ବୋଲି ଜଣାପଡ଼ିଛି।

ସେନ୍‌ସେକ୍ସ: ୭୪,୨୨୭.୦୮
ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୮।୪ ।୨୦୨୫ ର ମତାମତ**

ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ହେଲେ ଓଡ଼ିଶାର ଯୁବକଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦିଆଯିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ନିବେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ୧୩ ଏମ୍‌ଓୟୁ

# ଓଡ଼ିଶା ହେବ ପେଟ୍ରୋଲିୟମ ହବ୍



**ମୋଟ ୧,୦୩,୦୯୦ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ**
**ସୃଷ୍ଟି ହେବ ୯୫,୯୧୫ ନିଯୁକ୍ତି ସୁଯୋଗ**
**ଆଇଓସିଏଲ ସହ ଚୁକ୍ତିନାମା ଯୁଗାନ୍ତକାରୀ ପଦକ୍ଷେପ**
**ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ**
**ଓଡ଼ିଶାର ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ: ଧର୍ମେନ୍ଦ୍ର**

ନୂଆ ଦିଲ୍ଲୀ, ୮।୪: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ବିଶିଷ୍ଟ ଶିଳ୍ପପତିଙ୍କ ସହିତ ଆଲୋଚନା କରିବା ସହିତ ଓଡିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି । ତାଜ୍ ପ୍ୟାଲେସ୍ ଠାରେ ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହିତ ୧୫ଟି ନିବେଶ ପ୍ରସ୍ତାବ ଆସିଛି । ଏହି ୧୩ଟି ଚୁକ୍ତିନାମା ଜରିଆରେ ଓଡିଶାକୁ ୯୮,୮୮୦ କୋଟି ଟଙ୍କାର ପୁଞ୍ଜି ଆସିବା ସହିତ ୬୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ସହିତ ୧୫ଟି ନିବେଶ ପ୍ରସ୍ତାବ ମଧ ଆସିଛି । ଏହାଦ୍ୱାରା ସମୁଦାୟ ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୯୫,୯୧୫ଟି ନିଯୁକ୍ତି ସୁଯୋଗ ମଧ ସୃଷ୍ଟି ହୋଇଛି । ଏହି ଚୁକ୍ତିନାମା ଗୁଡିକ ମଧରେ ଆଇଓସିଏଲ୍ ସହିତ ଚୁକ୍ତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ଏକ ଡୁଆଲ୍-ଫିଡ୍ ନାଫ୍‌ଥା କ୍ରାକର ପ୍ରକଳ୍ପ କରିବା ପାଇଁ ଏହି ଚୁକ୍ତି କରାଯାଇଛି । ଏହାଦ୍ୱାରା ଆଇଓସିଏଲ୍ ଓଡିଶାରେ ୫୮,୦୪୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଏବଂ ୨୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ଆଉ ଦୁଇଟି ଚୁକ୍ତି ମଧ ସ୍ୱାକ୍ଷରିତ ହୋଇଛି । ଗୋଟିଏ ଚୁକ୍ତିନାମା ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିଅମ୍ ରିଜର୍ଭ୍‌ସ ଲିମିଟେଡ୍ ସହିତ ହୋଇଥିବା ବେଳେ ଅନ୍ୟ ଚୁକ୍ତିନାମାଟି ପେଟ୍ରୋନେଟ୍ ଏଲ୍‌ଏନ୍‌ଜି ସହିତ କରାଯାଇଛି । ପେଟ୍ରୋକେମିକାଲ କ୍ଷେତ୍ରରେ ଏହି ଚୁକ୍ତିନାମା ଗୁଡିକ ଓଡିଶାର ଶିଳ୍ପବିକାଶକୁ ତ୍ୱରାନ୍ୱିତ କରିବା ସହିତ ଏ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସ କରିବ ଏବଂ ଏକ ସୁଦୃଢ ସପ୍ଲାଇ ଚେନ୍ ମଧ • ପୃଷ୍ଠା ୫ ଦେଖନ୍ତୁ

## ପର୍ତ୍ତୁଗାଲରେ ରାଷ୍ଟ୍ରପତି

# ମହାମହିମଙ୍କୁ 'ସିଟି କି ଅଫ୍ ଅନର୍' ପ୍ରଦାନ



ଲିସବନ୍/ନୂଆଦିଲ୍ଲୀ,୮।୪: ଦୁଇଦିନିଆ ପର୍ତ୍ତୁଗାଲ ଗସ୍ତରେ ଯାଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲିସ୍‌ବନ୍‌ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଲିସ୍‌ବନ ମେୟର କାର୍ଲୋସ ମୋଦାସ ସିଟି କି ଅଫ ଅନର ପ୍ରଦାନ କରିଛନ୍ତି। ଏହି ସମ୍ମାନ ପ୍ରଦାନ କରିବା ସମୟରେ ମୋଦାସ କହିଥିଲେ ଯେ ନମସ୍ତେ ରାଷ୍ଟ୍ରପତି ମହାଶୟ, ଲିସବନରେ ଆପଣଙ୍କୁ ସ୍ୱାଗତ ଜଣାଉଛୁ। ଶ୍ରୀମତୀ ମୁର୍ମୁଙ୍କୁ ନୋବେଲ ସାଲୁନକୁ ନିଆଯାଇ ସେଠାରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ଏବଂ ଏହି ସ୍ଥାନଟି ସେଠାରେ ରହୁଥିବା ଭାରତୀୟମାନଙ୍କ ଦ୍ୱାରା ପରିପୂର୍ଣ୍ଣ ରହିଥିଲା। ମୋଦାସ ଆହୁରି କହିଥିଲେ ଯେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ସମ୍ମାନ ପାଇବା ପରେ ସେ ଲିସବନ୍‌ର ଜଣେ ସମ୍ମାନିତ ନାଗରିକର ମାନ୍ୟତା ପାଇପାରିଛନ୍ତି। ଅନ୍ୟପକ୍ଷରେ ସମ୍ମାନିତ ହେବାପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତ ଏବଂ ପର୍ତ୍ତୁଗାଲ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ବହୁ ପୁରୁଣା ଏବଂ ଏହା ଦୈନନ୍ଦିନ ଜୀବନରେ ଏକ ଅଭୁଲା ଛାପ ଛାଡ଼ିଯାଇଛି। ସେ ଆହୁରି କହିଥିଲେ, ଆନ୍ତର୍ଜାତିକ ବ୍ୟାପାରରେ ଆମର ମିଳିତ ଦାୟିତ୍ୱବୋଧ ଆମକୁ ଆଞ୍ଚଳିକ ଏବଂ ବହୁପାକ୍ଷିକ ମଧ୍ୟରେ ସ୍ୱାଭାବିକ ଅଂଶୀଦାର କରିଥାଏ। ପର୍ତ୍ତୁଗାଲ ୟୁରୋପୀୟ ସଂଘ ସହିତ ଆମର ସଂପର୍କକୁ ବୃଦ୍ଧି କରିବାରେ ଭାରତର ଏକ ମୂଲ୍ୟବାନ ସହଯୋଗୀ ହୋଇପାରିଛି। ଭାରତୀୟ ପ୍ରବାସୀମାନଙ୍କୁ ଆମ ସଂପର୍କର ମୂଳଦୁଆ ଭାବରେ ବର୍ଣ୍ଣନା କରି ସେ କହିଥିଲେ, ସେମାନେ ପର୍ତ୍ତୁଗାଲର ସମାଜ ଏବଂ ଅର୍ଥନୀତିରେ ମୂଲ୍ୟବାନ ଯୋଗଦାନ ଦେଉଛନ୍ତି। ତେବେ ମେୟର ମୋଦାସ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଥା ମନେ ପକାଇଥିଲେ ଏବଂ କହିଥିଲେ, ଆମେ ସାମାଜିକ ବିଭାଜନକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ।

# ଓଇଆରସିର ଅଧ୍ୟକ୍ଷ ଭାବେ ଶପଥ ନେଲେ ପ୍ରଦୀପ ଜେନା




ଭୁବନେଶ୍ୱର,୮।୪(ଭାସ୍କର ନ୍ୟୁଜ): ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ଭାବେ ପ୍ରଦୀପ କୁମାର ଜେନାଙ୍କୁ ମଙ୍ଗଳବାର ଶପଥପାଠ କରାଇଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି। ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲରେ ଆୟୋଜିତ ଏକ ସମାରୋହରେ ରାଜ୍ୟପାଳ ଶ୍ରୀ ଜେନାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଇଲେକ୍ଟ୍ରିସିଟି ଆଇନ-୨୦୦୩ ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ୨୮ ତାରିଖରେ ଶ୍ରୀ ଜେନାଙ୍କୁ ଓଇଆରସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ଶ୍ରୀ ଜେନା ପୂର୍ବରୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ତଥା ମୁଖ୍ୟ ଶାସନ ସଚିବ ଭାବେ ଦକ୍ଷତାର ସହ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଏହି ଶପଥଗ୍ରହଣ ସମାରୋହରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବ ଅନୁ ଗର୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ.ବି.ଏସ. ରାଜପୁତଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ଶାସନ ସଚିବ ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା

# ମଇ ଦ୍ୱିତୀୟ ସପ୍ତାହରେ ମାଟ୍ରିକ ରେଜଲ୍ଟ




କଟକ,୮।୪(ଭାସ୍କର ନ୍ୟୁଜ): ଆସନ୍ତା ମଇମାସ ଦ୍ୱିତୀୟ ସପ୍ତାହରେ ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବ। ଏ ନେଇ ମଙ୍ଗଳବାର ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ୍ ପାଇଁ କୌଣସି ଅସୁବିଧା ହେବ ନାହିଁ। ଗ୍ରେସ୍‌ମାର୍କ ନେଇ ପରିଚାଳନା କମିଟି ନିଷ୍ପତ୍ତି ନେବ। ଆଉ ଦୁଇଦିନ ଭିତରେ ସମସ୍ତ ଖାତାର ମୂଲ୍ୟାୟନ ଶେଷ ହେବ। ଏଆଇ ଓ କ୍ୟୁଆର କୋଡ୍ ଦ୍ୱାରା ପରୀକ୍ଷା ପରିଚାଳନା ସଫଳ ହୋଇଥିବା ସେ କହିଥିଲେ। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହୋଇଥିବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା, ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମାର୍ଚ୍ଚ ୬ରେ ଶେଷ ହୋଇଛି। ବୋର୍ଡ ପକ୍ଷରୁ ପ୍ରଥମ ଥରପାଇଁ ପ୍ରଶ୍ନପତ୍ରରେ କ୍ୟୁଆର କୋଡ୍‌ର ବ୍ୟବସ୍ଥା କରାଯାଇଥିବାରୁ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ରର ଭାଇରାଲକୁ ସଂପୂର୍ଣ୍ଣରୂପେ ରୋକାଯାଇପାରିଛି ବୋଲି ସେ କହିଥିଲେ। ଗତମାସ ୧୯ ତାରିଖରୁ ପରୀକ୍ଷାଖାତା ମୂଲ୍ୟାୟନ ହୋଇଥିଲା। ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷାଖାତା ଦେଖା ଚାଲିଛି। ଏହି ପରୀକ୍ଷାରେ ମୋଟ ୫ଲକ୍ଷ ୨୨ ହଜାର ୩୩୬ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏଥିଲାଗି ୩୧୩୩ଟି ପରୀକ୍ଷାକେନ୍ଦ୍ର ସ୍ଥାପନ କରାଯାଇଥିଲା। କପି ରୋକିବା ପାଇଁ ୪ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିଲା। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବା ସହ ଶହଶହ ପରୀକ୍ଷା କେନ୍ଦ୍ରରେ ଲାଇଭ୍ ଭିଡିଓ ବ୍ୟବସ୍ଥା କରାଯାଇଥିଲା। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୩୧୪ଟି ନୋଡାଲ ସେଣ୍ଟର କରାଯାଇଥିଲା। ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଛାଡ଼ିଦେଲେ ମଧ୍ୟମା ପାଇଁ ୭୭୬୬ ପରୀକ୍ଷାର୍ଥୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ୩୭୫୨ ପରୀକ୍ଷାର୍ଥୀ ରହିଥିଲେ।

## ୧୦ବର୍ଷରେ ପାଦ ଥାପିଲା ମୁଦ୍ରା ଯୋଜନା


# ହିତାଧିକାରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୮।୪: ୧୦ବର୍ଷରେ ପଦାର୍ପଣ କଲା ମୁଦ୍ରା ଯୋଜନା। ମୋଦୀ ସରକାରଙ୍କ ବହୁଚର୍ଚ୍ଚିତ ଯୋଜନା ଭିତରେ ମୁଦ୍ରା ଯୋଜନା ରହିଥିବାବେଳେ ଏହା ୧୦ବର୍ଷରେ ପାଦ ଥାପିଛି। ମଙ୍ଗଳବାର ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଦ୍ରା ଲାଭାର୍ଥୀଙ୍କୁ ନିଜ ଦିଲ୍ଲୀସ୍ଥିତ ବାସଭବନକୁ ଡାକି ସେମାନଙ୍କ ସହ ଆଲୋଚନା କରିଛନ୍ତି ଏବଂ ମୁଦ୍ରା ଯୋଜନା ସେମାନଙ୍କ ଆର୍ଥିକ ସ୍ଥିତିକୁ କେତେ ପରିମାଣର ମଜବୁତ କରିଛି ସେ ନେଇ ପଚାରି ମଧ୍ୟ ବୁଝିଛନ୍ତି। ଏହି ଯୋଜନାରେ ୫୦ କୋଟିରୁ ଅଧିକ ହିତାଧିକାରୀ ଉପକୃତ ହୋଇଥିବାବେଳେ ଲାଭାର୍ଥୀମାନେ ମଧ୍ୟ ଏହି ଯୋଜନାରୁ ଉପକୃତ ହୋଇଥିବା ମୋଦୀଙ୍କୁ କହିଛନ୍ତି। ବିନା କୌଣସି ବନ୍ଧକରେ ଋଣ ନେଇ ସେମାନେ ଆରମ୍ଭ କରିଛନ୍ତି ବ୍ୟବସାୟ। ଆଉ ଏହାର ସୁଫଳ ଏବେ ମିଳିଛି। ୫୦ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ୱକଫ୍ ବିଲ୍‌ଟା କାଳ ପାଲଟିଲା
ବିଜେଡିଟା ଦୁଇ ଫାଳ
ନିର୍ବାଚନ ପରେ କଳି ଲାଗିଅଛି
ଉପୁଡ଼ି ଯାଉଛି ମୂଳ
ଦୁର୍ବଳ ହେଉଛି ଦଳ
ସୁପ୍ରିମୋ ବାପୁଡ଼ା ଯେତେ ଚାପିଲେ ବି
ନେତା ଏଠି ମହାକାଳ...।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା

# ଦୁଇଭାଗ ହେଲା ଫଲକ୍‌ନାମା



ଭୁବନେଶ୍ୱର,୮।୪(ଭାସ୍କର ନ୍ୟୁଜ): ଓଡ଼ିଶା ଅଭିମୁଖେ ଆସୁଥିବା ଫଲକନାମା ସୁପରଫାଷ୍ଟ ଏକ୍ସପ୍ରେସ ମଙ୍ଗଳବାର ଅଧାବାଟରେ ଦୁଇଭାଗ ହୋଇଯାଇଥିଲା। ସୋମବାର ଅପରାହ୍ନରେ ଏହା ସିକନ୍ଦରାବାଦ ଷ୍ଟେସନ ଛାଡ଼ିଥିଲା। କୋଲକାତା ଅଭିମୁଖେ ଯାଉଥିବା ଏହି ଟ୍ରେନ୍ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ପଲାସା ନିକଟ ସୁମାଦେବୀ ନିକଟରେ ଦୁଇଭାଗ ହୋଇଯାଇଥିଲା। ଦୁଇଟି ବଗି ଅଲଗା ହେବାପରେ ଟ୍ରେନ୍‌ଟି ଆଗକୁ ଚାଲି ଯାଇଥିଲା। ଫଳରେ ସେହି ବଗିରେ ବସିଥିବା ଯାତ୍ରୀମାନେ ହଠାତ୍ କିଛି ବୁଝି ପାରିନଥିଲେ। ଦୁଇଟି ଏସି ବଗି ଟ୍ରେନରୁ ଅଲଗା ହେବାପରେ କିଛିବାଟ ରେଳଧାରଣାରେ ଆଗକୁ ଯାଇ ଅଟକି ଯାଇଥିଲା। ତେବେ ଏଥିରେ କେହି ଆହତ ହୋଇନାହାନ୍ତି କିମ୍ବା କାହାର ମୃତ୍ୟୁ ସୂଚନା ନାହିଁ । ସୂଚନା ପାଇବା ପରେ ଲୋକୋ ପାଇଲଟ୍ ଟ୍ରେନ୍‌କୁ ଅଟକାଇଥିଲେ। ରେଳ • ପୃଷ୍ଠା ୫ ଦେଖନ୍ତୁ

## ବିଜେଡିରେ ୱକଫ୍ ଝଡ଼

# ବରିଷ୍ଠ ନେତାଙ୍କ ସହ ନବୀନଙ୍କ ଆଲୋଚନା



ଭୁବନେଶ୍ୱର,୮।୪(ଭାସ୍କର ନ୍ୟୁଜ): ରାଜ୍ୟସଭାରେ ୱକଫ୍ ସଂଶୋଧନ ବିଲ୍ ପାରିତ ସମୟରେ ବିଜେଡିର ଭୂମିକାକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଏହାକୁ ନେଇ ବିଜେଡିର ନେତାମାନେ ଏକରକମ ଦୁଇଭାଗ ହୋଇ ଯାଇଛନ୍ତି। ତେବେ ଏହାକୁ ନେଇ ଗଣମାଧ୍ୟମରେ ଭିନ୍ନଭିନ୍ନ ଧରଣର ବିବୃତି ଦେଖିବାକୁ ମିଳୁଥିବାବେଳେ ମଙ୍ଗଳବାର ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ପ୍ରାୟ ଦେଢଘଣ୍ଟା ଧରି ଏହି ଆଲୋଚନା ଚାଲୁ ରହିଥିଲା। ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ପ୍ରତାପ ଦେବ, ଅନଙ୍ଗ ଉଦୟ ସିଂହଦେଓ, କଳିକେଶ ନାରାୟଣ ସିଂହଦେଓ ଓ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆଲୋଚନା ପରେ ନେତାମାନଙ୍କୁ ଦଳରେ ଶୃଙ୍ଖଳା ବଜାୟ ରଖିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏପରିକି ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ସେ ନେତାମାନଙ୍କୁ ଅନୁରୋଧ କରିଥିଲେ। ବୈଠକ ପରେ ବିଜେଡିର ବରିଷ୍ଠ ନେତା ପଦ୍ମନାଭ ବେହେରା କହିଛନ୍ତି ଯେ ଦଳରେ ଯାହା ବି କିଛି ଘଟିଛି ତାହା ଯେମିତି ଆଗକୁ ନ ବଢେ ସେ ନେଇ ସମସ୍ତେ ଧ୍ୟାନ ଦେବା ଦରକାର। ଏହି ଘଟଣାର ଯବନିକା ପକାଇବା ଜରୁରି। ରାଜ୍ୟ ରାଜନୀତି ପାଇଁ ଏସବୁ ଶୁଭଙ୍କର ନୁହେଁ । ଦଳର ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ ତାହା ସମସ୍ତେ ମାନିବାକୁ ବାଧ୍ୟ ବୋଲି ସେ କହିଥିଲେ। ତେଣେ ଶଙ୍ଖ ଭବନରେ ଏକାଠି ହୋଇଛନ୍ତି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ସହ କେତେକ ପୂର୍ବତନ ଯୁବ ବିଧାୟକ। ସେମାନେ ୱକଫ ବିଲ୍ ପ୍ରସଙ୍ଗରେ ଆଲୋଚନା କରିବା ସହ ବିଶୃଙ୍ଖଳା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦଳର ସମନ୍ୱୟ କମିଟି ଆବାହକ ଦେବୀ ମିଶ୍ରଙ୍କୁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟସଭାରେ ୱକଫ ବିଲ୍ ଭୋଟିଂକୁ ନେଇ ସାଂସଦ ମୁନ୍ନା ଖାଁ ସୋମବାର ନବୀନ ନିବାସ ଯାଇ ସୁପ୍ରିମୋଙ୍କୁ ଭେଟିଥିଲେ। ସାଂସଦ ସସ୍ମିତ ପାତ୍ର ବିଲ୍ ସପକ୍ଷରେ ଭୋଟ ଦେବା ଏବଂ ଦେବାଶିଷ ସାମନ୍ତରାୟ ଭୋଟଦାନ ନିଷ୍ପତ୍ତିକୁ ବିରୋଧକରି ଭୋଟଦାନରୁ ନିବୃତ୍ତ ରହିବାକୁ ନେଇ ଝଡ଼ ସୃଷ୍ଟି ହୋଇଛି।

## ଗେଜେଟ୍ ବିଜ୍ଞପ୍ତି

# ଲାଗୁ ହେଲା ୱକଫ୍ ଆଇନ୍

ନୂଆଦିଲ୍ଲୀ,୮।୪: ସଂସଦରେ ପାରିତ ହୋଇଥିବା ବହୁ ବିତର୍କିତ ୱକଫ୍ ସଂଶୋଧନ ବିଲ୍ ଆଇନରେ ପରିଣତ ହେବାପରେ ମଙ୍ଗଳବାର ଠାରୁ ଲାଗୁ କରାଯାଇଥିବା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୫ ତାରିଖ ବିଳମ୍ବିତ ରାତିରେ ଅନୁମୋଦନ ଦେଇଥିଲେ। ଏହି ବିଲ୍‌କୁ ନେଇ ସଂସଦର ଉଭୟ ଗୃହରେ ଦୀର୍ଘ ସମୟ ଧରି ବିତର୍କ ମଧ୍ୟ ଚାଲୁ ରହିଥିଲା। ପ୍ରଥମ ଦିନ ଲୋକସଭାରେ ଏହି ବିଲ୍ ସପକ୍ଷରେ ୨୮୮ଖଣ୍ଡ ଭୋଟ ମିଳିଥିବାବେଳେ ବିଲ୍ ବିପକ୍ଷରେ ୨୩୨ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି ରାଜ୍ୟସଭାରେ ବିଲ୍ ସପକ୍ଷରେ ୧୨୮ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୯୫ଟି ଭୋଟ ପଡ଼ିଥିଲା। ରାଜ୍ୟସଭାରେ ବିରୋଧୀଦଳ ଆଣିଥିବା ସମସ୍ତ ସଂଶୋଧନ ପ୍ରସ୍ତାବ ମଧ୍ୟ ଭଏସ୍ ଭୋଟ୍ ମାଧ୍ୟମରେ ନାକଚ ହୋଇଯାଇଥିଲା। ତେବେ ଏହି ବିଲ୍‌କୁ ବିରୋଧ କରି କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ କ୍ୟାଭେଟ୍ ପିଟିସନ ଦାଖଲ କରାଯାଇଛି। ଏହାର ଅର୍ଥ ହେଉଛି, ଶୁଣାଣି ସମୟରେ ଅଦାଲତ କେନ୍ଦ୍ର ସରକାରଙ୍କ ପକ୍ଷ ଶୁଣିବେ। ତେବେ ବିରୋଧୀ ବିଲ୍‌କୁ ବିରୋଧ କରୁଥିବାବେଳେ ସରକାର କହିଛନ୍ତି ଯେ ଏହି ବିଲ୍ ମୁସଲିମ ସମ୍ପ୍ରଦାୟ ବିରୋଧରେ ନୁହେଁ। କେବଳ ୱକଫ୍ ସମ୍ପତ୍ତିର ଭେଦଭାବ ଓ ଅପ ବ୍ୟବହାରକୁ ରୋକିବା ପାଇଁ ଏହା କରାଯାଇଛି।



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଭାଗବତ ନାଏକ, ମୁଖ୍ୟ ବକ୍ତା ଡ଼ଃ ମନୋରଞ୍ଜନ କର ଯୋଗ ଦେଇ ପରିଶ୍ରମ ହେଉଛି ସଫଳତାର ଚାବିକାଠି ବୋଲି କହିଛନ୍ତି। ସମ୍ମାନୀତ ଅତିଥି ଭାବେ ସରପଞ୍ଚ ପ୍ରମୋଦ କୁମାର ନାଏକ,ସମିତି ସଭ୍ୟା ଦ୍ରୌପଦୀ ମହାନ୍ତ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଶରତ ଚନ୍ଦ୍ର ଦେହୁରୀ, ସ୍କୁଲ ମ୍ୟାନେଜିଙ୍ଗ କମିଟି ସଭାପତି ଜର୍ମନ ଦେଓଗାମ, ମୋ ସ୍କୁଲ ଅଭିଯାନ ସଭାପତି ଅରୁଣ କୁମାର ବ୍ରହ୍ମ, ଓ୍ୱାର୍ଡମେମ୍ବର ଶୁଭେନ୍ଦୁ ପାତ୍ର, ଡାଳିମ୍ବ ଗିରି ଓ ଉର୍ମିଳା ପାତ୍ର, ବିଦ୍ୟାଳୟର ଶୁଭେଚ୍ଛା ଶ୍ରୀଯୁକ୍ତ ଲିଙ୍ଗରାଜ ପାତ୍ର, ସନ୍ତୋଷ କୁମାର ବ୍ରହ୍ମ ଏବଂ ବିଦ୍ୟାଳୟର ପୁରାତନ ଶିକ୍ଷକ ହିରଣ୍ୟଚନ୍ଦ୍ର ସିଂ, ମହେନ୍ଦ୍ର କୁମାର ଗୁଇନ, ବିଦ୍ୟାଧର ସାହୁ, ଶୋଭନ ପ୍ରଦୀପ ଦାସ ଯୋଗଦେଇ ପିଲାମାନଙ୍କୁ ଅଧିକ ଉତ୍ସାହିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ମେଡାଲ ଅତିଥିମାନେ ପ୍ରଦାନ କରିଥିଲେ । ପିଲାମାନଙ୍କ ଦ୍ୱାରା ଆୟୋଜନ କରା ଯାଇଥିବା ମନୋରଞ୍ଜନ କାର୍ଯ୍ୟକ୍ରମ ଯଥା, ନୃତ୍ୟ,ଗୀତ ଓ ସାମାଜିକ ନାଟକ ବେଶ ଚିତାଆର୍ଷକ ହୋଇଥିଲା। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମରେନ୍ଦ୍ର ରାଉତ, ଶୁଭଲକ୍ଷ୍ମୀ ସାହୁ, ସରୋଜିନୀ ସାହୁ, ପ୍ରଦୀପ କୁମାର ପାତ୍ର, ଅରୁଣିମା ସାମନ୍ତରାୟ, ବାସନ୍ତୀ ନାଏକ, ସୁଶାନ୍ତ କୁମାର ପାତ୍ର ,ତୃପ୍ତିମୟୀ ପାତ୍ର ଏବଂ ସ୍କୁଲ ମ୍ୟାନେଜିଙ୍ଗ କମିଟିର କୁନି ପାତ୍ର, ସୁଜାତା ପ୍ରଧାନ, ମୁରଲୀ ଧର ନାଏକ, ଗୋଲାପ ମୁଣ୍ଡାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି।



# ସାହାଯ୍ୟ କରିବାକୁ ଯାଇ ଆଇନ ଛାତ୍ର ଗୁରୁତର



ଫୁଲନଖରା,(ଭାସ୍କର ନ୍ୟୁଜ୍):ବିପଦରେ ପଡ଼ିଥିବା ଜଣେ ଯୁବକଙ୍କ ଚିତ୍କାର ଶୁଣି ତାଙ୍କୁ ସାହାଯ୍ୟ କରିବାକୁ ଯାଇଥିବା ଜଣେ ଆଇନ ବିଭାଗ ଛାତ୍ର ନିଜେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଏବେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱର ଗ୍ରାମର ବରିଷ୍ଠ ଆଇନଜୀବୀ ଅଭିରାମ ପାତ୍ରଙ୍କ ପୁତ୍ର ଅନୁସନ୍ଧାନ ଚମ୍ପତିରାୟ। ଘଟଣାରୁ ପ୍ରକାଶ ଯେ, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଭାବେ କାର୍ଯ୍ୟ କରୁଥିବା କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ମଉଜପୁର ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁ ନିଜ ସ୍କୁଟିରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲାବେଳେ ହଂସପାଳ-ଭିଙ୍ଗାରପୁର ରାସ୍ତାରେ ୪ ଜଣ ଯୁବକ ଏକ କାରରେ ଆସି ତାଙ୍କୁ ବଳପୂର୍ବକ ଟେକିନେଇ କାର ଭିତରେ ଭର୍ତ୍ତି କରିଦେଇଥିଲେ। ମାତ୍ର ତାଙ୍କର ଦୁଇ ଗୋଡ଼ ବାହାରକୁ ଦେଖାଯାଉଥିଲା। ସେ ରକ୍ଷା କର ରକ୍ଷା କର ବୋଲି ଚିତ୍କାର କରିବାରୁ ସେହି ସମୟରେ ଭୁବନେଶ୍ୱର ଆଇଟିଆର କଲେଜରୁ ଘରକୁ ଫେରୁଥିବା ୪ର୍ଥ ବର୍ଷ ଆଇନ ବିଭାଗ ଛାତ୍ର ଅନୁସନ୍ଧାନ ଉକ୍ତ କାରକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର କାର ଚାଳକ ଜାଣି ଶୁଣି ଧକ୍କା ଦେଇ ତାଙ୍କୁ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଅନୁସନ୍ଧାନଙ୍କ ହାତ, ଗୋଡ଼, ପିଠି, ଛାତି ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣାରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ସୌମ୍ୟ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (କେସ ନଂ.୧୨୬/ ୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଗିରଫ କରାଯାଇପାରିନଥିବା ପୋଲିସ କହିଛି।

# ଜାଲ ଦସ୍ତଖତରେ ଗ୍ରାମସଭା ଅନୁମୋଦନ

## ମୃତ ବ୍ୟକ୍ତି ଓ ଅନୁପସ୍ଥିତ ଲୋକଙ୍କ ନାମରେ ଦସ୍ତଖତ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଚମ୍ପୁଆ ରେଞ୍ଜ କୃଷ୍ଣପୁର ବନ ସୁରକ୍ଷା ସମିତିର ବୈଠକରେ ମୃତ ଲୋକ ଉପସ୍ଥିତ ଥିବା ଦର୍ଶାଇ ଗଛକଟା ପାଇଁ ସଭା ଅନୁମୋଦନ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତକାଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ସଭାରେ ବହୁ ଲୋକ ଅନୁପସ୍ଥିତ ଥିବାବେଳେ ତାଙ୍କ ନାମରେ ଜାଲ ଦସ୍ତଖତ କରାଯାଇଥିବା ନେଇ ଅଭିଯୋଗ ହୋଇଛି । କୃଷ୍ଣପୁର ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତ, ମେମ୍ବର ସେକ୍ରେଟାରୀ ଚମ୍ପୁଆ ବନପାଳ ଥିବାବେଳେ ଏଭଳି ବେଆଇନ କାମକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏଣୁ ପ୍ରକୃତପକ୍ଷେ ସଭା କରାନଯାଇ ଘରେ ବସି ଦସ୍ତଖତ ଯୋଗାଡ କରି ସଭା ଅନୁମୋଦନ କରାଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏହାର ତଦନ୍ତ କରିବା ପାଇଁ ବନ ବିଭାଗକୁ କହିଛନ୍ତି। ଡିଏଫ୍‌ଓ ଧନରାଜ ଏଚ୍ଡି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏଭଳି ବେଆଇନ କାମ କରାଯାଇ ଗଛ କାଟିବା ପାଇଁ ପ୍ରସ୍ତାବ ଅନୁମୋଦନ କରାଯାଇ ଥିବାରୁ ଦୋଷୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ଗ୍ରାମବାସୀମାନେ ଦାବୀ କରଛନ୍ତି । ଘଟଣାରୁ ପ୍ରକାଶ ଯେ, ୧୬/୦୧/୨୦୨୪ରେ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଗଛ କାଟିବାକୁ ଚମ୍ପୁଆ ରେଞ୍ଜରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଏହି ପ୍ରସ୍ତାବରେ କୃଷ୍ଣପୁର ଗ୍ରାମର ଗୁରା ମୁଣ୍ଡାଙ୍କ ଦସ୍ତଖତ ରହିଛି । ଗୁରା ମୁଣ୍ଡା ୧୦/୧୦/୨୦୦୫ରେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାମରେ କେହି ଦସ୍ତଖତ କରିଥିବା ଅଭିଯୋଗ ହୋଇଛି । ଏଥିସହ ଗ୍ରାମର ୨୫ଜଣ ଦସ୍ତଖତ କରିନଥିବାବେଳେ ତାଙ୍କ ନାମରେ ଜାଲ ଦସ୍ତଖତ ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, କୃଷ୍ଣପୁର ବନ ସୁରକ୍ଷା ସମିତିର ଆବେଦନ କ୍ରମେ ଡିଏଫଓ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୦୪/୦୫/୨୦୨୪ରେ ୨୫୦୫ଟି ୟୁକାଲିପଟାସ ଗଛ କାଟିବାକୁ ଅନୁମତି ପ୍ରଦାନ କରିଥିଲେ । ଅନୁମତି ମିଳିବା ପରେ ଗଛକଟା ବାବଦ ୩୦ଲକ୍ଷ ୬୫ହଜାର ଟଙ୍କା ଜମା କରିବା ପରେ ଗଛ କାଟିବା କଥା। ମାତ୍ର ତାହା ଜଣା ନ କରାଯାଇ ଅନୁମତି ଠାରୁ ବହୁ ଅଧିକ ଗଛ କଟାଯାଇଥିଲା । ଡିଏଫ୍‌ଓ ଙ୍କ ନିର୍ଦ୍ଦେଶକ୍ରମେ କଟାଗଛର ମୂଳ ଗଣତି ହୋଇଥିଲା । ଅଧିକ ୧୧୨୩ଟି କଟା ଗଛ ଗଣତି ପରେ ହଠାତ୍ ଗଣତି ବନ୍ଦ କରାଯାଇଥିଲା। ସମ୍ପୂର୍ଣ୍ଣ ଗଣତି ହେଲେ ୩୦୦୦ରୁ ଅଧିକ ଗଛ କଟାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ । ଅନୁମତି ଠାରୁ ଢେର ଅଧିକ ଏବଂ ଅନ୍ୟ ପ୍ରଜାତି ଯଥା ଶାଳ, ଆକାଶିଆ, ଶିଶୁ ପ୍ରଜାତିର ଗଛ କଟାଯାଇଥିବାରୁ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତ ଏବଂ ଅନ୍ୟ ୧୩ ଜଣଙ୍କ ନାମରେ ଚମ୍ପୁଆ ଥାନାରେ ମାମଲା ରୁଜୁ ହୋଇଥିଲା। ଗଛ କଟା ବାବଦ ଅର୍ଥ ବନସୁରକ୍ଷା ସମିତି ଆକାଉଣ୍ଟରେ ଜମା କରାନଯାଇ କିଛି ସଦସ୍ୟଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟରେ ଏହି ଅର୍ଥ ଜମା କରାଯାଇଥିଲା । ଅଭିଯୋଗ ହେବା ପରେ ଚମ୍ପୁଆ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ ଭିଏସଏସ୍ ସଭାପତିଙ୍କୁ ଚିଠି ସଂଖ୍ୟା ୩୩୮ ତା ୨୮/୧୧/୨୦୨୪ରେ ଚିଠି କରି ୩ ଦିନ ମଧ୍ୟରେ ଅର୍ଥ ଜମା କରିବାକୁ କହିଥିଲେ । ଉକ୍ତ ଅର୍ଥ ଜମା ନ କଲେ ଅର୍ଥ ହଡପ ମାମଲା ରୁଜୁ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଥିଲା । ତେବେ ଚିଠି କରାଯିବାର ୪ ମାସ ପରେ ମଧ୍ୟ ସଂପୂର୍ଣ୍ଣ ଅର୍ଥ ଭିଏସ୍ଏସ୍ ଆକାଉଣ୍ଟରେ ଜମା ହୋଇନଥିଲେ ବି ଅଦ୍ୟାବଧି ମାମଲା ରୁଜୁ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛ କଟା ମାମଲାରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ କଟା ଗଛର ମୂଳ ଗଣତି ସମ୍ପୂର୍ଣ୍ଣ କରିବା ଏବଂ ଅଧିକ ଗଛ କଟିଥିବା ବାବଦ ମାପଚୁପ କରି ସେ ବାବଦ ଅର୍ଥ ଭିଏସ୍ଏସ୍ ଆକାଉଣ୍ଟରେ ଜମା କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।



# କନ୍ଦାଖାଇ ଉଚ୍ଚ ମାଧ୍ୟମିକ କଳା ଓ ବିଜ୍ଞାନ ବିଦ୍ୟାଳୟର ଜଳସେବା




କୃଷ୍ଣପ୍ରଶାଦ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ କନ୍ଦାଖାଇ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନଏସଏସ ବିଭାଗ ତରଫରୁ ଏନଏସ ଏସ କାଉନସେଲର ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗତ ମାର୍ଚ୍ଚ ମାସ ୩୦ତାରିଖ ଠାରୁ ବିଦ୍ୟାଳୟ ମୁଖ୍ୟ ଫାଟକ ଠାରେ ସମସ୍ତ ପଥଚାରୀ ପଶୁ ପକ୍ଷୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯଶୋବନ୍ତ ଶୁଭମ ରବୀନ୍ଦ୍ର ପୁଷ୍ପ ଗୌତମ ସମେତ ସମସ୍ତ ଏନଏସଏସ ଛାତ୍ର ଜଳ ବଣ୍ଟନ କରୁଥିବା ବେଳେ ଅଧ୍ୟାପକ ମଧୁସୂଦନ ସାହୁ ହୁସେନ ସାର ବିଶ୍ୱନାଥ ପରିଡା ଦିଲୀପ ଦଳେଇ ସୁକାନ୍ତ ଜେନା ଓ ଦିନେଶ ଚନ୍ଦ୍ର ରଥ ପ୍ରମୁଖ ସହଯୋଗ କରୁଛନ୍ତି । ଏଥିପାଇଁ ସେମାନଙ୍କୁ ସାଧୁବାଦ ଦେଉଛନ୍ତି ଅଞ୍ଚଳ ସମସ୍ତ ବୁଦ୍ଧିଜୀବୀ।

# ସାମ୍ବାଦିକାଙ୍କୁ ଆକ୍ରମଣ ଘଟଣା

# ଏସ୍‌ୟୁଜେ ଜିଲ୍ଲା ଶାଖାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ଯାଜପୁର (ଭାସ୍କର ନ୍ୟୁଜ୍): ଗତ ରବିବାର ଦିନ ପୁରୀରେ ଶ୍ରୀମନ୍ଦିର ସମ୍ମୁଖରେ ଖବର ସଂଗ୍ରହ କରୁଥିବା ବେଳେ କର୍ତ୍ତବ୍ୟରତ ସାମ୍ବାଦିକା ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ ପଲେଇଙ୍କୁ ନିଜକୁ ସେବାୟତ କହୁଥିବା କେତେକ ଗୁଣ୍ଡା ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସେମାନଙ୍କ ଠାରୁ କ୍ୟାମେରା ଓ ମୋବାଇଲ ଫୋନ ମଧ୍ୟ ଛଡାଇ ନେଇଯାଇଥିଲେ।ଏହି ଘଟଣା କୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ଅଭିଯୁକ୍ତ ମାନଙ୍କୁ ଗିରଫ କରିନାହିଁ। ବରଂ ପୋଲିସ ବିଭିନ୍ନ ଆଳ ଦେଖାଇ ଘଟଣା କୁ ଜଟିଳ ରୂପ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି ।ଲିନୁ ନାୟକ କେବଳ ସାମ୍ବାଦିକା ନୁହଁନ୍ତି,ସେ ଜଣେ ମହିଳା ମଧ୍ୟ। ସର୍ବ ସମ୍ମୁଖରେ ଜଣେ ମହିଳା ତଥା କର୍ତ୍ତବ୍ୟରତ ସାମ୍ବାଦିକାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ଟଣାଓଟରା ଓ ଧକ୍କା ଦିଆଯିବା ପରି ଦୃଶ୍ୟ ବିଭିନ୍ନ ଗଣମାଧ୍ୟମ ରେ ଏପରିକି ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିଲେ ମଧ୍ୟ ପ୍ରଶାସନ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛି। ପ୍ରଶାସନ ଏବଂ ପୋଲିସର ଏପରି ମାନସିକତା ଯୋଗୁଁ ରାଜ୍ୟ ର ବିଭିନ୍ନ ଅଞ୍ଚଳ ରେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଓ ମିଛ ମାମଲା ବଢ଼ି ଚାଲିଛି। କହିବାକୁ ଗଲେ ସେ ସରକାର ଠାରୁ ଆରମ୍ଭ କରି ଏ ସରକାର ପର୍ଯ୍ୟନ୍ତ ସବୁ ସମୟରେ ସାମ୍ବାଦିକମାନଙ୍କ ଉପରେ ଏପରି ଆକ୍ରମଣ ଓ ମିଛ ମାମଲା ଯୋଗୁଁ ସାମ୍ବାଦିକ ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଅନ୍ୟାୟ ଅନୀତି ଓ ଦୁର୍ନୀତି ବିରୁଦ୍ଧରେ ଖବର ସଂଗ୍ରହ କରିବା ଏଥି ଯୋଗୁଁ କଷ୍ଟକର ହୋଇ ପଡ଼ିଛି ।ଏପରି ସ୍ଥଳେ ପୁରୀ ଘଟଣା ରେ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବା ଏବଂ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବା ଦାବି ନେଇ ମଙ୍ଗଳବାର ଦିନ 'ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶା' ର ଜିଲ୍ଲା ଶାଖା ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଯାଜପୁର ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନର ଏହି ପ୍ରତିନିଧି ଦଳରେ ଏସୟୁଜେ ଓଡ଼ିଶାର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଜିଲ୍ଲା ଶାଖା ସଭାପତି ସୁବାଷ ଧଳ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ଦିପ୍ତ ରାୟ, ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସେକ ମନିରୁଦ୍ଦିନ ,ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ଜେନା,ବିଜୟ ସାହୁ, ଦେବାଶିଷ ସାହୁ, ଚିନ୍ମୟ ନାୟକ, ଅଶୋକ ଦାସ, ଶୁଭକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ।

# ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ବେଲପାହାଡ଼( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷୀୟ ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବ୍ୟକ୍ତି ଜଣକ ବେଲପାହାଡ଼ ଥାନା ଅଞ୍ଚଳର ଦିଲୀପ ସାମଲ (୬୧) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଗତ ୫ ତାରିଖ ଦିନ ନାବାଳିକାକୁ ଏକୁଟିଆ ପାଇ ଅଭିଯୁକ୍ତ ଦିଲୀପ ତାର ବେକରେ ଧାରୁଆ ଚାକୁ ରଖି ଅନ୍ୟତ୍ର ଯିବାକୁ କହିଥିଲା। ଉକ୍ତ ସମୟରେ ଅଭିଯୁକ୍ତ ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣା ସମୟରେ କୌଣସିମତେ ସାହି ପଡ଼ିଶା ଲୋକେ ଆସି ନାବାଳିକାକୁ ଉଦ୍ଧାର କରିଥିବା କୁହାଯାଉଛି। ପରିବାରର ଅଭିଯୋଗ କ୍ରମେ ବେଲପାହାଡ଼ ଥାନା ପୋଲିସ କେସ ନମ୍ବର ୮୮/ ୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ଶ୍ରୀରାମ ନବମୀ ପାଳିତ



କୁଜଙ୍ଗ(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତର ନିମିଡ଼ି ଗ୍ରାମରେ ମା ରାମଚଣ୍ଡୀ ୟୁଥ୍ କ୍ଲବ୍ ଆନୁକୁଲ୍ୟରେ ୫ମ ବାର୍ଷିକ ରାମ ନବମୀ ମହାସମାରୋହରେ ପାଳନ କରାଯାଇଛି। ଏହି ଉତ୍ସବରେ ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ର ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରିଥିଲେ। ପରେ ପରେ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ନିହାରୁଣି କନ୍ଧା ଓ ତାରିଣୀ ଗଡ଼ା ସ୍ଥିତ ହନୁମାନ ପୀଠକୁ ପରିଦର୍ଶନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ମାନେ ରାମ ଲାଲା ଓ ଜୟ ମହାବୀରଙ୍କ ସ୍ଲୋଗାନ ଦେଇ ଗ୍ରାମ ଓ ନଗର ପରିକ୍ରମା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା,ପ୍ରକାଶ ସ୍ୱାଇଁ,ଜୟନ୍ତ ସେନାପତି,ମନୋଜ ରାଉତ,ରାଜେନ୍ଦ୍ର ବେହେରା,ପିଙ୍କୁନା ରାଉତ ପ୍ରମୁଖ ଶୋଭାଯାତ୍ରା ସାମିଲ ହୋଇଥିଲେ।

# ଚହଲାରେ ପଡି ନାବାଳିକା ମୃତ

ମୁରିବାହାଲ (ଭାସ୍କର ନ୍ୟୁଜ):ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଧାତୁକଜୁରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ନିତ୍ୟା ନାଗଙ୍କ ୧୦ ବର୍ଷ ଝିଅ ଚୁମୁକି ନାଗ ସାଙ୍ଗମାନଙ୍କ ସହିତ ଘରୁ ସକାଳେ ଗାଧୋଇବାପାଇଁ କହି ଘରୁ ଯାଇଥିଲା ।ପାଖ ଚହଲାରେ ଗାଧୋଇବା ସମୟରେ ଗୋଡ଼ ଖସି ପଡିଯାଇଥିଲା ।ଏହି ଘଟଣା ଦେଖି ପାଖରେ ଥିବା ଲୋକମାନେ ସଙ୍ଗେ ସଙ୍ଗେ ତାକୁ ଉଦ୍ଧାର କରି କଣ୍ଟାବାଞ୍ଜି ମେଡିକାଲ କୁ ଚିକିତ୍ସାପାଇଁ ନେଇଯାଇଥିଲେ ।ଡାକ୍ତର ପ୍ରାଥମିକ ଚିକିତ୍ସା କରି ମୃତ୍ୟୁ ଘୋଷଣା କରିଥିଲେ ।ଏହି ସମ୍ପର୍କ ରେ ନାବାଳିକା ବାପା ନିତ୍ୟା ନାଗ ମୁରିବାହାଲ ଥାନାରେ ଏକ ଲିଖିତ ଆକାରରେ ଅଭିଯୋଗ କରିବା ପରେ ମୁରିବାହାଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ କରିବା ସହ ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠେଇଥିଲା । ଅକାଳରେ ନାବାଳିକା ଝିଅର ବିୟୋଗ ହୋଇଯାଇଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଜଗନ୍ନାଥ ସଂସ୍କୃତି ସମ୍ମାନ ପାଇଲେ ରକ୍ତଦାତା ଇଂ.ସେବକ ଶ୍ରୀକାନ୍ତ

ଫୁଲନଖରା (ଭାସ୍କର ନ୍ୟୁଜ୍): ଆରାଧା କଲଚରାଲ୍ ଏକାଡ଼େମୀ ଫୁଲନଖରା ଓ ସଂଯୁକ୍ତା ମେମୋରିଆଲ ଚାରି ଟେବୁଲ୍ ଟ୍ରଷ୍ଟ ଫୁଲନଖରା ସହ ସମ୍ପାଦକ ଇଂ.ସେବକ ଶ୍ରୀକାନ୍ତଙ୍କୁ ସମାଜସେବା, ବୈଷୟିକ ଜ୍ଞାନ କୌଶଳ ଦିଗରେ ଉଚ୍ଚ ସ୍ତରୀୟ ଗବେଷଣା, ରକ୍ତଦାନ,ପରିବେଶ ସୁରକ୍ଷା,ସାମ୍ବାଦିକତା,ଆଧ୍ୟାତ୍ମିକତା, ସାହିତ୍ୟ ସେବା ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ କୃତିତ୍ୱ ନେଇ ରାଜ୍ୟର ଅଗ୍ରଣୀ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ସଂଗଠନ ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ୍ ଓ ନିଶିଗନ୍ଧା ସାହିତ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସ୍ତରୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଛି । ସେ କଟକ ସଦର ୪୨ ନିବାସୀ ନିବାସୀ ତଥା ଅଧୁନା କନ୍ଦରପୁର ଠାରେ ସହାବସ୍ଥାନ କରିଥିବା ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ବିଜୟ ରାମ ବେଉରା ଓ ଯୋଗମାୟା ଜେନାଙ୍କ ସୁପୁତ୍ର ଅଟନ୍ତି । ସେ ରାଜ୍ୟ ଓ ରାଜ୍ୟ ବାହାରେ ଓଡ଼ିଆ ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ପୂର୍ବକ ସୁଦୂର ମୁମ୍ବାଇରେ 'ମୁହାଁଣ' ଓଡ଼ିଆ ସାହିତ୍ୟ ପତ୍ରିକା ପ୍ରକାଶନ କରିବା,ବହୁବିଧ ସମାଜସେବାରେ ବ୍ରତୀ ଏଥିସହ ଜଣେ ଦକ୍ଷ ମେକାନିକାଲ୍ ଯନ୍ତ୍ରୀ ଭାବେ ବହୁ ଜାତୀୟ ଘରୋଇ ଉଦ୍ୟୋଗ ମାନଙ୍କରେ କାର୍ଯ୍ୟ କରିବା ସହ ବୈଷୟିକ ଜ୍ଞାନ କୌଶଳ ଦିଗରେ ଉଚ୍ଚ ସ୍ତରୀୟ ଗବେଷଣା ରତ ଏବଂ ବହୁ ସମ୍ମାନ ଲାଭ କରିଛନ୍ତି ।



# ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ




ତିହିଡି (ଭାସ୍କର ନ୍ୟୁଜ୍): ପବିତ୍ର ରାମନବମୀ ଅବସରରେ ତିହିଡ଼ିରେ ଅନୁଷ୍ଠିତ ପ୍ରଭୁ ଶ୍ରୀରାମଙ୍କ ନଗର ଶୋଭାଯାତ୍ରାରେ ତିହିଡି ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରଭୁଙ୍କ ସୁସଜ୍ଜିତ ମେଢ଼ ପରିକ୍ରମା କରି ତିହିଡି ସ୍ଥିତ ରାମ ମନ୍ଦିର ନିକଟକୁ ଯାଇଥିଲା। ଏଥିରେ ହଜାର ହଜାର ରାମ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଅଗ୍ରଣୀ ସାମାଜିକ ସଂଗଠନ ତିହିଡି ଯୁବମଞ୍ଚ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତ୍ୟାଗଭୂମି ସଭାପତି ସମାଜସେବୀ ଅଜୟ ନାୟକ, ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଲକ୍ଷ୍ମୀଧର ତ୍ରିପାଠୀ, ଶିକ୍ଷାବିତ ସୋମନାଥ ପାଢ଼ୀ,ସଂଗଠନର ଉପଦେଷ୍ଟା ଶଚିକାନ୍ତ ନାୟକ ସଭାପତି କୈଳାସ ବେହେରା , ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମ୍ପାଦକ ନିରଂଜନ ବାରିକ, ସଂଯୋଜକ ଆଇନଜୀବି ନୀଳମାଧବ ସେନାପତି, କୋଷାଧ୍ୟକ୍ଷ ସାକିରଉଦ୍ଦିନ ଖାଁ, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ, ଅଶୋକ କର,ସମାଜସେବୀ ମନୋଜ ସେନାପତି, ନବ ବେହେରା,ବ୍ରହ୍ମାନନ୍ଦ ପତି, ସୁଶାନ୍ତ ଲେଙ୍କା, ସୌମ୍ୟଗୋପାଳ ନାୟକ ସନ୍ତୋଷ ମହାରଣା, ସୟଦ ରଫିକ, ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ନାୟକ, ବିଜୟ ଦାସ, ଦୟାନିଧି ମଲ୍ଲିକ, ଶ୍ରୀମନ୍ତ ସେଠୀ, ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଜିଲ୍ଲାପ୍ରଶାସନ, ରେଡ଼କ୍ରସ ପକ୍ଷରୁ ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ୫୭ୟୁନିଟ ରକ୍ତ ସଂଗ୍ରହ ହୋଇ ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ର କୁ ପ୍ରେରଣ କରାଯାଇଛି, ଜିଲ୍ଲା ଭାଜପା ସଭାପତି ଶୁକଦେବ ମହାନ୍ତ, ବିଶ୍ୱବିଦ୍ୟାଳୟ ଭାଇସ ଚାନସେଲ ପ୍ରତାପ କୁମାର ମହାନ୍ତି, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଏହି ଶିବିର ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ନିଜାରତ ଅଧିକାରୀ ସୁଶାନ୍ତ କୁମାର ଜେନା, ଆପତ୍ତକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ହିମାଂଶୁଶେଖର ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କ ସହିତ ଆଲୋଚନା କରିବା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ,ରକ୍ତକେନ୍ଦ୍ର ଡାକ୍ତର ରମାକାନ୍ତ ମୁଣ୍ଡା, ପିଆରଓ ଅକ୍ଷୟ ସାହୁ ଓ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ,ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ପ୍ରଭୁ ପ୍ରସାଦ ଦାସ,ରେଜିଷ୍ଟ୍ରାର ଶଶିକାନ୍ତ ଜେନା ବିଶ୍ୱବିଦ୍ୟାଳୟ ଏନଏସଏସ ଅଧିକାରୀ ଦିନେଶ ମହାରଣା , ଯୁବରେଡକ୍ରସ ଅଧିକାରୀ ଶୁକଦେବ ତିରିଆ , ଏନସିସି ଅଧିକାରୀ ସଲମା କିସକୁ, ପ୍ରମୁଖ ଶିବିର ପରିଚାଳନା କରିଥିଲେ।



# ବିଜେପିର ପ୍ରତିଷ୍ଠା ଦିବସ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ୍):ପାରାଦୀପ ମଣ୍ଡଳ ପକ୍ଷରୁ ବିଜେପି ର ୪୫ ତମ ପ୍ରତିଷ୍ଠା ଦିବସ ସୋମବାର ସନ୍ଧ୍ୟାରେ ନୂଆବଜାର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର କର୍ମକର୍ତ୍ତା ସୋଲୋମନ ରାଜୁ, ବଜରଙ୍ଗ ସ୍ୱାଇଁ, ଦିଲୀପ କିଶୋର ବେହେରା, ସର୍ବେଶ୍ୱର ଜେନା, ହୃଷିକେଶ ଦାସ, ଜିତେନ୍ଦ୍ର ସାହୁ, ମନରଞ୍ଜନ ସାହୁ, ପ୍ରଦୀପ ମଲ୍ଲିକ, ଶଶିକାନ୍ତ ନାୟକ ଦିଲୀପ ବଳିୟାରସିଂ,ପ୍ରୀତିରେଖା ମାନା, ସଂଯୁକ୍ତା ବରାଳ, କଳ୍ପନା ଦାସ, ବିଜୟଲକ୍ଷ୍ମୀ ପରିଜା, ମିନାକ୍ଷୀ ବେହେରା, କନକ ଲତା ସାହୁ ପ୍ରମୁଖ ଯୋଗଦେଇ ଦଳର ସଂଗଠନ ଅଭିବୃଦ୍ଧି ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ସରକାରଙ୍କ ବିଭିନ୍ନ ସଫଳ ଯୋଜନା ସମ୍ପର୍କରେ ସମସ୍ତ ୧୯ ଟି ଓ୍ୱାର୍ଡ ର ତୃଣମୂଳ ସ୍ତରରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଦଳର ଗଠନ, ଆଭିମୁଖ୍ୟ ସହିତ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଙ୍କ ଯୋଜନା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଦଳ କୁ ସୁଦୃଢ଼ କରିବା ସହିତ ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସେ ଦିଗରେ କାର୍ଯ୍ୟ ଜାରି ରଖିବାକୁ ସମସ୍ତଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ମହାନଗର




କଟକ(ଭାସ୍କର ନ୍ୟୁଜ୍): ଆମେରିକାର ସହାୟତାରେ ଯୁଦ୍ଧ ବିରତି ଚୁକ୍ତି ଉଲଂଘନ କରି ଗାଜା ଉପରେ ଉଗ୍ର ଇହୁଦି ବାଦି ଇସ୍ରାଏଲର ବର୍ବରୋଚିତ ଆକ୍ରମଣର ଦେଶବ୍ୟାପୀ ପ୍ରତିବାଦ ପାଇଁ ଏସ୍ୟୁସିଆଇ ( କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପକ୍ଷରୁ ଡ଼ାକରା ଦିଆଯାଇଛି। ଏହି ଡାକରା ଅନୁଯାୟୀ ଆଜି ଦଳର କଟକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ କଚେରିଗଡା ଠାରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା। ବିକ୍ଷୋଭ ସ୍ଥଳରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଦସ୍ୟ ବିନୋଦ ସେଠୀ, ସିଦ୍ଧାର୍ଥ ରଥ, ସୌଭାଗ୍ୟ ସାମଲ ପ୍ରମୁଖ ବକ୍ତବ୍ୟ ରଖି ତୁରନ୍ତ ଗାଜା ଉପରେ ଆକ୍ରମଣ ବନ୍ଦ୍ କରିବା ଏବଂ ପାଲେଷ୍ଟାଇନ ବାସୀଙ୍କୁ ତାଙ୍କ ଦେଶରେ ବସବାସ କରିବାପାଇଁ ନିରଙ୍କୁଶ ଅଧିକାର ପ୍ରଦାନ ପାଇଁ ଦାବି କରିଥିଲେ। ଏହି ବିକ୍ଷୋଭରେ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ଟୀକା ସାମଲ, ଇଶା ଧର, ତରୁଣସେନ ନାୟକ , ଦୀପକ ଦାସ, ଶିବାନୀ ସାହୁ, ସୁଭସ୍ମିତା ସାହୁ, ଭାଗ୍ୟଶ୍ରୀ ପ୍ରଧାନ,ସ୍ୱାଧିନୀ ବେହେରା, ଝରଣା ଦାସ, ପାଭେଲ୍ ପ୍ରିୟଦର୍ଶନ, ଅକ୍ଷୟ ରାଉଳ, ସିପ୍ରା ମହାନ୍ତି, ସୁଜାତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ଷ୍ଟେସନ ନବୀକରଣ ପ୍ରକଳ୍ପର ସମୀକ୍ଷା

# ୩୧ ଅକ୍ଟୋବରରେ ହେବ ଲୋକାର୍ପଣ: ଅପରାଜିତା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନୂଆ ରୂପ ପାଇବାକୁ ଯାଉଛି ଭୁବନେଶ୍ୱରର ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳଷ୍ଟେସନ। ମଙ୍ଗଳବାର ଏହି ପ୍ରସ୍ତାବିତ ଲିଙ୍ଗରାଜ ଟେମ୍ପଲ ରୋଡ୍ ରେଳ ଷ୍ଟେସନର ଉନ୍ନତିକରଣ ଏବଂ ନବୀକରଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ପୂର୍ବତଟ ରେଳବାଇର ଡିଆରଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ନିଜେ ଅପରାଜିତା ଷ୍ଟେସନ ପରିସରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଟିକିନିଖି ବୁଝିଥିଲେ। ଏହାସହ କାର୍ଯ୍ୟର ମାନ ତର୍ଜମା କରିବା ସହ ଯେମିତି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମାପନ ହୁଏ ସେନେଇ ବିଭାଗୀୟ ଅଧିକାରୀଙ୍କ ସମେତ ଠିକାଦାରଙ୍କୁ ମଧ୍ୟ ତାଗିଦ୍ କରିଛନ୍ତି ମ୍ୟାଡମ ଅପରାଜିତା। ଲିଙ୍ଗରାଜ ଟେମ୍ପଲ ରୋଡ୍ ରେଳ ଷ୍ଟେସନର ଉନ୍ନତିକରଣ ଏବଂ ନବୀକରଣ ଲାଗି ଅନେକ ଦିନରୁ ଦାବି ହୋଇଆସୁଥିଲା। ଯାହାକୁ ନେଇ ଅପରାଜିତା ଏକାଧିକବାର ରେଳ ବିଭାଗ ଏବଂ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଦୃଷ୍ଟି ଆକର୍ଷଣ କରିଆସିଥିଲେ। ଆଉ କେବଳ ଅପରାଜିତା ଷଡ଼ଙ୍ଗୀଙ୍କର ପ୍ରୟାସ ଲାଗି ଶେଷରେ ଏହି ପ୍ରକଳ୍ପରେ ବାଜିଥିଲା ମୋହର। ଏହି ଉନ୍ନତିକରଣ ପ୍ରକଳ୍ପ ଲାଗି ମୋଟ୍ ୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ପ୍ରସ୍ତାବିତ ପ୍ରକଳ୍ପରେ ୭୬୫ ବର୍ଗ ମିଟରର ଗ୍ରାଉଣ୍ଡ ପ୍ଲସ୍-୨ର ଏକ ନୂତନ ଷ୍ଟେସନ ବିଲ୍ଡିଂ ନିର୍ମାଣ କରାଯାଉଛି। ବର୍ତ୍ତମାନ ଷ୍ଟେସନର ସାମ୍ନା ପଟକୁ ମୁହଁକରି ଥିବା ୧୧ଶହ ବର୍ଗ ମିଟରର ବିଲ୍ଡିଂର ନବୀକରଣ ଓ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ଏହି ରେଳ ନବୀକରଣ କାମ ପାଇଁ ଭୀମଟାଙ୍ଗିର ଅଞ୍ଚଳବାସୀ ଅନେକ ବାର ଭୁବନେଶ୍ୱର ସାଂସଦଙ୍କୁ ସାକ୍ଷାତ କରି ଅନୁରୋଧ କରି ଦାବି ଜଣାଇଥିଲେ। ଏହି କ୍ରମରେ ଭୁବନେଶ୍ୱର ସାଂସଦ ଏହି ଉନ୍ନତିକରଣ କାମ ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଥିଲେ। ନିଜେ ରେଳ ମନ୍ତ୍ରୀଙ୍କୁ ସାକ୍ଷାତ ମଧ କରି ୨୦ କୋଟି ଟଙ୍କା ମଞ୍ଜୁର କରାଇଥିଲେ। ବର୍ତ୍ତମାନ ରେଳ ଉନ୍ନତିକରଣ କାମ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଛନ୍ତି ଭୁବନେଶ୍ୱର ସାଂସଦ। ଆଗାମୀ ୩୧ ଅକ୍ଟୋବର ୨୦୨୫ସୁଦ୍ଧା ଏହି ରେଳ ଉନ୍ନତିକରଣ କାମ ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେଇମ୍ ସ୍କୁଲରେ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ

## ଫି'ବୃଦ୍ଧି ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହୋଇଛି। ଦିନ ୧୦ଟା ସମୟରେ ୟୁନିଟ-୧ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରିନା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଦୁଇ ଜଣ ତଦନ୍ତ କରିବା ପାଇଁ ପହଞ୍ଚିଥିଲେ। ସକାଳ ୯ଟା ବେଳେ ତଦନ୍ତ ହେବ ବୋଲି ଥିବାବେଳେ, ସ୍କୁଲ ଗେଟ ସମ୍ମୁଖରେ ସହ ସହ ଅଭିଭାବକ ମାନେ ପହଞ୍ଚିଥିଲେ। ପ୍ରଥମେ ରିନା ମଲ୍ଲିକ ଗେଟ ପାଖକୁ ଆସି ଦୁଇଜଣ ଯିବା ପାଇଁ କହିଥିଲେ। ଏଥିରେ ସଂଘର ସଭାପତି ରଞ୍ଜନ କୁମାର ଦାସ ତାଙ୍କୁ ରୋକେଇ ମନା କରିଦେଇଥିଲେ। କହିଥିଲେ ଗତକାଲି ବିଧାୟକ ବାବୁ ସିଂ ଡିଇଓଙ୍କ ସହ ଆଲୋଚନା କରି ଚାରି ଜଣ ଯିବା ପାଇଁ ଆମକୁ କହିଛନ୍ତି। ତେଣୁ ଦୁଇ ଜଣ ଯିବାର ପ୍ରଶ୍ନ ଉଠୁନାହିଁ। କିଛି ସମୟ ଗେଟ ପାଖରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ପରେ ଚାରି ଜଣଙ୍କୁ ଯିବା ପାଇଁ ଅନୁମତି ମିଳିଥିଲା। ସ୍କୁଲ ଚାରିପାଖ ପୋଲିସ ରେ ଛାଉଣି ହୋଇ ଯାଇଥିଲା। ସତେ ଯେପରି ଡର ଭୟ ରେ ସ୍କୁଲ କର୍ତ୍ତୃପକ୍ଷ ଥିବା ଭଳି ଲାଗୁଥିଲା। ପ୍ରଥମେ ରିନା ମଲ୍ଲିକ ଦୀର୍ଘ ଦୁଇ ଘଣ୍ଟା ଧରି ଆଲୋଚନା କରିଥିଲେ। ପ୍ରତ୍ୟେକ ଅଭିଯୋଗ କାଗଜ ପ୍ରଦାନ କରାଯାଇଥିଲା। ତାର କିଛି ସମୟ ପରେ ଶ୍ରୀ ହେମନ୍ତ ଏକ ଘଣ୍ଟା ଆଲୋଚନା କରିଥିଲେ। ପ୍ରଥମ ଭାବେ ଦୁଇ ଜଣ ଅଭିଭାବକଙ୍କଠାରୁ ସମସ୍ତ ଦସ୍ତାବିଜ୍ ନେଇଥିଲେ। ସ୍କୁଲ ଅଧ୍ୟକ୍ଷଙ୍କୁ ପ୍ରାୟ ୫ଘଣ୍ଟା ଜେରାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ଦୀର୍ଘ ୧୦ବର୍ଷର ଆର୍ଥିକ ଅନିୟମିତତା ଉପରେ ଚାଲିଥିଲା ଖୋଳତାଡ଼। ୨୦୨୩ ମସିହାରୁ ୨୦୨୪ରେ ୧୪୦% ଖର୍ଚ୍ଚ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଦଶମ ପରୀକ୍ଷା ପୂର୍ବରୁ ଏକାଦଶ କେମିତି ଆଡ଼ମିଶନ କରାଗଲା, ତାର ଉତ୍ତର ମାଗିଥିଲେ ଅଭିଭାବକ ସଂଘ। ସ୍କୁଲରେ କେମିତି ଦୁଇଗୋଟି ସଂସ୍ଥା ଚାଲୁଛି ତାହାର ଟିକିନିଖି ତଦନ୍ତ ଦାବି କରିଥିଲା ସଂଘ। ତଦନ୍ତ ନ ସରିବା ପର୍ଯ୍ୟନ୍ତ ସ୍କୁଲ ଫି' ବୃଦ୍ଧି ବନ୍ଦ ପାଇଁ ସଂଘ ପକ୍ଷରୁ ସଭାପତି ରଞ୍ଜନ କୁମାର ଦାସ ଦାବି କରିଥିଲେ। ତଦନ୍ତକାରୀ ଅଫିସର ଡିଇଓଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଫି ବୃଦ୍ଧି ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସଭାପତି ରଞ୍ଜନ କୁମାର ଦାସ କହିଛନ୍ତି।

## ଜମି ଜାଲିଆତି ଘଟଣାରେ ସମ୍ବଲପୁର ଜିଲ୍ଲା ଉପ-ନିବନ୍ଧକ ନିଲମ୍ବିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ଉପନିବନ୍ଧକ ସୂର୍ଯ୍ୟନାରାୟଣ ସାମଲଙ୍କୁ ସରକାର ଜମି ପଞ୍ଜିକରଣରେ ଜାଲିଆତି କାର୍ଯ୍ୟରେ ନିୟୋଜିତ ଥିବା ଅଭିଯୋଗରେ ନିଲମ୍ବିତ କରାଯାଇଛି । ଶ୍ରୀ ସାମଲ ମୃତବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜାଲିଆତି କରି ଜମି ବିକ୍ରି ପଞ୍ଜିକରଣ କରାଇଥିଲେ । ଶ୍ରୀ ସାମଲ ଗତ ୨୮ରିଖ ଦିନ ଏହି କେଶ୍‌ରେ ଗିରଫ ହୋଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ଆଦେଶ ଅନୁଯାୟୀ ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ଶ୍ରୀ ସାମଲ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ଏହା ସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ । ଏଠାରେ ସୂଚନାଯୋଗ୍ୟ ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ରାଜସ୍ୱ ବିଭାଗ ପକ୍ଷରୁ ବିଗତ ଦିନରେ ଅଧିକାଂଶ ମାମଲା ଉପରେ ଦୃଷ୍ଟାନ୍ତ ମୂଳକ ଭାବରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ ଦୁର୍ନୀତି ଓ ଜାଲିଆତି କାର୍ଯ୍ୟକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

## ବର୍ଷା ପୂର୍ବରୁ ଚାରି ୱାର୍ଡରେ ଡ୍ରେନ ନିର୍ମାଣ ଦାବି



କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗରର ଦକ୍ଷିଣାଞ୍ଚଳ ନାଗରିକ ସମିତି ପକ୍ଷରୁ ୱାର୍ଡ ନମ୍ବର -୫୬,୫୭,୫୮,୫୯ ରେ ଡ୍ରେନ ନିର୍ମାଣ ପାଇଁ ନିଗମ କମିସନର ଅନାମ ଚରଣ ପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଖରା ଦିନ ଏଇ ସବୁ ଅଞ୍ଚଳରେ ବର୍ଜ୍ୟ ଜଳ ରାସ୍ତାରେ ଭାସେ ଆଉ ବର୍ଷା ଦିନରେ ଅବସ୍ଥା ଅସମ୍ଭାଳ ହୁଏ । କର୍ତ୍ତୃପକ୍ଷ ଏ ସମସ୍ୟା ସମ୍ପର୍କରେ ଦିର୍ଘ ଦୀନରୁ ପୂର୍ଣ୍ଣ ଅବଗତ ଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଗତବର୍ଷ ଡ଼ିସେମ୍ବର ୩ତାରିଖରେ ୩ ମାସ ସମୟ ଅବଧିରେ ଡ୍ରେନ ନିର୍ମାଣ କରାଇବା ପାଇଁ କମିଶନର ଅନାମ ଚରଣ ପାତ୍ର ପ୍ରତିଶୃତି ହେଇଥିଲେ ବି ଅଦ୍ୟାବଧି ଡ୍ରେନ ନିର୍ମାଣ ପାଇଁ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତି ହୋଇନପାରିବା ସରକାରଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦୀର୍ଘ ଦିନ ହେଲା କଟକ ମହାନଗନିଗମ ଦକ୍ଷିଣାଞ୍ଚଳ ନାଗରିକ ସମିତି ଏଥି ପାଇଁ ଦାବି ଉଠାଇ ଆସୁଛି, ଭିନ୍ନ ସମୟରେ ନିଗମ କମିଶନରଙ୍କ ସଙ୍ଗେ ମେୟର ସୁବାସ ସିଂହ, ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ସମିତି ତରଫରୁ ଲିଖିତ ଦାବିପତ୍ର ଦିଆଯାଇଛି । ଆଗକୁ ବର୍ଷା ଦିନ ଆସୁଛି, ବର୍ଷା ଆସିବା ପୂର୍ବରୁ ଯଦି ଅଞ୍ଚଳରେ ଡ୍ରେନ ନିର୍ମାଣ କାମ ଆରମ୍ଭ ନ ହୁଏ ତେବେ ହଜାର ହଜାର ଅଞ୍ଚଳବାସି ସିଏମସି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବାକୁ ଅତିରିକ୍ତ କମିଶନର କଳ୍ପତରୁ ବେହେରାଙ୍କ ସହ ଆଲୋଚନା ବେଳେ ସମିତିର ଆବାହକ କବି ଅକ୍ଷୟ ରାଉଳ, ଡ. ବ୍ରଜ କିଶୋର ନାୟକ, ଦୁଷ୍ମନ୍ତ ଦାସ ରଞ୍ଜନ ଲେଙ୍କା ରମାକାନ୍ତ ସାହୁ, ଗଜେନ୍ଦ୍ର ଦାସ, ଭରତ ଚନ୍ଦ୍ର ପ୍ରଧାନ, ରବି ନାରାୟଣ ସ୍ୱାଇଁ, ରଘୁନାଥ ବେହେରା ପ୍ରମୁଖ ଚେତାବନି ଦେଇଛନ୍ତି ।

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ଗୁପ୍ତ ଭୋଟ ପ୍ରଦାନ ମାଧ୍ୟମରେ ନିର୍ବାଚନ ହୋଇ ନୂତନ କର୍ମକର୍ତ୍ତା ମଣ୍ଡଳୀ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ସଭାପତି ଅଶୋକ କୁମାର ମହାନ୍ତି, ଉପସଭାପତି ସ୍ୱାଧୀନ କୁମାର ଶିଶୁଗୋସ୍ୱାମୀ, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦକା କ୍ଷେତ୍ରମଣି ସେଠୀ ଓ କୋଷାଧ୍ୟକ୍ଷ ଇନ୍ଦ୍ରମଣି ପାଣି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସର୍ବଶ୍ରୀ ଶ୍ରୀନିବାସ ମିଶ୍ର, କବି ପ୍ରସାଦ ସାମନ୍ତରାୟ, ରତ୍ନାକର ଭଞ୍ଜ, ପ୍ରତାପ କୁମାର ପ୍ରଧାନ, ବିଚିତ୍ର କୁମାର ଜେନା, ସର୍ବେଶ୍ୱର ସାହୁ ଏବଂ ନିଶାମଣି ମିଶ୍ର ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ସଦସ୍ୟଙ୍କୁ ଆୟୋଜିତ ଉତ୍ସବରେ ସଂଘ ମୁଖ୍ୟ ନିର୍ବାଚନ ଅଧିକାରୀ ଦୟାନିଧି ଫାଦୁକର ଶପଥ ପାଠ କରାଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ, ମୁଖ୍ୟବକ୍ତା ଭାବେ ସଂସ୍ଥାର ସଚିବ ରଶ୍ମିତାରାଣୀ ତରାସିଆ, ସମ୍ମାନିତ ଅତିଥି ଭାବେ ମୁଖ୍ୟଯନ୍ତ୍ରୀ ପ୍ରଭାତ କୁମାର ମାହାଲି ଯୋଗଦାନ କରିଥିଲେ। ଶଷରେ ରତ୍ନାକର ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସବୁ ସନ୍ଦେହର ଶୀଘ୍ର ସମାଧାନ ହେବ: ସଞ୍ଜୟ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଯେ ଆଜି ଦଳର ବରିଷ୍ଠ ନେତାମାନେ ଆଲୋଚନା କରୁଛନ୍ତି। ୩୩ ସାଙ୍ଗଠନିକ ଜିଲ୍ଲାରେ କିପରି ସଭାପତି ନିର୍ବାଚନ ହେଉଛି, ବ୍ଲକ ସଭାପତି ଚୟନରେ କଣ ସମସ୍ୟା ରହୁଛି, କିଭଳି ନିର୍ବାଚନ ଠିକ ଭାବେ ହେବ, ସେ ନେଇ ସଭାପତିଙ୍କୁ ଅବଗତ କଲୁ। ଅନ୍ୟ ସବୁ କଥା କାଲି ସ୍ପଷ୍ଟ ହୋଇଛି। ସବୁ ସନ୍ଦେହର ଶୀଘ୍ର ସମାଧାନ ହେବ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୃଢ଼ ବିରୋଧୀ ଦଳ ସହ ଲୋକଙ୍କ ଆଶା ଓ ଭରସାର ଦଳ ହୋଇ ରହିବ।

## ସବୁ ନବୀନ ବାବୁଙ୍କ ଇସାରାରେ ହେଉଛି: ବାବୁ ସିଂହ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ବିଜେଡ଼ିରେ ଯାହା ଚାଲିଛି, ସବୁ କାର୍ଯ୍ୟକ୍ରମର ମୁଖ୍ୟ ନାୟକ ବି ନବୀନ ଓ ଖଳନାୟକ ବି ନବୀନ ପଟ୍ଟନାୟକ । ନବୀନ ବାବୁ ଜଣେ ସାଇଲେଣ୍ଟ କିଲର୍ । ଯାହା ଚାଲିଛି ସମ୍ପୂର୍ଣ୍ଣ ପ୍ରାୟୋଜିତ କାର୍ଯ୍ୟକ୍ରମ । ନବୀନ କେତେବେଳେ ନାୟକ ହୋଇଯାଉଛନ୍ତି, ପୁଣି କେତେବେଳେ ଖଳନାୟକ ହୋଇ ଓଡ଼ିଶାବାସୀଙ୍କ ଆଗରେ ଦେଖାଉଛନ୍ତି । ସବୁ ନବୀନ ବାବୁଙ୍କ ଇସାରାରେ ହେଉଛି ବୋଲି କହିଛନ୍ତି ବିଜେପି ବିଧାୟକ ବାବୁ ସିଂ । କାଳେ ଭୋଟ କମିଯିବ, ସେଥିପାଇଁ ପ୍ରଚାର କରୁଛନ୍ତି, ଯେ ନବୀନ କିଛି ଜାଣୁନାହାନ୍ତି । ଦିନେ ପ୍ୟାରୀ ବାବୁଙ୍କ ଠାରୁ ପରାମର୍ଶ ନେଉଥିଲେ, ଦରକାର ପଡ଼ିଲା ତାଙ୍କୁ ହଟାଇ ଦେଲେ । ୨୫ ବର୍ଷ ଭିତରେ କାହାକୁ ପାଖରେ ରଖିଛନ୍ତି, କାହାକୁ ହଟାଇଛନ୍ତି ସମସ୍ତେ ଦେଖିଛନ୍ତି । ଯାହାଙ୍କ ସହ ଦିନ ରାତି ଖାଉଥିଲେ, ବସୁଥିଲେ ସେମିତି ଲୋକଙ୍କ ବି ମୁଣ୍ଡ କାଟ କରିସାରିଛନ୍ତି । ଏବେ କ୍ଷମତା ନାହିଁ, ପାଣ୍ଡିଆନ ବେକରେ ଛୁରୀ ଲଗେଇ ଦେଲେ ଲୋକ ବିଶ୍ୱାସ କରିବେ । ତେଣୁ ପାଣ୍ଡିଆନ କିଛି ନୁହେଁ, ସବୁରି ମୂଳରେ ନବୀନ ପଟ୍ଟନାୟକ । ମୁନା ଖାଁଙ୍କର କଣ ଏତେ ସାହସ, ଯେ ସେ ନବୀନ ନିବାସ ଭିତରେ ପଶି ନାରା ବାଜି କରିବେ ବୋଲି କହିଛନ୍ତି ବାବୁ ସିଂ ।

## ଆମ ଦଳ କେମିତି ସଜଡ଼ା ହେବ ଆମେ ସେ ବ୍ୟବସ୍ଥା କରୁଛୁ : ଅରୁଣ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଆମ ଦଳ କେମିତି ସଜଡ଼ା ହେବ ଆମେ ସେ ବ୍ୟବସ୍ଥା କରୁଛୁ ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ନବୀନ ପଟ୍ଟନାୟକ ଥିବା ଯାଏଁ ଦଳ ସୁଦୃଢ଼ ହୋଇ ରହିବ। ବିଜେଡି ବଡ ଦଳ। ଦଳରେ ବହୁତ ନେତା ଅଛନ୍ତି ତେଣୁ କିଏ କେତେବେଳେ ମତ ଦେଉଛନ୍ତି। ଯାହା ନିଷ୍ପତ୍ତି ନେବା ନେବା କଥା ନବୀନ ପଟ୍ଟନାୟକ ହିଁ ନେବେ ବୋଲି ସେ କହିଛନ୍ତି ।

## ନୀଳକଣ୍ଠେଶ୍ୱର ମନ୍ଦିରରେ ସମୂହ ବ୍ରତୋପନୟନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ତରଫରୁ ମନ୍ଦିର ପ୍ରାଙ୍ଗଣରେ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ସମସ୍ତ ରୀତିନୀତି ଅନୁଯାୟୀ ସମ୍ପାଦନ କରାଯାଇଛି। ସକାଳ ୬ ଘଟିକାରୁ ବେଦପାଠଠାରୁ ଆରମ୍ଭକରି ଚାରି କର୍ମ, ଭିକ୍ଷାଗ୍ରହଣ କରିବା ପରେ ବ୍ରହ୍ମଚାରୀମାନେ ଏକ ଶୋଭାଯାତ୍ରାରେ ଯାଇ ମହାଦେବ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା ପରେ ସନ୍ଧ୍ୟା ୮ ଘଟିକାରେ କାର୍ଯ୍ୟକ୍ରମ ସରିଥିଲା। ଏହା ଦୀର୍ଘ ୧୪ ବର୍ଷ ଧରି ଅତି ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳ ସମେତ, କଟକ, ଯାଜପୁର ଓ ଛତିଶଗଡ଼ ଭିଲାଇରୁ ଆସିଥିବା ସମୁଦାୟ ୧୬ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିଥି ଏବଂ ବ୍ରହ୍ମଚାରୀଙ୍କ ପରିବାରବର୍ଗଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା। ମଙ୍ଗଳବାର ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ପୁରୁଣା ଭୁବନେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଜନସାଧାରଣ ଯୋଗଦାନ କରି ନୂତନ ବ୍ରହ୍ମଚାରୀ ମାନଙ୍କୁ ଭିକ୍ଷା ପ୍ରଦାନ କରି ଆଶିର୍ବାଦ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରୁଣା ଭୁବନେଶ୍ୱରର ଯୁବକମାନେ ସାହାଯ୍ୟ ଏବଂ ସହଯୋଗ କରିଥିବାରୁ ଏବଂ ସୁଚାରୁରୂପେ ସମ୍ପାଦନ ହୋଇଥିବାରୁ ନୀଳକଣ୍ଠେଶ୍ୱର ମନ୍ଦୀର ପରିଚାଳନା କମିଟିର ସଭାପତି ସରୋଜ କୁମାର ମିଶ୍ର, ସମ୍ପାଦକ ଅକ୍ଷୟ ମହାପାତ୍ର, ସକ୍ରିୟ ସଭ୍ୟ ଦୁର୍ଗା ପ୍ରସାଦ ପଣ୍ଡା,ଦେବବ୍ରତ ମହାପାତ୍ର, ଉମେଶ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଅଭିଯାନ

କଟକ(ଭାସ୍କର ନ୍ୟୁଜ୍): ଓଡିଆ ପକ୍ଷ ପାଳନ ଅବସରରେ ଏସସିବି ମେଡିକାଲ କଲେଜ ହସ୍ପିଟାଲ ରକ୍ତକେନ୍ଦ୍ରରେ ରକ୍ତଦାନ ଅଭିଯାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୧୮୦ ୟୁନିଟ ରକ୍ତ ସଂଗୃହିତ ହୋଇଛି। ରକ୍ତଦାନ ଜୀବନ ଦାନ ସହ ସମାନ । ରକ୍ତ ବିନା ମଣିଷ ବଞ୍ଚିପାରିବ ନାହିଁ । ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଆ ପକ୍ଷ ଅବସରରେ ଆଜିର ଦିବସକୁ ରକ୍ତଦାନ ଅଭିଯାନ ଭାବେ ପାଳନ କରାଯାଇଛି । ରକ୍ତଦାନ କିପରି ଅମୁଲ୍ୟ ଜୀବନକୁ ବଞ୍ଚାଇବାରେ ସାହାଯ୍ୟ କରିଥାଏ ଏହି ଅବସରରେ ରକ୍ତକେନ୍ଦ୍ରର କର୍ମଚାରୀ ସଚେତନତା ସୃଷ୍ଟି କରିଥିଲେ । ଗ୍ରୀଷ୍ମଋତୁରେ ସାଧାରଣତଃ ରକ୍ତ ସଂକଟ ସୃଷ୍ଟି ହୋଇଥାଏ । ବିଶେଷ କରି ଥାଲାସେମିଆ ରୋଗୀ, ଦୁଃର୍ଘଟଣାରେ ପିଡିତ ବ୍ୟକ୍ତି, କର୍କଟରୋଗୀ, ଗର୍ଭବତୀ ପ୍ରସୂତୀ ମହିଳାଙ୍କ ପାଇଁ ରକ୍ତର ଆବଶ୍ୟକତା ପଡିଥାଏ । ଏଣୁ ଜିଲ୍ଲା ରକ୍ତକେନ୍ଦ୍ରରେ ରକ୍ତ ସଂକଟ ଏଡାଇବା ପାଇଁ ରକ୍ତଦାନ ଶିବିର ଆୟୋଜିତ ହୋଇଥାଏ । ଚଳିତବର୍ଷ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଆୟୋଜିତ ରକ୍ତଦାନ ଅଭିଯାନ କାର୍ଯ୍ୟକ୍ରମ ଆବଶ୍ୟକ ରକ୍ତସଂକଟ ଦୂର କରିବାରେ ସହାୟକ ହୋଇପାରିଛି ବୋଲି ମତପ୍ରକାଶ ପାଇଛି । ପ୍ରଫେସର ସ୍ମିତା ମହାପାତ୍ର, ବିଭାଗୀୟ ମୁଖ୍ୟ, ଟ୍ରାନ୍ସଫ୍ୟୁଜନ ମେଡ଼ିସିନ ଏବଂ ଆସୋସିଏଟ ପ୍ରଫେସର ଡାକ୍ତର ସୁମିତ୍ରା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ରକ୍ତ କେନ୍ଦ୍ରର କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

୩ ମାଟିମାଫିଆଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କ ବିରୁଦ୍ଧରେ ନିଆଯିବ ଆକ୍ସନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବାଲିଅନ୍ତାରେ ମାଟି ଉଠାଇବାକୁ ନେଇ ୩ ଜଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଉପରେ ଡିସିପି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଘଟଣା ଉପରେ ନଜର ରହିଛି । ଥାନାରେ ଏତଲା ମଧ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ କଡା ଆକ୍ସନ ନିଆଯିବ । ଏଠାରେ ସୂଚନାଯୋଗ୍ୟ, ବାଲିପାଟଣା ସୁଆଁଲୋ ଗାଁରେ ଗତକାଲି ବିଳମ୍ବିତ ରାତିରେ ମାଟି ଚୋରି ହେଉଥିଲା। ଗାଁର କିଛି ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବାରୁ ମାଟି ମାଫିଆ ମାନେ ଯୁବକ ମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୩ ଜଣ ଯୁବକ ଗୁରୁତର ହୋଇଥିଲେ।

## ଚୋରି ମୋବାଇଲ୍ ବାଣ୍ଟିଲେ ଡିସିପି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଡିସିପି ଅଫିସରେ ମୋବାଇଲ ମେଳା । ଚୋରୀ ହୋଇ ମୋବାଇଲ ହରାଇଥିବା ଲୋକଙ୍କୁ ମୋବାଇଲ ବାଣ୍ଟିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମିନା । ରାଜଧାନୀର ବିଭିନ୍ନ ଥାନାରେ ମୋବାଇଲ ଚୋରୀ ହେବା ଓ ହଜିବାକୁ ନେଇ ବହୁ ମାମଲା ରୁଜୁ ହୋଇଥିଲା । ପୋଲିସ ତଦନ୍ତ ପରେ ୧୦୦ ମୋବାଲ ଜବତ କରାଯିବା ପରେ ମୋବାଇଲ ମାଲିକଙ୍କୁ ବଣ୍ଟାଯାଇଛି । ଏହି ମାମଲାର ତଦନ୍ତ କରୁଥିବା ଦୁଇ ଜଣ ପୋଲିସ କନଷ୍ଟେବଲ ରବୀନ୍ଦ୍ର ଖରସେଲ ଓ ମନୋଜ କୁମାର ନାୟକଙ୍କୁ ପୁରସ୍କୃତ କରିଛନ୍ତି ଡିସିପି ଜଗମୋହନ ମିନା ।

## ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବରିଷ୍ଠ କଂଗ୍ରେସ ନେତା, ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ଗଁଦିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ଦାସ କହିଛନ୍ତି ଯେ ସ୍ୱର୍ଗତ ଭଞ୍ଜ ଜଣେ ନିଷ୍ପାପର କଂଗ୍ରେସ ସଂଗଠକ ଥିଲେ। ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲାର କଂଗ୍ରେସ ସଭାପତି ଭାବରେ ସେ ନିଜ ଦାୟିତ୍ୱକୁ ସୂଚାରୁରୂପେ ସଂପାଦନ କରିଥିଲେ। ନିଜ ନିର୍ବାଚନ ମଣ୍ଡଳୀର ଉନ୍ନତି ନିମନ୍ତେ ସେ ବିଧାନସଭାରେ ଦୃଢ଼ ଦାବି ଉପସ୍ଥାପନ କରୁଥିଲେ। ଜଣେ ଅମାୟିକ, ବନ୍ଧୁ ବତ୍ସଳ ଓ ସ୍ନେହୀ ବ୍ୟକ୍ତି ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ତାଙ୍କ ମୃତ୍ୟୁ କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ଦାସ କହିଛନ୍ତି। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସଂଗେ ସଂଗେ ଶ୍ରୀ ଦାସଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ବିଧାୟିକାଙ୍କ ଦ୍ୱାରା ସିଦ୍ଧମହାବୀର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ଓ ୩ ନମ୍ବର ୱାର୍ଡ ପରିଦର୍ଶନ



କଟକ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୩ ନମ୍ବର ୱାର୍ଡ ଅନ୍ତର୍ଗତ ସେକ୍ଟର-୧୦ ଓ ୧୧ ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ । ସ୍ଥାନୀୟ ମୁରବୀ, ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକମାନେ ବିଧାୟିକା, ପୂର୍ବତନ ବିଧାୟକ ଓ ନେତୃବୃନ୍ଦମାନଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ । ୱାର୍ଡରେ ଥିବା ମଙ୍ଗଳା ମନ୍ଦିର, ତାରେଣୀ ମନ୍ଦିର, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ବିଭିନ୍ନ ପାର୍କ, ଆବାସିକ ସଂଘ, ବିଦ୍ୟାଳୟ ଆଦି ବୁଲି ଦେଖିଥିଲେ । ବିଧାୟିକା ଉନ୍ନୟନ ପାଣ୍ଠିରୁ ମନ୍ଦିର ଗୁଡ଼ିକର ପୁନଃରୁଦ୍ଧାର, କମ୍ୟୁନିଟି ସେଣ୍ଟର ନିର୍ମାଣ ଭଳି କାର୍ଯ୍ୟ ଗୁଡିକ ପାଇଁ ବିଧାୟିକାଙ୍କୁ ସାହି ମୁରବିମାନେ ଅନୁରୋଧ କରିଥିଲେ ଏବଂ ଏହି କାର୍ଯ୍ୟ ଗୁଡିକୁ ତୁରନ୍ତ ମଞ୍ଜୁରୀ କରାଯିବ ବୋଲି ବିଧାୟିକା ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ସେକ୍ଟର-୧୧ଠାରେ ବିଧାୟକ ଉନ୍ନୟନ ପାଣ୍ଠିରୁ ନିର୍ମାଣ କରାଯାଇଥିବା ସିଦ୍ଧ ମହାବୀରଙ୍କ କମ୍ୟୁନିଟି ସେଣ୍ଟରର ବିଧାୟିକା ସୋଫିଆ ଫିର୍ଦୋଷଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ରାଉତରାୟ, ଜଗନ୍ନାଥ ବେହେରା, ପ୍ରକାଶ ନାୟକ, ପରୀକ୍ଷିତ ସାହୁ, ଅମିୟ ତ୍ରିପାଠୀ, ଗୌତମ ପଣ୍ଡା, ରଜନୀକାନ୍ତ ଦାସ, ଦୀପ୍ତିମୟୀ ନନ୍ଦ, ମୈତ୍ରଜିତ ମହାନ୍ତି, ଦ୍ୱାରିକାନାଥ ମହାନ୍ତି, ଗୌତମ ଶିନ୍ଦିକ, ଅକ୍ଷୟ କୁମାର ଦାସ, ଏନମୁଲ ହକ, ବିନୟ ଭୂଷଣ ମହାନ୍ତି, ଭାସ୍କର ଚନ୍ଦ୍ର ପରିଡା, ଶତ୍ରୁଘ୍ନ ମଲ୍ଲିକ, ଅଶୋକ ଦାସ, ମନୋରଞ୍ଜନ ଦାସ, ପ୍ରଦୋଷ ଦାସ, ପବିତ୍ର ମହାନ୍ତି, ମନୋଜ ଦାସ, ଗୌତମ ସିଂ, ମନୋରମା ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ ।

ଲିଙ୍ଗରାଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କଲେ କଳାକାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ନୃତ୍ୟରେ ବିମୋହିତ କରିଥିଲେ କଳାକାରମାନେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚି□ାକର୍ଷକ ନୃତ୍ୟକୁ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରଥମେ ଗୁରୁ ପ୍ରତିଭା ପଣ୍ଡାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ବିହାରସ୍ଥିତ ସାକର କଳାକୀର୍ତ୍ତି ଇଷ୍ଟର୍ଣ୍ଣଜୋନ କଲଚରାଲ ସେଣ୍ଟର ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ରିତେଶ ବାବୁ ଓ ଦଳ ଦ୍ୱାରା ଭଲାଇ ଡ୍ରାମା ଓ ନୃତ୍ୟ ପରିବେଷଣ ହୋଇଥିଲା। ମଣିପୁର ନୃତ୍ୟ ପରିବେଷଣ କରିଥିଲେ ଶାନ୍ତି ନିକେତନର କଳାକାରମାନେ। ଶୁଭଶ୍ରୀ କଳାନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ନୃତ୍ୟମ ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ସଂଯୋଜନା କରିଥିଲେ। ଏଥିରେ ଅତିଥି ଭାବରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସମାଜର ଭୁବନେଶ୍ୱର ମୁଖ୍ୟ ଗୋପୀନାଥ ବାରିକ, ହାସ୍ୟ ଅଭିନେତା ହରିହର ମହାପାତ୍ର, ପିପିଏଲ୍ କର୍ପୋରେଟ ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ଦୁର୍ଗା ସାମନ୍ତରାୟ, ବିରଞ୍ଚି ନରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଓଡ଼ିଶା
ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ
ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ
ସବୁ ସମନ୍ୱୟରେ ହୁଏ।"

- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"

-ସନ୍ଥକବି ଭୀମଭୋଇ



# ବିଶ୍ୱ ପୁଞ୍ଜି ବଜାରରେ କମ୍ପନ

## ଟ୍ରମ୍ପ୍‌ଙ୍କ ଶୁଳ୍କ ଯୁଦ୍ଧ ଯୋଗୁଁ ହାହାକାର

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍‌ଙ୍କ ଶୁଳ୍କ ଯୁଦ୍ଧ ଘୋଷଣା ପରେ ସୋମବାର ଦିନ ବିଶ୍ୱ ପୁଞ୍ଜି ବଜାରରେ ବିରାଟ ଭୂକମ୍ପ ଦେଖାଦେଇଛି। ଭାରତ ସମେତ ୟୁରୋପ ଓ ଏସୀୟ ପୁଞ୍ଜି ବଜାର ଧରାଶାୟୀ ହେବା ସଂଗେସଂଗେ ନିବେଶକମାନେ କୋଟି କୋଟି ଟଙ୍କା ହରାଇଛନ୍ତି। ଟ୍ରମ୍ପ୍‌ଙ୍କ ନିଜ ଦେଶ ଖୋଦ୍ ଆମେରିକା ବି ଏହି ସଂକଟରୁ ବର୍ତ୍ତିପାରିନାହିଁ। ଆମେରିକା ରାଷ୍ଟ୍ରପତିଙ୍କ ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଯୋଗୁଁ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ବିଶ୍ୱ ପୁଞ୍ଜି ବଜାରରେ ହାହାକାର ସ୍ଥିତି ଦେଖାଦେବା ସତ୍ତ୍ୱେ ଟ୍ରମ୍ପ୍ ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି ଏବଂ ଏହା ସପକ୍ଷରେ ଦୃଢ଼ଯୁକ୍ତି ଉପସ୍ଥାପନ କରିବାକୁ ପଛାଇନାହାନ୍ତି। ଏହା ଫଳରେ ଆଗକୁ ସ୍ଥିତି ଆହୁରି ଖରାପ ଆଡକୁ ଗତି କରିବାର ସମ୍ଭାବନା ଦେଖାଦେଇଛି। ମିଳିଥିବା ତଥ୍ୟ ଅନୁଯାୟୀ ସୋମବାର ସକାଳେ ଭାରତୀୟ ସେୟାର ବଜାର ଖୋଲିବା ମାତ୍ରେ ଆତଙ୍କ ଖେଳିଯାଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବି.ଏସ୍.ଇ)ରେ ସୂଚକାଙ୍କ ୪ ହଜାର ପଏଣ୍ଟ ଖସିଥିବାବେଳେ ନିଫ୍‌ଟିରେ ୧ ହଜାରରୁ ଅଧିକ ପଏଣ୍ଟ ହ୍ରାସ ଘଟିଥିଲା। ଏଥିଯୋଗୁଁ ଅଳ୍ପ କେତେକ ମୁହୂର୍ତ୍ତ ମଧ୍ୟରେ ନିବେଶକଙ୍କ ୨୦ ଲକ୍ଷ କୋଟି ଉଡିଗଲା ଏବଂ ବିପୁଳ କ୍ଷତି ସହିବା କାରଣରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଥିଲେ। ରିୟଲ୍ ଇଷ୍ଟେଟ୍, ମେଟାଲ, ଆଇ.ଟି, ଓ ପୁଞ୍ଜି ସାମଗ୍ରୀର ସେୟାରରେ ସର୍ବାଧିକ ହ୍ରାସ ଲକ୍ଷ୍ୟ କରାଯାଇଥିଲା। ଟାଟାଷ୍ଟିଲ୍‌ର ସେୟାରରେ ସବୁଠୁ ବେଶୀ ୭.୭୩ ପ୍ରତିଶତ ହ୍ରାସ ଘଟି ତାହା ବନ୍ଦ ହୋଇଯାଇଛି। ଟ୍ରମ୍ପ୍‌ଙ୍କ ବାଣିଜ୍ୟ ନୀତିରେ ଆତଙ୍କିତ ହୋଇ କେତେକ ସଂସ୍ଥା ପୁଞ୍ଜି ପ୍ରତ୍ୟାହାର କରି ନେଉଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଭାରତୀୟ ମୁଦ୍ରା 'ଟଙ୍କା' ଉପରେ ମଧ୍ୟ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଛି। ଡଲାର୍ ତୁଳନାରେ ଟଙ୍କାର ମୂଲ୍ୟ ୮୫ ଟଙ୍କା ୭୪ ପଇସାକୁ ଖସି ଆସିଛି। ଭାରତୀୟ ଅର୍ଥନୀତି ପାଇଁ ଆଗକୁ ଖୁବ୍ ଖରାପ ସମୟ ଆସୁଛି ବୋଲି ଅର୍ଥନୀତି ବିଶାରଦମାନେ ଆଶଙ୍କା ବ୍ୟକ୍ତ କରିବା ସହିତ ଏଥିରୁ ବର୍ତ୍ତିବା ଲାଗି ବର୍ତ୍ତମାନ ଠାରୁ ସଂସ୍କାରମୂଳକ ପଦକ୍ଷେପ ନେବା ଜରୁରି ବୋଲି ପରାମର୍ଶ ଦେଇଛନ୍ତି। ତେବେ କେବଳ ଆମ ଦେଶ ନୁହେଁ, ପଡ଼ୋଶୀ ଚୀନ୍‌ର ପୁଞ୍ଜି ବଜାରରେ ମଧ୍ୟ କମ୍ପନ ସୃଷ୍ଟି ହୋଇଛି। ଚୀନ୍ ପୁଞ୍ଜି ବଜାରରେ ୪ ପ୍ରତିଶତ, ଜାପାନରେ ୬.୫ ପ୍ରତିଶତ, ହଂକଂରେ ୧୦ ପ୍ରତିଶତ, ତାଇୱାନ୍‌ରେ ୧୦ ପ୍ରତିଶତ ଓ ସିଙ୍ଗାପୁରରେ ୮ ପ୍ରତିଶତ ହ୍ରାସ ଲକ୍ଷ୍ୟ କରାଯାଇଛି। ସେହିପରି ୟୁରୋପ ପୁଞ୍ଜି ବଜାର ମଧ୍ୟ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବା ସଂଗେସଂଗେ ଲଣ୍ଡନ, ଜର୍ମାନୀ ଓ ଫ୍ରାନ୍ସ ଉପରେ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଛି। ଭାରତର ଅଗ୍ରଗଣ୍ୟ ଶିଳ୍ପ ସାମ୍ରାଜ୍ୟର ଅଧିପତି ମୁକେଶ ଅମ୍ବାନୀ, ଗୌତମ ଆଦାନୀ, ସାବିତ୍ରୀ ଜିନ୍ଦଲ ଓ ଶିବ ନାଦର ସୋମବାର ଗୋଟିଏ ଦିନରେ ସମୁଦାୟ ୧୦ ବିଲିଅନ୍ ଡଲାର କ୍ଷତି ସହିଥିବାର ଜଣାପଡିଛି। ବିଗତ ଦଶମାସ ମଧ୍ୟରେ ଏପରି ବିପୁଳ ପରିମାଣର ଆର୍ଥିକ କ୍ଷତି ଆଉ କେବେ ଘଟିନଥିଲା। ଶୁଳ୍କ ଯୁଦ୍ଧ ଆରମ୍ଭ ହେବା ପରେ ଏବେ ଆମେରିକା ଓ ଚୀନ୍ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଯାଇଛନ୍ତି। ଆମେରିକା ବିରୋଧରେ ଚୀନ୍ ୩୪ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଟ୍ରମ୍ପ୍ କ୍ରୋଧାନ୍ୱିତ ହୋଇଉଠିଛନ୍ତି। ଏହାର ପାଲଟା ଜବାବ ଦେବାକୁ ଯାଇ ସେ ଚୀନ୍ ବିରୋଧରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଧମକ୍ ଦେଇଛନ୍ତି। ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଟ୍ରମ୍ପ୍‌ଙ୍କ ଗୋଟିଏ ପରେ ଗୋଟିଏ ବିବାଦୀୟ ପଦକ୍ଷେପ ଯୋଗୁଁ ବିଶ୍ୱବାସୀ ଏବେ ତ୍ରାହିତ୍ରାହି ଡାକିବା ଆରମ୍ଭ କରିଛନ୍ତି।

# ଭୁଟାନ୍ କ'ଣ ଭାରତର ଏକ ସ୍ୱତନ୍ତ୍ର ପ୍ରଦେଶ ହେବ ?



ବିଷ୍ଣୁ ପ୍ରସାଦ ଦାସ
*ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ*
*ମୋ: ୯୯୩୭୧୭୪୦୯୭*

ଭାରତର ଉତ୍ତର ପୂର୍ବ ସୀମାନ୍ତକୁ ଲାଗି ଭୁଟାନ୍ ଏକ ସ୍ୱାଧୀନ ପାର୍ବତ୍ୟ ଦେଶ , ଏହାର କ୍ଷେତ୍ରଫଳ ୩୮,୩୯୪ ବର୍ଗ କିଲୋମିଟର ଏବଂ ସମୁଦାୟ ଜନସଂଖ୍ୟା ୮ ଲକ୍ଷ ଭିତରେ ସୀମିତ । ଏହି ଦେଶର ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ , ଅନେକ ଏହି ଦେଶକୁ ଅଗ୍ନି ବର୍ଷା କରୁଥିବା ଡ୍ରାଗନର ଦେଶ କୁହନ୍ତି । ପୃଥିବୀର ଏକମାତ୍ର ଅଙ୍ଗାରକାମ୍ଳ (କାର୍ବନ) ପ୍ରଦୂଷଣ ରହିତ ଦେଶ ଭୁଟାନ୍ ଏବଂ ସୁଖୀ ଦେଶ ରୂପେ ମଧ୍ୟ ବିଶ୍ୱରେ ପରିଚିତ । ରାଜା ଦେଶର ସର୍ବୋଚ୍ଚ କର୍ତ୍ତା , ପ୍ରଧାନ ମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀ ମାନେ ଶାସନ କାର୍ଯ୍ୟ କରନ୍ତି, ଭୁଟାନ୍ ଦେଶରେ ଗଣତାନ୍ତ୍ରିକ ସାମ୍ବିଧାନିକ ରାଜତନ୍ତ୍ରରେ ଶାସନ କାର୍ଯ୍ୟ ପରିଚାଳିତ ହୁଏ । ବ୍ରିଟିଶ୍ ଶାସିତ ଭାରତରୁ ଭୁଟାନର ପୃଥକତା ୧୯୦୬ ମସିହାରେ ହୋଇଥିଲା, ଯେତେବେଳେ ବ୍ରିଟିଶ୍‌ମାନେ ଭୁଟାନକୁ ଏକ ପୃଥକ ଦେଶ ଭାବରେ ସ୍ୱୀକୃତି ଦେଇଥିଲେ, ସେହିଦିନ ଠାରୁ ଭୁଟାନ୍ ସ୍ୱତନ୍ତ୍ର ଦେଶ ରୂପେ ମାନ୍ୟତା ପାଇ ଆସୁଛି । ତେବେ ଅନେକଥର ଏହି ପାର୍ବତ୍ୟ ଦେଶ ଭାରତ ସହିତ ସାମିଲ ହେବାକୁ ଇଚ୍ଛା ପ୍ରକଟ କରିଛି କିନ୍ତୁ ରାଜନୈତିକ ପଶାଖେଳ ଦ୍ୱାରା ତାହା ସମ୍ଭବ ହୋଇପାରିନାହିଁ ଏଠାରେ ଭାରତର କୌଣସି ରାଜନୈତିକ ଦଳକୁ ଆକ୍ଷେପ କରାଯାଉ ନାହିଁ କେବଳ ସତ୍ୟକୁ ବିଭିନ୍ନ ସ୍ଥାନରୁ ସାଉଁଟି ଆଣି ଉପସ୍ଥାପନ କରିବାର ଚେଷ୍ଟା କରା ଯାଇଛି । ଲେଖକ ୨୦୧୮ ମସିହା ଭୁଟାନ ଗସ୍ତ କରି କିଛି ତଥ୍ୟ ହସ୍ତଗତ କରିଛନ୍ତି ।

ଭାରତ ସ୍ୱାଧୀନ ହେବା ସମୟରେ ଭାରତରେ ଭୁଟାନକୁ ମିଶାଇ ଦେବାର ପରିକଳ୍ପନା ହୋଇ ଥିଲା କିନ୍ତୁ ତତ୍କାଳୀନ ସରକାର ଏହାକୁ ବିଶେଷ ଗୁରୁତ୍ୱ ଦେଇ ନଥିଲେ ଯାହାକି ବର୍ତ୍ତମାନ ଆମ ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିବାକୁ ଯାଉଛି । ଭୁଟାନର ଉତ୍ତର ଦିଗରେ ସର୍ବଗ୍ରାସୀ ଚୀନ୍ (ଡ୍ରାଗନ) ଭୁଟାନକୁ ସ୍ୱାହା କରିବାକୁ ପାଟି ମେଲାଇ ବସିଛି । ୧୯୭୫ ମସିହା ଶିକ୍କିମ୍ ଭାରତରେ ମିଶିଥିଲା , ୧୯୮୭ ମସିହା ଅରୁଣାଚଳ ପ୍ରଦେଶ ଭାରତର ରାଜ୍ୟ ରୂପେ ମାନ୍ୟତା ପାଇଲା ଯଦିଓ ୧୯୭୨ ମସିହା ରେ ଭାରତରେ ଏକ କେନ୍ଦ୍ର ଶାସିତ ରାଜ୍ୟ ରୂପେ ମିଶିଥିଲା । ତେବେ ଭୁଟାନ୍ କ'ଣ ଚାହୁଁଛି ? ଇତିହାସ କୁହେ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ତାର ସାମ୍ରାଜ୍ୟ ବିସ୍ତାର କରିଥିବା ସମୟରେ ଭୁଟାନ ସ୍ୱତନ୍ତ୍ର ଥିଲା, ୧୮୬୫ ମସିହାରେ ବ୍ରିଟିଶ୍ ସରକାର ଏବଂ ଭୁଟାନ୍ ମଧ୍ୟରେ ସିଂଚୁଲା ସନ୍ଧି ହୋଇ ଥିଲା, ସେଥିରେ ଭୁଟାନ୍ କିଛି ଅଂଶ ହରାଇଲା ତଥାପି ଭୁଟାନ ସ୍ୱାଧୀନ ହୋଇ ରହିଲା । ପୁନଶ୍ଚ ୧୯୧୦ ମସିହା 'ପୁନାଖା ସନ୍ଧି' ସମୟରେ ଭୁଟାନ୍ ନିଜ ଦେଶର ବୈଦେଶିକ ନୀତି ବ୍ରିଟିଶ ସରକାର ନିଷ୍ପତ୍ତି ଉପରେ ଛାଡି ଦେଲା କିନ୍ତୁ ଆଭ୍ୟନ୍ତରୀଣ ମାମଲାରେ ସ୍ୱାଧୀନ ରାଷ୍ଟ୍ର ରୂପେ ରହିଲା । ଏହାପରେ ୧୯୪୯ ମସିହାରେ ଭାରତ ଭୁଟାନ୍ ବନ୍ଧୁତା ବୁଝାମଣା ପତ୍ର ସ୍ୱାକ୍ଷରିତ ହେଲା , ଏହି ଶାନ୍ତିପୂର୍ଣ୍ଣ ବୁଝାମଣା ପତ୍ର ଏପରି ଥିଲା - କେହି କାହାରି ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ, କିନ୍ତୁ ଭୁଟାନ୍ ବାହ୍ୟ ନୀତି ବ୍ୟାପାରରେ ଭାରତକୁ ଉଚିତ ମାର୍ଗ ଦେଖାଇବାରେ ସହାୟତା କରିବାକୁ ନିଜର ସ୍ୱୀକୃତି ପ୍ରଦାନ କରିଛି । ଦେଶରକ୍ଷା କ୍ଷେତ୍ରରେ ଭାରତ ଭୁଟାନ୍ କୁ ସହାୟତା କରିବାର ଆଶ୍ୱାସନା ଦେଇଛି , ତେଣୁ ଭାରତ ଭୁଟାନ ଯଦିଓ ଦୁଇଟି ଅଲଗା ଦେଶ କିନ୍ତୁ ଦୁହେଁ ପରସ୍ପର ସହିତ ବାନ୍ଧି ହୋଇ ରହିଛନ୍ତି ।

ଭାରତ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଛି , ବର୍ତ୍ତମାନ ବୋଧହୁଏ ଭୁଟାନ ଭାରତ ସହିତ ମିଶି ଯିବା ପାଇଁ ଆଗ୍ରହ ପ୍ରକାଶ କରୁଛି ତାର କାରଣ ମଧ୍ୟ ଅନେକ ଅଛି । ସ୍ୱଳ୍ପ ଜନସଂଖ୍ୟା ସହିତ ଜଙ୍ଗଲ ପର୍ବତରେ ପରିପୂର୍ଣ୍ଣ ଦେଶ ନିଜର ସୁରକ୍ଷା ନିମନ୍ତେ ଭୁଟାନ୍‌ର ସାମରିକ ବାହିନୀ ନାହିଁ, ପ୍ରାକୃତିକ ପରିବେଶ ସହିତ ଅନେକ ଗୁଡିଏ ଜଳ ବିଦ୍ୟୁତ କେନ୍ଦ୍ର ଭାରତ ଦ୍ୱାରା ପ୍ରତିଷ୍ଠା ହୋଇଛି , ନିଜର ଚାହିଦା ମେଣ୍ଟାଇବା ସହିତ ଭାରତକୁ ମଧ୍ୟ ଭୁଟାନ୍ ବିଜୁଳି ଶକ୍ତି ବିକ୍ରି କରି ଲାଭବାନ ହେଉଛି । ଦେଶର ଉତ୍ତର ପଟେ ଚୀନ୍ ଭୁଟାନ୍‌ର ଡକଲମ୍‌କୁ ନିଜ ଅଧୀନକୁ ନେବାକୁ ଚେଷ୍ଟିତ ସେଠାରେ ଭାରତୀୟ ଯବାନ୍‌ମାନେ ଚୀନ୍ ସୈନିକଙ୍କ ସହିତ ସୀମାକୁ ଜଗି ରହିଛନ୍ତି । ଚୀନ୍‌ର ବିସ୍ତାରବାଦୀ ନୀତି ଭୁଟାନ୍‌କୁ ସଦା ସର୍ବଦା ନାଲି ଆଖି ଦେଖାଇ ଚାଲିଛି , ଭାରତର ସହାୟତା ବିନା ଭୁଟାନ୍ ପରି ଏକ ଛୋଟ ଦେଶ ସ୍ୱାଧୀନ ହୋଇ ରହିବା ସମ୍ଭବ ନୁହେଁ । ବର୍ତ୍ତମାନ ଭାରତ ବାଂଲାଦେଶ ସମ୍ପର୍କ ଆଦୌ ଠିକ୍ ଚାଲି ନାହିଁ କାମଚଳା ୟୁନୁସ୍ ସରକାର ନିଜ ଚୌକି ବଞ୍ଚାଇବାକୁ ଯାଇ ଧର୍ମାନ୍ଧତାର ବଶବର୍ତ୍ତୀ ହୋଇ କଠୋର ପନ୍ଥୀ ମାନଙ୍କ ଇଙ୍ଗିତ ତଥା ପାକିସ୍ତାନର ଆଇଏସଆଇ ସହିତ ହାତ ମିଳାଇ ଭାରତର ସିଲିଗୁଡି କରିଡୋର୍ ବନ୍ଦ କରିବା ଯୋଜନାରେ ଅଛନ୍ତି ଏହାକୁ ଚୀନ୍ ମଧ୍ୟ ଉତ୍ସାହିତ କରୁଛି । ଯଦି କୌଣସି ପରିସ୍ଥିତିରେ ସିଲିଗୁଡି କରିଡୋର୍ ଯାହାକି ପ୍ରାୟ ୨୦ ରୁ ୨୨ କିଲୋମିଟର ପ୍ରସ୍ଥ /ଚୌଡା ଭାରତୀୟ ଭୂଖଣ୍ଡ ଏବଂ ଉତ୍ତର ପୂର୍ବର ସାତୋଟି ରାଜ୍ୟକୁ ଯୋଗା ଯୋଗର ଏକମାତ୍ର ସଡକ/ ରେଳ ପଥ (ଚିକେନ ନେକ୍) ଅବରୋଧ ହୋଇ ଯାଏ ତେବେ ଭାରତର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇ ପାରେ, ଏହାକୁ ଆଖିରେ ରଖି ଭାରତ ସରକାର ସଦା ସର୍ବଦା ଜାଗ୍ରତ ଅଛନ୍ତି । ଗତ କିଛି ମାସ ମଧ୍ୟରେ ଭୁଟାନ୍ ପ୍ରଧାନ ମନ୍ତ୍ରୀ ଅନେକ ବାର ଭାରତ ଗସ୍ତରେ ଆସିଛନ୍ତି ଅନେକ କୂଟନୈତିକ ବିଚାର ବିମର୍ଷ ହେଉଛି , ଭୁଟାନ୍ ଯଦି ଚୀନ୍ ସହିତ ମିଶିଯିବ ତେବେ ଭାରତର ଅନେକ କ୍ଷତି ହେବ, ସୀମା ସୁରକ୍ଷା ପାଇଁ ଭରତକୁ ଅନେକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ କିନ୍ତୁ ଭୁଟାନ୍ ଯଦି ଭାରତ ସହିତ ମିଶିଯିବ ତେବେ ତାର ଉତ୍ତର ପଟ ଦେଇ ଚୀନ୍ ସୀମା ପାରି ହୋଇ ଭାରତ ଭିତରକୁ ପ୍ରବେଶ କରିବା ଏତେଟା ସହଜ ହେବ ନାହିଁ ବୋଲି ଅନୁମାନ କରାଯାଏ । ଭୁଟାନ୍ ଭାରତର ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ରହି ଭାରତରୁ ସବୁ ପ୍ରକାର ସହାୟତା ପାଇବା ସହିତ ବିରାଟ ଭୂଖଣ୍ଡରେ ନିଜ ଦେଶର ଲୋକଙ୍କ ପାଇଁ କର୍ମସଂସ୍ଥାନ ପାଇ ପାରିବ, ଅନ୍ୟ ରାଜ୍ୟ ମାନଙ୍କ ପରି ଆର୍ଥିକ ସହାୟତା ମଧ୍ୟ ପାଇ ରାଜ୍ୟର ଉନ୍ନତି କରିପାରିବ । ତେବେ ଏହି ପ୍ରକ୍ରିୟା ଏତେ ସହଜ ନୁହେଁ, କଥାରେ ଅଛି 'ଶାଗ ଖିଆଙ୍କୁ ପେଜ ଖିଆ ସହ୍ୟ କରି ପାରନ୍ତି ନାହିଁ' ଚୀନ୍ ପାଟିରୁ ଭୁଟାନ୍ ଦଖଲ ପାଇଁ ଲାଳ ଗଡୁଛି, ବାଂଲାଦେଶ ଜଳ, ବିଜୁଳି ଶକ୍ତି ତଥା ଅନ୍ୟ ଖଣିଜ ସମ୍ପଦ ପାଇଁ ଭୁଟାନ ସହିତ 'କୁମ୍ଭୀର ମାଙ୍କଡ଼ ବନ୍ଧୁତା' କରିବାକୁ ଆଗ୍ରହୀ ।

ଭାରତୀୟଙ୍କ ଧର୍ମ, ସଂସ୍କାର, ଆଧ୍ୟାତ୍ମିକତା, ବୌଦ୍ଧ ଧର୍ମକୁ ସମ୍ମାନ ଦେବା ମାନବିକତା ଭାଇଚାରା ସହିତ ଭୁଟାନ୍‌ବାସୀଙ୍କ ଅନେକ ସମାନତା ଦେଖିବାକୁ ମିଳେ । ଚୀନ୍ କେବଳ ଲାଭ ନେଇ ଶିଖିଛି ତିବ୍ବତ ପରି ଦେଶକୁ ଦଖଲ କରି ଶେଷରେ ବୌଦ୍ଧ ଗୁରୁ ଦଲାଇ ଲାମାଙ୍କୁ ଦେଶ ଦ୍ରୋହି ଆଖ୍ୟା ଦେଇ ବିତାଡିତ କରିଛି, ଭୁଟାନ୍ ମଧ୍ୟ ସେହି ଅସୁବିଧା ଭୋଗି ପାରେ ଦେଶକୁ ନିଜ ଅକ୍ତିଆରକୁ ନେବା ପରେ ଭୁଟାନବାସୀ କ୍ରୀତଦାସ ତୁଲ୍ୟ ଜୀବନଯାପନ କରିବେ , ଚୀନ୍ ର ମୂଳ ବାସିନ୍ଦାଙ୍କ ସହିତ କେବେବି ସେମାନେ ସମକକ୍ଷ ହୋଇ ପାରିବେ ନାହିଁ । ବରଂ ତାହା ଠାରୁ ଭାରତର ଏକ ସ୍ୱତନ୍ତ୍ର ରାଜ୍ୟ ହୋଇ ରହିବା ଶତ ଗୁଣେ ଭଲ ଅନ୍ତତଃ ସେମାନେ ଭାରତରେ ସମ୍ମାନ ତ' ପାଇବେ । ନଦୀଜଳ ବଣ୍ଟନ ପାଇଁ ମଧ୍ୟ ବାଂଲାଦେଶ ପାଇଁ ଚୀନ ମଧ୍ୟସ୍ଥିତା କରୁଛି ତାର କାରଣ ବାଂଲାଦେଶର ରଂଗପୁର ସବ୍‌ଡିଭିଜନ ରେ ଚୀନ ଗୁପ୍ତରେ ଏକ ସାମରିକ ଘାଟି ପ୍ରତିଷ୍ଠା କରିବାକୁ ଇଚ୍ଛୁକ ଯାହାକୁ କି ଭାରତ ବିରୋଧ କରୁଛି, ସେଣ୍ଟ ମାର୍ଟିନ ଦ୍ୱୀପ (ବାଂଲାଦେଶ )କୁ ଆମେରିକା ନେବାକୁ ଆଗ୍ରହୀ ଯାହାକୁ କି ଚୀନ୍ ବିରୋଧ କରୁଛି , ଭାରତ ମଧ୍ୟ ଚିଟାଗଙ୍ଗ ନେକ୍ ଉପରେ ଆଖି ରଖିଛି (ଯଦି ଚିକେନ ନେକ ଉପରେ ବାଂଲାଦେଶ କିଛି କରେ ତେବେ ଭାରତ ତାର ଚିଟାଗଙ୍ଗ ନେକ୍ କାଟି ଦେବ ) ଫଳରେ ବାଂଲାଦେଶର ଏକ ବିରାଟ ଭୂଖଣ୍ଡ ଅଲଗା ହୋଇ ଯିବ ।ସେପଟେ ମିଆଁମାର ମଧ୍ୟ ଅଶାନ୍ତ କୁକୀ ଚୀନ ଅଧିବାସୀ ଏକ ନୂତନ ରାଷ୍ଟ୍ର ନିର୍ମାଣର ପରିକଳ୍ପନାରେ ବ୍ୟସ୍ତ । ତେବେ ଭୁଟାନ୍ ଦେଶକୁ ନେଇ ଆମ ଆକଳନ ଏବଂ ପ୍ରକୃତରେ କୂଟନୈତିକ କ୍ଷେତ୍ରରେ ଚାଲୁଥିବା ଉଚ୍ଚ ସ୍ତରୀୟ ବୈଠକ, ଶକ୍ତିଶାଳୀ ଦେଶ ମାନଙ୍କର ଅଯଥା ମୁଣ୍ଡ ପୁରାଇବା, ସର୍ବୋପରି ଭାରତ ସହ ମିଶିବା ନିମନ୍ତେ ଭୁଟାନ ଦେଶର ନାଗରିକ ମାନଙ୍କ ମତ ନେବା ଜରୁରୀ । ସମୟ କହିବ ଭବିଷ୍ୟତରେ କଣ ହେବ ଏବଂ ଆମକୁ ସେହି ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । କିଛି ତଥ୍ୟଗତ ଭୁଲ ଥିଲେ ଦୁଃଖିତ ।

# ନଶ୍ୱର ଶରୀର ଓ ଆତ୍ମଜ୍ଞାନ ପ୍ରାପ୍ତି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୯୯୩୮୯୦୬୦୭୦

ପ୍ରବଚନ, ତୀବ୍ର ବୁଦ୍ଧି ଅଥବା ଶାସ୍ତ୍ରଜ୍ଞାନ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏନାହିଁ । ଯାହାକୁ ତାହା ସ୍ୱୟଂ ପ୍ରାପ୍ତ ହୁଏ ତା ସମ୍ମୁଖରେ ଏହା ନିଜ ସ୍ୱରୂପକୁ ପ୍ରକଟ କରେ । ଜାତି, ବର୍ଣ୍ଣ, ଧର୍ମ ସମ୍ପ୍ରଦାୟ ଓ ଦେଶ ନିର୍ବିଶେଷରେ ବିଶ୍ୱର ସମସ୍ତ ମନୁଷ୍ୟ ଆଜି ଅଶାନ୍ତ ଓ ଦୁଃଖୀ ଅଟନ୍ତି । ସମସ୍ତେ ସୁଖ ଓ ଶାନ୍ତିର ଅନ୍ୱେଷଣରେ ବ୍ୟସ୍ତ । ସେମାନେ ସାଂସାରିକ ଭୌତିକ ପଦାର୍ଥ ସମୂହକୁ ସୁଖର ସାଧନ ଭାବି ତନ୍ମଧ୍ୟରେ ସୁଖ-ଶାନ୍ତି ଖୋଜି ନିରାଶ ହେଉଛନ୍ତି । କାରଣ ଭୌତିକ ପଦାର୍ଥ ଗୁଡିକରେ ସୁଖ-ଶାନ୍ତି ନଥାଏ । ତେଣୁ ସେଗୁଡିକରୁ ତାହା ପ୍ରାପ୍ତି ହେବ କିପରି ? ମନୁଷ୍ୟ ଏକଥା ଜାଣେ ନାହିଁ ଯେ ଯାହା ସେ ବାହାରେ ଖୋଜୁଛି ତାହା ତା' ମଧ୍ୟରେ ହିଁ ବିଦ୍ୟମାନ ଅଛି । ଏ ବିଷୟରେ ଯେତେବେଳେ ମନୁଷ୍ୟର ଜ୍ଞାନୋଦୟ ହୁଏ ସେତେବେଳେ ସେ ସର୍ବଦା ନିଜ ମଧ୍ୟରେ ହିଁ ସୁଖ, ଶାନ୍ତି ଓ ଆନନ୍ଦ ଅନୁଭବ କରେ । ଆତ୍ମଜ୍ଞାନର ଅଭିପ୍ରାୟ ହେଉଛି ନିଜକୁ ବା ସ୍ୱୟଂ ଜାଣ ଯେ ମୁଁ କିଏ ? କେଉଁଠୁ ଆସିଛି ? ମୋତେ କେଉଁଠିକି ଯିବାକୁ ହେବ ଓ ଏଠାକୁ କେଉଁ ଉଦ୍ଦେଶ୍ୟରେ ଆସିଛି ? ମୋର ଜୀବନର ଲକ୍ଷ୍ୟ କ'ଣ ? ମୋର ଗୁଣ କ'ଣ ତଥା ମୋର ବାସ୍ତବିକ ସ୍ୱରୂପ ଓ କର୍ତ୍ତବ୍ୟ କ'ଣ ? ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ପରିଚୟ ଦେବାକୁ କୁହାଯାଏ ସେତେବେଳେ ସେ ନିଜ ନାମ, ଧର୍ମ, ଜାତି ଭାଷା ଓ ଦେଶ ସମ୍ବନ୍ଧରେ ପରିଚୟ ଦିଅନ୍ତି । ଏସବୁ ପରିଚୟ ନଶ୍ୱର ଶରୀର ସହିତ ସମ୍ବନ୍ଧିତ ହୋଇଥିବାରୁ ଏହା ବାସ୍ତବିକ ନୁହେଁ । ଶରୀର ଜଡ ଅଟେ । ଏହାର କହିବା ଶକ୍ତି ନାହିଁ । ମୋର ଶରୀର କହୁଥିବା 'ମୁଁ' ସତ୍ତାଟି ଆତ୍ମା ନାମରେ କଥିତ । ଆତ୍ମା ହିଁ ଆଖି ଦ୍ୱାରା ଦେଖେ, କାନ ଦ୍ୱାରା ଶୁଣେ ଓ ମୁଖ ଦ୍ୱାରା କଥା କହେ । ଆତ୍ମା ଏକ ଏପରି ଚୈତନ୍ୟ ସତ୍ତା ଯାହା ଦ୍ୱାରା ଜ୍ଞାନେନ୍ଦ୍ରିୟ ସମୂହ ବିଷୟ ଗ୍ରହଣ କରନ୍ତି ତଥା କର୍ମେନ୍ଦ୍ରିୟ ସମୂହ ତଦନୁସାରେ କର୍ମ କରନ୍ତି ।

ଆମେ ଜାଣିଛେ ଶରୀର ଆତ୍ମାର ରଥ ଅଟେ। ବୁଦ୍ଧି ତା'ର ସାରଥୀ, ମନ ଲଗାମ ଏବଂ ଇନ୍ଦ୍ରିୟ ସମୂହ ସେହି ରଥର ଘୋଡା ଅଟନ୍ତି । ଅନ୍ୟ ଅର୍ଥରେ ଏହି ଶରୀର କେବଳ ସାଧନ ମାତ୍ର । ସୁଖ- ଦୁଃଖ ଅନୁଭବ କରୁଥିବା ସ୍ୱାଦଟି ହେଉଛି 'ଆତ୍ମା' । ମନ, ବୁଦ୍ଧି ଓ ସଂସ୍କାର ହେଉଛି ଆତ୍ମାର ତିନୋଟି ଶକ୍ତି । ଏହି ଶକ୍ତି ତ୍ରୟ ମାଧ୍ୟମରେ ଆତ୍ମା ନିଜକୁ ଅଭିବ୍ୟକ୍ତ କରେ । ଆତ୍ମାର ସଂକଳ୍ପ-ବିକଳ୍ପ ଶକ୍ତିକୁ 'ମନ', ନିର୍ଣ୍ଣୟ ଶକ୍ତିକୁ 'ବୁଦ୍ଧି' ଓ ତଦନୁସାରେ କୃତ କର୍ମର ଫଳକୁ 'ସଂସ୍କାର' ବୋଲି କୁହାଯାଏ । ଆତ୍ମା ମନ ଦ୍ୱାରା ଚିନ୍ତନ-ମନନ କରେ, ବୁଦ୍ଧି ଦ୍ୱାରା ନିର୍ଣ୍ଣୟ ନିଏ ତଥା ଜ୍ଞାନେନ୍ଦ୍ରିୟ ଓ ତଦନୁସାରେ କର୍ମ ନିର୍ଣ୍ଣୟ ଗୁଡିକ ଦ୍ୱାରା ପ୍ରବୃତ୍ତି ହୋଇ ଶୁଭାଶୁଭ ଫଳ ପ୍ରାପ୍ତ କରିଥାଏ । ଏହି ମନ, ବୁଦ୍ଧି ଓ ସଂସ୍କାର ଦ୍ୱାରା ଆତ୍ମାର ଚୈତନ୍ୟତା ସିଦ୍ଧ ହୁଏ । ଏହି ଆତ୍ମାକୁ ଶରୀର ରୂପକ ପୁରରେ ରହିବା ହେତୁ 'ପୁରୁଷ' କୁହାଯାଏ । ସେହି 'ପୁରୁଷ' ନିଜକୁ 'ମୁଁ' ବୋଲି ଅଭିବ୍ୟକ୍ତ କରିବା ପୂର୍ବକ ମୋର ଶରୀର, ମୋର ଆଖି, କାନ, ନାକ, ହାତ ଆଦି କହିଥାଏ । ଏଣୁ ଚୈତନ୍ୟ ଆତ୍ମା ଶରୀରର ଆଧାର ଗ୍ରହଣ କରି ଜ୍ଞାନେନ୍ଦ୍ରିୟ ଗୁଡିକ ଦ୍ୱାରା ଜ୍ଞାନ ଅର୍ଜନ ଓ କର୍ମଇନ୍ଦ୍ରିୟଗୁଡିକ ଦ୍ୱାରା କର୍ମ କରାଏ । ଶରୀରକୁ ନଶ୍ୱର ତଥା ଆତ୍ମାକୁ ଅନଶ୍ୱର, ଅମର ଓ ଅବିନାଶୀ କୁହାଯାଏ ।

ଶରୀର ମଧ୍ୟରେ ବିରାଜମାନ ଜ୍ୟୋତିର୍ବିନ୍ଦୁ ରୂପୀ ଆତ୍ମା ହିଁ ମନ ଓ ବୁଦ୍ଧି ଦ୍ୱାରା ଇନ୍ଦ୍ରିୟ ଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପୂର୍ବକ କର୍ମାନୁସାରେ ସୁଖ-ଦୁଃଖର ଅନୁଭବ କରେ, ଜଡ ଶରୀର ନୁହେଁ । ଜ୍ଞାନ, ପବିତ୍ରତା, ସୁଖ, ଆନନ୍ଦ, ଶାନ୍ତି, ପ୍ରେମ ଓ ଶକ୍ତି ।ଏହି ସାତଟି ଗୁଣ ହେଉଛି ଆତ୍ମାର ସ୍ୱଧର୍ମ ବା ମୌଳିକ ସ୍ୱଭାବ । ପ୍ରତ୍ୟେକ ଆତ୍ମାର ସ୍ୱଭାବ ହେଉଛି ଯେ ସେ ଶାନ୍ତି, ପ୍ରେମ, ସୁଖ, ଆନନ୍ଦ, ଜ୍ଞାନ, ପବିତ୍ରତା ଓ ଶକ୍ତି ପ୍ରତି ଆକୃଷ୍ଟ ହୋଇଥାଏ । ଦୁଃଖ, ଅଶାନ୍ତି ଓ ଅଜ୍ଞାନତାରେ ଭ୍ରମିତ ହେବା କାରଣରୁ ସେ ପୁନଃ ନିଜର ସ୍ୱଧର୍ମରେ ସ୍ଥିତ ହେବାକୁ ଇଚ୍ଛାକରେ । ଏହି କାରଣରୁ ସାଂସାରିକ ସ୍ଥୁଳ ଭୌତିକ ପଦାର୍ଥ ସମୂହରେ ତାକୁ ପ୍ରକୃତ ସୁଖ, ଶାନ୍ତି, ଓ ସନ୍ତୋଷ ଅନୁଭବ ହୁଏ ନାହିଁ । କାରଣ ଏହି ସବୁ ଗୁଣ ତ ତା' ନିଜର ଭିତରେ ଥାଏ, ବାହାରେ ନୁହେଁ। ଯେଉଁ ବସ୍ତୁର ଧର୍ମ ଓ ସ୍ୱଭାବ ଯେପରି ଥାଏ ତାହା ପୁନଃ ସେହି ସ୍ଥିତିରେ ସ୍ଥିତ ହେଲେ ଯାଇ ନିଜ ସ୍ୱରୂପ ପ୍ରାପ୍ତ ହୋଇଥାଏ । ଯେପରି ଜଳର ଧର୍ମ ଶୀତଳତା। ତାକୁ ଉତ୍ତାପ ପ୍ରୟୋଗ କରି ଯଦିଓ ଗରମ କରିଦିଆଯାଏ କିନ୍ତୁ କିଛି ସମୟ ପରେ ତାହା ପୁନଃ ନିଜ ଶୀତଳ ସ୍ୱରୂପକୁ ଆସିଯାଏ । ଏହିପରି ବିକାର ସମୂହ ଦ୍ୱାରା ଅଶାନ୍ତ, ଦୁଃଖୀ ଏହି ଆତ୍ମା ମଧ୍ୟ ପୁନଃ ନିଜ ସ୍ୱରୂପକୁ ଆସିଲା ପରେ ଶାନ୍ତ, ସୁଖୀ ଓ ଆନନ୍ଦମୟୀ ସ୍ଥିତିରେ ପହଁଞ୍ଚି ଯାଏ ।

# ଭାରତର ବୈଦ୍ୟୁତିକ ଯାନ ଅଭିଯାନ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣ ଏବେ ମାନବ ସମାଜ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ବୈଦ୍ୟୁତିକ ଯାନବାହାନ (ଇଭି)ର ଚଳାଚଳ ପାଇଁ ବହୁବିଧ ସରକାରୀ ପ୍ରୋତ୍ସାହନ ନୂଆ ଆଶା ସଂଚାର କରିଛି। ଏହା କେବଳ ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବ ନାହିଁ, ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଅଙ୍କୁଶ ଲଗାଇବା ଆଶା କରାଯାଏ। ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଉତ୍ପାଦନ ପାଇଁ ୩୫ଟି ମୁଖ୍ୟ କଞ୍ଚାମାଲ ଏବଂ ମୋବାଇଲ ବ୍ୟାଟେରୀ ନିର୍ମାଣରେ ବ୍ୟବହୃତ ୨୮ଟି ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ ଛାଡ ପାଇଁ ଭାରତ ସରକାରଙ୍କ ନିଷ୍ପତ୍ତି ନିଶ୍ଚିତ ଭାବରେ ଘରୋଇ ଉତ୍ପାଦନ, ବୈଷୟିକ ଜ୍ଞାନର ଉପଯୋଗ, ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୫-୨୬ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ ପାର୍ଲିଆମେଣ୍ଟରେ ଉପସ୍ଥାପିତ କରିବା ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇଭି ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ନେଇ ପ୍ରସ୍ତାବ ଦେଇଥିଲେ। ଯାହାକି ପାର୍ଲିଆମେଣ୍ଟରେ ଗୃହୀତ ୨୦୨୫ ଅର୍ଥ ବିଲରେ ଅନୁମୋଦିତ ହୋଇଛି। ଭାରତ ଏବେ ତାର ଷ୍ଟାଟେଜିକ ନୀତିରେ ପରିବର୍ତ୍ତନ କରିଥିବା ଏହା ସ୍ପଷ୍ଟ ସଂକେତ ପ୍ରଦାନ କରେ। ଇତିମଧ୍ୟରେ ମାତ୍ର ୫ମିନିଟରେ ୫୦୦କିମି ଚଳାଚଳ କ୍ଷମତା ସମ୍ପନ୍ନ ବ୍ୟାଟେରୀ ରିଚାର୍ଜ ଦକ୍ଷତା ବା ବୈଷୟିକ କୌଶଳ ଚୀନର ଇଭି ଉତ୍ପାଦନକାରୀ କମ୍ପାନୀ ବିୱାଇଡି ଶୁଭାରମ୍ଭ କରିଛି। କହିବା ବାହୁଲ୍ୟ ଯେ, ବୈଦ୍ୟୁତିକ ଯାନବାହାନର ବ୍ୟାଟେରୀ ଏହାର ସବୁଠୁ ମୁଖ୍ୟାଂଶ ଭାବେ ପରିଚିତ। ଇଭିର ମୋଟ ମୂଲ୍ୟର ୪୦ ପ୍ରତିଶତ ହେଉଛି ବ୍ୟାଟେରୀ। ଉଲ୍ଲେଖଯୋଗ୍ୟ ଯେ, ବୈଦ୍ୟୁତିକି ଯାନର ଗ୍ରହଣୀୟତା ଏବଂ ଏହାର ବହୁଳ ବ୍ୟବହାର କେବଳ ବ୍ୟାଟେରୀ ଉପରେ ହିଁ ନିର୍ଭର କରେ। ଏହା ନିସନ୍ଦେହ ଯେ, ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ହିଁ ଜନସାଧାରଣ ବିମୁଖତାର ମୁଖ୍ୟ କାରଣ। ସ୍ୱଳ୍ପ ଆୟକାରୀ ବର୍ଗ ବ୍ୟାଟେରୀରେ ଅତ୍ୟଧିକ ମୂଲ୍ୟ ଯୋଗୁଁ ଇଭି ପ୍ରତି ମୁହଁ ଫେରାଇବାର ମୁଖ୍ୟକାରଣ । ଗୋଟିଏ ବ୍ୟାଟେରୀରେ ଗ୍ୟାରେଂଟି ସମୟ ପାଞ୍ଚ ବର୍ଷ ଥିବାବେଳେ ଆଉ ଗୋଟିଏ ବ୍ୟାଟେରୀ ପାଇଁ ଏକକାଳୀନ ହଜାର ହଜାର ଟଙ୍କା ବ୍ୟୟ କରିବାକୁ ହୋଇଥାଏ। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି ଯାନବାହାନରେ ଅଧିକ ବ୍ୟୟଭାର ପଡୁଥିବା ସତ୍ତ୍ୱେ ତାହା ଜଣାପଡେ ନାହିଁ। ଇଣ୍ଡିଜେନିୟସ ଟେକ୍ନୋଲୋଜିକାଲ ସାମର୍ଥ୍ୟ ଅଭାବ ବ୍ୟାଟେରୀ ଉତ୍ପାଦନ ଭାରତ ମୁଖ୍ୟ ପ୍ରତିବନ୍ଧକର କାରଣ। ବୈଦ୍ୟୁତିକ ଯାନବାହାନ ଏବଂ ବ୍ୟାଟେରୀ ଉତ୍ପାଦନ କ୍ଷେତ୍ରରେ ଚୀନ ସମଗ୍ର ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆନ୍ତର୍ଜାତିକ ଶକ୍ତି ସଂସ୍ଥା ପକ୍ଷରୁ କୁହାଯାଇଛି। କେବଳ ଚୀନରେ ୭୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବାବେଳେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକରେ ମାତ୍ର ୩୦ପ୍ରତିଶତ ବ୍ୟାଟେରୀ ଉତ୍ପାଦିତ ହେଉଥିବା କୁହାଯାଏ। ସ୍ୱଳ୍ପ ମୂଲ୍ୟ ଯୋଗୁଁ ଗତ ପାଞ୍ଚ ବର୍ଷ ହେଲା ଇଥିୟମ୍-ଆଇରନ-ଫସପେଟ୍ (ଏଲଏଫଏଫ) ବ୍ୟାଟେରୀ ସମଗ୍ର ବିଶ୍ୱରେ ଏବେ ଷ୍ଟାଣ୍ଡାଡ୍ ବ୍ୟାଟେରୀ ଭାବେ ଆଦୃତ ହୋଇଥିବା ଜଣାଯାଏ। ଅନ୍ୟପକ୍ଷରେ ଚାରିଚକିଆ ଇଭି କାର ୨୦୨୪ରେ ପଞ୍ଜୀକରଣ ଚୀନରେ ୪୫ପ୍ରତିଶତ ହୋଇଥିବା ଭାରତରେ ମାତ୍ର ୨ପ୍ରତିଶତ ହୋଇଥିଲା। କିନ୍ତୁ ଗତବର୍ଷ ଭାରତରେ ୧.୧୪ ମିଲିଅନ ଦୁଇ ଚକିଆ ଇଭି ଯାନ ବିକ୍ରି ହୋଇଥିଲା। ଯାହାକି ମୋଟ ଇଭି ଯାନ ବିକ୍ରିର ୬୦ପ୍ରତିଶତ। ଭାରତର ଇଭି କଂଚାମାଲ ଆମଦାନୀ ଉପରୁ ଶୁଳ୍କ ଛାଡ ଏହାର ବ୍ୟାଟେରୀ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟ ଲକ୍ଷ୍ୟ ଥିବା ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିଶୋଧ ପରାୟଣ ଶୁଳ୍କକୁ ଏଡାଇବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢିଭୂତ ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତରେ ଇଭି ଏବଂ ମୋବାଇଲ ବ୍ୟାଟେରୀ ଉତ୍ପାଦନ ଇଭି ପ୍ରତି ଜନସାଧାରଣଙ୍କ କେବଳ ଚାହିଦା ବଢାଇବ ନାହିଁ, ଚୀନ ସହିତ ପ୍ରତିଯୋଗିତା କରାଇବାରେ ସହାୟକ ହୋଇପାରିବ ବୋଲି କୁହାଯାଇପାରେ।

# ଶୂନ ନେଇଗଲା ଡାମରା କାଉ



ଡ଼ ସୀତାକାନ୍ତ ତ୍ରିପାଠୀ
*ଭଦ୍ରକ, ମୋ-୯୭୭୮୭୬୪୩୯୪*

ପିଲାବେଳେ ଆମେ ଗଣିତ ପଢୁଥିବାବେଳେ ଜଣେ ଶିକ୍ଷକ ପ୍ରଶ୍ନ ପଚାରିଥିଲେ ନ'ଶହ ନଉ, ଶୂନ ନେଇଗଲା ଡାମରା କାଉ ରହିଲା କେତେ ଗଲା କେତେ ? ସେତେବେଳେ ଜଣେ ଛାତ୍ର ଉକ୍ତ ପ୍ରଶ୍ନର ଅର୍ଥ ବୁଝିନପାରି ପଚାରିଥିଲା ସାର୍ ଏହି 'ନଉ' ର ମାନେ କ'ଣ ? ସାର୍ କହିଲେ ନବେ। ଏହା ଶୁଣି ଆଉ ଜଣେ ଛାତ୍ର ଉଠି କହିଲା ସାର୍ ନଉ ମାନେ ତ' ନଅ । କଥାଟିକୁ ଆଉ ଆଗକୁ ବଢ଼ାଇବାକୁ ନଦେଇ ଶିକ୍ଷକ ଜଣକ କହିଲେ ସିଏ ନ'ହେଉ କି ନବେ, ପ୍ରଶ୍ନ ସମାନ ରହିବ କିନ୍ତୁ ଉତ୍ତର ଅଲଗା ହେବ। ଅର୍ଥାତ୍ ,୯୦୯ ରୁ ଶୂନ ଗଲେ ୯୯ ରହିବ ଏବଂ ୯୯୦ ରୁ 'ଶୂନ' ଗଲେ ମଧ୍ୟ ସେହି ଏକା ୯୯ ରହିବ ତେବେ ବିଯୁକ୍ତ ହୋଇଥିବା '୦' ର ମୂଲ୍ୟ ଅଲଗା ହେବ । ତେବେ ଏହି ଛୋଟିଆ ଗାଣିତିକ ପ୍ରଶ୍ନ ଆମ ଜୀବନ ତଥା ସାମାଜିକ ଚଳଣିରେ ଅନେକ ମାତ୍ରାରେ ପ୍ରଜୁଜ୍ୟ ।

ଠିକ୍ ସେହିଭଳି ଓଡ଼ିଆରେ ଆପ୍ତ ବାକ୍ୟ ଅଛି 'କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ' । ଅର୍ଥାତ୍ ସମସ୍ତଙ୍କ ପାଇଁ ପାଣ୍ଡବ ପାଞ୍ଚ ଭାଇ ଏବଂ କର୍ଣ୍ଣଙ୍କୁ ସେତେବେଳର ସମାଜ କୁନ୍ତୀଙ୍କର ସନ୍ତାନ ବୋଲି ସ୍ୱୀକୃତୀ ଦେଇ ନଥିଲା । ଅର୍ଜୁନ ଧନୁର୍ବିଦ୍ୟାରେ ଧୂରୀଣ ଥିବାବେଳେ କର୍ଣ୍ଣ ମଧ୍ୟ ତାଙ୍କର ସମକକ୍ଷ ଯୋଦ୍ଧା ଥିଲେ ତେଣୁ ଯଦି ମହାଭାରତ ଯୁଦ୍ଧରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଲାଗିବ ସେମାନଙ୍କ ମଧ୍ୟରୁ ଜଣଙ୍କର ପ୍ରାଣ ଯିବ। ଯାହା ମାତା କୁନ୍ତୀଙ୍କ ପାଇଁ ହୃଦୟ ବିଦାରକ ଥିଲା । କାରଣ କୌଣସି ପିତା-ମାତା ସେମାନଙ୍କ ସନ୍ତାନ ମାନଙ୍କ ମଧ୍ୟରେ କଳି ଗଣ୍ଡଗୋଳ ଲାଗି ସେମାନଙ୍କର ମୃତ୍ୟୁ ହେଉ ବୋଲି ଚାହାନ୍ତି ନାହିଁ । ଯଦି କୌଣସି କାରଣରୁ ଅର୍ଜୁନ ନିହତ ହୋଇ କର୍ଣ୍ଣ ବଞ୍ଚି ଯାଇ ଥାଆନ୍ତେ ତାହେଲେ କ'ଣ କୁନ୍ତୀ ସର୍ବ ସମକ୍ଷରେ କର୍ଣ୍ଣକୁ ଆଣି ଆଉ ଚାରି ଜଣ ଭାଇଙ୍କ ସାମ୍ନାରେ ପହଞ୍ଚାଇ ଦେଇ ତାଙ୍କୁ ବଡ଼ ଭାଇର ମର୍ଯ୍ୟାଦା ଦେଇ ପାରି ଥାଆନ୍ତେ କି ? ଏଠାରେ ପାଞ୍ଚ ଭାଇଙ୍କର ସଙ୍ଖ୍ୟା ଓ ସତ୍ତା ନିଶ୍ଚିତ ଭିନ୍ନ ହୋଇ ଥାଆନ୍ତା । ଗୋଟିଏ ପାର୍ଶ୍ୱରେ ନିଜର ସମ୍ମାନ ଓ ପ୍ରତିପତ୍ତି ଆଉ ତାକୁ ବଞ୍ଚାଇବାକୁ ନେଇ ଭୟ, ଅନ୍ୟ ପାର୍ଶ୍ୱରେ ଅପତ୍ୟ ସ୍ନେହ କୁନ୍ତୀଙ୍କୁ ବିଚଳିତ କରୁଥିଲା । ତାଙ୍କ ପାଖରେ ପାଣ୍ଡବ ପାଞ୍ଚ ଭାଇଙ୍କର ଜୀବନ ସହିତ କର୍ଣ୍ଣଙ୍କର ଜୀବନ ରକ୍ଷା ଉଭୟ ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ଜଣେ ଭାଇର ମୃତ୍ୟୁ ପରେ ମଧ୍ୟ ସେହି ସମାନ ସଂଖ୍ୟା ବଜାୟ ରଖିବାର ତାତ୍ପର୍ଯ୍ୟ ଅଲଗା । କାରଣ, ପୂର୍ଣ୍ଣିମାରେ ଆମେ ଦେଖୁଥିବା ଚନ୍ଦ୍ର ଏବଂ ଅମାବାସ୍ୟାର ଦେଖାଯାଉନଥିବା ଚନ୍ଦ୍ର ସମାନ ହେଲେ ମଧ୍ୟ ତାର ତତ୍ତ୍ୱ ଅଲଗା ଅଲଗା । ଉଦାହରଣ ସ୍ୱରୂପ; ଗୋଟିଏ ପରିବାରରେ ଜଣେ ସଦସ୍ୟଙ୍କ ପାଇଁ ସମସ୍ତ ଅଶାନ୍ତି ଅନର୍ଥ ହେଉଛି କେହି ଭଲରେ ରହିପାରୁନାହାନ୍ତି । ଯଦି ଆମେ ଭାବିବା ଯେ ଉକ୍ତ ସଦସ୍ୟଙ୍କୁ ପରିବାରରୁ ହଟାଇ ଦେବା ବା ତାଙ୍କର ମୃତ୍ୟୁ ହୋଇଗଲେ ଭଲ ଇତ୍ୟାଦି ଇତ୍ୟାଦି.... ତାହେଲେ କ'ଣ ସମସ୍ୟାର ସମାଧାନ ହୋଇଯିବ ? ନା' ଅନ୍ୟ ସମସ୍ୟା ମୁଣ୍ଡ ଟେକିବାର ସମ୍ଭାବନା ରହିବ ? ଜୀବନରୁ ଗୋଟିଏ ସମସ୍ୟା ଟଳିଗଲେ ଯେ ଅନ୍ୟ କିଛି ସମସ୍ୟା ମୁଣ୍ଡ ନ ଟେକିବ ସେ କଥା କିଏ କହିବ ? ତେଣୁ ଏହି ଯୋଗ ଏବଂ ବିୟୋଗର ଗୁଢ଼ ତତ୍ତ୍ୱକୁ ବୁଝିବା କଷ୍ଟ ।

ଜନସଂଖ୍ୟା ବୃଦ୍ଧି ହେଲେ ତାହା ପ୍ରାକୃତିକ ସମ୍ବଳ ଉପରେ ଚାପ ପକାଇବା ସହିତ ରାଷ୍ଟ୍ରର ଉନ୍ନତିରେ ବାଧା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଥାଏ । ତେବେ ବର୍ତ୍ତମାନ ଭାରତରେ ସ୍ୱାଧୀନତା ଲାଭ କରିବା ସମୟର ଜନ ସଂଖ୍ୟାର ପ୍ରାୟ ଚାରିଗୁଣ ଜନସଂଖ୍ୟା ଥିଲେ ମଧ୍ୟ ଆମର ମୋଟ ଘରୋଇ ଉତ୍ପାଦ, ଜୀବନଶୈଳୀ, ଉନ୍ନତି କମିବା ପରିବର୍ତ୍ତେ ବଢୁଛି ତେଣୁ ଜନ ସଂଖ୍ୟା ଏବଂ ଉତ୍କର୍ଷ ଜୀବନଶୈଳୀ ଏବଂ ରାଷ୍ଟ୍ରର ଉନ୍ନତିକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ମାପ ଦଣ୍ଡରେ ମାପିବା କଷ୍ଟକର ହୋଇ ପଡୁଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଚୀନ ଓ ଜାପାନ ସେମାନଙ୍କ ଦେଶର ଜନସଂଖ୍ୟା ବଢ଼ାଇବା ପାଇଁ ନିଷ୍ପତ୍ତି ନେବା ଏହି ଜନ ସଂଖ୍ୟାର ଗଣିତର ଭିନ୍ନ ଦିଗକୁ ଦର୍ଶାଉ ନାହିଁ କି ?

ଅନ୍ୟପକ୍ଷରେ ଭାରତୀୟ ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ବା ଭୋଟର ମାନଙ୍କୁ ଆମେ ସମ୍ମାନ ଦେଇଥାଉ । ଯେଉଁ ମାନଙ୍କର ଭୋଟ ଦେଶର ରାଜନୈତିକ ଭବିଷ୍ୟତ ଏବଂ ଶାସନର ନୀତି, ଆଦର୍ଶ ଆଦି ନିର୍ଦ୍ଧାରଣ କରିଥାଏ । ଏଥିରେ ସଂଖ୍ୟାଧିକ ଭୋଟର ଯେଉଁ ଦଳକୁ ଭୋଟ ଦେଇଥାଆନ୍ତି ଉକ୍ତ ଦଳ ବିଜୟୀ ହୋଇ ସରକାର ଗଢ଼ିଥାଏ । ତେବେ ଏଥିରେ ମଧ୍ୟ ଏହି ଗାଣିତିକ ସଂଖ୍ୟାର ଗୁରୁତ୍ୱ ରହିଛି । କାରଣ' କୌଣସି ଦଳ ଜିତିବାକୁ ଗଲେ ରାଜ୍ୟ କିମ୍ବା ଦେଶର ସମୁଦାୟ ଭୋଟର ଅଧିକ ଶତକଡ଼ା ଭୋଟ ପାଇବା ଅପେକ୍ଷା ପ୍ରତି ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିକଟତମ ପ୍ରାର୍ଥୀ ବା ଦଳଙ୍କ ଠାରୁ ଅଧିକ ଭୋଟ ପାଇବା ଜରୁରି । ଯାହା ଭାରତୀୟ ଗଣତନ୍ତ୍ରର ଏକ ଭିନ୍ନ ପରିଚୟ ଦିଏ ଏବଂ ଏଥିପାଇଁ ଭବିଷ୍ୟତରେ କ'ଣ ନିଷ୍ପତ୍ତି ନେଲେ ତାହା ଅଧିକ ଜନାଦୃତ ତଥା ଫଳପ୍ରସୂ ହୋଇପାରିବ ସେ ସମ୍ପର୍କରେ ମଧ୍ୟ ବିଚାର ବିମର୍ଷ ଚାଲିଛି । ତେଣୁ ସଂସାରର ପ୍ରତି କ୍ଷେତ୍ରରେ ଗାଣିତିକ ସଂଖ୍ୟାର ହ୍ରାସ, ବୃଦ୍ଧି, ଯୋଗ ଓ ବିୟୋଗର ମାନଦଣ୍ଡ ତଥା ଅର୍ଥ ଅଲଗା ହୋଇଥାଏ, ଯାହାକୁ ବିଚାରକୁ ନେଇ ଆମର ଦୈନନ୍ଦିନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବା ଦରକାର ।



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ସଞ୍ଜିବନ୍ଦିଆପାଲ୍ଲୀ ଗ୍ରାମରେ ଅଷ୍ଟଦଣ୍ଡ ମହାମିଳନ ବହୁଆଡ଼ମ୍ବର ସହ ପାଳନ ହୋଇଛି । ସାହୁ ପରିବାରର କର୍ତ୍ତା ଭାବେ ବରିଷ୍ଠ ସମାଜ ସମାଜସେବୀ ଭଗବାନସାହୁ ଏହି ଅଷ୍ଟ ଦଣ୍ଡର ଆୟୋଜନ କରିଥିଲେ । ଗହଙ୍ଗୁ, ମୋରାବାଇ, ଭ୍ୟାମଶିଆଲି, କବିସୂର୍ଯ୍ୟନଗରର ପରିଡ଼ା ପାର୍ଟି, ଖୁରୁଣ୍ଡିଆ, ଗୋଲିଆ, ଗୁଣ୍ଡୁପଡ଼ା- ଏ, ଦହିମୁଣ୍ଡଳି ପରି ଅଷ୍ଟ ଦଣ୍ଡକାଳୀଙ୍କ ମହାମିଳନ ହୋଇଥିଲା । ଏହି ମହାମିଳନ ଦେଖିବାକୁ ଗ୍ରାମରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ ଜମାଇଥିବା ବେଳେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଯଦିଓ ଗଞ୍ଜାମ ଜିଲ୍ଲାର ଦଣ୍ଡ ନାଚର ପରମ୍ପରା କଥା କହିବା ଏହା ବହୁ ପ୍ରାଚୀନ ପରମ୍ପରା ଅଟେ । ଯେଉଁ ପରମ୍ପରାରେ ଦଣ୍ଡୁଆ ବା ଭୁକ୍ତାମାନେ ନିଷ୍ଠାର ସହ ରୁଦ୍ର କାଳୀଙ୍କ ଉପାସନା କରିଥାନ୍ତି । ମାନସିକ ଧାରି ଦଣ୍ଡୁଆମାନେ ଶୋଷଣ ପ୍ରକାର ଦଣ୍ଡର ଶୈଳୀରେ ଓଡ଼ିଆମାନଙ୍କର ପାରମ୍ପରିକ ଚାଷର ପଦ୍ଧତି, ତେଲ ପେଡ଼ା, ହଳଦବଦା, ମନ୍ଦିରଗୋଳା ପରି ଅନେକ ଦୃଶ୍ୟକୁ ଦଣ୍ଡୁଆମାନେ ଧ୍ରୁନିବେଶରେ ପରିବେଷଣ କରିଥାନ୍ତି । ପରେ ଦଣ୍ଡୁଆ ମାନେ ପାଣି ଦଣ୍ଡ ସାରି ଅଗ୍ନିଦଣ୍ଡକୁ ଆସନ୍ତି । ଦଣ୍ଡୁଆମାନେ ଦିନତମାମ ନିଷ୍ଠାର ସହ ଉପବାସ ରହି ପାଣିଦଣ୍ଡ ସାରି ପଣା ସେବନ କରିଥାନ୍ତି । ସନ୍ଧ୍ୟାରେ ମାଆଙ୍କ ଆରତୀ ପରେ କାଠଚୁଲିରେ ଅଟକା, ଅଟକା ଅପୂପା ସହ ଅନ୍ଧ୍ରା ଡାଲମା ଅର୍ପଣ ପ୍ରସ୍ତୁତ ହୋଇ ଭୋଗ ଲାଗିବା ପରେ ପ୍ରସାଦ ସେବନ କରିବାର ନୀତି ରହିଥାଏ । ଏସବୁ ପରେ ରାତ୍ରରେ ବିଭିନ୍ନ ଦଳ ପକ୍ଷରୁ ଦଣ୍ଡ ସୁଆଙ୍ଗ, ଚଢ଼ିଆ ଚଢ଼ିଆଣି, ସହ ବହୁ ସାଂସ୍କୃତିକ ପୌରାଣିକ ଓ ସାମାଜିକ ନାଟକ ପରିବେଷଣ ହୋଇଥାଏ ।



# ଅଧାରେ ଅଟକିଛି ନିମାପଡ଼ା ଏନ୍ଏସି ସମସ୍ୟା, ବିଜେପି କରିବ ସମାଧାନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ପରିଷଦ ଅଞ୍ଚଳ ସମସ୍ୟା ଘେରରେ ରହିଥିବା ବେଳେ ଅନେକ ବିକାଶମୂଳକ କାର୍ଯ୍ୟ ଅଧାରେ ଅଟକିଛି । ଅଧକ୍ଷା କାର୍ଯ୍ୟାଳୟକୁ ନ ଆସି ନିଜ ଘରେ ରହୁଥିବାରୁ ଏଠାରେ ବିକାଶ ହୋଇପାରୁନି ବୋଲି ପୌର ଅଞ୍ଚଳର ଅନେକ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି । ଏ କିପରି ଘଟଣା, ଅଧକ୍ଷା କ'ଣ ପାଇଁ କାର୍ଯ୍ୟାଳୟକୁ ଆସୁନାହାନ୍ତି । ସମସ୍ୟାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଉବୁଟୁବୁ ହେଉଥିବା ବେଳେ ଦୀର୍ଘବର୍ଷ ଧରି ଉଠା ଦୋକାନୀମାନେ ଜବର ଦଖଲ କରି ରହିଛନ୍ତି । ନୂତନ ବସ୍‌ଷ୍ଟାଣ୍ଡ ନିକଟରେ କେତେକ ଦୋକାନ ଗୃହ କାର୍ଯ୍ୟ ଶେଷ ହୋଇଥିବା ବେଳେ ଦୁଇବର୍ଷ ହେବ ବଣ୍ଟନ ହୋଇପାରୁନାହିଁ । ସେହି ବସ୍‌ଷ୍ଟାଣ୍ଡ ନିକଟରେ ଅନେକ ଦୋକାନ ଗୃହ ଅଧପନ୍ତରିଆ ଭାବେ ପଡ଼ି ରହିଛି । କ'ଣ ପାଇଁ କାର୍ଯ୍ୟ ସଂପୂର୍ଣ୍ଣ କରାଯାଉ ନାହିଁ ତାହା ଏବେ ଚିନ୍ତା ପ୍ରକଟ କରିଛି । ଅନେକ ସମୟରେ ଠିକା କାର୍ଯ୍ୟକୁ ନେଇ ବିବାଦ ଉପୁଜୁଥିବା ବେଳେ କଲୋନୀକୁ ରାସ୍ତା ନାହିଁ, ଜଳସମସ୍ୟା ଉତ୍କଟ, ଆବାସ ଯୋଜନା ବଣ୍ଟନ ହୋଇପାରୁ ନାହିଁ ଏପରି ଅନେକ ସମସ୍ୟା ଲାଗି ରହିଛି । ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହିସବୁ ସମସ୍ୟା ସୁଧୁରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛି । ପ୍ରତ୍ୟେକ ୱାର୍ଡରେ ରାସ୍ତା କାର୍ଯ୍ୟ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି । ଅନେକ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ଶ୍ୟାମସୁନ୍ଦରପୁରଠାରୁ ପ୍ରହରାଜ ସାହି ପର୍ଯ୍ୟନ୍ତ ଦୀର୍ଘ ବର୍ଷ ହେବ ଡ୍ରେନେଜ୍ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ତାହା ଅଧାରେ ଅଟକି ରହିଛି । ବିଜେଡ଼ି ସରକାର ସମୟରେ ଏହା ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ । ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏପରି ପରିତ୍ୟକ୍ତ ଅବସ୍ଥାରେ ଡ୍ରେନେଜ୍ ନିର୍ମାଣ ହୋଇ ଅଧାରେ ପଡ଼ି ଥିବାରୁ ଜଳ ନିଷ୍କାସନ ହୋଇ ନପାରିବାରୁ ମଶା, ମାଛି, ସରୀସୃପ କଲୋନୀବାସୀଙ୍କୁ ଅତିଷ୍ଠ କରୁଛନ୍ତି । ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ଏଠାରେ ଅଧ ନିର୍ମିତ ଡ୍ରେନେଜ୍ କାରଣରୁ ମହାମାରୀ ବ୍ୟାପିବାରେ ଲାଗିଛି । ଏ ଦିଗରେ ଅଧକ୍ଷା ଦୃଷ୍ଟି ନ ଦେଇ ଅନେକ ସଭା, ସମିତିରେ ବଡ଼ ବଡ଼ କଥା କହି ଚାଲିଛନ୍ତି । ପୌର ନିର୍ବାଚନ ସମୟରେ ଅଧକ୍ଷା ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ସଦୃଶ ପାଲଟିଛି । ଏନ୍ଏସିରୁ ସମସ୍ୟା ଦୂର ହେବା ସହ ଜଳକଷ୍ଟ, ସ୍ୱାସ୍ଥ୍ୟ ସେବା ବିଶେଷ କରି ପାଟପୁର, ଅଣ୍ଡିଆ ମୌଜା ଚକବନ୍ଦୀ କାର୍ଯ୍ୟ ସମାପ୍ତ ହେବ ବୋଲି କହୁଥିବା ବେଳେ ତାହା ପୂର୍ଣ୍ଣାଙ୍ଗ ହୋଇପାରୁ ନାହିଁ । ଅଧକ୍ଷାଙ୍କୁ ଅଣଦେଖା କରାଯାଉଛି କହି ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅଧକ୍ଷା ଏକ ଦାବିପତ୍ର ଦେଇଥିବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଏହା ରାଜନୀତିକରଣ ନା ପ୍ରକୃତ ଅଧକ୍ଷାଙ୍କୁ ପଚରା ଯାଉନାହିଁ ତାହା ଏବେ ଚର୍ଚ୍ଚା ଜୋର ଧରିଛି । ବିଭିନ୍ନ ସମସ୍ୟା ଦୂର ହେବ ବୋଲି ଅଧକ୍ଷା କହିଥିବା ବେଳେ କ'ଣ ପାଇଁ ତାହା ଦୂର ହୋଇପାରୁ ନାହିଁ । ଏହାର ମୁଖ୍ୟ କାରଣ ଅଧକ୍ଷା କାଁ ଭାଁ କାର୍ଯ୍ୟାଳୟକୁ ଆସି ନିଜ ବାସଭବନରେ ରହୁଥିବାରୁ ବିକାଶରେ ବାଧା ଉପୁଜୁଛି ।

## ଚତୁର୍ଥ ପାଳି ଯାତ୍ରା ଶେଷ

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



କାକଟପୁର(ଭାସ୍କର ନ୍ୟୁଜ): ଚୈତ୍ରମାସର ଚତୁର୍ଥ ବା ଶେଷ ମଙ୍ଗଳବାର । ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ପାଳିତ ହୋଇଛି ଚତୁର୍ଥ ପାଳିଯାତ୍ରା । ରାତ୍ର ତିନିଘଡ଼ି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା । ବଲ୍ଲଭ ନୀତି ପରେ ସକାଳ ଧୂପ, ବଡ଼ଧାପ ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଳା କରାଯାଇଥିଲା । ମାତୃଭକ୍ତମାନେ ଉଭର ଓ ସିଂହଦ୍ୱାର ଦେଇ ବାରିକେଡ୍ ମଧ୍ୟରେ ଧାଡ଼ିରେ ରହି ଭଗବତୀଙ୍କୁ ଯାଇ ମା'ଙ୍କର ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ । ସାମନ୍ତିନୀ ମହିଳାମାନେ ମନ୍ଦିର ବେଢାରେ ନିଜ ସ୍ୱାମୀ ଓ ପରିବାରର ମଙ୍ଗଳ କାମନା କରି ପଦ୍ମରେ ପୂଜା କରିଥିଲେ । ଦିନ ପ୍ରାୟ ୧ଟା ବେଳକୁ ଝଙ୍କଡ ପାଠରୁ ଆସିଥିବା ଘଣ୍ଟ ଓ ସ୍ଥାନୀୟ ଅଞ୍ଚଳର ଭୋଜ ପାଟୁଆମାନେ ଏକ ଶୋଭାଯାତ୍ରାରେ ପ୍ରାଚୀ ନଦୀର ଘଣ୍ଟ ଠୋଳା ଠୁଠକୁ ଯାଇ ପାଣି ତୋଳି, ଘଟ ସ୍ଥାପନ କରି ମନ୍ଦିରକୁ ଆସିଥିଲେ । ମା'ଙ୍କର ଆଜ୍ଞାମାଳ ପାଇବା ପରେ ପାଟୁଆମାନେ ଘଣ୍ଟ, ଢୋଲ ଓ କାହାଳୀ ବାଦ୍ୟ ସହ ମନ୍ଦିର ପରିସରରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଘଣ୍ଟ ପାଟୁଆ ନୃତ୍ୟ କରିଥିଲେ । ମଧ୍ୟରାତ୍ରି ସମୟରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଜଣେ ଖମାରରେ ସେବକ ନିଜକୁ ମହାକାଳୀ ବେଶରେ ସଜ୍ଜିତ କରି ଖଡ୍ଗ ଧାରଣ ପୂର୍ବକ ଘଣ୍ଟ, ଢୋଲ, ମହୁରୀ, ମଶାଲ ମଧ୍ୟରେ ମା'ଙ୍କ ଆଜ୍ଞାମାଳ ପାଇବା ପରେ ମନ୍ଦିର ବେଢାରେ ଓ ସେବକ ସାହି ଦାଣ୍ଡରେ କାଳିକା ନୃତ୍ୟ ପ୍ରଦର୍ଶନ କରିଥିଲେ । ତା ପରେ ରାତ୍ରି ଧୂପ, ଗୀତଗୋବିନ୍ଦ ପାଠ ଓ ବଡ଼ସିଂହାର ପରେ ଭ୍ରମଣୀ ନୀତି ଅନୁଷ୍ଠିତ ହୋଇଥିଲା । ମା'ଙ୍କ ବଡ଼ସିଂହାର ଧୂପ ସରିବା ପରେ ମନ୍ଦିର ପଛଦ୍ୱାର ପଡ଼ିଥିଲା । ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ ଦେଖି ମାତୃ ଭକ୍ତମାନେ ବିମୋହିତ ହୋଇ ପଡ଼ିଥିଲେ । ଚତୁର୍ଥ ପାଳି ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆସନ୍ତା ୧୫ ତାରିଖରେ ମା'ଙ୍କ ପଞ୍ଚମ ପାଳି ତଥା ଝାମୁଯାତ୍ରା ଅନୁଷ୍ଠିତ ହୋଇ ୧ ମାସବ୍ୟାପୀ ଚାଲିବ ବୋଲି ମଙ୍ଗଳା ମନ୍ଦିର ସେବାୟତ ନିଯୋଗ ଉପସଭାପତି କମଳ ଲୋଚନ ପ୍ରକାଶ କରିଛନ୍ତି ।

# କଟକ ବ୍ଲଡ୍ ବ୍ୟାଙ୍କକୁ ଇଫ୍‌କୋର ଇ-ବାଇକ୍ ଓ ଚେୟାର ସହାୟତା



ପାରାଦୀପ(ଭାସ୍କର ନ୍ୟୁଜ): କଟକ ସ୍ଥିତ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ଼ ସେଣ୍ଟରରେ ରୋଗୀମାନଙ୍କ ଯାତାୟାତ ଓ ବିଶ୍ରାମ ନେବା ସମସ୍ୟାକୁ ଦୃଷ୍ଟିରେ ରଖି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ଗୋଟିଏ ଇ-ବାଇକ ଓ ୨୦୦ଟି ଚେୟାର ସର୍ବମୋଟ ୧୫ ଲକ୍ଷ ଟଙ୍କାର ସାମଗ୍ରୀ ସହାୟତା କରାଯାଇଛି । ଏହି ଅବସରରେ ସେଣ୍ଟ୍ରାଲ ରେଡ କ୍ରସ ସେଣ୍ଟର ପରିସରରେ ମଙ୍ଗଳବାର କଟକ ଉପଜିଲ୍ଲାପାଳ ବିଦ୍ୟାଜ୍ୟୋତି ପଟ୍ଟି ରଞ୍ଜନ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଫକୋ ଦ୍ୱାରା ଅନୁଦାନପ୍ରାପ୍ତ ଏହି ସାମଗ୍ରୀଗୁଡ଼ିକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଡ଼କ୍ରସ ନିର୍ଦ୍ଦେଶକ ଡା.ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ ୧ଗ୍ରୁପ୍ ୟୁନିଟ ରକ୍ତ ଦାନ କରିଥିବା ଦୀପକ କୁମାର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅନୁଦାନପ୍ରାପ୍ତ ଇ-ବାଇକରେ ଦୁରାନ୍ତ ସ୍ଥାନକୁ ରକ୍ତ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ବ୍ୟବହାର କରାଯିବା ସହ ରକ୍ତଦାନକାରୀ ରୋଗୀ ଓ ରକ୍ତଦାତାଙ୍କ ବିଶ୍ରାମ ପାଇଁ ଏହି ଚେୟାର ବ୍ୟବହାର ହେବ । ସୁବର୍ଣ୍ଣଧାରଣ, ଏସସିବି ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜ ଓ ହସ୍ପିଟାଲ ଏକ କିଲୋମିଟର ଦୂର ନୂତନ ଗୃହକୁ ସ୍ଥାନାନ୍ତର ହେବା ପରେ ସେଠାରେ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବକୁ ଉପଲବ୍ଧି କରି ଇଫକୋ ତୁରନ୍ତ ଏହି ସହାୟତା ପ୍ରଦାନ କରିଥିଲା । ଏତଦବ୍ୟତୀତ ବିଭିନ୍ନ ଧର୍ମାନୁଷ୍ଠାନରେ ଭକ୍ତମାନଙ୍କ ସୁବିଧା, ବୃଦ୍ଧାଶ୍ରମ ଓ ଗୋ ଆଶ୍ରମକୁ ସହଯୋଗ, ପରିବେଶ ସୁରକ୍ଷା ନିମିତ୍ତ ବ୍ୟାପକ ବୃକ୍ଷରୋପଣ, ପାରିପାର୍ଶ୍ୱିକ ଉନ୍ନୟନ ସମେତ ଦୈବୀଦୁର୍ବିପାକ ସମୟରେ ଇଫକୋର ସହାୟତା ଓ ସହଯୋଗ ଅନ୍ୟ ଶିଳ୍ପ ସଂସ୍ଥା ପାଇଁ ଉଦାହରଣ ସୃଷ୍ଟି କରିଛି । ତେବେ ଇଫକୋର ସହାୟତା ଓ ମନଭାବକୁ ସାଧାରଣରେ ଉଚ୍ଚପ୍ରଶଂସା କରାଯାଇଛି ।

# ଛାତ୍ରୀଙ୍କ କୃତିତ୍ୱ ପାଇଁ ବାପା, ମା' ଗୌରବାନ୍ୱିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ବ୍ଲକ କାଦୁଅପଡା ପଞ୍ଚାୟତ ଗୁମୁଟିପୁର ଗ୍ରାମର ସାମ୍ବାଦିକ ଚନ୍ଦନଲାଲ ପରିଜାଙ୍କ ବଡ଼ ଝିଅ ଇଲିଆନ ପରିଜା ଚଳିତ ଶିକ୍ଷାବର୍ଷ ନିମନ୍ତେ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିନେଇ ପରିବାର ଏବଂ ଗୁମୁଟିପୁର ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ଖବର ନେବାରେ ଜଣାଯାଇଛି ଗୁମୁଟିପୁର ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ସ୍ୱର୍ଗତ ଚକ୍ରଧର ଖୁଣ୍ଟିଆଙ୍କ ନାତୁଣୀ ଇଲିଆନ ପରିଜା ବର୍ତ୍ତମାନ ଓଡିଶା ଆଦର୍ଶ ବିଦ୍ୟାଳୟ ଜଗତସିଂହପୁର ବ୍ଲକର ଶାଳଜଙ୍ଗ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିନେଇ ଇଲିଆନ ମାତା ଅରୁରାଧା ଜେନା, ବଡ଼ ବାପା ବିନୋଦ ଲାଲ ପରିଜା, ଶିକ୍ଷକ ଦିଗମ୍ବର ଦାସ, ଶିକ୍ଷୟିତ୍ରୀ ରାଧାରାଣୀ ବେହେରା, ଶିକ୍ଷକ ସୁଶାନ୍ତ ବେହେରା, ଶିକ୍ଷୟିତ୍ରୀ କବିତା ସ୍ୱାଇଁଙ୍କୁ ସଫଳତାର ଶ୍ରେୟ ଜଣାଇଛନ୍ତି । ଗୁମୁଟିପୁର ଗ୍ରାମର ହିତାକାଂକ୍ଷୀ, ଗୁରୁଜନ, ଲଘୁଜନ ଇଲିଆନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ବାଇକ୍‌କୁ ପିଟିଲା ବୋଲେରୋ, ଜଣେ ଗୁରୁତର

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ବଘରାଟକା ଗ୍ରାମରେ ଗତକାଲି ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହି ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ବଡ଼ଯୋବ ଗ୍ରାମର ଦଳ ମାଝୀ ବୋଲି ଲୋକେ ସୂଚନା ଦେଇଛନ୍ତି । ବାଇକ ଆରୋହି ଜଣକ ଗାନ୍ଧିଛକ୍ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ଗାଡ଼ିଟି ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ବାଇକଟି ଭାଙ୍ଗି ଯାଇଥିବା ବେଳେ ଆରୋହି ଜଣକ ଗୁରୁତର ଭାବେ ଆହତ ହୋଇ ରାସ୍ତା କଡ଼ରେ ଛିଟିକି ହୋଇପଡ଼ିଥିଲେ । ସେପଟେ ଗାନ୍ଧିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲା ।

# ହନୁମାନ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ପତିସାହି ଗ୍ରାମରେ ଅବସ୍ଥିତ ଶଙ୍କଟ ମୋଚନଙ୍କର ତୃତୀୟ ବାର୍ଷିକ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଶ୍ରମ ପ୍ରାଙ୍ଗଣରେ ଆବାହକ ସମ୍ପଦ ଦାଶଙ୍କ ପୌରହିତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ହନୁମାନଙ୍କ ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପାଠ, ସୂର୍ଯ୍ୟପୂଜା, କଳସସ୍ଥାପନା, ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ନାମଯଜ୍ଞ ବେଦପାଠ କରାଯିବ । ଏହି ବୈଠକରେ ପ୍ରଶାନ୍ତ ନାୟକ, ପ୍ରଫୁଲ ମିଶ୍ର, କାବୁଲି ଭାଇନା, ବସନ୍ତ ପାତ୍ର, ଶିବ ସାହୁ, ଭବାନୀ ଶଙ୍କର, ଶୁକ, କାଶୀ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ । ଆଖପାଖର ଶ୍ରଦ୍ଧାଳୁମାନେ ଏହି ନାମଯଜ୍ଞରେ ଯୋଗଦେଇ ଘିଅ ଦୀପ ଜାଳିବା ସହିତ ପ୍ରସାଦ ସେବନ କରିବା ପାଇଁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି ।

# ସାମ୍ବାଦିକାଙ୍କୁ ଆକ୍ରମଣ ଘଟଣାରେ ଏସ୍‌ୟୁଜେ ଜିଲ୍ଲା ଶାଖାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଯାଜପୁର(ଭାସ୍କର ନ୍ୟୁଜ): ଗତ ରବିବାର ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଖବର ସଂଗ୍ରହ କରୁଥିବା ବେଳେ କର୍ତ୍ତବ୍ୟରତ ସାମ୍ବାଦିକା ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ ପଲେଇଙ୍କୁ ନିଜକୁ ସେବାୟତ କହୁଥିବା କେତେକ ଗୁଣ୍ଡା ମରଣାନ୍ତକ ଆକ୍ରମଣ କରିଥିଲେ । ଏପରିକି ସେମାନଙ୍କଠାରୁ କ୍ୟାମେରା ଓ ମୋବାଇଲ ମଧ୍ୟ ଛଡାଇ ନେଇଯାଇଥିଲେ । ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ ବରଂ ପୋଲିସ ବିଭିନ୍ନ ଆଳ ଦେଖାଇ ଘଟଣାକୁ ଜଟିଳ ରୂପ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି । ଲିନୁ ନାୟକ କେବଳ ସାମ୍ବାଦିକା ନୁହଁନ୍ତି, ସେ ଜଣେ ମହିଳା ମଧ୍ୟ । ସର୍ବସମ୍ମୁଖରେ ଜଣେ ମହିଳା ତଥା କର୍ତ୍ତବ୍ୟରତ ସାମ୍ବାଦିକାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଟଣାଓଟରା ଓ ଧକ୍କା ଦିଆଯିବା ପରି ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ଏପରିକି ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିଲେ ମଧ୍ୟ ପ୍ରଶାସନ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛି । ପ୍ରଶାସନ ଏବଂ ପୋଲିସର ଏପରି ମାନସିକତା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ଓ ମିଛ ମାମଲା ବଢ଼ି ଚାଲିଛି । କହିବାକୁ ଗଲେ ସେ ସରକାରଙ୍କୁ ଆରମ୍ଭରୁ ଏ ସରକାର ପର୍ଯ୍ୟନ୍ତ ସବୁ ସମୟରେ ସାମ୍ବାଦିକଙ୍କ ଉପରେ ଏପରି ଆକ୍ରମଣ ଓ ମିଛ ମାମଲା ଯୋଗୁଁ ସାମ୍ବାଦିକମାନେ ନିରାପତ୍ତାହୀନତା ଅନୁଭବ କରୁଛନ୍ତି । ଅନ୍ୟାୟ ଅନୀତି ଓ ଦୁର୍ନୀତି ବିରୁଦ୍ଧରେ ଖବର ସଂଗ୍ରହ କରିବା ଏଥିଯୋଗୁଁ କଷ୍ଟକର ହୋଇପଡ଼ିଛି । ଏପରି ସ୍ଥଳେ ପୁରୀ ଘଟଣାରେ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ ଏବଂ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି ନେଇ ମଙ୍ଗଳବାର ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ ଓଡ଼ିଶାର ଜିଲ୍ଲା ଶାଖା ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି । ପ୍ରତିନିଧି ଦଳରେ ସଂଘର ଓଡ଼ିଶାର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଜିଲ୍ଲା ଶାଖା ସଭାପତି ସୁବାଷ ଧଳ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ଦିପ୍ତ ରାୟ, ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସେକ ମନିରୁଦ୍ଦିନ, ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ଜେନା, ବିଜୟ ସାହୁ, ଦେବାଶିଷ ସାହୁ, ଚିନ୍ମୟ ନାୟକ, ଅଶୋକ ଦାସ, ଶୁଭକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ ।

# ମହାକୁମ୍ଭ ଗ୍ରାଣ୍ଡ ଚ୍ୟାଲେଞ୍ଜ ଆୱାର୍ଡ ବିଜେତା ବାୟୋଟେକ୍ ଷ୍ଟାର୍ଟଅପ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାୟୋଟେକ୍ ଷ୍ଟାର୍ଟଅପ୍ ଏଲମେଣ୍ଟୋଜ ରିସର୍ଚ୍ଚକୁ ସମ୍ମାନଜନକ ଷ୍ଟାର୍ଟଅପ୍ ମହାକୁମ୍ଭ ଗ୍ରାଣ୍ଡ ଚ୍ୟାଲେଞ୍ଜ ଆୱାର୍ଡ ୨୦୨୫ର ବିଜେତା ଭାବେ ପୁରସ୍କୃତ କରାଯାଇଛି । ଏଲମେଣ୍ଟୋଜ ରିସର୍ଚ୍ଚ ଏହି ସମ୍ମାନ ପଶୁ ଖାଦ୍ୟ ଶିଳ୍ପକୁ ଆଣ୍ଟିବାୟୋଟିକ୍ ମୁକ୍ତ କରିବାର ମିଶନରେ ବୈପ୍ଲବିକ ଜ୍ଞାନକୌଶଳ ପାଇଁ ପାଇଛି । ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ପୀୟୂଷ ଗୋୟଲ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଗତ ୩ରୁ ୫ତାରିଖ ପର୍ଯ୍ୟନ୍ତ ଆୟୋଜିତ ଷ୍ଟାର୍ଟଅପ୍ ମହାକୁମ୍ଭ ଭାରତରେ ଉଦ୍ୟୋଗୀ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ । ଉତ୍ସବରେ ୩,୦୦୦ରୁ ଅଧିକ ପ୍ରଦର୍ଶକ, ୧୦,୦୦୦ ଷ୍ଟାର୍ଟଅପ୍, ୧,୦୦୦ ନିବେଶକ, ଇନକ୍ୟୁବେଟର ଏବଂ ଆକ୍ସେଲେରେଟର ଏବଂ ଦେଶ ବିଦେଶରୁ ୫୦,୦୦୦ରୁ ଅଧିକ ବ୍ୟବସାୟିକ ପର୍ଯ୍ୟଟକ ଥିଲେ । କାର୍ଯ୍ୟକ୍ରମରେ ଏଗ୍ରିଟେକ୍, କ୍ଲାଇମେଟ୍ ଟେକ୍, ବାୟୋଟେକ୍ ଏବଂ ହେଲ୍ଥଟେକ୍, ଏଆଇ, ଡିପ୍ ଟେକ୍ ଏବଂ ସାଇବର ସିକ୍ୟୁରିଟି ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଯୁକ୍ତି ପ୍ରଦର୍ଶିତ ହୋଇଥିଲା । ପ୍ରଖ୍ୟାତ ବାୟୋଟେକ୍ନୋଲୋଜିଷ୍ଟ ତଥା ଟେକ୍ନୋକ୍ରାଟ୍‌ରୁ ଉଦ୍ୟୋଗୀ ହୋଇଥିବା ଡ. ଜୟଶଙ୍କର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଏଲମେଣ୍ଟୋଜ ହେଉଛି ଏକ ସ୍ମାର୍ଟ ବିକଳ୍ପ ପ୍ରୋଟିନ୍ କମ୍ପାନି ଯାହା ସ୍ଥାୟୀ ପଶୁ ପୋଷଣ ପାଇଁ ବ୍ଲାକ୍ ସୋଲଜର୍ ଫ୍ଲାଇ (ବିଏସ୍‌ଏଫ୍) ବାୟୋଟେକ୍ନୋଲୋଜିର ଉପଯୋଗ କରି ଜୈବିକ ବର୍ଜ୍ୟବସ୍ତୁକୁ ଉନ୍ନତ ମାନର ପ୍ରୋଟିନ୍, ତେଲ ଏବଂ ଜୈବ ସାରରେ ପରିଣତ କରିଥାଏ । ଆଣ୍ଟିମାଇକ୍ରୋବିୟଲ୍ ପେପ୍ଟାଇଡ୍ ସହିତ ସୁଦୃଢ଼ କାର୍ଯ୍ୟକାରୀ ପ୍ରୋଟିନ୍ ଉପରେ ଧ୍ୟାନ ଦେବା ସହିତ, ଏଲମେଣ୍ଟୋଜ ପାରମ୍ପରିକ ଖାଦ୍ୟ ଉପାଦାନର ଶସ୍ତା ପ୍ରଭାବଶାଳୀ, ପରିବେଶ ଅନୁକୂଳ ବିକଳ୍ପ ପ୍ରଦାନ କରେ । ଏଲମେଣ୍ଟୋଜ ବର୍ତ୍ତମାନ ଉଭୟ ଘରୋଇ ଏବଂ ରପ୍ତାନି ବଜାର ପାଇଁ ନିର୍ଦ୍ଦିଷ୍ଟ ସ୍ମାର୍ଟ ପ୍ରୋଟିନ୍ ଉତ୍ପାଦନ ପାଇଁ ଭାରତର ସର୍ବବୃହତ ବାଣିଜ୍ୟିକ ସୁବିଧା ସ୍ଥାପନ କରୁଛି । ଏହା ୨.୪ ନିୟୁତ ମେଟ୍ରିକ୍ ଟନ୍ ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କରିବ ଏବଂ ବାର୍ଷିକ ୩,୦୦,୦୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବ ।

# ଦୁର୍ବୃତ୍ତ ବଇରି ସାଜିଲେ, ପୋଖରୀରେ ବିଷ ପକାଇଲେ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଦୁର୍ବୃତ୍ତ ସାଜିଲେ ବଇରୀ । ବିଷ ପକାଇ ନଷ୍ଟ କରିଦେଲେ ଲକ୍ଷାଧିକ ଟଙ୍କାର ମାଛ । ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସହନ ଗ୍ରାମର ମନୋଜ ନାୟକଙ୍କ ସହ କିଛି ବ୍ୟକ୍ତି ଧାରକରଜ କରି ପୋଖରୀରେ ମାଛଚାଷ କରିଥିଲେ । କିନ୍ତୁ ସୋମବାର ରାତ୍ରରେ କିଛି ଦୁର୍ବୃତ୍ତ ମାଛ ପୋଖରୀରେ ବିଷ ପକାଇଦେଇଥିବା ବେଳେ ମଙ୍ଗଳବାର ସକାଳେ ଜାଣିଥିଲେ ମନୋଜ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୌଣସି ଦୁର୍ବୃତ୍ତ ମାଛ ପୋଖରୀରେ ବିଷ ପକାଇ ଦେଇଛନ୍ତି । ମାଛଗୁଡିକ ମରିଯାଇ ଭାସୁଥିବା ଦେଖି ମନୋଜ ନାୟକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି । ଅନ୍ୟ ପଟେ ଋଣକରି ଚାଷ କରିଥିବା ଚାଷୀ ଋଣ ସୁଝିବ କିପରି ଚିନ୍ତାରେ । ଅସ୍ତରଙ୍ଗ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି ।

# ପଣଷା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଆଗତ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ବ୍ଲକର ପଣଷା ପଞ୍ଚାୟତର ୱାର୍ଡ ମେମ୍ବରମାନେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆଜି ଉପ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଛନ୍ତି । ଭାରତୀୟ ଜନତା ପାର୍ଟି ସମର୍ଥିତ ସରପଞ୍ଚ କୁଳମଣି ପରିଡ଼ା ପଞ୍ଚାୟତ ଉନ୍ନୟନ ମୂଳକ କାର୍ଯ୍ୟ କରୁନଥିବାରୁ ୨୦ ସଭ୍ୟସଭ୍ୟାଙ୍କ ମଧ୍ୟରେ ୧୮ ଜଣ ଏପରି ଅନାସ୍ଥା ପାଇଁ ଆବେଦନ କରିଛନ୍ତି । ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଶ୍ରୀ ପରିଡ଼ା ଗତ ପଞ୍ଚାୟତ ନିର୍ବାଚନରେ ଜଣେ ପ୍ରଭାବଶାଳୀ ପ୍ରାର୍ଥୀଙ୍କୁ ପରାଜିତ କରିଥିଲେ । ତେବେ ଏହି ୧୮ ନିର୍ବାଚିତ ୱାର୍ଡ ମେମ୍ବରମାନେ କ୍ଷୋଭ ପ୍ରକଟ କରି ରାଜ୍ୟ ସରକାରଙ୍କ ୫ ଅର୍ଥ କମିଶନ ଅନୁଦାନ, କେନ୍ଦ୍ର ସରକାରଙ୍କ ଅନୁଦାନ ଓ ମହାତ୍ମା ଗାନ୍ଧିଙ୍କ ଜାତୀୟ ଗ୍ରାମ ନିଯୁକ୍ତି ଯୋଜନାରେ ମଂଜୁର ହୋଇଥିବା ଅର୍ଥକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି । ପଞ୍ଚାୟତ ବୈଠକରେ ବାରମ୍ବାର ସଭ୍ୟସଭ୍ୟାମାନେ ଏହି ବିଷୟରେ ଆଲୋଚନା କଲେ ମଧ୍ୟ ସରପଞ୍ଚ ଏଥି ଉପରେ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ଶ୍ରୀ ପରିଡ଼ା ସରପଞ୍ଚ ଥିବା ପର୍ଯ୍ୟନ୍ତ କୌଣସି ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତରେ ହୋଇପାରିବ ନାହିଁ ବୋଲି ଅଭିଯୋଗ କରି ଏହି ପ୍ରସ୍ତାବ ଆଗତ ହୋଇଛି । ଗତ ୩ ତାରିଖ ଦିନ ସଭ୍ୟ ସୁଧିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏପରି ପ୍ରସ୍ତାବ ଗୃହୀତ ହୋଇଛି । ଅନାସ୍ଥା ନିମନ୍ତେ ଉପଜିଲ୍ଲାପାଳଙ୍କରେ ଆବେଦନ କରିଥିବା ସଭ୍ୟସଭ୍ୟା ହେଲେ ପ୍ରକାଶ ଚନ୍ଦ୍ର ଯେନା, ବାବୁଲି ପାତ୍ର, ସାବିତ୍ରୀ ଯେନା, ଦାମୋଦର ପରିଡ, ଫନେନ୍ଦ୍ର ମହାନ୍ତି, ଗଦାଧର ବର୍ଦ୍ଧନ, ସମୀର ପରିଡା, ସଂଧ୍ୟାରାଣୀ ପାଣି, ନମିତା ପଣ୍ଡା, ସଂଧ୍ୟାରାଣୀ ପଣ୍ଡା, ମାନସୀ ସଡ଼ଙ୍ଗୀ, ସୁପ୍ରଭାତୀ ଯେନା, ମନେଜ ରାଉତ, ସ୍ନେହଲତା ମିଶ୍ର, କ୍ଷୀର ଯେନା, ସୁଧିର କୁମାର ଯେନା ପ୍ରମୁଖ ।

# ପାଣି ପାଇଁ ହହଳବିକଳ ମଧୁବନ ଗ୍ରାମବାସୀ



ଆଳି(ଭାସ୍କର ନ୍ୟୁଜ): ଯେତେ ଚେଷ୍ଟା କଲେ ବି ଥମିବାର ନାଁ ଧରୁନି ଆଳିରେ ପାନୀୟ ଜଳର ସମସ୍ୟା । ଦିନକୁ ଦିନ ବଢ଼ି ଚାଲିଛି ଜଳକଷ୍ଟ । ଏହି ସମସ୍ୟା ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ନିଦାବିଷ୍ଟ ସାଜିଛି ପ୍ରଶାସନ । ସରକାର ପାନୀୟ ଜଳକୁ ନେଇ ଗୁରୁତ୍ୱାରୋପ କରି ଆସୁଥିଲେ ସୁଦ୍ଧା ସରକାରଙ୍କ ତତ୍ପରତାକୁ ହାଲକା ଭାବରେ ନେଉଛି ପ୍ରଶାସନ । ବସୁଧା ପାଣିକୁ ଆଦରି ନେଇ ଲୋକମାନଙ୍କ ମନରୁ ନଳକୂପ ଲିଭିଯାଇଥିଲା ବେଳେ ବସୁଧା ପାଇପ ଲାଇନରେ ଏବେ ପାଣି ଆସୁନି । ଲୋକେ ନା ପାଉଛନ୍ତି ବସୁଧା ପାଇପ ପାଣି ନା ମିଳୁଛି ନଳକୂପର ପାଣି । ଶେଷରେ ଲୋକେ ନଦୀଜଳ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ମନରେ ଘାରିଛି କୁମ୍ଭୀରର ଭୟ । ଏ ଘଟଣା ହେଉଛି କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧୀନ ଡ଼ିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମର । ଗ୍ରାମରେ ୩୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଗ୍ରାମରେ ଗୋଟିଏ ମାତ୍ର ବସୁଧା ପାନୀୟ ଜଳପ୍ରକଳ୍ପ ରହିଛି । ଆଜିକୁ ପ୍ରାୟ ପନ୍ଦର ଦିନ ହେବ ପାଇପ ଲାଇନରେ ପାଣି ଆସୁନି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରକଳ୍ପର ମୋଟର ୧୫ ଦିନ ହେବ ଅଚଳ ହୋଇଯିବା ସହ ଭୁତଳ ଜଳସ୍ତର ଧୀରେ ଧୀରେ କମିଯିବା ଯୋଗୁଁ ପୂର୍ବରୁ ମଧ୍ୟ ଆବଶ୍ୟକ ମୁତାବକ ପାଣି ମିଳୁନଥିବା ଲୋକେ କହିଛନ୍ତି । ଲୋକଙ୍କ କହିବା ଅନୁସାରେ ଗ୍ରାମରେ ରହିଥିବା ଅଧିକାଂଶ ନଳକୂପ ଅଚଳ ହୋଇ ପଡ଼ିରହିଛି । ଯଦିଓ କାଁ ଭାଁ ନଳକୂପରୁ ପାଣି ଆସୁଛି ତା ମଧ୍ୟ ବ୍ୟବହାର ଉପଯୋଗୀ ନୁହେଁ । କେଉଁଠି ଗୋଳିଆ ପାଣି ତ କେଉଁଠି ପଙ୍କୁଆ ପାଣି ତ କେଉଁଠି ଲୁଣାପାଣି ବାହାରୁଥିବା ଦେଖିବାକୁ ମିଳିଛି । ଘଟଣାରୁ ଜଣାପଡେ ମଧୁବନ ଗ୍ରାମରେ ଦୀର୍ଘ ୧୫ ଦିନ ହେବ ଜଳକଷ୍ଟ ଲାଗିରହିଥିବା ବେଳେ ଲୋକେ ବାଧ ହୋଇ ୨ କିଲୋମିଟର ଦୂର ପଡୋଶୀ ଗ୍ରାମ ମହାରାକୁଳରୁ ଭଡା ଅଟୋ, ସାଇକେଲ, ମଟରସାଇକେଲ ଯୋଗେ ପାଣି ଆଣୁଥିବା ବେଳେ ଅନ୍ୟପଟେ ସାଧାରଣ ଲୋକର କୌଣସି ଯାନବାହନ ବ୍ୟବସ୍ଥା ନଥିବା ଯୋଗୁଁ ବାଧ ହୋଇ କାନ୍ଧ ଭାର ସାହାଯ୍ୟରେ ପାଣି ଆଣୁଥିବା ଦେଖିବାକୁ ମିଳିଛି । ଦିନକୁଦିନ ଗ୍ରୀଷ୍ମପ୍ରବାହ ବଢୁଥିବା ବେଳେ ଆଳି ଅଞ୍ଚଳରେ ପାନୀୟ ଜଳର ସମସ୍ୟା ବଢିବାକୁ ଲାଗିଛି । ଏହି ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏ ସମସ୍ୟାକୁ ନେଇ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠି ପ୍ରତିକ୍ରିୟାରେ କହିଛନ୍ତି ତୁରନ୍ତ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଠାଇ ପାନୀୟଜଳ ସମସ୍ୟାର ସମାଧାନ କରାଯାଇ ମଧୁବନ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦିଆଯିବ ।

## ଆଳି ଅବକାରୀ ଥାନା

# ଦିନରେ ଝୁଲୁଛି ତାଲା, ନିଦାବିଷ୍ଟ ସାଜିଛି ବିଭାଗ




ଆଳି(ଭାସ୍କର ନ୍ୟୁଜ): ଦିନରେ ଝୁଲୁଛି ତାଲା । ଅବକାରୀ ଥାନାରେ ଦିନରେ ତାଲା ଝୁଲିବା ସାଧାରଣରେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି । ଅଧିକାରୀ ଅଛନ୍ତି କି ନାହାନ୍ତି ସନ୍ଧ୍ୟା ଘେରରେ ଲୋକେ । ବେଧଡ଼କ ଭାବେ ଚାଲିଛି ଆଳିରେ ଚୋରାମଦ କାରବାର କ୍ଷ ସ୍ଥାଣୁ ପାଲଟିଛି ଅବକାରୀ ବିଭାଗ । କିଛି ମାସ ପୂର୍ବେ ଅବକାରୀ ବିଭାଗର ନୂତନ ଥାନା ଉଦଘାଟନ ସରିଥିଲେ ବି ଥାନାରେ ଝୁଲୁଛି ତାଲା । ରାଜ୍ୟରେ ଚୋରାମଦ କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂତନ ଥାନା ନିର୍ମାଣ କରାଯାଇଛି । ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳିରେ ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନାର କାର୍ଯ୍ୟାଳୟ ଗତ ୨୦୨୪ ଫେବୃଆରୀ ୨୭ ତାରିଖରେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଉଦଘାଟନ ହୋଇଥିଲା । ହେଲେ ଉଦଘାଟନର କିଛି ମାସ ବିତି ଯାଇଥିଲେ ମଧ୍ୟ ବି ପଡି ନଥିଲା ଅବକାରୀ ବିଭାଗର କର୍ମଚାରୀଙ୍କ ପାଦ । ପରେ ଗଣମାଧ୍ୟମ ଏହି ଖବରକୁ ପ୍ରସାରଣ ପରେ ଭାଙ୍ଗିଥିଲା ବିଭାଗର ନିଦ । ପରେ ପାଦ ପଡ଼ିଥିଲା ଅଫିସରଙ୍କ ସତ । କିଛି ଦିନ ଠିକ ଠାକ ଚାଲି ଥିଲା କାର୍ଯ୍ୟାଳୟ । ଏବେ କିନ୍ତୁ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଚାଲିଛି ଆଳି ଅବକାରୀ ବିଭାଗ । ଆଳି ଅବକାରୀ ବିଭାଗ କାର୍ଯ୍ୟାଳୟ ନଥିବାରୁ ଦୀର୍ଘ ଦିନ ହେବ ଏକ ଭଡାଘରେ କାର୍ଯ୍ୟାଳୟ ଚାଲିଥିବା ବେଳେ ନୂଆ ଥାନା ନିର୍ମାଣ ହୋଇଥିବା ବେଳେ କଣ ପାଇଁ ତାହା ଖୋଲୁନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆଳି ବ୍ଲକରେ ନିଶା କାରବାର ବୃଦ୍ଧି ପାଉଥିବା ବେଳେ, ଅଭିଯୋଗ କରିବା ଲାଗି ଆସି ଫେରି ଯାଉଥିବା ଅଭିଯୋଗ ହୋଇଛି । ଆଳିରେ ଅବକାରୀ ବିଭାଗ ଅଛି ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ନାଗରିକମାନେ । ଆଳି ଅଞ୍ଚଳରେ ଗାଁ ପାନ ଦୋକାନରେ ଚୋରାମଦ କାରବାର ଚାଲିଛି, ଅବକାରୀ ଅଧିକାରୀ କ'ଣ କରୁଛନ୍ତି, ଆମେମାନେ ଦିନକ ଲାଗି ଦେଖିନୁ କେଉଁଠି ଚଢ଼ାଉ କରିଛନ୍ତି ଅବକାରୀ ବିଭାଗ କର୍ମଚାରୀ ବୋଲି ଅଭିଯୋଗ କରିଛନ୍ତି ଆଳି ଅଞ୍ଚଳବାସୀ । ଏଥିପ୍ରତି ରାଜ୍ୟ ସରକାର ଓ ଅବକାରୀ ବିଭାଗର ଉପରିସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବା ସହ କିପରି ଅବକାରୀ ବିଭାଗ କାର୍ଯ୍ୟକ୍ଷମ ହେବ ଆଳିବାସି ଦାବୀ କରିଛନ୍ତି ।

## ନାବାଳିକା ଉଦ୍ଧାର, ଅପହରଣକାରୀ ଗଲା କୁଆଡ଼େ ?

# ବଳଙ୍ଗା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସନ୍ଦେହ ପ୍ରକଟ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀ ଅପହରଣ ହୋଇଥିବା ବେଳେ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରି ଅପହରଣକାରୀକୁ ଅନୁକମ୍ପା ଦେଇ ଛାଡ଼ି ଦେଇଥିବା ଘଟଣା ନେଇ ଏବେ ବଳଙ୍ଗା ଥାନା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅପହରଣକାରୀ ଯୁବକ ଏକ ରାଜନୀତିକ ଦଳର ହୋଇଥିବା ବେଳେ ପୋଲିସ ଘଣ୍ଟ ଘୋଡ଼ାଉଥିବା ନାବାଳିକା ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି । କିପରି ନାବାଳିକା ଦୀର୍ଘ ଏକ ସପ୍ତାହ କେଉଁଠାରେ ରହିଥିଲେ ପୋଲିସ ସାତଶଙ୍ଖରୁ ଉଦ୍ଧାର କରିଛି ବୋଲି କହୁଥିବା ବେଳେ ପୋଲିସ କଥାରେ କେତେ ସତ୍ୟତା ରହିଛି ତାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଯାହାକୁ ନେଇ ଅଭିଯୁକ୍ତ ଦଣ୍ଡ ପାଇବା ଆଶଙ୍କା ସୃଷ୍ଟି ହୋଇଛି । ଏପରି ଘଟଣା ବଳଙ୍ଗା ଥାନା ଅଞ୍ଚଳରେ ବାରମ୍ବାର ଘଟୁଥିବା ବେଳେ କ'ଣ ପାଇଁ ପୋଲିସ ଏତେ ବେଫିକର ହୋଇପଡ଼ିଛି ତାହା ଏବେ ଚିନ୍ତା ପ୍ରକଟ କରିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଡ଼ଶିରିବିଲା ପଞ୍ଚାୟତର ଏକ ଗ୍ରାମରେ ବଳଙ୍ଗା ଥାନା ଅଞ୍ଚଳର ଜନୈକା ନାବାଳିକା (୧୬) ମାମୁଁଘରେ ରହି ପାଠପଢୁ ଥିଲେ । ଗ୍ରାମ ମେଳଣ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ବଳଙ୍ଗା ଥାନା ବିରାଟ ସାହିର ୩୦ ବର୍ଷିୟ ଯୁବକ ନାବାଳିକାକୁ ଗତ ୧ ତାରିଖରୁ ଅପହରଣ କରି ନେଇଥିବା ନାବାଳିକା ମାଆ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ମଧ୍ୟ ପୋଲିସ ତଦନ୍ତରେ ସହଯୋଗ କରିଥିଲେ । ଅନେକ ସମୟରେ ନାବାଳିକା ଏଠାରେ ରହିଛି ସେଠାରେ ରହିଛି ପୋଲିସ କହି ଚାଲୁଥିବା ବେଳେ ଗତ ସୋମବାର ସାତଶଙ୍ଖରୁ ନାବାଳିକାକୁ ଉଦ୍ଧାର କରି ଡ଼ାକ୍ତରୀ ମାଇନା କରାଇଛି । କୋର୍ଟରେ ମଧ୍ୟ ଯୁବତୀଙ୍କ ବୟାନ୍ ରେକର୍ଡ଼ କରାଯାଇଛି । ମାତ୍ର ପୋଲିସ ନାବାଳିକାକୁ ଧରିଥିବା ବେଳେ ଅପହରଣକାରୀ କୁଆଡ଼େ ଗଲା ବୋଲି ନାବାଳିକା ପରିବାର ପ୍ରଶ୍ନ କରିଛନ୍ତି । ବଳଙ୍ଗା ଥାନା ପୋଲିସ କ'ଣ ପାଇଁ ଅପହରଣକାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭୟ କରୁଛି । ଏପରି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ପୋଲିସ ଜାଣିଶୁଣି ଅପହରଣକାରୀକୁ ଗିରଫ କରୁନାହିଁ ବୋଲି ନାବାଳିକାଙ୍କ ପରିବାର ଅଭିଯୋଗ କରିଛନ୍ତି । ଏକ ସପ୍ତାହ ଧରି ନାବାଳିକା କେଉଁଠାରେ ରହିଥିଲେ, କିପରି ପୋଲିସ ହାତରେ ଧରା ପଡ଼ିଲେ, ଅପହରଣକାରୀ କିପରି ଖସିଗଲା ଏହା ରାଜନୀତିକ ଅଭିସନ୍ଧି ବୋଲି ବାରି ହୋଇପଡୁଛି । ଯଦି ଏପରି କରାଯାଏ ଜନସାଧାରଣ କିପରି ବଳଙ୍ଗା ଥାନାରୁ ନ୍ୟାୟ ଆଶା କରିବେ ତାହା ଏବେ ଚର୍ଚ୍ଚାର ଜୋର ଧରିଛି । ଏ ସଂପର୍କରେ ବଳଙ୍ଗା ଥାନା ଅଧିକାରୀଙ୍କ ମତ ନେବାରେ ତଦନ୍ତ ଚାଲିଛି ବୋଲି କହୁଛନ୍ତି । ପୋଲିସର ଏ କିପରି ତଦନ୍ତ, ଏ ସଂପର୍କରେ ନାବାଳିକା ପରିବାର ପିପିଲି ପୋଲିସ ଉପଖଣ୍ଡ ଅଧିକାରୀ, ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି ।




ପାରାଦୀପ, (ଭାସ୍କର ନ୍ୟୁଜ୍ ) : ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଏହାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ମିଳିତ ସହଯୋଗରେ ପଥଚାରୀଙ୍କ ଜଳକଷ୍ଟ ନିବାରଣ ନିମନ୍ତେ ଏକ ଲେମ୍ବୁ ଓ ଦହି ପାଣି ବଣ୍ଟନ କେନ୍ଦ୍ର ବନ୍ଦର ପ୍ରଶାସନିକ ଭବନ ସମ୍ମୁଖ ସ୍ଥିତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଏବଂ ବନ୍ଦର ଉପ ସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧୀ, ସିଏମଇ ଏସ.ନାହାକ, ଡିଟିଏମ ଏ.କେ.ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏକ ମାସ ଧରି ଚାଲିବାକୁ ଥିବା ଏହି ପାନୀୟ ବଣ୍ଟନ କେନ୍ଦ୍ରକୁ ପାରାଦୀପ ସାକ୍ଷରତା ସମିତିର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଚାଲିବ।

## ଆଦିବାସୀ ଛାତ୍ରଙ୍କ ସଫଳତା
# ସୁଦୂର ବାଂଶପାଳରୁ ଜାପାନ ଯାତ୍ରା



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଗର୍ବ ଏବଂ ଆନନ୍ଦର ବିଷୟ ଯେ ଶ୍ରୀ ଗୁରୁକୁଳ ସ୍କୁଲରେ ହୋଇଥିବା ଏକ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ସମ୍ବିତ ମୁଣ୍ଡା ଶ୍ରେଷ୍ଠ ବିଜେତା ହିସାବରେ ପୁରସ୍କାର ସ୍ୱରୂପ ୭ ଦିନିଆ ଭ୍ରମଣ ନିମନ୍ତେ ଜାପାନ ଯିବେ। ଏହି ଅନନ୍ୟ କାର୍ଯ୍ୟକ୍ରମଟି ମେଟା ଲର୍ଣ୍ଣ ଇନସ୍ଥାୟାର ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଆୟୋଜିତ ଇଣ୍ଡୋ - ଜାପାନ ଏକ୍ସଚେଞ୍ଜ ପ୍ରୋଗ୍ରାମର ଅଂଶ ଅଟେ । ଯେଉଁଥିରେ ଛାତ୍ରଛାତ୍ରୀମାନେ ଜାପାନର ଶିକ୍ଷା, ସଂସ୍କୃତି ଏବଂ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଅଧିକ ଜାଣିପାରିବେ। ମେଟା ଲର୍ଣ୍ଣ ଇନସ୍ଥାୟାର ପ୍ରାଇଭେଟ ଲିମିଟେଡ଼ ଏହି ଯାତ୍ରା ସଫଳ କରିବା ପାଇଁ ସମସ୍ତ ପ୍ରୟାସ କରିବ। ଏହି ଯାତ୍ରା ଏକ ଅମୂଲ୍ୟ ଅଭିଜ୍ଞତା ଏବଂ ଜ୍ଞାନ ଦେବା ସହିତ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ଏବଂ ଦୃଷ୍ଟିଭଙ୍ଗୀର ଉନ୍ନତି କରିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ସମ୍ବିତ ମୁଣ୍ଡା ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ଏକ ନୂତନ ଦୃଷ୍ଟିକୋଣ ଓ ଅନ୍ତର୍ଜାତିକ ସ୍ତରରେ ନେତୃତ୍ୱ ଦକ୍ଷତା ଅର୍ଜନ କରିପାରିବେ। ଆମ ଜିଲ୍ଲାର ଗର୍ବ ଏହି ବିଦ୍ୟାଳୟ ଶ୍ରୀ ଗୁରୁକୁଳ ଯାହା ଘଟଗାଁ ବ୍ଲକର ଗଦାଧରପୁର ଠାରେ ଅବସ୍ଥିତ। ଏହାର ସ୍ଥାପନା ଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାର ସବୁଠାରୁ ଭଲ ପରୀକ୍ଷା ଫଳ କରିବାରୁ ଆରମ୍ଭ କରି ପିଲା ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଚେଷ୍ଟା କରିଥାଏ। ଏହି ସଫଳତା ପାଇଁ ଛାତ୍ର ସମ୍ବିତ ମୁଣ୍ଡା ସ୍କୁଲର ଚେୟାରମ୍ୟାନ ଡଃ ସତ୍ୟବ୍ରତ ସାହୁ, ନିଜର ପିତା କୃଷ୍ଣ ମୁଣ୍ଡା, ମାତା ଲକ୍ଷ୍ମୀପ୍ରିୟା ମୁଣ୍ଡା (ସରପଞ୍ଚ କୁଡ଼ିପସା ଗ୍ରାମପଞ୍ଚାୟତ) ଏବଂ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସପ୍ତଧାରାର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି ଅବନ୍ତିକା ପାୱାର ପ୍ରୋଜେକ୍ଟ



ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ପ୍ରବେଶ ପଥ ବାଟରେ ରହିଛି ସପ୍ତଧାରା ପର୍ଯ୍ୟଟନ ସ୍ଥଳୀ। ଯାହାକୁ ଦେଖିବାକୁ ବହୁ ଲୋକେ ଆସନ୍ତି। ପରିବାର ଏବଂ ସାଙ୍ଗସାଥୀଙ୍କ ସହ ଭୋଜି କରିବା ସହ ପ୍ରାକୃତିକ ଦୃଶ୍ୟକୁ ଉପଭୋଗ ମଧ୍ୟ କରନ୍ତି। କିନ୍ତୁ ବର୍ତ୍ତମାନ ସେଇ ସପ୍ତାଧାରା ନଦୀ ଉପରେ ଅବନ୍ତିକା ନାମକ ଆନ୍ଧ୍ରର ଏକ ବିଦ୍ୟୁତ କମ୍ପାନୀ ଆରମ୍ଭ ହେବା ପରେ ସେଠାରେ ଲୋକଙ୍କ ଭିଡ ଦିନକୁ ଦିନ କମୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଅବନ୍ତିକା ବିଦ୍ୟୁତ କମ୍ପାନୀ ବାକୁଲି ନିକଟରେ ବହୁ ଗଛ କାଟି ସେଠାରେ ଏକ ଡ୍ୟାମ ନିର୍ମାଣ କରିଛି। ସେହି ଡ୍ୟାମ୍ ଦ୍ୱାରା ପାଣିକୁ ଅଟକାଇ ସନ୍ଧ୍ୟା ସମୟରେ ନିଜ ଟରବାଇନରୁ ବିଦ୍ୟୁତ ଉତ୍ପାଦନ କରୁଛି। ପୁଣି ପାଣି ସ୍ୱାଭାବିକ ଭାବେ ପ୍ରବାହିତ ହେଉଛି। ସେଇ ପାଣି ଛାଡିବା ସମୟରେ କୌଣସି ସୂଚନା ନ ଦେଇ ହଠାତ ପାଣି ଛଡ଼ା ଯାଉଛି ଯାହା ଫଳରେ ବିଦ୍ୟାଳୟରୁ ଫେରୁଥିବା କୁନି କୁନି ପିଲାମାନେ ହଇରାଣ ହେବାର ଦେଖାଯାଉଛି। ସବୁଠାରୁ ଦୁଃଖର ବିଷୟ ଏହିକି ଯେ ସେ ଛାଡୁଥିବା ପାଣିରେ ସେଇ କମ୍ପାନୀର କର୍ମଚାରୀ ମାନଙ୍କ ପାଇଁ ବନା ଯାଇଥିବା ଘରର ଅଦରକାରୀ ପାଣି ବର୍ଜ୍ୟବସ୍ତୁ ପାଣିରେ ମିଶି ଆସୁଥିବା ଅଭିଯୋଗ ହେଉଛି। ତେବେ ଏହି ବାବଦରେ ଅବନ୍ତିକା କମ୍ପାନୀର ମ୍ୟାନେଜରକୁ ପଚାରିବାରୁ ସେ ସ୍ପଷ୍ଟ ଭାବେ କିଛି ଉତ୍ତର ଦେଇନଥିଲେ। ତେବେ ଏହି କମ୍ପାନୀରେ ସରକାରୀ ଅଧିକାରୀଙ୍କ ପାଦ ନ ପଡିବା ହେତୁ କମ୍ପାନୀର କର୍ମଚାରୀ ମାନେ ମନମାନି କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏପଟେ ବାରମ୍ବାର ବନବିଭାଗର ଅଧିକାରୀ ତହସିଲ କର୍ମଚାରୀ ଆଦିଙ୍କ ସହ ଆଲୋଚନା କରାଯାଉଛି। କିନ୍ତୁ କୌଣସି ସୁଫଳ ମିଳିନଥିବା କାରଣରୁ ଅଞ୍ଚଳବାସୀଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ନଳକୂପ ଦାବିରେ ପ୍ରଶାସନର ଦ୍ୱାରସ୍ଥ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ତେନ୍ତୁଳିନଣ୍ଡା ଗ୍ରାମବାସୀ ନୂତନ ନଳକୂଅ ଖନନ ପାଇଁ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ମଧ୍ୟଭାଗ ରାଧାକୃଷ୍ଣ ମନ୍ଦିର ଛକ ନିକଟରେ ପୁରୁଣା ନଳକୂପଟି ଅଚଳ ହୋଇଯାଇଛି। ଏହା ଛଡା ସୌରଚାଳିତ ପାଣିପମ୍ପ ସଂଯୋଗ ହୋଇଥିବାବେଳେ ପାନୀୟଜଳ ଯୋଗାଣ ବନ୍ଦ ରହିଥିବାରୁ ଗ୍ରାମବାସୀ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବା ଯୋଗୁଁ ଜଳକଷ୍ଟ ଉତ୍କଟ ହୋଇ ପଡିଛି। ତୁରନ୍ତ ନୂତନ ନଳକୂପ ଖନନ କରିବାକୁ ସରପଞ୍ଚ ଅଞ୍ଜଳୀ ନାଏକ, ରବିନ୍ଦ୍ର କୁମାର ସାହୁ, ବିନୋଦ କୁମାର ସାହୁ, ସୁଭାଷ କୁମାର ସାହୁ, ଅନିରୁଦ୍ଧ ସାହୁ, ଜଗବନ୍ଧୁ ସାହୁ, ଜୟଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଥିଲେ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଗାନ୍ଧିଛକ-ବ୍ରଜରାଜନଗର ମୁଖ୍ୟ ରାସ୍ତା ବ୍ରଜରାଜନଗର କଲେଜ ସାମ୍ନାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବ୍ରଜରାଜନଗର ଅଭିମୁଖେ ଯାଉଥିବା ଏକ କାରକୁ ପଛ ପଟରୁ ଏକ ସ୍କର୍ପିଓ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣା ବେଳେ କାରରେ ଥିବା ଦୁଇ ଜଣ ବ୍ୟକ୍ତି ସୁରକ୍ଷିତ ଥିବା ବେଳେ କାର ପଛ ଭାଗ ନଷ୍ଟ ହୋଇଯାଇଛି। ସେପଟେ ଗାନ୍ଧିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ବଢ଼ିଆ ସାହି ସାରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ କସର୍ଦା ପଞ୍ଚାୟତରେ ଥିବା ବଢ଼ିଆ ସାହି ଶିଶୁ ବିଦ୍ୟା ମନ୍ଦିରରେ ଷୋଡ଼ବିଂଶ ତମ ବାର୍ଷିକ ଉତ୍ସବ ଗତ ୬ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ସାହାଣୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନିଆଳିର ବିଧାୟକ ଛବି ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀ ନୃସିଂହ ବିଦ୍ୟାଳୟର ମୁଖ୍ୟବକ୍ତା ଭାବେ ସଂସ୍କୃତ ଶିକ୍ଷକ ବାପୁଜୀ ମହାରଣା ଯୋଗଦେଇ ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢିବା ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ପାଦକ ଭରତ ଚନ୍ଦ୍ର ପାଇଟାଳ, ଶକ୍ତି ପ୍ରସାଦ ଦାଶ (ପ୍ରଧାନ ଆଚାର୍ଯ୍ୟ) ପ୍ରଥମେ ପ୍ରଦୀପ ଜ୍ୱଳନ ଓ ବନ୍ଦନା, ସ୍ୱାଗତ ସଂଗୀତ, ଅତିଥି ପରିଚୟ ପ୍ରଦାନ, ବାର୍ଷିକ ବିବରଣୀ ପଠନ, ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ମାନଙ୍କ ଅଭିଭାଷଣ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ସମସ୍ତ ଗୁରୁଜୀଗୁରୁମା, ଅଭିଭାବକ, ସେବକସେବିକା ଓ ବାହନ ଚାଳକ ଭାଇ ଭାବେ ଉପସ୍ଥିତ ରହିଥିଲେ।

# ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରାଣସୀ ଯାତ୍ରା



କୋରାପୁଟ, (ଭାସ୍କର ନ୍ୟୁଜ୍) : ଶୁଭାରମ୍ଭ ହୋଇଛି ବରିଷ୍ଠ ନାଗରିକ ତୀର୍ଥଯାତ୍ରା । ଜିଲ୍ଲାରେ ୧୪ଟି ବ୍ଲକ ଏବଂ ୪ ପୌରାପାଳିକାର ୧୬୮ଜଣ ତୀର୍ଥଯାତ୍ରୀ ଅଯୋଧ୍ୟ ଓ ବାରାଣସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଜିଲ୍ଲାପାଳ ଭି କୀର୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ବରିଷ୍ଠ ନାଗରିକମାନେ ୪ଟି ବସ୍‌ରେ ରାୟଗଡା ଯାଇଛନ୍ତି । ସେମାନେ ସେଠାରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣସୀ ଯାତ୍ରା କରିବେ। ସେମାନଙ୍କ ସହ ୫ଜଣିଆ ଗାଇଡ଼ ଟିମ୍ ଯାତ୍ରା କରିବେ। ସେମାନେ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବେ । ଏ ସମ୍ପର୍କରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀ ସୂଚନା ଦେଇଛନ୍ତି।

# ନୂଆପଡା ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ବୈଠକ



ଖଡ଼ିଆଳ (ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ଅଧିକାରୀ ତଥା ରାଜସ୍ୱ ସଂଗ୍ରହ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ଭୀମସେନ ଶବର, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ମହାଦେବ ବଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ହେମନ୍ତ ପୁଟା, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଏସ୍‌ଡ଼ିପିଓ ମାର୍ଷି ରାଣୀ ପୂର୍ତ୍ତି,ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣିଜ ଅଧିକାରୀ, ଅବକାରୀ ଅଧିକ୍ଷକ, ଆର୍‌ଟିଓ, ସମସ୍ତ ଏନ୍‌ଏସି କାର୍ଯ୍ୟନିର୍ବାହି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡିଇଜିଏମ ପ୍ରମୁଖ ଯୋଗ ଦେଇଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ସମସ୍ତ ଅଧିକାରୀ ମାନେ ନିୟମିତ ବିଭିନ୍ନ ବିଭାଗ ଉତ୍ସରୁ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ। ଏହି ଅବସରରେ ଆର୍ଥିକ ବର୍ଷ ୨୦୨୪/ ୨୫ ପାଇଁ ଉତ୍ତମ ପ୍ରଦର୍ଶନ ପାଇଁ ତହସିଲଦାର ନୂଆପଡା ପ୍ରଣବ ରଞ୍ଜନ ସାହୁଙ୍କୁ ପ୍ରଥମ, ବୋଡ଼େନ ତହସିଲଦାର ସରିତା ଗୁପ୍ତାଙ୍କୁ ଦ୍ୱିତୀୟ, ତହସିଲଦାର ଖରୀଆର ନରସିଂହ ଗଦବାଙ୍କୁ ତୃତୀୟ ପୁରସ୍କାର ଜିଲ୍ଲାପାଳ ପ୍ରଦାନ କରିଥିଲେ। ସେହିପରି କୋମନା ବ୍ଲକ୍ ବୁଧୀ କୋମନା ଆର୍‌ଆଇ ରାକେଶ କୁମାର ନାୟକ, ବୋଡ଼େନ ବ୍ଲକ୍ ଆର୍‌ଆଇ ଅଜୟ ସିଂ, ନୂଆପଡା ଖରୀଆର ରୋଡ଼ ଆର୍‌ଆଇ ଧନଞ୍ଜୟ ଦଣ୍ଡସେନା, ଖରୀଆର ବ୍ଲକ୍ ବାଦି ଆର୍‌ଆଇ ଦେବରାଜ ତ୍ରିପାଠୀ, ସିନାପାଲି ବ୍ଲକ ଭରୁଆ ମୁଣ୍ଡା ଆର୍‌ଆଇ ନେପାଳ ରଣାଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ନିମନ୍ତେ ପୁରସ୍କୃତ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦକ୍ଷିଣାଞ୍ଚଳ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ




କୋରାପୁଟ, (ଭାସ୍କର ନ୍ୟୁଜ) : ଉଦ୍‌ଘାଟିତ ହୋଇଛି ଦକ୍ଷିଣାଚଂଳ ନାଟ୍ୟ ମହୋତ୍ସବ। ଓଡିଶା ନାଟ୍ୟ ସଂଘ ଆନୁକୂଲ୍ୟରେ ସ୍ଥାନିୟ ସାଂସ୍କୃତିକ ପରିଷଦରେ ଏହାର ଆୟୋଜନ କରାଯାଇଛି । ପ୍ରଥମ ସଂଧ୍ୟାରେ ସୁନାବେଡା ଗୋଲ୍ଡେନ ମିଗ୍ କଳାପରିଷଦ ଦ୍ୱାରା ମଂଚସ୍ଥ ହୋଇଛି ନାଟକ 'ପାତାଳୀ ଶ୍ରୀକ୍ଷେତ୍ର' । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟ୍ୟ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ ବିଧାୟକ ରଘୁରାମ ମାଛ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲେକା, ପୌରାଧ୍ୟକ୍ଷ ଲଲାଟ ରନ ସେଠୀ, ସୁନାବେଡା ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କୋରାପୁଟ ଏସଡିପିଓ ଶ୍ରାବଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ । କୋରାପୁଟ ସାଂସ୍କୃତିକ ପରିଷଦ ସଭାପତି ଶିବ ପ୍ରସାଦ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ । ଓଡିଶା ନାଟ୍ୟ ସଂଘ ସଭାପତି ମନୋଜ ପଟନାୟକ, ସମ୍ପାଦକ ଶୁଭର୍କା ପାଢି, ଉପଦେଷ୍ଟା ସମର ମୁଦାଲି ପ୍ରମୁଖ ମଚାଂସୀ ହୋଇଥିଲେ । ସାଂସ୍କୃତିକ ପରିଷଦ ସମ୍ପାଦକ ଅତନୁ ପଟ୍ଟନାୟକ , ସଭ୍ୟ ନନ୍ଦକିଶୋର ଗୁରୁଙ୍କ ସହ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ସଂଧ୍ୟାରେ ସୁନାବେଡା ଗୋଲ୍ଡେନ ମିଗ୍ କଳା ପରିଷଦ କଳାକରାଙ୍କ ଦ୍ୱାରା ମଂଚସ୍ଥ ହୋଇଥିଲା ନାଟକ 'ପାତାଳୀ ଶ୍ରୀକ୍ଷେତ୍ର' । ସମୀର ମହାପାତ୍ର ଏହାର ରଚନା କରିଥିବା ବେଳେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଏହି ଅବସରରେ ସାମ୍ବାଦିକ ଭବାନୀ ଶଙ୍କର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

## ଗୋବିନ୍ଦପାଲ୍ଲୀରେ ଓଡ଼ିଆ ପକ୍ଷ ପାଳିତ

ଖଇରପୁଟ, (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଗ୍ରାମ ପଞ୍ଚାୟତ ତରଫରୁ ଓଡ଼ିଆ ପକ୍ଷ ପାଳନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଗ୍ରାମ ପଞ୍ଚାୟତର ସମସ୍ତ ଏସ୍‌ଏଚଜି ଗ୍ରୁପ, ଅଙ୍ଗନବାଡି କର୍ମୀ ଗୋବିନ୍ଦପାଲ୍ଲୀ ସାପ୍ତାହିକ ହାଟ ଠାରେ ଏକତ୍ରିତ ହୋଇ ହାଟକୁ ଝାଡୁ କରି ସଫା ସୁତୁରା କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀନିବାସ ମୁଦୁଲି, ଏସିଡି ଓ ଦମ୍ଭରୁଧର ପୂଜାରୀ, ସମାଜସେବୀ ରିତୁ ପରିଛା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରେଳ ଫାଟକ ପାର ହେବା ହେଲା କାଳ

ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଟ୍ରେନ ଧକ୍କାରେ ମାଆ ମୃତ, ଅଳ୍ପକେ ବର୍ତ୍ତିଲା ୪ ବର୍ଷର ଶିଶୁକନ୍ୟା। ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ରେଳ ଫାଟକ ନିକଟରେ ଉତ୍କଳ ଏକ୍ସପ୍ରେସ ଧକ୍କାରେ ମାଆର ମୃତ୍ୟୁ ହୋଇଥିବାବେଳେ ସୌଭାଗ୍ୟ ବଶତଃ ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଯାଇଛି। ମୃତ ମହିଳା ଜଣକ ମଞ୍ଜୁ ଯାଦବ ବୋଲି ପୋଲିସ ସୂଚନା ଦେଇଛି। ସେ ଯାଯାବର ଭାବେ ବେଲପାହାଡ଼ ଅଞ୍ଚଳରେ ରହୁଥିଲେ। ଗତ ସୋମବାର ଅପରାହ୍ନରେ ମହିଳା ଜଣକ ନିଜ ଶିଶୁକନ୍ୟାକୁ ଧରି ରେଳ ଫାଟକ ବନ୍ଦ ଥିବା ଅବସ୍ଥାରେ ରେଳ ଧାରଣା ପାର ହେଉଥିବାବେଳେ ଦ୍ରୁତଗାମୀ ଉତ୍କଳ ଏକ୍ସପ୍ରେସ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥାନରୁ ମହିଳାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ତାଙ୍କ ୪ ବର୍ଷୀୟା ଶିଶୁ କନ୍ୟାକୁ ସିଡ଼ବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି।

# କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦର ଚଇତ ପରବ ଭେଟ୍‌ଘାଟ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ପାପରମେଟଲା ପଞ୍ଚାୟତ ଅନ୍ତର୍ଗତ ବିଡ଼ାରପାଖନା ଗ୍ରାମରେ କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦର ସଭାପତି କମୁଲୁ ହନ୍ତାଳଙ୍କ ତତ୍ତ୍ୱାବଧାନରେ ଚଇତ ପରବ ଭେଟ୍‌ଘାଟ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟବକ୍ତା ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ତହସିଲଦାର ନଟବର ଗରଡ଼ା, ମାଲକାନଗିରି ଜିଲ୍ଲାପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ପାପରମେଟଲା ଥାନା ଅଧିକାରୀ ବିଷ୍ଣୁପ୍ରସାଦ ଶବର, ମାଲକାନଗିରି ଜିଲ୍ଲାର ୧୪ଟି ସମାଜର ସଭାପତି, କୋରାପୁଟ ଜିଲ୍ଲା କୋଟିଆ ସମାଜ ସଭାପତି ମାଧବ ଚନ୍ଦ୍ର ଦୋରା, କର୍ମଚାରୀ ସଂଘ ସଭାପତି ଆନନ୍ଦ ମାଡ଼ି, ପାପରମେଟଲା ପଞ୍ଚାୟତର ସରପଞ୍ଚ ନରସିଂ ସିନ୍ଧେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା କୋଟିଆ ସମ୍ପ୍ରଦାୟ ଓ କୋଟିଆ ସମ୍ପ୍ରଦାୟର ସମସ୍ତ ସରକାରୀ କର୍ମଚାରୀ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ଚଇତ ପରବର ମଜା ନେଇଥିଲେ। ପ୍ରଥମେ କୋଟିଆ ସମାଜ ସଭାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥିମାନେ ଆଦିବାସୀ ପରମ୍ପରା, ସଂସ୍କୃତି ଓ ରୀତିନୀତି ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହି ଅବସରରେ ତହସିଲଦାର ନଟବର ଗରଡା ଆଗାମୀ ଦୁଇ ମାସ ଭିତରେ ସ୍ୱାଭିମାନ ଅଞ୍ଚଳରେ ଆର୍‌ଆଇ ଅଫିସ କାର୍ଯ୍ୟକାରୀ କରାଯିବା ନେଇ କହିଥିଲେ। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ଚିତ୍ରକୋଣ୍ଡା ଯାଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ ବୋଲି ସୂଚନା ଦେଇଥିଲେ। ଶେଷରେ ସଭାପତି ଶ୍ରୀ ହନ୍ତାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଅଖିଳ ଭାରତୀୟ ମାରୱାଡି ମହିଳା ସମିତି କେନ୍ଦୁଝର ଶାଖା ଆନୁକୂଲ୍ୟରେ କେନ୍ଦୁଝର ସହର ୧୫ ନମ୍ବର ୱାର୍ଡ ମାଧପୁର କମ୍ୟୁନିଟି ସେଣ୍ଟରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲ୍‌ଭି ପ୍ରସାଦ ଚକ୍ଷୁ ଡାକ୍ତରଖାନା ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। ଅଭିଜ୍ଞ ଡାକ୍ତର ଏବଂ ଟେକନିସିଆନଙ୍କ ଦ୍ୱାରା ମୋଟ ୩୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା। ଅଖିଳ ଭାରତୀୟ ମାରୱାଡି ମହିଳା ସମିତି କେନ୍ଦୁଝର ଶାଖାର ସଭାପତି ସୁନିତା ଅଗ୍ରୱାଲ, ସଦସ୍ୟା ମମତା ଶର୍ମା, ଉଷା ନେଓ୍ୱଟିଆ, ଗୀତା ଶର୍ମା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ମାସ ଅଦ୍ୟାବଧି ୨ଟି ୱାର୍ଡରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହୋଇଥିବାବେଳେ ପର୍ଯ୍ୟାୟକ୍ରମେ ସମସ୍ତ ୱାର୍ଡରେ ଏହି ଶିବିର ଅନୁଷ୍ଠିତ ହେବ ବୋଲି କେନ୍ଦୁଝର ଶାଖାର ସଭାପତି ସୁନିତା ଅଗ୍ରୱାଲ ପ୍ରକାଶ କରିଛନ୍ତି। ଅଖିଳ ଭାରତୀୟ ମାରୱାଡି ମହିଳା ସମିତି କେନ୍ଦୁଝର ଶାଖା ପକ୍ଷରୁ ବୃକ୍ଷରୋପଣ, ଖରା ଦିନରେ ବୁଲା ଗୋରୁଗାଈ, ପଶୁପକ୍ଷୀଙ୍କ ପାଇଁ ପାଣି ପିଇବା ପାଇଁ ବିଭିନ୍ନ ସ୍ଥାନରେ ପାଣି କୁଣ୍ଡ, ବୃକ୍ଷରୋପଣ, ରକ୍ତଦାନ ଶିବିର, ମେଡିକାଲରେ ଜନ୍ମଲାଭ କରୁଥିବା ଶିଶୁ କନ୍ୟାଙ୍କୁ ନବରାତ୍ରୀରେ କିଟ ବଣ୍ଟନ ଆଦି ସାମାଜିକ କାର୍ଯ୍ୟକ୍ରମ ସହ ଧାର୍ମିକ କାର୍ଯ୍ୟକ୍ରମ କରାଯାଉଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ବାର୍ଷିକ ଉତ୍ସବ



ସଇଁତଲା, (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ସଇଁତଲାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା କୁସଙ୍ଗ କଲେଜ ଅଧକ୍ଷ ଡ଼ ଲକ୍ଷ୍ମଣ ମେହେର, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ , ସଇଁତଲା ବ୍ଲକ ଜିଲ୍ଲା ପରିଷଦ ପ୍ରମୋଦ ଭୋଇ, ବିଦ୍ୟାଳୟ କମିଟି ସମ୍ପାଦକ ଭିମସେନ ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇ ମଞ୍ଚାସୀନ ଥିଲେ। ପ୍ରଥମେ ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଭିମସେନ ସ୍ୱାଇଁ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଧାୟକ ନବୀନ ଜୈନ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ଏବଂ ପରିଶ୍ରମ କର ଫଳ ନିଶ୍ଚୟ ପାଇବ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବର୍ତ୍ତମାନ ସରକାରଙ୍କ ଦ୍ୱାରା ବହୁତ ସୁବିଧା କରାଯାଉଛି। ନୂତନ ଶିକ୍ଷାନୀତିରେ ଶିକ୍ଷାଦାନ କରିବା ସହ ପିଲାମାନଙ୍କ ଉନ୍ନତି ସକାଶେ ସରକାର ସମସ୍ତ ସୁବିଧା କରୁଛନ୍ତି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ କହିଥିଲେ। ଏହା ସହିତ ଛାତ୍ରଛାତ୍ରୀଙ୍କୁ ନିଜ ରୁଚି ଅନୁଯାୟୀ ପାଠ ପଢି ଗୌରବ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ପଦରେ ରହି ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଥିବା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇ କହିଥିଲେ। ଶେଷରେ ମନୋରଞ୍ଜନ ପାଇଁ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ସ୍ତରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହ ଅଭିଭାବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜ ବୈଠାରୁ, ଦିଲୀପ ବର୍ଗତି, ପ୍ରଶାନ୍ତ ବର୍ଗତି, ପ୍ରମୋଦ ବୈଠାରୁ, ତପନ ଦାସ, ଦୟା ସାହୁ, ମନୋଜ ସାହୁ, ଭିମସେନ ପ୍ରଧାନ, ବିନୟ ଭୋଇ, ବଡ଼ମାଳ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ ଦାସଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ରାସ୍ତା ନଥିବାରୁ ଅଧ ବାଟରେ ଚାଲିଗଲା ସଞ୍ଜିତାଙ୍କ ଜୀବନ

ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ରାସ୍ତା ପାଇଁ ଜୀବନ ଗଲା। ଗାଁକୁ ରାସ୍ତା ନଥିବାରୁ ପାହାଡ଼ିଆ ରାସ୍ତାରେ ଭାରରେ ବୋହି ମେଡିକାଲ ନେଉଥିଲେ ସମ୍ପର୍କୀୟ। ଅଧା ରାସ୍ତାରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମାଲକାନଗିରି ଖଇରପୁଟ ବ୍ଲକ ଅନ୍ତର୍ଗତ କାତ୍ରାକୁଣ୍ଡରୁ ଆସିଛି ଏଭଳି ଦୁଃଖଦ ଖବର। ଜ୍ୱରରେ ପୀଡିତ ଜିଗୁଡୁ ଗୋଲରୀଙ୍କ ଝିଅ ସଞ୍ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସ କାତ୍ରାକୁଣ୍ଡକୁ ଯାଇପାରୁନଥିବାରୁ ପାହାଡିଆ ରାସ୍ତାରେ ଭାରରେ ବୋହି ମେଡିକାଲ ନେଉଥିଲେ ପରିବାର। ଗୋବିନ୍ଦପାଲି ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ସମୟରେ ଅଧବାଟରେ ସଞ୍ଜିତାଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୬ କିଲୋମିଟର ବାଟ ପାଦରେ ଚାଲିଚାଲି ସଞ୍ଜିତାଙ୍କୁ ଭାରରେ ବୋହି ଆଣିବାକୁ ପଡ଼ିଥିଲା। କିନ୍ତୁ ଶୋଚନୀୟ ରାସ୍ତା ପାଇଁ ଠିକ ସମୟରେ ସଞ୍ଜିତା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିପାରିନଥିଲେ। ଆଉ ଅଧାବାଟରେ ତାଙ୍କର ଜୀବନ ଚାଲିଯାଇଥିଲା। ପ୍ରକାଶ ଥାଉକି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ ହେଉଛି ସତ କିନ୍ତୁ ଯେଉଁଠାରେ ଲୋକ ରହୁଛନ୍ତି ସେହି ଗ୍ରାମକୁ କରାନଯାଇ ସରକାରୀ ଅର୍ଥ ହରିଲୁଟ ପାଇଁ ଗୋଟିଏ ଘର ଥିବା ଗାଁକୁ କୋଟିଏ ଖର୍ଚ୍ଚ କରାଯାଉ ଥିବା ଅଭିଯୋଗ ହେଉଛି ।




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝରର ସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଗ୍ରାଜୁଏସନ ଦିବସ ମହା ସମାହାରରେ ପାଳିତ ହୋଇ ଯାଇଛି। ୨୦୨୪ ମସିହା ର ସ୍ନାତକ ଡିଗ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ପାଇଁ କାର୍ଯ୍ୟକ୍ରମଟି ଆୟୋଜିତ କରାଯାଇଥିଲା। ପ୍ରଥମେ ଉପସ୍ଥିତ ସମ୍ମାନୀୟ ଅତିଥି ମାନଙ୍କୁ ମହାବିଦ୍ୟାଳୟ ତରଫରୁ ପରୀକ୍ଷା ବିଭାଗର ମୁଖ୍ୟ ପ୍ରଫେସର ସଂଗ୍ରାମ କେଶରୀ ମହାପାତ୍ର ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଗ୍ରାଜୁଏସନ ଦିବସ ପାଳନ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର୍ ଷଡଙ୍ଗୀ ନିଜ ସମ୍ଭାଷଣରେ ଦେଶର ବିକାଶ ଓ ଅଗ୍ରଗତି ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିଜର ଅବଦାନ ଦେବା ପାଇଁ ଆହ୍ୱାନ କରିଥିଲେ। ସଭାରେ ମହାବିଦ୍ୟାଳୟ ଶାସନ ମଣ୍ଡଳର ଅଧ୍ୟକ୍ଷ (ଚେୟାରମାନ, ବୋର୍ଡ ଅଫ ଗଭର୍ନର୍ସ) ଡକ୍ଟର ପ୍ରଦୀପ୍ତ କୁମାର ସେନାପତି ବିଶିଷ୍ଟ ଅତିଥି ଭାବରେ ଯୋଗ ଦେବା ସଙ୍ଗେ ସଙ୍ଗେ ତଥା ଯାନ୍ତ୍ରିକ ଜ୍ଞାନ କୌଶଳର ବୃଦ୍ଧି ନିମନ୍ତେ ଉଦ୍ୟମ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରାଦ୍ୟୌଗିକ ଉନ୍ନତିକରଣ ତଥା ଅନୁସନ୍ଧାନ ଦିଗରେ ଅଗ୍ରସର ହେବା ପାଇଁ ପ୍ରେରଣା ଦେଇଥିଲେ। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀ ମାନଙ୍କ ର ଉଜ୍ଜ୍ୱଳ ଭବିଷ୍ୟତ ତଥା ଭଲ ମଣିଷ ହୋଇ ସମାଜ ପ୍ରତି ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ପରିଶେଷରେ ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ପ୍ରତି ବିଭାଗର ଶ୍ରେଷ୍ଠ ଛାତ୍ର ଛାତ୍ରୀ ପ୍ରମୁଖଙ୍କୁ ସ୍ମୃତିଚିହ୍ନ ଦ୍ୱାରା ପୁରସ୍କୃତ କରାଯାଇଥିଲା।



# ଥାନା ପରିସରରେ ଅଷ୍ଟମ ପ୍ରହରୀ ନାମଯଜ୍ଞ



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ଥାନା ପରିସର ପ୍ରତିବର୍ଷ ଭଳି ଚଳିତ ବର୍ଷ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ବେଶ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅନ୍ୟ କର୍ମଚାରୀମାନଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଥାଏ।ଏହି ଅଷ୍ଟମ ପ୍ରହରୀ ନାମଯଜ୍ଞ ପବିତ୍ର ରାମନବମୀ ଦିନ ଆରମ୍ଭ ହୋଇ ପରଦିନ ବଜାର ପରିକ୍ରମା କରି ସମାପନ ହୋଇଥିଲା। ଏହି ଅଷ୍ଟମ ପ୍ରହରୀ ପାଇଁ ବହୁ ଦୂର ଦୂରାନ୍ତରୁ ମହିଳା ଓ ପୁରୁଷ କୀର୍ତ୍ତନ ମଣ୍ଡଳୀ ମାନେ ପହଞ୍ଚି ବେଶ୍ ଧୁମଧାମରେ ନାଚ,ନାମ ସଂକୀର୍ତ୍ତନ କରି ଥାନା ପରିବେଶକୁ ବେଶ୍ ଉତ୍ସବ ମୁଖର କରିଥିଲେ। ଏହି ତ୍ରିନାଥ ମନ୍ଦିର ଅଷ୍ଟମ ପ୍ରହରୀ କର୍ତ୍ତା ଭାବେ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ଓ ତାଙ୍କ ପତ୍ନୀ ଉପାସ, ଉଜାଗର ରହି ସମସ୍ତଙ୍କ ପାଇଁ ମଙ୍ଗଳ କାମନା କରିଥିଲେ। ଅଷ୍ଟମ ପ୍ରହରୀ ନାମଯଜ୍ଞ ଦେଖିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ରାଉତ, ଡିଭୋଲ ଏସଡିପିଓ ଚିନ୍ମୟ ରାଉତ, ଆଇନଜୀବୀ, ଗଣ ମାଧ୍ୟମ ପ୍ରତିନିଧି, ବିଭିନ୍ନ ଦଳୀୟ ନେତା, କର୍ମୀ ଓ ଦୁଇ ବଜାର କମିଟି କାର୍ଯ୍ୟକର୍ତ୍ତା ମାନେ ପହଞ୍ଚି କାର୍ଯ୍ୟକ୍ରମକୁ ବେଶ୍ ସରସ ସୁନ୍ଦର କରିପାରିଥିଲେ। ରଘୁନାଥପୁର ଥାନାର ସମସ୍ତ କାର୍ଯ୍ୟକର୍ତ୍ତା ପୂର୍ଣ୍ଣାଙ୍ଗ ସହଯୋଗ କରିଥିବା ବେଳେ ବହୁ ମାନ୍ୟଗଣ ବ୍ୟକ୍ତିମାନେ ବି ଉପସ୍ଥିତ ରହି ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ଓ ଅତିଥି ମାନଙ୍କ ପାଇଁ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା।

## ■ ରାସନ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

# ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଦଲାଲଙ୍କ କବ୍‌ଜାରେ

ଗୋପ(ଭାସ୍କର ନ୍ୟୁଜ): ପୁରି ଜିଲ୍ଲା ଗୋପ ବ୍ଲକରେ ଯୋଗାଣ ବିଭାଗ ରେ ଘୋଟାଲା । ଗୋପ ବ୍ଲକରେ କେତେକ ଦଲାଲ ସ୍ୱୟଂ ସହାୟକ ଗୋଷ୍ଠୀକୁ କବଜା କରି ନିଜେ ରାସନ ସାମଗ୍ରୀ ବାଂଟୁଛନ୍ତି । ଗୋପ ବ୍ଲକର ସମୁଦାୟ ୨୧ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ରାସନ୍ ସାମଗ୍ରୀ ବଂଟନ ନିମନ୍ତେ ଡିଲରସିପ୍ ଲାଇସେନ୍ସ ପ୍ରଦାନ କରାଯାଇଛି । ମାତ୍ର ୯୦ ପ୍ରତିଶତ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଏବେ ଦଲାଲଙ୍କ କବଳରେ ରହିଥିବାରୁ ରାସନ୍ ସାମଗ୍ରୀ ବଂଟନରେ ବାରମ୍ବାର ଅନିୟମିତତା ଦେଖାଦେଉଛି । ଯଦି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ରିଜୋଲ୍ୟୁସନ୍ ଖାତା, ବ୍ୟାଙ୍କ ଷ୍ଟେଟମେଂଟ,କ୍ୟାସ୍ ବୁକ୍ ଓ ଲାଭ କ୍ଷତିର ହିସାବ ମଗାଯାଏ ତେବେ ସିଧାସଳଖ ଭାବେ ଏହି ଗୋଷ୍ଠୀର ସଦସ୍ୟ ମାନେ ଫସିଯିବେ କାରଣ ରାସନ୍ ସାମଗ୍ରୀ ବିକ୍ରୀ କରି ଯେଉଁ ଲାଭ ଗୋଷ୍ଠୀକୁ ମିଳୁଛି ତାହାର କୌଣସି ହିସାବ ମିଳିବ ନାହିଁ । କିନ୍ତୁ ରାସନ୍ ସାମଗ୍ରୀ କୁ ହଡପ କରି ଯେଉଁ ଦଲାଲଟି ଏସବୁ ର ସମ୍ପୂର୍ଣ୍ଣ ଲାଭ ନେଉଛନ୍ତି ସେ ଅନାୟାସ ରେ ଖସିଯିବା ଫଳରେ ବିନା ଦୋଷରେ ଗୋଷ୍ଠୀର ସଦସ୍ୟ ମାନେ ବେକାରଣ ହେବା ସହ ଆଇନାନୁଯାୟୀ ଦଣ୍ଡିତ ମଧ୍ୟ ହେବେ । ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆତ୍ମନିର୍ଭର କରିବା ନିମନ୍ତେ ରାସନ୍ ସାମଗ୍ରୀ ବଂଟନ ଦାୟିତ୍ୱ ଦେଇଛନ୍ତି ଏବଂ ମହିଳା ମାନଙ୍କୁ ଡିଲରସିପ୍ ଲାଇସେନ୍ସ ପ୍ରଦାନରେ ପ୍ରାଥମିକତା ମଧ୍ୟ ଦେଇଛନ୍ତି । ମାତ୍ର ଏହାର ଭରପୁର ଫାଇଦା ମାରୁଛନ୍ତି ଗୋପ ବ୍ଲକର କେତେକ ଦଲାଲ । ୨୧ ସ୍ୱୟଂ ସହାୟକ ଗୋଷ୍ଠିର ହାତଗଣତି କେତେକ ଗୋଷ୍ଠୀକୁ ଛାଡିଦେଲେ ଅନ୍ୟ ସମସ୍ତ ଗୋଷ୍ଠୀମାନଙ୍କୁ ଏହି ଦଲାଲ ମାନେ ହାଇଜାକ୍ କରି ରଖିଛନ୍ତି । ଏପରି ଦୃଶ୍ୟ ଏବେ ଦେଖିବାକୁ ମିଳିଛି ଗୋପ ବ୍ଲକ ଅଣ୍ଡରା ଇଚ୍ଛାପୁର ପଂଚାୟତ ରେ । ଏହି ପଂଚାୟତ ରେ ଜନୈକ ନିଲମ୍ବିତ ଡିଲର ଏକ ସ୍ୱୟଂ ସହାୟକ ଗୋଷ୍ଠିକୁ କବଜା କରି ରାସନ୍ ସାମଗ୍ରୀ କୁ ନିଜ ଘରେ ଗୋଦାମ କରି ରଖିବା ସହିତ ରାସନ୍ ବଂଟନ ମଧ୍ୟ କରୁଛନ୍ତି। ନିୟମାନୁଯାୟୀ ଯଦି କୌଣସି ଡିଲର ରାସନ୍ ସାମଗ୍ରୀ ହଡପ କରି ନିଲମ୍ବିତ ହୋଇଥିବେ ତେବେ ସେ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ଯୋଗାଣ ବିଭାଗରେ କାର୍ଯ୍ୟ କରିପାରିବେ ନାହିଁ ଏବଂ ସାମିଲ ମଧ୍ୟ ହୋଇପାରିବେ ନାହିଁ । ସୂଚନାଯୋଗ୍ୟ ଯେ, ଅଣ୍ଡରା ଇଚ୍ଛାପୁର ପଂଚାୟତର ଏହି ନିଲମ୍ବିତ ଡିଲର ଜଣକ ଦୁଇଟି ପଂଚାୟତରେ ରାସନ୍ ସାମଗ୍ରୀ ବଣ୍ଟନ ସମୟରେ ଅନେକ ଅନିୟମିତତା କରି ଧରା ପଡିଥିଲେ । ଯାହାକୁ ନେଇ ସମ୍ବାଦରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଉକ୍ତ ଡିଲରଙ୍କୁ ଉପଜିଲ୍ଲାପାଳ ନିଲମ୍ବିତ କରିଥିଲେ । ମାତ୍ର ଡିଲର ଜଣକ ସରକାରୀ ସ୍ତରରେ ଚାପ ପ୍ରୟୋଗ କରି ଜେଲ୍ ଯିବାରୁ ବର୍ତ୍ତି ଯାଇଥିଲେ । ରାସନ୍ ସାମଗ୍ରୀ ହଡପ କରିବାରେ ମାହିର ଏହି ଡିଲର ଜଣକ ପୁନଃ ଯୋଗାଣ ବିଭାଗ ରେ ପ୍ରବେଶ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଢାଲ କରି ପୁଣି ଅନିୟମିତତା ଆରମ୍ଭ କରିଥିବା ନେଇ ଗୋପ ବ୍ଲକ ଦୁର୍ନୀତି ନିବାରଣ ମଂଚର ଆବାହକ ଗଙ୍ଗାଧର ପାଇକରାୟ ଅଭିଯୋଗ କରିଛନ୍ତି । ତୁରନ୍ତ ଉକ୍ତ ନିଲମ୍ବିତ ଡିଲର ଜଣଙ୍କୁ ପୁରୁଣା ମାମଲାରେ ଗିରଫ କରିବା ସହିତ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଦଲାଲ ଠାରୁ ମୁକ୍ତ କରିବାକୁ ଦାବି ମଧ୍ୟ କରିଛନ୍ତି । ଏ ନେଇ ଗୋପ ବ୍ଲକ ଯୋଗାଣ ବିଭାଗ ନୀରିକ୍ଷକ ରଚିତା ପଣ୍ଡା କହିଛନ୍ତି ଯେ ମୋ ପାଖରେ ଅଭିଯୋଗ ପଂହଚିଛି । ଖୁବ୍ ଶୀଘ୍ର ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନିଲମ୍ବିତ ଡିଲର ସମ୍ପର୍କରେ ତଦନ୍ତ କରି ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ପୂର୍ଣ୍ଣବାସୀ ଦୁର୍ଗା ଦେବୀଙ୍କ ବାର୍ଷିକ ମହାଯଜ୍ଞ ଉଦ୍‌ଯାପିତ

କୋରେଇ (ଭାସ୍କର ନ୍ୟୁଜ ): କୋରେଇ ବ୍ଲକ ପଥରପଦା ଗ୍ରାମ ପଞ୍ଚାୟତ ଧନପୁର ଠାରେ ବ୍ରହ୍ମ ଅବଧୂତ ଆଶ୍ରମରେ ମହା ଆଡ଼ମ୍ବରରେ ପୂର୍ଣ୍ଣବାସୀ ଦୁର୍ଗା ଦେବୀଙ୍କ ବାର୍ଷିକ ମହାଯଜ୍ଞ ଯଥା ବିଧିରେ ଅନୁଷ୍ଠିତ ହୋଇଯାଇଛି। ବାବା ରମାକାନ୍ତ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ମହାଯଜ୍ଞ ୨୬ ବର୍ଷ ହେଲା ନିରବଚ୍ଛିନ୍ନ ଭାବରେ ସ୍ଥାନୀୟ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଧୂମ୍‌ଧାମରେ ପାଳିତ ହେଉଛି। ମାଆଙ୍କ ପୂଜା ଷଷ୍ଠୀ ଠାରୁ ଆରମ୍ଭ କରି ଦଶହରା ଯାଏ ପାଳନ କରାଯାଏ। ପୂଜକ ରଘୁନାଥ ପାଢ଼ୀ, ପୂଜକ ବିଭୂତି ଭୂଷଣ ଉପାଧ୍ୟାୟ ମାଙ୍କର ପୂଜା ଅର୍ଚ୍ଚନା କରିଥାନ୍ତି। ଏହି ପୂଜା କାର୍ଯ୍ୟରେ ପାଖ ଆଖ ଅଞ୍ଚଳର ଶତାଧିକ ଲୋକ ମାଙ୍କୁ ଦର୍ଶନ କରିବା ସହ ମାଙ୍କ ପ୍ରସାଦ ଗ୍ରହଣ କରିବାର



ସୌଭାଗ୍ୟ ଲାଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବଟକୃଷ୍ଣ ସାହୁ, ମଧୁସୂଦନ ଦାସ, ସରୋଜ କୁମାର ଜେନା, ପଞ୍ଚାନନ ସାହୁ, ସନ୍ଦୀପ କୁମାର ବେହେରା,ସନ୍ତୋଷ କୁମାର ବୋଇତେଇ, ଦୁର୍ଯ୍ୟୋଧନ ଭୂଇଁୟା , ଅଶୋକ ପଣ୍ଡା,ବିନାୟକ ପଣ୍ଡା,ମଣ୍ଟୁ ସାମଲ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ରେ ସହଯୋଗ କରିଥିଲେ।

# ବଜ୍ରକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ )ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ଶିକ୍ଷା ସର୍କଲ ବଜ୍ରକୋଟ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ ହୋଇଥିଲା ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରଦୀପ କୁମାର ସେଠି ମୁଖ୍ୟବକ୍ତା ଶିକ୍ଷକ ଅମର ସେଠି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାମାନ୍ତରାୟ ସମ୍ମାନୀତ ଅତିଥି ପଂଚାୟତ ହାଇ ସ୍କୁଲ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ହରିଚନ୍ଦନ ଏବିଓ ସିଦ୍ଧେଶ୍ୱର କରଣ ସ୍କୁଲ ପରିଚାଳନା କମିଟ ସଭାପତି ଟୁଲୁ ପାହାନ ସିଆରସିସି ସୁକାନ୍ତ କୁମାର ଜେନା ସତ୍ୟବାଦୀ ବିଶ୍ୱାଳ ରମାକାନ୍ତ ଜେନା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ମାଲୁଦ ଶିକ୍ଷା




ସର୍କଲ ସଭାପତି ବିମଳ କୁମାର ରଣସିଂହ ଓ ମୁଖ୍ୟ ଆକର୍ଷଣ କୃଷ୍ଣପ୍ରଶାଦ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟା ଆଶାକର୍ମୀ ଅଙ୍ଗନବାଡି କର୍ମୀ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ଉପସ୍ଥିତିରେ ଓଡ଼ିଆ ଭାଷା ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବ ସଭାରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବ୍ରହ୍ମା ଛାତ୍ରଛାତ୍ରୀଙ୍କୁ ତାଙ୍କ ବାଲ୍ୟ ଜୀବନୀ ସହିତ ଭଲ ପାଠ ପଢିବା ଭଲ ମଣିଷ ହୋଇ ବାପା ମା ବିଦ୍ୟାଳୟର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଗୀତ ନାଚ ଓ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ଅତିଥିଭାବେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ସୂଚାର ରୂପେ ପରିଚାଳନା କରିବା ସହ ସଭାପତି ଙ୍କୁ ଧନ୍ୟବାଦ ଦେଇଥିଲେ ।

# ବେଆଇନ ପାଣି ବିକ୍ରି କରୁଥିବା କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ବିଭିନ୍ନ ବଜାରରେ ମିଳୁଥିବା ପ୍ୟାକିଂ ପାଣି ବୋତଲର ଶୁଦ୍ଧତା ନେଇ ସନ୍ଦେହ ସୃଷ୍ଟି ହେଉଛି । ବିନା ଆଇଏସଆଇ ମାର୍କରେ ବିଭିନ୍ନ ପାଣି ବିତରଣ କମ୍ପାନୀ ପାଣି ପ୍ୟାକିଂ କରି ବଜାରକୁ ଛାଡୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏହାର କୌଣସି ଯାଞ୍ଚ କରୁ ନଥିବାରୁ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ଖରା ଦିନରେ ସାଧାରଣତଃ ଥଣ୍ଡା ପାଣିର ଚାହିଦା ଅଧିକ ଥିବାରୁ କମ୍ପାନିମାନେ ସ୍ୱଚ୍ଛ ପାଣିର ନାମରେ ସାଧାରଣ ଏବଂ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେଉଥିବା ପାଣି ବଜାରକୁ ଛାଡି ମୁନାଫା ଉଠାଉଛନ୍ତି । ବିବାହ, ବ୍ରତଘର, ଜନ୍ମଦିନ, ବିଭିନ୍ନ ସଭାସମିତି ଓ ଶୁଦ୍ଧିକ୍ରିୟାରେ ପାଣି ଜାରର ଚାହିଦା ଅଧିକ ଥିବାବେଳେ ଏହା ପ୍ରକୃତରେ ବିଶୁଦ୍ଧ ପାଣି ନା ଦୂଷିତ ପାଣି ତାହା ଗ୍ରାହକଙ୍କ ପାଇଁ ଜାଣିବା କଷ୍ଟକର ହୋଇପଡ଼େ। କେତେକ ପାଣି କମ୍ପାନୀ ମଧ୍ୟ ଆକର୍ଷଣୀୟ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ଛାଡୁଥିବାରୁ ଗ୍ରାହକ ଏହାର ଶୁଦ୍ଧତା ପରଖି ପାରିବାର ସୁଯୋଗ ପାଇନଥାନ୍ତି। ପାଣି କମ୍ପାନୀ ଦୋକାନୀଙ୍କୁ ଅଧିକ ରିହାତି ଦେଇ ଅଧିକ ପାଣି ବିକ୍ରି ପାଇଁ ପ୍ରବର୍ତ୍ତାଇଥାନ୍ତି। ପ୍ରକୃତରେ ଆଇଏସଆଇ ଦ୍ୱାରା ପରୀକ୍ଷା କରାନଯାଇ କେବଳ ଆଇଏସଆଇ ଲୋଗୋ ଲଗାଇ ଗ୍ରାହକମାନଙ୍କୁ ଠକୁଥିବାର ଜଣାପଡ଼ିଛି। ବିନା ଆଇଏସଆଇରେ ବହୁ କମ୍ପାନୀ ବେଧଡକ ବ୍ୟବସାୟ କରୁଛନ୍ତି । ଫଳରେ ପାଣିର ମାନ ଯାଞ୍ଚ ହୋଇ ପାରୁନାହିଁ। ପାଣି କମ୍ପାନୀମାନେ ପାଣିକୁ ଜୀବାଣୁମୁକ୍ତ କରିବା ପାଇଁ ଅଲଟ୍ରା ଭାଇଓଲେଟ ଓ ରିଭର୍ସ ଅସମୋସିସ ପ୍ରକ୍ରିୟା ଅବଲମ୍ବନ କରି ପାଣି ପ୍ୟାକିଂ କରିବା ଉଚିତ। ଏହି ପାଣିକୁ ମଧ୍ୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ବଜାରକୁ ବିକ୍ରି ପାଇଁ ଛଡାଯିବା ଉଚିତ। କିନ୍ତୁ, ଏଭଳି ପ୍ରକ୍ରିୟା ଅନୁସରଣ ନକରି ଲୋକଙ୍କ ଜୀବନ ସହ ଖେଳ ଖେଳି ପାଣି ବିକ୍ରି କରୁଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ। ଜିଲ୍ଲା ବାହାରୁ ଆସୁଥିବା ଅନେକ ପାଣି ବୋତଲରେ ତିଆରି ତାରିଖ ଏବଂ ବ୍ୟବହାରର ଶେଷ ତାରିଖ ଉଲ୍ଲେଖ କରା ନଯାଇ ପାଣି ବିକ୍ରି କରାଯାଉଛି। ଫଳରେ ବହୁ ଦିନ ଧରି ପଡି ରହିଥିବା ପାଣି ବୋତଲ ବିକ୍ରି ହେଉଛି। ଶୋଷିଲା ଗ୍ରାହକମାନେ ମଧ୍ୟ ଅନେକ ସମୟରେ ଏହି ତାରିଖକୁ ନିଘା ନକରି ପାଣି ପିଇ ପେଟ ରୋଗରେ ପଡ଼ନ୍ତି। ଜିଲ୍ଲାରେ କେବଳ ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ସହିତ ମୃଦୁ ପାନୀୟ ମଧ୍ୟ ବିକ୍ରି ବହୁମାତ୍ରାରେ ବଢିଛି । ଏହି ଅବାଧ କାରବାର ସହରର ମୁଖ୍ୟ ରାସ୍ତାକଡ ସମେତ ବିଭିନ୍ନ ଗଳିକନ୍ଦିରେ ଥିବା ଚା’ ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନ ଓ ମୃଦୁପାନୀୟ ଦୋକାନ ଗୁଡିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣି ବୋତଲ ଉପଲବ୍ଧ ହେଉଛି । ବିଭିନ୍ନ ଗାଁ ଗଣ୍ଡାରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତଲ ସୁବିଧା ଓ ସହଜରେ ମିଳୁଛି। ଏସବୁ ପାଣି ବୋତଲ ଯେ ଅସଲି କିମ୍ବା ନକଲି ତାର ଗୁଣାତ୍ମକ ମାନ ଜାଣିବା ଦୂରେ ଥାଉ କିନ୍ତୁ ଦୋକାନୀକୁ ୧୦ ଟଙ୍କା କିମ୍ବା ୨୦ ଟଙ୍କା ବଢ଼ାଇଲେ ମିଳିଯାଉଛି ବିଭିନ୍ନ ବ୍ରାଣ୍ଡର ପାଣି ବୋତଲ। ବେଆଇନ୍ ଭାବେ ଏବେ ଛତୁ ଫୁଟିଲା ଭଳି ମାଳ ମାଳ ନକଲି ପାଣି ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକିଥିବା ଦେଖିବାକୁ ମିଳୁଛି । ମାଲକାନଗିରି ସଦର ମହକୁମା ସମେତ ଆଖପାଖ ଅଂଚଳରେ ଏଭଳି ଅସାଧୁ କାରବାରର ଚେର ଲମ୍ବିଥିବା ବେଳେ ତୃଷାର୍ତ୍ତ ଗ୍ରାହକ ସିଧାସଳଖ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି । ଏଭଳି ବେଆଇନ୍ ଭାବେ ଦୈନିକ ହଜାର ହଜାର ଲିଟର ନକଲି ବ୍ରାଣ୍ଡର ପାଣି ବୋତଲ ଏବଂ ୨୦ ଲିଟର ପାଣି ଜାର ବିକ୍ରି ହେଉଛି । ପ୍ରଶାସନିକ ନିଷ୍କ୍ରିୟତାର ଫାଇଦା ଉଠାଇ ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନ୍ କାନୁନକୁ ଦଳି ମକଚି ସିଧାସଳଖ ଗ୍ରାହକଙ୍କ ଉପରେ ଶୋଷଣ ନୀତି ଆପଣେଇଥିବା ଜଣାପଡିଛି । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଭଳି ବେଆଇନ୍ କାରବାର ପ୍ରତି ଧ୍ୟାନ ଦେଇ ଦୃଢ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି । ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ବେଆଇନ ଭାବେ ପାଣି ବିକ୍ରୀ କରୁଥିବା କମ୍ପାନି ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ଯେଉଁ କମ୍ପାନୀର ପ୍ରଦୂଷଣ ବୋର୍ଡ ଠାରୁ ଅନୁମତି ନାହିଁ ତାକୁ ସିଲ କରିବାକୁ ଦାବି ହୋଇଛି ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ଶଙ୍ଖଯୋଡ ଗ୍ରାମର ଜନୈକ ୮୧ ବର୍ଷିୟ ବୃଦ୍ଧ ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ଶଙ୍ଖଯୋଡ ଗ୍ରାମର ଲକ୍ଷ୍ମଣ ବୋଲି ଜଣାପଡିଛି। ଘଟଣାରୁ ପ୍ରକାଶ ଆଜି ଲକ୍ଷ୍ମଣ ଘରପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲା ବେଳେ ଦୀର୍ଘସମୟ ଧରି ଘରକୁ ନଫେରିବାରୁ ଘରଲୋକେ ଖୋଜାଖୋଜି କରିବା ଆରମ୍ଭ କରିଥିଲେ । ଏହାପରେ ପାଣିଭିତରେ ଲକ୍ଷ୍ମଣଙ୍କ ମୃତଦେହ ଭାସୁଥିବାରୁ ଦେଖି ଗ୍ରାମବାସୀ ବେତନଟୀ ପୋଲିସକୁ ଖବର ଦେଇଥିଲେ । ଖବରପାଇ ସରପଞ୍ଚ ସଞ୍ଜୀବ, ବେତନଟୀ ଥାନା ଏଏସଆଇ ଲକ୍ଷଣ ହାଁସଦା, ଖଡିଶୋଳ ପଞ୍ଚାୟତର ନିର୍ବାହୀ ଅଧିକାରୀ ବିନୟ ଦାସ, କୃଷ୍ଣଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ମଙ୍ଗଳ ମାହାଲି, ନରହରି ମହାନ୍ତ, ଜୟକୃଷ୍ଣ, ଆଶିଷ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ବେତନଟୀ ଅଗ୍ନିଶମବାହିନୀ ସହାୟତାରେ ପାଣିଭିତରୁ ଲକ୍ଷ୍ମଣଙ୍କ ମୃତଦେହ ଉଦ୍ଧାର କରିଥିଲେ । ଏନେଇ ବେତନଟୀ ପୁଲିସ ୧୫/ ୨୫ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ଶବବ୍ୟବଚ୍ଛେଦ ହେବାନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଲକ୍ଷ୍ମଣ ହାଁସଦା ସୂଚନା ଦେଇଛନ୍ତି ।

# ନୂତନ ବିଡ଼ିଓଙ୍କ କାର୍ଯ୍ୟରେ ଯୋଗଦାନ

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକର ନୂତନ ବିଡ଼ିଓ ଭାବେ ସୁମନ ସୁଧା କୁଣ୍ଡୁ ଶୁକ୍ରବାର ଦିନ ଯୋଗ ଦେଇଥିବାବେଳେ ସୋମବାର ଦିନ ବ୍ଲକର ସମସ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ପାତ୍ରପୁର ବ୍ଲକରେ ବିଡ଼ିଓ ରୂପେ କାର୍ଯ୍ୟ କରିଥିଲେ । ବୋଲଗଡ ବ୍ଲକର ପୂର୍ବତନ ବିଡ଼ିଓ ଶରତ କୁମାର ମଲ୍ଲିକ ବୋଲଗଡରୁ ଜି. ଉଦୟଗିରି ବ୍ଲକକୁ ବଦଳି ହୋଇଛନ୍ତି । ବ୍ଲକର ନୂତନ ବିଡ଼ିଓ ସୁମନ ସୁଧା କୁଣ୍ଡୁ ସମସ୍ତଙ୍କର ସହଯୋଗରେ ବ୍ଲକର ଉନ୍ନତି ସହିତ ସମସ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରକାଶ କରିଅଛନ୍ତି । ସୋମବାର ନୂତନ ବିଡ଼ିଓ ଯୋଗଦେଇଥିବାବେଳେ ବ୍ଲକ ସମସ୍ତ କର୍ମଚାରୀ, ବ୍ଲକ ମିଶନଶକ୍ତି ମହିଳା ମହାସଂଘ , ବିଭିନ୍ନ ଅନୁଷ୍ଠାନ, କାର୍ଯ୍ୟରତ ସାମ୍ବାଦିକ ସଂଘ ବୋଲଗଡ, ଅନେକ ବୁଦ୍ଧିଜୀବୀମାନେ ଫୁଲତୋଡ଼ା, ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଚଳିତ ଏପ୍ରିଲ ମାସ ୬ ତାରିଖରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼ଃ କୁମର ବର ଦାସ ମୁଖ୍ୟ ଅତିଥି, ଭୁବନେଶ୍ୱରର ସ୍ଥିତ ଜୟ ଭାରତ ନର୍ସରୀ ସ୍କୁଲର ନିର୍ଦ୍ଦେଶକ ଡ଼ଃ ଲକ୍ଷ୍ମଣ ପଣ୍ଡା ମୁଖ୍ୟବକ୍ତା, ଡିଏଭି ପବ୍ଲିକ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୋଳାନାଥ ମହନ୍ତ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ ଇଂ ଜ୍ୟୋତି ପ୍ରକାଶ ଲେଙ୍କା, ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ସରିତା ଜୟନ୍ତୀ ଲେଙ୍କା ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଶ୍ମିକାନ୍ତ ବାରିକ ଉତ୍ତରୀୟ ଓ ପୁଷ୍ପବୃକ୍ଷ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ମିର୍ ଅବଦୁଲ କଲିମ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକୋତ୍ସବ ପାଳନ ଅବସରରେ ସ୍ଥାନୀୟ ଅଞ୍ଚଳର ଜଣେ ବହୁ ବର୍ଣ୍ଣ ପ୍ରତିଭା ଶେଖ୍ ଗୁଲଜାର୍ ହୁସେନଙ୍କୁ ଅଙ୍ଗ ବସ୍ତ୍ର ଦେଇ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିବେକାନନ୍ଦ ସାହୁ ପ୍ରଶସ୍ତି ପତ୍ର ପାଠ କରିବା ସହ ବିଦ୍ୟାଳୟ ପ୍ରତିଷ୍ଠାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା, ମୁଖ୍ୟ ଅତିଥି ତଥା ସମ୍ମାନୀୟ ଅତିଥିମାନେ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥା ତଥା ସୁପରିଚାଳନା କ୍ଷେତ୍ରରେ ପ୍ରଚଳିତ ଶିକ୍ଷା ନୀତି ଓ ଶିକ୍ଷା ପଦ୍ଧତିର ଉପାଦେୟତା ଓ ଗ୍ରହଣୀୟତା ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ




ଆଲୋକପାତ କରିଥିଲେ। ଉତ୍ସର୍ଗୀକୃତ ସେବା ମନୋବୃତ୍ତିର ଶିକ୍ଷିକା ଶାନ୍ତିଲତା ମହାରଣା ଓ ଅଧ୍ୟକ୍ଷ ମିର୍ ଅବଦୁଲ କଲିମ୍‌ଙ୍କୁ ସେମାନଙ୍କର ଅବଦାନ ପାଇଁ ଅଙ୍ଗ ବସ୍ତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ କୁମାରୀ ପଲ୍ଲବୀ ସାହୁ ମଞ୍ଚ ପରିଚାଳନା କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ କୁମାରୀ ପଦ୍ମାକ୍ଷୀ ପଦ୍ମାଳୟା ଓ ମୟଙ୍କ ଜେନାଙ୍କୁ ମିସ୍ ଜୁନିଅର ଜାଭିୟର୍ସ ଓ ମିଷ୍ଟର ଜୁନିଅର ଜାଭିୟର୍ସ ଭାବେ ଘୋଷଣା କରାଯାଇ ପ୍ରୋତ୍ସାହିତ କରାଯାଇଥିଲା। ଅଭିଭାବକ, ଶିକ୍ଷକ, ଶିକ୍ଷିକା ଓ ଶିକ୍ଷାକର୍ମୀ ମାନଙ୍କର ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା।

## ରାମଚଣ୍ଡୀଙ୍କ ଦଶମ ବାର୍ଷିକ ଉତ୍ସବ

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ଗଡ଼ର ଆରାଧ୍ୟା ଦେବୀ ମା’ ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ଦଶମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ମା’ରାମଚଣ୍ଡୀ ଙ୍କର ବାର୍ଷିକୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜିତ ହୋଇଥାଏ। ଏଥିନେଇ ଅଶୋକାଷ୍ଟମୀ ଦିନ ମା’ଙ୍କ ଗଡଭିତର ସାହି ମନ୍ଦିର ପରିସରରେ ନବପତ୍ରିକା ହୋମ କାର୍ଯ୍ୟ ହୋଇଥିଲା।ଉକ୍ତଦିନ ଠାରୁ ଯଥା ରୀତିନୀତି ଅନୁସାରେ ଏଠାରେ ମା’ଙ୍କରବାର୍ଷିକୋତ୍ସବ ପାଇଁ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଚୈତ୍ର ଶୁକ୍ଳପକ୍ଷ ବାସନ୍ତିକ ଦଶମୀ ତିଥିରେ ଯଜ୍ଞର ପୂର୍ଣ୍ଣାହୁତି ପାଇଁ ପୂର୍ବାହ୍ନରେ ଶ୍ରଦ୍ଧାଳୁ ମାନେ କଳସ ଯାତ୍ରାରେ ନିକଟସ୍ଥ ଗଡସାଗରରୁ ପୂଜାର୍ଚ୍ଚନା ପରେ ପବିତ୍ରଜଳ ଆଣି ମନ୍ଦିର ବେଢ଼ା ମଧ୍ୟ ଯଜ୍ଞସ୍ଥଳ ରେ ସ୍ଥାପନ କରିଥିଲେ।ମା ରାମଚଣ୍ଡୀ ସ୍ଥାନୀୟ ଅଂଚଳ ର ଗ୍ରାମଦେବତୀ ରୂପେ ପ୍ରସିଦ୍ଧ ଥିବାରୁ ମାନସିକ ଧାରଣ କରିଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ପରେ ସକାଳ ୧୦ଟାରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା ବେଳେ ରଘୁନାଥ ଦଳବେହେରା ଓ ଧର୍ମପତ୍ନୀ କବିତା ଦଳବେହେରା କର୍ତ୍ତାକର୍ତ୍ତ୍ରୀ ଭାବେ ଘୃତଦାନ କାର୍ଯ୍ୟ ସମ୍ପାଦିତ କରିଥିଲେ ଅପରାହ୍ନରେ ଯଜ୍ଞପୂର୍ଣ୍ଣାହୁତି ପ୍ରଦାନ ଏବଂ ସଂନ୍ଧ୍ୟାରେ କଳସ ବିସର୍ଜନ କାର୍ଯ୍ୟକ୍ରମ କରାଯାଇଥିଲା ।ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସାଂସ୍କୃତିକକାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ହୋଇଥିଲା।

# ରାଶିଫଳ

**ବୁଧବାର, ୦୯ ଏପ୍ରିଲ୍ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।




**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଘର ସାଜସଜ୍ଜା ବହୁ ପରିମାଣରେ ଖର୍ଚ୍ଚ ହୋଇପାରେ।



**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଜୀବନ ସାଥୀଙ୍କ ସ୍ୱାସ୍ଥ୍ୟ ମଧ୍ୟ ଏକ ଚିନ୍ତାର ବିଷୟ ହୋଇ ରହିବ ।




**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ। ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ। ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ସ୍ୱାସ୍ଥ୍ୟ ଭଲ ହେବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ଟିଆରସି ସଭା କକ୍ଷ ରେ ପାଟଣାଗଡ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବିଶେଷ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ମେଳା କିପରି ସୁନ୍ଦର ଭାବରେ ଆୟୋଜିତ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ସାଜସଜ୍ଜା, ପାର୍କିଂ, ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପାଟଣାଗଡ ଏସଡିପିଓ ସଦାନନ୍ଦ ପୁଝାରୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାର, ଚିନ୍ମୟ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ହେଡ୍‌ରାମ ବିଭାର, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ସୁନିଲ ଗୋୟଲ, ଡାକ୍ତର ଓମ୍ ପ୍ରକାଶ ଯୋଷୀ, ରାଣା ପ୍ରଧାନ, ଶଶୀ ପୁଝାରୀ, ସନ୍ତୋଷ ଭଇଁଷାଲ, ଗୁପ୍ତେଶ୍ୱର କୁଅଁର, ବିପ୍ର ବିଶି, ରୋହିତ ମେହେର , ସଦାଶିବ ସରାଫ, ବିଶ୍ୱମ୍ଭର ପାଣିଗ୍ରାହୀ, ଇନ୍ଦୁ ଭୂଷଣ ଠାକୁର , ପଞ୍ଚୁ ସାହୁ ପ୍ରମୁଖ ଦେବୋତ୍ତର କମିଟି ସଦସ୍ୟ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ



ଖଡ଼ିଆଳ(ଭାସ୍କର ନ୍ୟୁଜ): ଜିଲ୍ଲାପାଳ ମଧୁସୂଦନ ଦାଶ ଖଡ଼ିଆଳ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପରେ ‘ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଢ଼ଙ୍କସର ଗାଁର ନବଜାତକ ଶିଶୁ କନ୍ୟା ଖିଲେନ୍ଦ୍ରି ହେର୍ଣ୍ଣଙ୍କ ଘରେ ପହଞ୍ଚିଥିଲେ । ପିତାମାତା କିଶୋର ହେର୍ଣ୍ଣା ଓ କୈକେୟୀ ହେର୍ଣ୍ଣାଙ୍କ ସହିତ ଗ୍ରାମବାସୀ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ କୀର୍ତ୍ତନ କରି ସ୍ୱାଗତ କରିଥିଲେ। ଜିଲ୍ଲାପାଳ ନବ ଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କନ୍ୟାର ବାପା ମାଙ୍କୁ ଉପହାର ଦେଇ ତାଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ। ଏହାପରେ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ସାତ ଜଣ ଗର୍ଭବତୀ ମହିଳାମାନଙ୍କୁ ଗୋଟିଏ ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଉପ ଜିଲ୍ଲାପାଳ ଭେଟି ଦେଇଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଝିଅ ଜନମ କେବଳ ପର ଘରକୁ ନୁହେଁ। ଦୁହିତା ଦୁଇ କୁଳକୁ ହିତା । ସମାଜ ପାଇଁ ଉଭୟ ଝିଅ ଓ ଗଛର ବହୁତ ଆବଶ୍ୟକତା ଅଛି। ଆମେ ଆଶା କରିବା ସମାଜରେ ଝିଅ ବଢିବା ସହିତ ଗଛ ବି ବଢିବ ତେବେ ଯାଇ ସମାଜ ଓ ପରିବେଶ ସନ୍ତୁଳନ ରହିବ । ଗର୍ଭବତୀ ମାନଙ୍କ ପରିବାର ଲୋକଙ୍କୁ ଏମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ଓ ତାଙ୍କର ସହଯୋଗୀ କରିଥିଲେ। ଆଜିର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଢ଼ଙ୍କସର ଗାଁ ଆନନ୍ଦ ମୁଖର ହୋଇଉଠିଥିଲା ଜିଲ୍ଲାପାଳ ମଧୁ ସୁଦନ ଦାସଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ଖୁବ ପ୍ରଶଂସା କରାଯାଉଛି।

# ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ପମ୍ପସେଟ୍ ସ୍ପ୍ରେ ମେସିନ ଓ ଆର୍ଥିକ ସହାୟତା ପ୍ରଦାନ



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ଜିଲ୍ଲା କୃଷି କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ସ୍ପ୍ରେ ମେସିନ ଓ ପମ୍ପ ସେଟ୍ ପ୍ରଦାନ କରାଯାଇଛି। ଉମରକୋଟ ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସରରେ ନବରଙ୍ଗପୁର ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମରକୋଟ , ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକରୁ ମୋଟ ୧୨୦ ଜଣ ହିତାଧିକାରୀଙ୍କୁ ପମ୍ପ ସେଟ ଓ ୯୭୦ ଜଣ ଙ୍କୁ ସିଞ୍ଚନ ଯନ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା,ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ଲୋକ ସଭା ସାଂସଦ ବଳଭଦ୍ର ମାଝି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲ୍ଲା ପରିଷଦ ଉପ ସଭାପତି ଲିପିକା ବରୋଇ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, ପିଏ ଆଇଟିଡି ଏ ରାଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସର ରେ ଜିଲ୍ଲାର ୫ ଜଣ ଜନଜାତି ଯୁବ ଉଦ୍ୟୋଗୀଙ୍କୁ ବ୍ୟବସାୟ ନିମନ୍ତେ ପ୍ରତ୍ୟେକ ଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥି ସହ ଉମରକୋଟ ବ୍ଲକର ଅଲେଖ ମହିମା ସ୍ୱୟଂ ସହାୟକ ଗୋଷ୍ଠୀକୁ ଛେଳିଚାଷ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ପ୍ରବନ୍ଧକ ଶ୍ରୀ ଗୋବିନ୍ଦ କୁମାର ପରିଚାଳନା କରିଥିଲେ।

# ୪୫ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

କୋରାପୁଟ(ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସର୍ବମୋଟ ୪୫ଟି ଅଭିଯୋଗ ଶୁଣାଣି କରିଛନ୍ତି । ସେଥିମଧ୍ୟରେ ବ୍ୟକ୍ତିଗତ ୧୬ଟି ଓ




ସାମୁହିକ ୨୯ଟି ଅଭିଯୋଗ ରହିଥିଲା। ସ୍ଥାନିୟ ବିଡିଓ ମିନତୀ ଜଗଦେବଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡିକା ଓ ବିଧାୟକ ପ୍ରତିନିଧି ଡି. ଏଙ୍କାଟି ପ୍ରମୁଖ ଉପସ୍ଥିତ ଥିଲେ । କଳାକାରଙ୍କ ବାଦ୍ୟ ଯନ୍ତ୍ର ପାଇଁ ଗୋଟିଏ, ଚେକ୍ ଡ୍ୟାମ ପାଇଁ ୪ଟି, ପ୍ରଧାନମନ୍ତ୍ରୀ ଆବାସ ପାଇଁ ୫ଟି, ସଡକ ନିର୍ମାଣ ପାଇଁ ୮ଟି, ତହସିଲ କାର୍ଯ୍ୟାଳୟ ପାଇଁ ୬ଟି, ପିଇବା ପାଣି ପାଇଁ ୮ଟି, ପୋଲିସ ଥାନାରେ ଅଟକ ରଖିଥିବା ବାଲି ଟ୍ରାକ୍ଟର ପାଇଁ ଗୋଟିଏ, ବିଜୁଳି ସଂଯୋଗ ପାଇଁ ୩ଟି , ରେବତୀଗୁଡା ଅଙ୍ଗନବାଡୀଙ୍କୁ ଚାକିରି ପାଇଁ ଗୋଟିଏ ଓ ବଡସରପଲ୍ଲୀ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଲାଞ୍ଚ ପାଇଁ ଗୋଟିଏ କରି ମୋଟ ୪୫ଟି ଅଭିଯୋଗ ଶୁଣାଣି କରିଥିଲେ । ବନ୍ଧୁଗାଁ ବ୍ଲକରେ ଥିବା ସମସ୍ତ କଳାକାର ଏକତ୍ରିତ ହୋଇ ବାଦ୍ୟଯନ୍ତ୍ର ଯୋଗାଇବା ପାଇଁ ସୁନୀତା ମେଲେକାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ ।

# ନିତ୍ୟାଭାଇ ସେବାସଂଘ ପକ୍ଷରୁ ହାଲୁଆ ବଣ୍ଟନ

ଉମରକୋଟ(ଭାସ୍କର ନ୍ୟୁଜ୍): ମନ୍ତ୍ରୀ ନିତ୍ୟାଗଣ୍ଡଙ୍କ ନାମ ରେ ଗଠିତ ନିତ୍ୟା ଭାଇ ସେବା ସଂଘ ପକ୍ଷରୁ ନବ ଦିନ ଯାତ୍ରା ଅବସରରେ ଲୋକଙ୍କୁ ହାଲୁଆ ବଣ୍ଟନ କରାଯାଇଥିଲା। ଏହି ସଂଘ ରକ୍ତ ଆବଶ୍ୟକ ପଡୁଥିବା ରୋଗୀଙ୍କୁ ରକ୍ତ ଯୋଗାଇବା କାର୍ଯ୍ୟ ଆରମ୍ଭ କରି ଚର୍ଚ୍ଚାରେ ଥିବାବେଳେ ଆଜି ଯାତ୍ରାରେ ଲୋକଙ୍କୁ ହାଲୁଆ ବଣ୍ଟନ କରିଥିଲା। ଏହି କାର୍ଯ୍ୟକ୍ରମ ରେ ନିତ୍ୟାଭାଇ ସେବା ସଂଘର କୁର୍ମା ରାଓ, ମିଲୁ ପଣ୍ଡା, ହର ପ୍ରସାଦ ପାଣିଗ୍ରାହି, ରବି ଅଗ୍ରୱାଲ, ମାନସିକ ଦାସ, ସିମା ବିଷୋୟୀ, ରାମହରି ସାହୁ, ଶ୍ରୀନିବାସ ମୂର୍ତ୍ତି, ଓ ରାମ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଦାବିପତ୍ର



ମାଲକାନଗିରି(ଭାସ୍କର ନ୍ୟୁଜ) : ପୁରୀ ଠାରେ କାର୍ଯ୍ୟରତ ମହିଳା ସାମ୍ବାଦିକାଙ୍କୁ ମନ୍ଦିରର ପଣ୍ଡାଙ୍କ ଦ୍ୱାରା ଦୁର୍ବ୍ୟବହାର ଘଟଣାକୁ ନେଇ ଉତ୍କଳ ସାମ୍ବାଦିକ ସଂଘର ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ରାଜ୍ୟରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ କଡାକଡି ଆଇନ ବ୍ୟବସ୍ଥା ଲାଗୁ କରାଯାଇ ନଥିବାରୁ ଅନେକ ସମୟରେ ଖବର ପରିବେଷଣ ସମୟରେ ସାମ୍ବାଦିକମାନେ ଆକ୍ରୋଶର ଶିକାର ହେଉଛନ୍ତି। ତେଣୁ ପୁରୀରେ ଗତକାଲି ଘଟିଥିବା ଘଟଣା ରାଜ୍ୟରେ ବାରମ୍ବାର ଘଟି ଚାଲିଛି। ଏହାକୁ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏହାସହ ଗତକାଲି ପୁରୀ ଶ୍ରୀ ମନ୍ଦିର ସମ୍ମୁଖରେ କାର୍ଯ୍ୟରତ ମହିଳା ସାମ୍ବାଦିକା ଲିନୁ ନାୟକଙ୍କୁ ଦୁର୍ବ୍ୟବହାର ଓ ଅସଦାଚରଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକ ମାନେ ଅନେକ ସମୟରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ କୌଣସି କଠୋର ଆଇନ ପ୍ରଣୟନ ହେଉ ନଥିବାରୁ ଦିନକୁ ଦିନ ସାମ୍ବାଦିକ ମାନଙ୍କ ପ୍ରତି ଏପରି ହିଂସା ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ରାଜ୍ୟରେ ସାମ୍ବାଦିକମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବାର ଅତ୍ୟନ୍ତ ଜରୁରୀ ହୋଇ ପଡିଛି। ଅନ୍ୟ ରାଜ୍ୟମାନଙ୍କରେ ସାମ୍ବାଦିକମାନଙ୍କୁ ଭତ୍ତା, ଋଣ ଛାଡ, ବିଭିନ୍ନ ସ୍ଥାନକୁ ଯାତ୍ରା ସମୟରେ ରିହାତି, ପେନସନ ଭଳି ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ତେବେ ଏପରି ସ୍ଥିତିରେ ଓଡ଼ିଶାରେ ମଧ୍ୟ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିବା ସହ ପେନସନ ବ୍ୟବସ୍ଥା, ବୀମା ରାଶିକୁ ବୃଦ୍ଧି କରିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି ଗୁଡିକ ଲିଖିତ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, କୋଷାଧ୍ୟକ୍ଷ ହୃଷିକେଶ ଶେଠୀଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଖଡ଼ିଆଳ(ଭାସ୍କର ନ୍ୟୁଜ): ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଜିଆର୍ ରାଘବେନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଋତୁ ପାଇଁ ଶିବିର ସକାଳ ୭ ଘ ରେ ଆରମ୍ଭ ହୋଇଥିଲା।ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ପାଇଁ ଜାଗା, ଛାୟା ଓ ପିଇବା ପାଣି ସୁବିଧା ହୋଇଥିଲା । ଶିବିରରେ ୩୧ ଟି ବ୍ୟକ୍ତିଗତ , ୭ ଟି ଗୋଷ୍ଠୀଗତ ମୋଟ ୩୮ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍ପି ଙ୍କ ସହିତ ବନଖଣ୍ଡ ଅଧିକାରୀ ଖରିଆରର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଜଙ୍ଗଲ ଅଧିକାର ବ୍ୟକ୍ତିଗତ ସ୍ୱୀକୃତି ଶିରୋନାମାରେ ଯୁନାପାଣୀ ଗାଁର ୧୨ଜଣ ବ୍ୟକ୍ତିଙ୍କୁ, ଗୋଷ୍ଠୀ ଜଙ୍ଗଲ ଅଧିକାରରେ ୩ ଟି ଗାଁ ପଦ୍ମପୁର, ମହୁଲି ଝରନ, ଶରଧାପୁରଙ୍କୁ ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରରେ ୩ ଟି ଗାଁ ପଦ୍ମପୁର,ଭଇରାଜପୁର୍ଣ୍ଣ ମନ୍ତ୍ରୀ ତରାଇକୁ ଜମି ପଟ୍ଟା ବଣ୍ଟନ କରଯାଇଥିଲା। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ଶେଖ୍ ନସିମ, ହେମନ୍ତ ପୁଟା, ବିଡ଼ିଓ ନରସିଂହ ଗଡବା , ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, ଇଓ ଖରିଆର ଏନ୍ଏସି ସ୍ୱାଧୀନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ବାଟିକା ଉଦ୍‌ଘାଟିତ ଓ ପ୍ରବେଶ ଉତ୍ସବ ଆୟୋଜିତ



ରାଉରକେଲା(ଭାସ୍କର ନ୍ୟୁଜ): ଦୀପିକା ଇସ୍ପାତ ଶିକ୍ଷା ସଦନରେ ନୂତନ ଭାବରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଏକ ସ୍ପନ୍ଦନଶୀଳ ଏବଂ ହୃଦୟସ୍ପର୍ଶୀ ପ୍ରବେଶ ଉତ୍ସବ ସହିତ ଉଦଘାଟିତ ହୋଇଯାଇଛି। ସେଲ୍, ରାଉରକେଲା ଇସ୍ପାତ କାରଖାନାର ପୃଷ୍ଠପୋଷକତାରେ କାର୍ଯ୍ୟ କରୁଥିବା ରାଉରକେଲାର ପ୍ରମୁଖ ଜନହିତୈଷୀ ଅନୁଷ୍ଠାନ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଏହି ସ୍କୁଲ ବଞ୍ଚିତ ଶ୍ରେଣୀର ପିଲାମାନଙ୍କୁ ନିଃଶୁଳ୍କ, ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା ଅଧକ୍ଷତା କରିଥିଲେ। ସଂଘତିର ଉପାଧକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ରୀତା ରାଣୀ ଏବଂ ଶ୍ରୀମତୀ ନବନୀତା ପାଲ ଚୌଧୁରୀ, ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଶ୍ରୀ ଟି. ବି. ଟପ୍ପୋ, ସଂଘତିର ସମ୍ପାଦିକା ସାରିକା କୁମାର, ଅନ୍ୟ ପରିଚାଳନା ପରିଷଦ ସଦସ୍ୟା ଉତ୍ସବରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଏସ୍. ସାମଲ ଏବଂ ବିଦ୍ୟାଳୟ ପ୍ରଶାସକ ଶ୍ରୀ ଏସ୍. କେ. ମିଶ୍ର, ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରବେଶ ଉତ୍ସବ ଏକ ପାରମ୍ପରିକ ଖଡିଛୁଆଁ ପୂଜାରୀତି ସହିତ ଆରମ୍ଭ ହୋଇଥିଲା,। ଏଥିରେ ଜଣେ ପୁରୋହିତ ପ୍ରତୀକାତ୍ମକ ଭାବରେ ପିଲାମାନଙ୍କୁ ଚକ୍ ଧରିବା ଏବଂ ସ୍ଲେଟ୍ ?ରେ ଆଙ୍କିବା ପାଇଁ ମାର୍ଗଦର୍ଶନ କରି ସେମାନଙ୍କର ଶିକ୍ଷଣ ଯାତ୍ରା ଆରମ୍ଭ କରିଥିଲେ। ଏହା ଶିକ୍ଷା ଜଗତରେ ସେମାନଙ୍କର ପ୍ରଥମ ପାଦ ଚିହ୍ନକୁ ଚିହ୍ନିତ କରିବାର ଏକ ବିଶେଷ ମୁହୂର୍ତ୍ତ ଥିଲା। ଏହି ଅବସରକୁ ପାଳନ କରିବା ପାଇଁ, ସମ୍ମାନିତ ବ୍ୟକ୍ତିମାନେ ଶିଶୁ ଭାଟିକାର ନୂତନ ପ୍ରବେଶକାରୀମାନଙ୍କୁ ଅଧ୍ୟୟନ କିଟ୍ ବଣ୍ଟନ କରିଥିଲେ। ପ୍ରତ୍ୟେକ କିଟ୍‌ରେ ଗୋଟିଏ ସ୍କୁଲ୍ ବ୍ୟାଗ୍, ସ୍ଲେଟ୍, ଚକ୍, ଷ୍ଟେସନାରୀ ସାମଗ୍ରୀ, ଗୋଟିଏ ପାଣି ବୋତଲ ଏବଂ ଖାଦ୍ୟ ପ୍ୟାକେଟ୍ ଅନ୍ତର୍ଭୁକ୍ତ ଥିଲା, ଯାହା ପିଲାମାନଙ୍କ ପ୍ରଥମ ଦିନକୁ ଆନନ୍ଦମୟ ଗଢିଥିଲା। ସ୍କୁଲର ଶିକ୍ଷୟିତ୍ରୀ ବିଜୟନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରାସ୍ତା ପ୍ରଶସ୍ତିକରଣ ପାଇଁ ଦୋକାନ ଗୃହ ଉଚ୍ଛେଦ



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ୍ ସଦର ମହକୁମା ମୁଖ୍ୟ ରାସ୍ତା ଦୁଇପାଖରେ ଥିବା ଦୋକାନ ଘର ଉଚ୍ଛେଦ କରାଯାଇଛି। ରାସ୍ତା ଉନ୍ନତି ପାଇଁ ଏହି ଉଚ୍ଛେଦ କରାଯାଇଥିବା ବେଳେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ସହ ପୋଲିସ ଅଧିକାରୀ ଉପସ୍ଥିତ ଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବେଳପଡ଼ା ଅତିରିକ୍ତ ତହସିଲଦାର ପଦ୍ମନାଭ ମହାରଣା ଉପସ୍ଥିତ ଥିଲେ। ଅନେକ ବର୍ଷ ଧରି ଦୋକାନୀମାନେ ଦୋକାନ ଘର କରି ନିଜ ଗୁଜୁରାଣ ମେଣ୍ଟାଇ ଆସୁଥିବା ବେଳେ ବିନା ଥଇଥାନ ରେ ଉଚ୍ଛେଦକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ହେଲେ ବିନା ପ୍ରତିବାଦ ରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ସରକାରୀ ସ୍ଥାନ ଚିହ୍ନଟ କରି ଦୋକାନୀଙ୍କ ପାଇଁ ଷ୍ଟଲ୍ ନିର୍ମାଣ କରି ଥଇଥାନ କରିବାକୁ ଦାବି ହେଉଛି।

# ଖଇରପୁଟ ମଣ୍ଡଳର ନୂତନ ବିଜେପି ସଭାପତିଙ୍କ ନାମ ଘୋଷଣା



ଖଇରପୁଟ (ଭାସ୍କର ନ୍ୟୁଜ୍): ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ଜଗନ୍ନାଥ ମନ୍ଦିରରେ ବିଜେପି ଖଇରପୁଟ ମଣ୍ଡଳର ନୂତନ ସଭାପତି ଭାବେ ଜ୍ୟୋତି ରଞ୍ଜନ ବେହେରାଙ୍କ ନାମ ଘୋଷଣା କରିଛନ୍ତି ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା। ଶ୍ରୀ ସଭାପତିଙ୍କ ନାମ ଘୋଷଣା କରିବା ସହ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ବେହେରା ଏହା ଆଗରୁ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି, ମଣ୍ଡଳ କୋଷାଦକ୍ଷ ଓ ଦୁଇଥର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ ବର୍ତ୍ତମାନ ଦଳ ତାଙ୍କୁ ଖଇରପୁଟ ମଣ୍ଡଳ ସଭାପତି ଦାୟିତ୍ୱ ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ପୂର୍ବତନ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ,ଜିଲ୍ଲା ଏସଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ସହଦେବ ଶିଶା କର୍ମୀ ବାଳକୃଷ୍ଣ ପ୍ରଧାନ,ଶ୍ରବ ସାହୁ, ଚିତ୍ର ମାଳି, ଟଙ୍କଧର ମାଳି, ଭଗବାନ ଡାକୁଆ, ସନ୍ତୋଷ କୁମାର ସ୍ୱାଇଁ, ଭବତୋଷ ମଣ୍ଡଳ, ଶିବ ବଣ୍ଡାପାଢ଼ିଆଙ୍କ ସହିତ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ମାନେ ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଗୁଣପୁର ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ମହାବିଦ୍ୟାଳୟ, ସାମାଜିକ ଦାୟିତ୍ୱବୋଧର ଏକ ଉଲ୍ଲେଖନୀୟ ଅବଦାନ ପ୍ରଦର୍ଶନ କରି, ଓଡ଼ିଆ ପକ୍ଷ ପାଳନ ଅବସରରେ ମଙ୍ଗଳବାର ଦିନ ଗୁଣପୁର ଉପଖଣ୍ଡ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜନ ହଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କ ପକ୍ଷରୁ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା ଏବଂ ମୋଟ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିର ସମାଜକୁ ଫେରସ୍ତ ଦେବା ପାଇଁ ମହାବିଦ୍ୟାଳୟର ପ୍ରତିବଦ୍ଧତାର ଏକ ପ୍ରମାଣ ଥିଲା। ଗୁଣପୁର ମହାବିଦ୍ୟାଳୟ ଅଧକ୍ଷ ଶ୍ରୀ ଶଶିଭୂଷଣ ମହାନ୍ତି ସମସ୍ତ ରକ୍ତଦାତା ଓ ଅନ୍ୟମାନଙ୍କୁ ସାଧୁବାଦ୍ ଜଣାଇବା ସହିତ ଆୟୋଜକଙ୍କ ଅଂଶଗ୍ରହଣ ଏବଂ ପ୍ରୟାସ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଏପରି ପଦକ୍ଷେପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତଙ୍କୁ ଏହି ମହାନ କାର୍ଯ୍ୟରେ ଅବଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଏବଂ ଶିକ୍ଷକମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା, ଯେଉଁମାନେ ଏହି ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହିପରି କରିବାକୁ ଉତ୍ସାହିତ କରିଥିଲେ ।ଅଧ୍ୟାପକ ତାମିଲା ପାରାସେଠ, ଅଧ୍ୟାପକ ଜିତେନ୍ଦ୍ର ବଡମୁଣ୍ଡି, ଅଧ୍ୟାପକ ଲକ୍ଷ୍ମଣ ଶବର, ଅଧ୍ୟାପିକା ରଞ୍ଜୁମା ପ୍ରଧାନ, ଅଧ୍ୟାପକ ପ୍ରିୟବ୍ରତ ମହାକୁର, ଅଧ୍ୟାପକ ଦେବୀପ୍ରସାଦ ରାଉତ ପ୍ରଭୃତି ଉକ୍ତ ଶିବିରରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଏହାକୁ ସଫଳ କରିଥିଲେ।

# ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ସଭା



ଖଡ଼ିଆଳ (ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ସରଧାପୁର ପଞ୍ଚାୟତର ଢ଼ଙ୍କସର ଗାଁରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ନରସିଂହ ଗଡବା, ସ୍ଥାନୀୟ ସରପଞ୍ଚ ଉମେଶ କୈବର୍ତ୍ତ, ସମିତି ସଭ୍ୟ ଶ୍ରୀବତ୍ସ ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପଞ୍ଚାୟତର ୪ଗୋଟି ପରିବାର ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ ଶ୍ରମ ଦାନ କରି ଲକ୍ଷପତି ହୋଇଥିବାରୁ ଅରକ୍ଷିତ ଗୌଡ , ପୁରସ୍ତମ ଗୌଡ, ଧନମାଳି ଗୌଡ଼, ଘନଶ୍ୟାମ ଜଗତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉପଢୌକନ ପୁଷ୍ପଗୁଚ୍ଛ ଓ କୋଡ଼ି କୋଦାଳ ଉପହାର ଦେଇ କରତାଳି ମଧ୍ୟରେ ସମ୍ବର୍ଦ୍ଧିତ କରଯାଇଥିଲା। ସେହିପରି ଦୁଇଟି ଭୂମିହୀନ ପରିବାର ଙ୍କୁ ଜଙ୍ଗଲ ଜମି ଘରଡିହ ପଟ୍ଟା ଯୋଗାଇ ଦିଆ ଯାଇଥିଲା। ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ , ଲିଡ୍ ବ୍ୟାଙ୍କ୍ ମେନେଜର ସୀତାରାମ ମେହେର , ଆର୍ ଟି ଓ ମାନ ସିଂ,ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକ ସମୀର ମୁଦୁଲି ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଏହି ପଞ୍ଚାୟତରୁ କେହି ଜଣେ ହେଲେ ପ୍ରବାସୀ ଶ୍ରମିକ ହିସାବରେ ଯାଆନ୍ତୁ ନାହିଁ । ନିଜ ଗାଁ ରେ ରହି ଶ୍ରମ ଦାନ କରି ବି ଏବେ ଜଣେ ଲକ୍ଷପତି ହୋଇ ପାରୁଛି। ଜିଲ୍ଲାର ସମସ୍ତ ବିଭାଗ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ତତ୍ପର ଅଛନ୍ତି ।

## ■ ସବ୍‌ସେଣ୍ଟର ନିର୍ମାଣ ନାଁରେ ମହାଦୁର୍ନୀତି

# ଏଗ୍ରିମେଣ୍ଟ ହିସାବରେ ଲାଗୁନି ଲୁହା ରଡ଼୍, ମୋଟା ଅଙ୍କର ପିସି କାରବାର ହୋଇଥିବା ଅଭିଯୋଗ

ସଇଁତଲା (ଭାସ୍କର ନ୍ୟୁଜ୍): ସରକାର ବଦଳିଲା ହେଲେ ବଦଳିଲେ ନାହିଁ ସରକାରୀ ବାବୁ ଙ୍କ କଳାକାରନାମା ।ପିସି ନେବାରେ ପଛଘୁଞ୍ଚା ଦେଉନାହାନ୍ତି ବୋଲି କିଛି ଠିକାଦାର ମଧ୍ୟ ଅଭିଯୋଗ ଆଣିଛନ୍ତି। ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକର ବିଭିନ୍ନ ସ୍ଥାନରେ ସବସେଣ୍ଟର ଗୁଡିକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ତ ଆଉ କେଉଁଠି ଶେଷ ମଧ୍ୟ ହୋଇ ସାରିଛି। କିନ୍ତୁ ବିନା ଜେଇ ଙ୍କ ଉପସ୍ଥିତ ରେ କାମ ଚାଲୁ ଥିବାବେଳେ ଆହୁରି ସନ୍ଦେହ ଦେଖାଦେଇଛି । ନିମ୍ନ ମାନର କାମ ସାଙ୍ଗକୁ ନିମ୍ନ ମାନର ଲୁହା ରଡ଼ ଓ ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି ।କାହିଁକି ଜେଇମାନେ କାର୍ଯ୍ୟର ତଦାରଖ କରୁ ନାହାନ୍ତି ନାଁ ରାଜନେତା ଙ୍କ ଚାପରେ ଚେପା ହୋଇ ଯାଉଛନ୍ତି କି ବୋଲି ସାଧାରଣ ରେ ପ୍ରଶ୍ନ ଉଠୁଛି । ସବ୍‌ସେଣ୍ଟର ନା ରେ ଦୁର୍ନୀତି ହେଉଥିବା ବେଳେ ବିଭାଗୀୟ ଜେଇ ଏବଂ ଠିକାଦାର ଙ୍କ ମଧୁଚନ୍ଦ୍ରିକା ରେ କାମ ଚାଲୁ ଥିବା ଦେଖିବାକୁ ମିଳୁଛି। ଲକ୍ଷ ଲକ୍ଷ ଟଙ୍କା ଏବେ ସରକାର ଙ୍କ ପାଣିରେ ପଡ଼ିବାକୁ ଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସରକାର ଓ ଠିକାଦାରଙ୍କ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ସରିଲା ପରେ ଏକ ଚୁକ୍ତିନାମା ହୋଇଥାଏ ଏବଂ ସେହି ଚୁକ୍ତିନାମା ହିସାବରେ କାମ ହୋଇଥାଏ । ବିଭାଗୀୟ ଜେଇ ସେହି କାମର ତଦାରଖ କରିଥାନ୍ତି । କିନ୍ତୁ ସଇଁତଲା ବ୍ଲକ ରେ ନିର୍ମାଣ ହେଉଥିବା ସବସେଣ୍ଟର ଗୁଡିକରେ ସେହି ନିୟମ କାର୍ଯ୍ୟ କରୁନାହିଁ। ଚୁକ୍ତିନାମା ହିସାବରେ କାମ ନ ହୋଇ ନିମ୍ନମାନର କାମ ହେଉଛି । ଜେଇ ବାବୁ ଜଣକ ପିସି ନେଇ ନିମ୍ନମାନର ଲୁହା ରଡ଼ ବ୍ୟବହାର କରି ବିଲ ପାସ କରୁଥିବା ଜଣେ ଠିକାଦାର ତାଙ୍କ ନାମ ଗୋପନ ରଖି ଆମ ପ୍ରତିନିଧି ଙ୍କୁ ଜଣାଇଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏହାର ଉଚିତ ତଦନ୍ତ କରିବା ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଜେଇ ପ୍ରଧାନ ସାରଙ୍କୁ ପଚାରିବାରୁ ସନ୍ତୋଷ ଜଣକ ଉତ୍ତର ନ ଦେଇ ଆସିଷ୍ଟାଣ୍ଟ ଇଞ୍ଜିନିଅର ଙ୍କ ସହ କଥା ହେବା ପାଇଁ କହିଥିବା ବେଳେ ତାଙ୍କ ଫୋନ୍ ଲାଗି ନ ଥିଲା । ନିମ୍ନମାନର କାମ ହେଉଥିବା ଯୋଗୁଁ କାମର ମାନ ତଥା ସ୍ଥାୟିତ୍ୱ କୁ ନେଇ ଆହୁରି ସନ୍ଦେହ ସୃଷ୍ଟି ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କଲେ ଚିତ୍ରକୋଣ୍ଡା ବିଧାୟକ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବାଲିମେଳା ସହରରେ ଇ ଲାଇବ୍ରେରୀ ଏବଂ ମିନି ଷ୍ଟାଡିୟମ ପଡ଼ିଆରେ ଗ୍ୟାଲେରୀ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ତେବେ ଏହି ଉଭୟ ଦାବି ନେଇ ବାଲିମେଳା ସହରବାସୀ ଗତ ଦିନମାନଙ୍କରେ ପୂର୍ବତନ ସାଂସଦ ତଥା ପୂର୍ବତନ ବିଧାୟକମାନଙ୍କୁ ଲିଖିତ ମାଧ୍ୟମରେ ଜଣାଇ ଆସୁଥିଲେ। ତାହା କିନ୍ତୁ ଫଳପ୍ରଦ ହେଉନଥିଲା। ତେଣୁ ଆଜି ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ବାଲିମେଳା ସହରର ଏହି ୨ ଗୋଟି ଦାବି ନେଇ ମୋହନ ସରକାରଙ୍କୁ ଜଣାଇବା ପରେ ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଛି। ତେବେ ବିଧାୟକ ଶ୍ରୀ ଖିଲ ସର୍ବଦା ବାଲିମେଳା ସହରବାସୀଙ୍କ ସେବାରେ ରହି ବିଭିନ୍ନ ପ୍ରକଳ୍ପ ଅନୁମୋଦନ କରାଉଥିବାରୁ ସହରବାସୀ ବିଧାୟକଙ୍କୁ ବହୁ ପ୍ରଶଂସା କରିବା ସହ ତାଙ୍କର ମଙ୍ଗଳ କାମନା କରିଛନ୍ତି।

# ଭାଜପାର ପ୍ରତିଷ୍ଠା ଦିବସ ଓ ମିଶ୍ରଣ ପର୍ବ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସଂମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ, ବିଧାନସଭା ସଂଯୋଜକ ସୁରେଶ ଆଚାର୍ଯ୍ୟ, ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ରାଜ୍ୟ ଏସଟି ମୋର୍ଚ୍ଚା ସମ୍ପାଦିକା ବାସନ୍ତୀ ମାଝୀ, ଏସସି ମୋର୍ଚ୍ଚା ର ରମେଶ ଦାସ ପ୍ରମୁଖ ନେତୃବୃନ୍ଦ ପ୍ରତିଷ୍ଠା ଦିବସ ବିଷୟରେ କହି କାର୍ଯ୍ୟକର୍ତ୍ତା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଣ୍ଡଳ ସଭାପତି ସନ୍ତୋଷ ଶର୍ମା ସଭାପତିତ୍ୱ କରିବା ସହ ପ୍ରଭାତ ନାୟକ ଏହି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏହି ପ୍ରତିଷ୍ଠା ଦିବସରେ କିଛି ନୂଆ କାର୍ଯ୍ୟକର୍ତ୍ତା ସୀମାଞ୍ଚଳ ବିଷୋୟୀ, ଶିବ ଶଙ୍କର ପତି, ବାଉରି ବନ୍ଧୁ ଗଲେରି, ଆରକମା ମଲ୍ଲିକ, ଅସିମ୍ ଦାସ ମହାଲି ନାୟକ ପ୍ରମୁଖ ବିଜେଡ଼ି ଛାଡି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ଓଡ଼ିଆ ପକ୍ଷ ପାଳନର ୮ମ ଦିବସ।କାର୍ଯ୍ୟସୂଚୀ ଅନୁସାରେ ଆଜି ରକ୍ତଦାନ ଅଭିଯାନ।ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଅଭିଯାନର ଶୁଭାରମ୍ଭ କରିଥିଲେ।ରକ୍ତ ର ବିକଳ୍ପ କେବଳ ରକ୍ତ।ବର୍ତ୍ତମାନ ଗୋଟିଏ ୟୁନିଟ ରକ୍ତରୁ ଏକାଧିକ ବ୍ୟକ୍ତି ଙ୍କ ଜୀବନ ରକ୍ଷା କରାଯାଇ ପାରୁଛି।ତେଣୁ ସମସ୍ତେ ରକ୍ତ ଦାନ ପାଇଁ ସଂକଳ୍ପ ବଦ୍ଧ ହେବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ।ଏହି ଅଭିଯାନରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।କାର୍ଯ୍ୟକ୍ରମ ରେ ରେଡକ୍ରସ ଅଧିକାରୀ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ,ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ରକ୍ତ ଭଣ୍ଡାର ଅଧିକାରୀ ଡା ଦୀପକ କୁମାର ସାହୁ,ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ର ଆସିଷ୍ଟାଣ୍ଟ ପ୍ରଫେସର ଡା ବିନୋଦ କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ର ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ, ଭାରତ ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ମହାନ୍ତି,ସଦସ୍ୟ ବିଶ୍ୱ ଶାନ୍ତି ତ୍ରିପାଠୀ, କୁମାର ଭୀମସେନ, ହରପ୍ରସାଦ ମହାପାତ୍ର, ସୁପ୍ରିତୀ ରଥ,ରେଡକ୍ରସ କାର୍ଯ୍ୟ ନିର୍ବାହୀ ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି, ବଡଶଂଖ ଯୁବ ସାଂସ୍କୃତିକ ପରିଷଦର ସମ୍ପାଦକ ଲକ୍ଷ୍ମୀ ନାରାୟଣ ଦାସ,ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ରକ୍ତଦାନ ଅଭିଯାନକୁ ପରିଚାଳନା କରିଥିଲେ।ରକ୍ତ ଭଣ୍ଡାର କର୍ମଚାରୀ ଦିପ୍ତୀ ରଞ୍ଜନ ନାୟକ, ମାନସ ରଞ୍ଜନ ନାୟକ, ଶକ୍ତି କାନ୍ତ ମହାପାତ୍ର ଓ ଅମିତ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।ଭାରତ ବିକାଶ ପରିଷଦ, ବଡଶଂଖ ଯୁବକ ସଂଘର କର୍ମକର୍ତ୍ତା,ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ, ଏସସିଏସ କଲେଜ, ସୂରଜ ମଲ୍ଲ ସାହା କଲେଜ, ଅଲାରନାଥ ଧନ୍ଦାମୂଳକ କଲେଜ ର ଛାତ୍ରଛାତ୍ରୀ ମାନେ ରକ୍ତଦାନ କରିଥିଲେ।



# ଅହମ୍ମଦାବାଦରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ



ଅହମ୍ମଦାବାଦ: ମଙ୍ଗଳବାର ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ସ୍ମାରକରେ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧି ଏବଂ ଲୋକସଭା ସଦସ୍ୟ ରାହୁଲ ଗାନ୍ଧି ପ୍ରମୁଖ ସାମିଲ ରହିଥିଲେ । ଏଆଇସିସିର ସାଧାରଣ ସମ୍ପାଦକ କେ.ସି.ବେନୁଗୋପାଳ ବୈଠକ ପରେ କହିଥିଲେ ଯେ, ଖୁବ୍‌ଶୀଘ୍ର କଂଗ୍ରେସର ଆମୂଳଚୁଳ ପରିବର୍ତ୍ତନ କରାଯିବ । ସାମ୍ପ୍ରତିକ ପରିସ୍ଥିତିରେ କଂଗ୍ରେସ ସଂଘବଦ୍ଧ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି ମତପ୍ରକାଶ ପାଇଥିଲା ।

# ବକୋଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉମରକୋଟ (ଭାସ୍କର ନ୍ୟୁଜ): ଉମରକୋଟ ସ୍ଥିତ ପି ଏମ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବକୋଦା ରେ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ନରେଶ ଚନ୍ଦ୍ର ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସରକାର ଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ର କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ, ବରେଣ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ଇଂ ବଳଭଦ୍ର ମାଝୀ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରେଶମ ଲାଲ ନାୟକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନ ରାୟ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଘସିଆ ପୂଜାରୀ, ବକୋଦା ପଂଚାୟତ ର ସରପଂଚଙ୍କ ପ୍ରତିନିଧି ବାଲ ଚାନ୍ଦ ଭତ୍ରା ପ୍ରମୁଖ ମଞ୍ଚାସିନ ହୋଇଥିଲେ। ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତ ଭାଷା ରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରା ଯାଇଥିଲା। ମୁଖ୍ୟ ଅତିଥି ନିତ୍ୟାନନ୍ଦ ଗଣ୍ଡ ଓ ସାଂସଦ ବଳଭଦ୍ର ମାଝୀ ଙ୍କ ଅନୁଷ୍ଠାନ ରେ ଥିବା ଶିକ୍ଷଣ ପ୍ରଦର୍ଶନୀ କୁ ଉଦଘାଟନ କରିଥଲେ। ମନ୍ତ୍ରୀ ପିଲାମାନଙ୍କୁ ଅନେକ ଶିକ୍ଷଣୀୟ କଥା କହିବା ସହ ଅନେକ ଉପଦେଶ ଦେଇଥିଲେ। ସରକାର ଙ୍କ ଦ୍ୱାରା କରା ଯାଇଥିବା ସମସ୍ତ ଯୋଜନା ସଂପର୍କରେ ଅବଗତ କରାଇବା ସହ ଶିକ୍ଷା ପ୍ରତି ଆଗ୍ରହ ଦେଖାଇ ସମସ୍ତେ ନିୟମିତ ବିଦ୍ୟାଳୟ ଆସିବା ପାଇଁ ପରାମର୍ଶ ଦେଇଥିଲେ । ସାଂସଦ ଶ୍ରୀ ମାଝୀ ଛାତ୍ର ଓ ଛାତ୍ରୀ ସମସ୍ତେ ଭଲ ମଣିଷ ହୋଇ ସମାଜ ପାଇଁ କିଛି କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଶ୍ରୀ ନାୟକ ଛାତ୍ର ଓ ଛାତ୍ରୀ ମାନଙ୍କୁ ଭଲ ପାଠ ପଢିବା ସଜ ନିଜ ପିତାମାତା ଓ ଗୁରୁଜନ ମାନଙ୍କୁ ଭକ୍ତି ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଏହା ପରେ ବିଭିନ୍ନ କ୍ଷେତ୍ର ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଓ ବାର୍ଷିକ କ୍ରୀଡ଼ା ରେ ସଫଳତା ହାସଲ କରିଥିବା ଏବଂ ଅଲିମ୍ପିକ ମୂଲ୍ୟ ବୋଧକ ପାଠ୍ୟକ୍ରମ ରେ ସଫଳତା ହାସଲ କରିଥିବା ଛାତ୍ର ଓ ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଛାତ୍ର ଓ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ର ଶିକ୍ଷକ ଶାଚିଦାନନ୍ଦ ମହାପାତ୍ର, ଦେବ କୁମାର ଦେ, ସୁଧାଂଶୁ ଶେଖର ସାହୁ, ନରେନ୍ଦ୍ର କୁମାର ହରିଜନ, ଉତ୍ତମ ଦାସ, କରୁଣା କର ମାଝୀ, ଦାଇମନ୍ ଭତ୍ରା, ଶିବଶଙ୍କର ପତି,କୋଲିନ ଦାସ, ସଂଜିତ୍ କୁମାର ସ୍ୱାଇଁ, ଜନ୍ମେଜୟ ପ୍ରସାଦ ସାହୁ, ଶ୍ରି ନିଖିଳ ଚନ୍ଦ୍ର ବିଶ୍ୱାସ, ପ୍ରଦୀପ ରାଉତ, ସାଗରିକା ବୈଦ୍ୟ, କୁମାରୀ ଅପର୍ଣ୍ଣା ଗୁରୁ, ମହମ୍ମଦ ସର୍ଫରାଜ ପ୍ରମୁଖ ସହଯୋଗ କରିଥିଲେ।

## ୭୩ତମ ସର୍ବଭାରତୀୟ ପୋଲିସ୍ ହକି ଚାମ୍ପିୟନସିପ୍

# ଦ୍ୱିତୀୟ ଦିନରେ ୭ ମ୍ୟାଚ୍



କଟକ(ଭାସ୍କର ନ୍ୟୁଜ): ଆଜି ପ୍ରଥମ ମ୍ୟାଚ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପୋଲିସ ଦଳକୁ ୯-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ କର୍ଣ୍ଣାଟକ ଓ ଗୁଜରାଟ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ କର୍ଣ୍ଣାଟକ, ଗୁଜରାଟ ପୋଲିସ ଦଳକୁ ୨୦-୧ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ସେହିପରି ତେଲେଙ୍ଗାନା ଓ କେରଳ ପୋଲିସ ମଧ୍ୟରେ ତୃତୀୟ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ତେଲେଙ୍ଗାନା, କେରଳ ପୋଲିସ ଦଳକୁ ୯-୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ ସିଆରପିଏଫ ଓ ପୁଡୁଚେରୀ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆରପିଏଫ ପୋଲିସ ପୁଡୁଚେରୀ ପୋଲିସ ଦଳକୁ ୨୧-୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛି। ପଞ୍ଚମ ମ୍ୟାଚ ତାମିଲନାଡୁ ଓ ଉତ୍ତରପ୍ରଦେଶ ପ୍ରଦେଶ ମହିଳା ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଉତ୍ତରପ୍ରଦେଶ ପ୍ରଦେଶ ମହିଳା ପୋଲିସ ତାମିଲନାଡୁ ମହିଳା ପୋଲିସ ଦଳକୁ ୬-୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛି। ସେହିପରି ପଞ୍ଜାବ ଓ ମଧ୍ୟ ପ୍ରଦେଶ ମଧ୍ୟରେ ଷଷ୍ଠ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ପଞ୍ଜାବ, ମଧ୍ୟ ପ୍ରଦେଶ ପୋଲିସ ଦଳକୁ ୭-୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛି। ସପ୍ତମ ମ୍ୟାଚ ଏସଏସବି ଓ ହରିୟାଣା ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଏସଏସବି ପୋଲିସ ହରିୟାଣା ପୋଲିସ ଦଳକୁ ୧୮-୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ, ଭାସ୍କର ଜ୍ୟୋତି ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ,ଏସସିଆରବି, ନିର୍ଦ୍ଦେଶକ, ଡ଼ଃ.ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, (ରେଳବାଇ ଓ ଉପକୂଳ ସୁରକ୍ଷା ବିଭାଗ) ଅରୁଣ ବୋଥ୍ରା, ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଳ ଗଙ୍ଗୱାର, ଆଇଜି( ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଆଇଜି (ଅପରେସନ), ଡ଼ଃ. ଦୀପକ କୁମାର, ଆଇଜି (ସଶସ୍ତ୍ର), ଅବିନାଶ କୁମାର ଏବଂ ଖୋର୍ଦ୍ଧା ଏସପି ସାଗରିକା ନାଥ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡିକରେ ଅତିଥି ଭାବେ ଅଂଶ ଗ୍ରହଣ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜନ୍ତୁ ଶିକାର ପାଇଁ ପକାଇଥିବା ବୋମା ଜବତ

କଣିହାଁ (ଭାସ୍କର ନ୍ୟୁଜ) ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ଗ୍ରାମ ନିକଟସ୍ଥ ଗୁଡ଼ିଆ ଘାଇ ଠାରେ ଜନ୍ତୁ ଶିକାର ପାଇଁ ପକାଇଥିବା ୨ଟି ବୋମା ଜଙ୍ଗଲ ବିଭାଗ ଜବତ କରିଥିବା ସହ ଏଥିରେ ସଂପୃକ୍ତ ଶିକାରୀ ଲିପୁ ଗଡ଼ନାୟକ(୩୪) କୁ ଗିରଫ କରି ତାଳଚେର କୋର୍ଟ ଚାଲାଣ କରିଛି ବିଭାଗ କ୍ଷ ଅଭିଯୁକ୍ତ ଜଣକ ଘର କଣିହାଁ ଥାନା ଯାମୁଜୋଡ଼ି ଗ୍ରାମରେ କ୍ଷ ଜଙ୍ଗଲ ବିଭାଗ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ଜଣକ ଜନ୍ତୁ ଶିକାର ପାଇଁ ସୋମବାର ବିଳମ୍ବିତ ରାତିରେ ବଡଗୁଣ୍ଡୁରି ଗ୍ରାମର ଗୋଡିଆ ଘାଇ ଠାରେ ବୋମା ଖଞ୍ଜିଥିବା କଥା କଣିହାଁ ବନ ବିଭାଗ ଜାଣିବାକୁ ପାଇଥିଲା କ୍ଷ ପରେ କଣିହାଁ ବନାଞ୍ଚଳ ଅଧିକାରୀ ନୀଳାଦ୍ରି ନାଥ ସାହୁଙ୍କ ନେତୃତ୍ୱରେ ବନପାଳ ଦୀପକ କୁମାର ସେଠି, ବନରକ୍ଷକ ଦୀପକ କୁମାର ସାହୁ, ହାତୀ ଜଗୁଆଳି ଧ୍ରୁବ ସାହୁ, ପବିତ୍ର ପ୍ରଧାନ, ରଞ୍ଜନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଚଢାଉ କରି ମଙ୍ଗଳବାର ଭୋର ସକାଳେ ଶିକାରି ଲିପୁ ଗଡ଼ନାୟକ କୁ ଧରିଥିଲେ କ୍ଷ ବୋମା ଦ୍ୱାରା କୌଣସି ଜନ୍ତୁ ମୃତାହତ ହୋଇନଥିବା ଜଙ୍ଗଲ ବିଭାଗ ସୂତ୍ରରୁ ପ୍ରକାଶ ।

# ମୃତ୍ୟୁଞ୍ଜୟ ରଥଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ରସାଏ ନଗର ନିବାସୀ ସାମ୍ବାଦିକ ରାଜୀବ ନୟନ ରଥଙ୍କ ପିତା ସ୍ୱର୍ଗତଃ ମୃତ୍ୟୁଞ୍ଜୟ ରଥଙ୍କ ଦ୍ୱାଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବୀର ସୁରେନ୍ଦ୍ରସାଏ ନଗର ସାଂସ୍କୃତିକ ସଂଗଠନ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ସୁଶାନ୍ତ କୁମାର ରାଉତ, ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂ, ସମାଜସେବୀ ଭୋଳାନାଥ ମହାରଣା, ହେମସାଗର ସ୍ୱାଇଁ, ସଞ୍ଜୟ କୁମାର ମହାପାତ୍ର, ଡକ୍ଟର ରମାକାନ୍ତ ମହାନନ୍ଦ, ମାନସ କୁମାର ବେହେରା, କାର୍ତ୍ତିକେଶ୍ୱର ପଣ୍ଡା, ଅଲେଖ ସାହୁ, ମଳୟ କୁମାର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ତାଙ୍କୁ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ ଓ ଯୋଗଜନ୍ମା ସାଧକ ଭାବେ ଅଭିହିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଇଭାଗ ହେଲା...

କର୍ମଚାରୀ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ଏସି ବଗିଗୁଡ଼ିକୁ ଟ୍ରେନ୍ ବଗିଗୁଡ଼ିକୁ ଯୋଡ଼ିଥିଲେ। ଫଳରେ ୪ ଘଣ୍ଟା ବିଳମ୍ବରେ ଏହି ଟ୍ରେନ୍ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଥିଲା। ମରାମତି ସମୟରେ ବ୍ରହ୍ମପୁର ଓ ବିଶାଖାପାଟଣା ମଧ୍ୟରେ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ଏହି କାରଣରୁ ବହୁ ଟ୍ରେନ୍ ବିଳମ୍ବରେ ଚାଲୁଥିବା ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କାହିଁକି ଦୁଇଟି ବଗି ଟ୍ରେନରୁ ଅଲଗା ହେଲା ସେ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଆରଏମ୍।

### ହିତାଧିକାରୀଙ୍କ ସହ...

କୋଟିରୁ ଅଧିକ ହିତାଧିକାରୀଙ୍କୁ ୩୩ଲକ୍ଷ କୋଟିର ଋଣ ପ୍ରଦାନ କରାଯାଇଛି। ଲାଭାର୍ଥୀଙ୍କ ମଧ୍ୟରେ ୬୮ ପ୍ରତିଶତ ମହିଳା ହିତାଧିକାରୀ ରହିଥିବାବେଳେ ୫୦ ପ୍ରତିଶତ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗର ବୋଲି ସୂଚନା ମିଳିଛି। ୨୦୧୫ ଜୁଲାଇ ୮ ତାରିଖରେ ମୋଦୀ ସରକାର ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କା ଦେଶର ବିଭିନ୍ନ ହିତାଧିକାରୀଙ୍କୁ ବିନା ଗ୍ୟାରେଣ୍ଟିରେ ପ୍ରଦାନ କରାଯାଇଛି। ଲାଭାର୍ଥୀଙ୍କୁ ମୋଦୀ କହିଥିଲେ ଯେ ଭାରତର ଯୁବପିଢିଙ୍କ ନିକଟରେ ଅନେକ ଉଦ୍ୟୋଗୀ ଦକ୍ଷତା ରହିଛି। ଯଦି ସେମାନଙ୍କୁ ସାମାନ୍ୟ ଟିକେ ସାହାଯ୍ୟ ମିଳେ, ତେବେ ସେମାନେ ସଫଳ ହୋଇପାରିବେ ବୋଲି ମୋଦୀ କହିବା ସହ କହିଥିଲେ ଯେ ଦେଶର ସାଧାରଣ ଲୋକଙ୍କୁ ଏହି ଯୋଜନାରେ ମୋ ସରକାର ୩୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି।

### ଓଡ଼ିଶା ହେବ...

ପ୍ରତିଷ୍ଠା କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଆଇଓସିଏଲ୍ ସହିତ ଚୁକ୍ତିନାମା ଓଡିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନୂଆ ଦିଲ୍ଲୀ ଗସ୍ତ ଓ ଶିଳ୍ପପତି ମାନଙ୍କ ସହିତ ଆଲୋଚନା ଦ୍ୱାରା ଶିଳ୍ପ ଜଗତରେ ଓଡିଶା ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଛି । ଓଡିଶାରେ ପୁଞ୍ଜିବିନିଯୋଗ କରିବା ପାଇଁ ଶିଳ୍ପପତି ମାନଙ୍କୁ ଆକୃଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ ଭାରତରେ ଗୁଜୁରାଟର ଦାହେଜ ବନ୍ଦର ଯେପରି ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇପାରିଛି, ପାରାଦୀପ ମଧ୍ୟ ପୂର୍ବ ଭାରତରେ ସେହିପରି ଭାବେ ବିକଶିତ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଶିଳ୍ପକ୍ଷେତ୍ର ସହିତ ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆପଣ ମାନେ ଓଡିଶାରେ ନିବେଶ କରନ୍ତୁ । ନିବେଶ କରିବା ପାଇଁ ଏହି ସମୟ ହିଁ, ପ୍ରକୃତ ସମୟ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିଅମ୍ ଓ ନେଚୁରାଲ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଓଡିଶାର ଶିଳ୍ପ, ସ୍କିଲ ଡେଭଲପ୍‌ମେଣ୍ଟ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ନିଜର ଅଭିଭାଷଣ ରଖି ଶିଳ୍ପକ୍ଷେତ୍ରରେ ବିକାଶ ପାଇଁ ଓଡିଶାର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିରେ ଏକ ନୂଆ ଆଶା ଓ ଦିଗ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ସମ୍ଭାବନା ବିଷୟରେ ସ୍ପଷ୍ଟଭାବେ ଅବଗତ ଅଛନ୍ତି ଓ ଏହି ସମ୍ଭାବନାକୁ ଉପଲବ୍ଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏକ ବହୁ ଅଂଶୀଦାର ସମବାୟ ଆଭିମୁଖ୍ୟ ଓଡ଼ିଶାର ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ଯୋଜନା କରାଯାଇଥିବା ମେଗା ପୁଞ୍ଜିନିବେଶ ଓଡ଼ିଶାର ଅଭିବୃଦ୍ଧି ଯାତ୍ରାରେ ଏକ ନୂଆ ଯୁଗର ଶୁଭାରମ୍ଭ କରିବ। ଓଡ଼ିଶା ବିଶ୍ୱପାଇଁ ଏକ ପ୍ରମୁଖ ଶକ୍ତିକେନ୍ଦ୍ରରେ ପରିଣତ ହେବ।


**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, I Rudra Narayan Jena, Address: At- Kharasahapur, near Shiva Mandir, Anantapur, PO- Kharasahapur, PS- Soro, Dist- Baleswar, Odisha, PIN-756046 declare that I have changed my son's name from Joy Priyadarshi Jena to Swayam Priyadarshi. Henceforth he shall be known as Swayam Priyadarshi for all purposes.
Sd/- Rudra Narayan Jena

**LOST**

By virtue of FIR copy No.12, date: 07.04.2025 from Mangalabag police station, Cuttack, I Suraj Maharana, S/o- Mangu Maharana, resident of Laxmi Vihar, Jagatpur, Cuttack declares that I have lost my B.Tech (EEE) Certificate Sl.No.- BDC 140116010 & Regd.No. 1001326144, GIET, Khurdha issued by BPUT, Rourkela in Mangalabag Area. Inspite of my best effort, I could not trace it out. This copy will be produced before concerned authority for issue of Duplicate Certificate.
Sd/- Suraj Maharana

**AFFIDAVIT**

I, Ranajit Sahoo, S/o- Rasananda Sahoo, resident of At- Aruhan, PO-chirule, PS- Gondia, Dist- Dhenkanal, Pin-759014, Odisha declare by this affidavit no.391dtd-07/04/2025 that now onwards I shall be known as Ranjit Sahoo for all future purposes.

**AFFIDAVIT**

By virtue of an affidavit sworn before the Executive magistrate Kodinga Dtd : 02/04.2025 I ASTAMA MALI W/O PARSURAM MALI ,permanent resident of village -Santoshpur po-Ghodadhanua ,ps Kosagumuda dist-nabarangpur , declare that I have changed my Wife's name from ASMATA MALI to ASTAMA MALI, Hence forth she shall be know as ASTAMA MALI for all records deeds and writing in all proceeding ,dealing and transaction private as well as public and upon all occasions whatsoever ,use and sign her name of ASTAMA MALI instead of ASMATA MALI, WO- PARSURAM MALI .

**AFFIDAVIT**

By virtue of an affidavit sworn before the Executive magistrate nabarangpur Dtd : 04/04.2025 I KISHOR NAIK S/O BHUBANESWER NAIK ,permanent resident of village -umuri po-anchalguma ,ps Tentulikhunti dist-nabarangpur , declare that I have changed my minor doughter s name from ANANYA NAIK to DEBASMITA NAIK, Hence forth she shall be know as DEBASMITA NAIK for all records deeds and writing in all proceeding ,dealing and transaction private as well as public and upon all occasions whatsoever ,use and sign her name of DEBASMITA NAIK instead of ANANYA NAIK.
Sd/- KISHOR NAIK

**AFFIDAVIT**

By virtue of an affidavit sworn before The Executive Magistrate on dated 07.04.2025, I Ashis Kumar Ghadei, S/o- Late Janmenjay Ghadei, resident at- Bhugudakata ward No. 26, PO/PS-Bhanjpur, Dist- Mayurbhanj, declares that my actual name is Ashis Kumar Ghadei, but wrongly recorded as Ashish Kumar Ghadei in Aadhar Card. Myself Ashis Kumar Ghadei & Ashish Kumar Ghadei is same and one person. This affidavit is to be produced before concerned authority for correction in Aadhar Card.
Sd/- Ashis Kumar Ghadei

**AFFIDAVIT**

By virtue of an affidavit sworn before The Executive Magistrate, Vyasanagar, Jajpur, dated: 07.04.2025, I Bairagi Charan Sethy, Address: Village-Kiapada, PO- Andhari, PS- Korai, Dist- Jajpur, Odisha, PIN-755019, declare that I have changed my daughter's name from Bayishali Manjari Sethy to Bishnu Priya Sethy. Henceforth, She shall be known as Bishnu Priya Sethy for all purposes.
Sd/- Bairagi Charan Sethy

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 07.04.2025, I Sanjoy Kumar Sahu, Address: At-Janghia, PO- Baddalima, PS- Tiring, Dist-Mayurbhanj, Odisha, PIN-757053 declare that I have changed my daughter's name from sohani Sahu to Suhani Sahu. Henceforth She shall be known as Suhani Sahu for all purposes.
Sd/- Sanjoy Kumar Sahu

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 07.04.2025, I Khemundu Parbati, Address: At-Jalaput, PO- Jalaput, PS-Machhkund, Dist-Koraput, Odisha, PIN-764041, declare that I have changed my name from Parbati Khemundu to Khemundu Parbati. Henceforth I shall be known as Khemundu Parbati for all purposes.
Sd/- Khemundu Parbati

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, dated: 07.04.2025, I Rudra Narayan Jena, Address: At- Kharasahapur near Shiva Mandir, Anantapur, PO- Kharasahapur, PS-Soro, Dist- Baleswar, Odisha, PIN- 756046, declare that I have changed my son's name from Joy Priyadarshi Jena to Swayam Priyadarshi. Henceforth He shall be known as Swayam Priyadarshi for all purposes.
Sd/- Rudra Narayan Jena



ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTICAL)
Regd. Office: UPPER KLAB HYDRO ELECTRIC PROJECT
BERINIPUT, JEYPORE, KORAPUT, ODISHA, 764006
E-mail: sgmel.ukhep@gmail.com
CIN : U40101OR1995SGC003963

CAD-67

TENDER CALL NOTICE NO: 02/2025-26 Dated 03.04.2025

Sealed Tenders are invited in single part i.e. Techno-Commercial bid in sealed envelopes from the Manufacturer/ Authorized Dealers/ Reputed supplier/ Channel Partner for supply, installation and commissioning of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non-refundable) in Rs. | EMD(₹) (Refundable) |
|---|---|---|---|
| 1 | Supply Installation and commissioning of smart display board for conference hall at Powerhouse of UKHEP, Bariniput | 2360 (Rs 2000/- + GST@ 18%) | ₹2900/- in shape of DD/BC (Refundable) |

The sale of Tender Paper will be from :- - 09.04.2025, 10:00 Hrs to 25.04.2025, 11:00Hrs
The last date & time of receipt of tender :- 25.04.2025, 12:00 Hrs
The date and time of opening of tender :- 25.04.2025 12:30 Hrs

For details of tender documents, Terms & Conditions and Corrigendum please visit our website www.ohpcltd.com.

Sd/-C&P Head
Upper Kolab HEP,OHPC Limited, Bariniput

OIPR 04002/11/0071/2425



ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail unit.head_balimela@yahoo.com

CAD-58

REGD. OFFICE:ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK,JANAPATH,BHUBANESWAR-751022
Tel-91-0674-2542983, 2542802, 2545526 , Fax: 2542102, GRAM HYDROPOWER,E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com.
CIN: U40101OR1995SGC003963, GSTIN-21AAACO2575P1Z9

TENDER CALL NOTICE NO:-BHEP/01 /2025-26 Dtd. 02.04.2025

Sealed Tenders are invited in two part bid basis i.e. (i) Technical bid & (ii) Price bid in separate sealed envelopes from the reputed & experienced Firms having similar or experience in Hydro Turbine Generators works .

| Sl. No. | Description of Services | Cost of tender paper (Non-refundable) in Rs. |
|---|---|---|
| 1 | Correction & Alignment of combined shaft of Unit-1. | 7080/- |

The Sale of Tender Paper will be from : 05.04.2025 to 11.00 Hrs of 15 .04.2025
The last date & time of receipt of tenders : Up 12.00 Hrs of 15.04.2025
Date and time of opening of the tenders : At 12.30 Hrs. of 15.04.2025.

For details of the tender documents, terms and conditions please visit our website www.ohpcltd.com

Sd/- C&P Head
BHEP, Balimela

OIPR 04019/11/0072/2425



O-10

E-Mail - sencrwangul@yahoo.co.in
☎ 06764 - 236404

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE,ANGUL

No. 1030 // Dt. 02.04.2025 //

NOTICE INVITING TENDER FOR ROAD WORKS IN ODISHA
Bid Identification No. Road Online AGL- 01 /2025-26

1. Name of the work : Road works.
2. Total No. of work : 01 No.
3. Estimated cost : Rs. 747.54 Lakhs (Approx.)
4. Class of Contractor : As per annexure.
5 Period of completion. : As per annexure.
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Angul | Road Online-AGL-01/2025-26 | 09.04.25 at 10.00 A.M | 25.04.25 up to 5.00 P.M | 23.04.25 upto 1.00 P.M | 28.04.25 at 09.00 A.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in

Sd/-Chief Construction Engineer,
Rural Works Circle, Angul.

OIPR 25180/11/0047/2425



OFFICE OF THE CHIEF CONSTRUCTION ENGINEER
ANANDPUR BARRAGE PROJECT, SALAPADA.
DIST:-KEONJHAR,ODISHA, PIN: 758020
E-Mail:cceabp@gmail.com
E-procurement Notice No. CCEABP- 01 of 2025-26
(Bid Id No. ABP-Soro-01/01 of 2025-26)

A-16

DETAILED NOTICE INVITING TENDER ON EPC CONTRACT

| Name of Work | Class/EMD /Tender Fee /Period of completion |
|---|---|
| Construction of Distribution system for 5052.68 Ha. of CCA including Command Area Development (CAD) of Salandi Left Main Canal from RD 60.304 km to 71.505 km through Under Ground Pipe Line Irrigation system (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. | (1)**Class of Contractor** - Super Class or Equivalent Grade Bidders<br>(2)**EMD: Rs 139.00 lakh.**<br>(3)**Tender Fee: Rs.10, 000.00**.<br>(4)**Period of completion**: **24** (Twenty four) calendar months including rainy seasons. |

A. Period of Availability of Bid Document in the Portal : From 10.00 AM of 09.04.2025 to 02.05.2025 up to 5.00 PM
B. Date & time For Pre-Bid Conference : 23.04.2025 at 11.30 AM
C. Last Date and Time for Receipt of Bid : 02.05.2025 up to 5.00 PM.
D. Place of Sale & Receipt of Bid : On-Line through e-Procurement.
E. Time and Date of Opening of Technical Bid : 03.05.2025 at 11.30 AM.
F. Place of Opening of Bid : O/o the Chief Construction Engineer, Anandapur Barrage Project, Salapada.
G. Further details can be seen from E-Procurment Portal "https://www.tendersodisha.gov.in"

Sd/-Chief Construction Engineer,
Anandpur Barrage Project ,Salapada.

OIPR 32180/11/0002/2425



ମୁମ୍ବାଇ: ଶିବସେନା ୟୁବିଟି ମୁଖ୍ୟ ଏବଂ ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ କହିଛନ୍ତି ଯେ ଅସଲି ଶିବସେନା ତାଙ୍କ ପାଖରେ ଅଛି । ଅନ୍ୟ ସବୁ ନକଲି । ସେ ସ୍ପଷ୍ଟ କରିଛନ୍ତି ଯେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଉଦ୍ଧବ ଠାକରେଙ୍କ ଏହି ବକ୍ତବ୍ୟ କେବଳ ତାଙ୍କର ରାଜନୈତିକ ପୁନରାଗମନର ଘୋଷଣା ନୁହେଁ ବରଂ ଏହା ବିଦ୍ରୋହୀ ଗୋଷ୍ଠୀ, ବିଶେଷକରି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନା ଉପରେ ଏକ ସିଧାସଳଖ ଆକ୍ରମଣ ଭାବେ ଦେଖାଯାଉଛି । ୨୦୨୨ ମସିହାରେ, ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନା ଭିତରେ ଏକ ବଡ଼ ବିଦ୍ରୋହ ହୋଇଥିଲା । ଅନେକ ବିଧାୟକ ଉଦ୍ଧବ ଠାକରେଙ୍କୁ ଛାଡ଼ିଥିଲେ । ଏହି ଘଟଣା ପରେ ଶିବସେନା ଦୁଇ ଭାଗରେ ବିଭକ୍ତ ହୋଇଗଲା । ଏହା ସତ୍ତ୍ୱେ, ଉଦ୍ଧବ ଠାକରେ ଦାବି କରିଛନ୍ତି ଯେ ଶିବସେନାର ପ୍ରକୃତ ଆତ୍ମା, ଏହାର ଆଦର୍ଶଗତ ଭିତ୍ତିଭୂମି ଏବଂ ଏହାର କର୍ମୀମାନେ ଏବେ ବି ତାଙ୍କ ସହିତ ଅଛନ୍ତି । ମଙ୍ଗଳବାର ମାତୋଶ୍ରୀରେ କୋଙ୍କଣ ଶ୍ରମିକଙ୍କ ସହିତ ଏକ ବୈଠକ କରିଥିଲେ । ଏହି ସମୟରେ ସେ କହିଥିଲେ, 'ମୁଁ ପୁଣି କୋଙ୍କଣ ଯିବି ।

# ୟୁଏଇ ନେତୃତ୍ୱଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦୁବାଇର କ୍ରାଉନ ପ୍ରିନ୍ସ, ଉପପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକ୍ତୁମଙ୍କୁ ସ୍ୱାଗତ କରିଛନ୍ତି । ଗତବର୍ଷ ଦୁବାଇରେ ଅନୁଷ୍ଠିତ ୱାର୍ଲଡ୍ ଗଭର୍ଣ୍ଣମେଣ୍ଟ ସମିଟରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୟୁଏଇ ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ ୟୁଏଇର ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କୁ ତାଙ୍କର ଅଭିନନ୍ଦନ ଜଣାଇଥିଲେ । ମହାମହିମ ମହମ୍ମଦ ବିନ୍ ରସିଦ ଅଲ ମକତୁମ, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଦୁବାଇର ଶାସକ ଅଟନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ଗସ୍ତ ଭାରତ ଏବଂ ୟୁଏଇ ମଧ୍ୟରେ ସୁଦୃଢ଼ ଏବଂ ଐତିହାସିକ ସମ୍ପର୍କରେ ପରମ୍ପରାଗତ ନିରନ୍ତରତାକୁ ସୂଚାଉଥାଏ ଏବଂ ପାରସ୍ପରିକ ବିଶ୍ୱାସ ତଥା ଭବିଷ୍ୟତ ପାଇଁ ଏକ ଅଂଶୀଦାର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲା । ବିଶେଷକରି ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, କ୍ରୀଡ଼ା ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ଭାରତ-ୟୁଏଇ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଉପରେ ସେମାନେ ଆଲୋଚନା କରିଥିଲେ । ୟୁଏଇରେ ରହୁଥିବା ପ୍ରାୟ ୪.୩ ନିୟୁତ ଭାରତୀୟଙ୍କ କଲ୍ୟାଣ ସୁନିଶ୍ଚିତ କରିଥିବାରୁ ପ୍ରଧାନମନ୍ତ୍ରୀ ୟୁଏଇର ନେତୃତ୍ୱଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଦୁଇ ଦେଶ ମଧ୍ୟରେ ଜୀବନ୍ତ ସମ୍ପର୍କରେ ସେମାନଙ୍କ ଗୁରୁତ୍ୱକୁ ସ୍ୱୀକାର କରିଥିଲେ ।

# ଫେରିଲା ବିଲୁପ୍ତ ଡାୟର ଓଲ୍ଫ



ନୂଆଦିଲ୍ଲୀ: ଗେମ ଅଫ ଥ୍ରୋନ୍ସ ଫିଲ୍ମରେ ଆଜ୍ଞା ଷ୍ଟାର୍କ ହାଉସର ବିଶ୍ୱସ୍ତ ସାଥୀ ଭାବେ ଡାୟର ଓ୍ୱଲ୍ଫକୁ ଦେଖିଥିଲେ । ଗଧିଆ ପ୍ରଜାତିର ଏହି ମାଂସାଶୀ ଜନ୍ତୁ ୧୩ ହଜାର ବର୍ଷ ତଳୁ ବିଲୁପ୍ତ ହୋଇଯାଇଥିଲେ । ଏବେ ଏହି ଡାୟର ଓ୍ୱଲ୍ଫ ପ୍ରତ୍ୟାବର୍ତ୍ତନ କରିଛି । ବିଶ୍ୱାସ ନ ହେଲେ ବି ଏହା ସତ୍ୟ । ବୈଜ୍ଞାନିକମାନେ ଜିନ ଏଡିଟିଂ ଦ୍ୱାରା ଏହି ଚମତ୍କାର କରି ଦେଖାଇଛନ୍ତି । ବୈଜ୍ଞାନିକମାନେ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ବିଲୁପ୍ତ ପ୍ରାୟ ପ୍ରଜାତି ଡାୟାର ଓ୍ୱଲ୍ଫକୁ ପୁନର୍ଜୀବିତ କରିଛନ୍ତି । ଅତ୍ୟାଧୁନିକ ବିଜ୍ଞାନର ପରିଣାମ ବଳରେ ଏହି ଗଧିଆ ପ୍ରଜାତି ପୃଥିବୀକୁ ଫେରି ଆସିଛନ୍ତି । ପୂର୍ବରୁ ଉତ୍ତର ଆମେରିକାରେ ଏମାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା । ସେମାନଙ୍କୁ ପୁଣିଥରେ ଦେଖିବାକୁ ମିଳିଛି । ଏହି ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଦୁଇଟି ଡାୟାର ଓ୍ୱଲ୍ଫ ଶିଶୁ ଜନ୍ମ ନେଇଛନ୍ତି । ସେମାନଙ୍କର ନାମ ରୋମୁଲସ୍ ଏବଂ ରେମସ୍ । ତାଙ୍କୁ ମାତ୍ର ଛଅ ମାସ, କିନ୍ତୁ ତାଙ୍କ ଆକାର ପ୍ରାୟ ଚାରି ଫୁଟ ଏବଂ ତାଙ୍କର ଓଜନ ୩୬ କିଲୋଗ୍ରାମରୁ ଅଧିକ । ରିପୋର୍ଟ ଅନୁଯାୟୀ, ବିଲୁପ୍ତ ପ୍ରଜାତିକୁ ପୁନରୁତ୍ଥାନ କରିବା ପଛରେ ଥିବା କମ୍ପାନୀ, ଟେକ୍ସାସ-ଭିତ୍ତିକ କଲୋସାଲ୍ ବାୟୋସାଇନ୍ସ କହିଛି ଯେ ଏହା ପ୍ରାଚୀନ ଡିଏନଏ । କ୍ଲୋନିଂ ଏବଂ ଜିନ୍ ଏଡିଟିଂ ବ୍ୟବହାର କରି ଭୟଙ୍କର ଗଧିଆ ଛୁଆ ସୃଷ୍ଟି କରିଛି ।

# ବିଜେପି ନେତାଙ୍କ ଘରେ ଗ୍ରେନେଡ୍ ମାଡ



ପଞ୍ଜାବ: ଜଲନ୍ଧରରେ ବିଜେପି ନେତା ମନୋରଞ୍ଜନ କାଲିଆଙ୍କ ଘର ଉପରେ ଗ୍ରେନେଡ୍ ମାଡ଼ କରାଯାଇଛି । ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ଆତଙ୍କବାଦୀ ହାପି ପାସିୟା । ପାସିୟା ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ଆକ୍ରମଣ ବିଷୟରେ ସୂଚନା ଦେଇଛି । ଏହି ଆତଙ୍କବାଦୀ ଉପରେ ଏନଆଇଏ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ଏହି ମାମଲାରେ, ପୋଲିସ ଇଲେକ୍ଟ୍ରନ ଦୁଇ ଘନିଷ୍ଠ ସହଯୋଗୀଙ୍କୁ ମଧ୍ୟ ଗିରଫ କରିଛି । ଆତଙ୍କବାଦୀ ହାପି ପାସିୟା ହେଉଛି ଖାଲିସ୍ତାନ ଆତଙ୍କବାଦୀ ସଂଗଠନ ବବର ଖାଲସାର କମାଣ୍ଡର । ସେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଆତଙ୍କବାଦୀ ସହ ମଧ୍ୟ କାମ କରିସାରିଛି । ତେଣୁ, ଏହି ଘଟଣାରେ ଆଇଏସଆଇର ହାତ ଥାଇପାରେ ବୋଲି କୁହାଯାଉଛି । ସିସିଟିଭି ଫୁଟେଜରୁ ପୋଲିସ କିଛି ପ୍ରମାଣ ମିଳିଛି, ଯାହା ପରେ ପୋଲିସ କାର୍ଯ୍ୟାନୁସାର ଗ୍ରହଣ କରି ୨ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ତେବେ ପଞ୍ଜାବ ପୋଲିସ ଗ୍ରେନେଡ ଆକ୍ରମଣ ମାମଲାରେ ୧୨ ଘଣ୍ଟା ମଧ୍ୟରେ ୨ ଜଣଙ୍କୁ ଗିରଫ କରିଛି । ଗ୍ରେନେଡ ଫିଙ୍ଗିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି ଓ ଆକ୍ରମଣରେ ବ୍ୟବହୃତ ଇ-ରିକ୍ସା ମଧ୍ୟ ପୋଲିସ ଜବତ କରିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହାଁଶାନ ଅଖତର, ଲରେନ୍ସ ବିଶ୍ନୋଇଙ୍କର ଘନିଷ୍ଠ ଅଟେ । କିଶାନ ଅଖତର ବାବା ସିଦ୍ଦିକି ହତ୍ୟା କେସରେ ମଧ୍ୟ ୱାଣ୍ଟେଡ କରିଛି । ସୂଚନାନୁସାରେ ଗତ ସୋମବାର ରାତି ପ୍ରାୟ ୧.୩୦ ସମୟରେ, ତିନିରୁ ଚାରି ଜଣ ଯୁବକ ଏକ ଇ-ରିକ୍ସାରେ ଆସୁଥିବାର ଦେଖାଯାଇଥିଲା, ସେମାନେ କାଲିଆଙ୍କ ଘର ଉପରକୁ ଗ୍ରେନେଡ ମାଡ କରି ପଳାଇ ଯାଇଥିଲେ । ଘର ଭିତରେ ତାଙ୍କ ଗାଡି ପାଖରେ ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣ ଯୋଗୁଁ ଗାଡି କ୍ଷତିଗ୍ରସ୍ତ ହେବା ସହିତ ଘରର ଝରକା ମଧ୍ୟ ଭାଙ୍ଗି ଯାଇଥିଲା । ସେତେବେଳେ ମନୋରଞ୍ଜନ କାଲିଆ ଘରେ ଶୋଇଥିଲେ ।

# ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଶ୍ରୀନଗରରେ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରରେ ବିକାଶ ପ୍ରକଳ୍ପ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କେନ୍ଦ୍ର ଗୃହ ସଚିବ ଏବଂ କେନ୍ଦ୍ର ତଥା ଜାମ୍ମୁ-କାଶ୍ମୀର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ମୋଦୀ ସରକାର ଏକ ବିକଶିତ ଜାମ୍ମୁ-କାଶ୍ମୀର ଗଠନ ଦିଗରେ ଅତୁଟ ସଂକଳ୍ପ ନେଇ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅକ୍ଳାନ୍ତ ପ୍ରୟାସ ବିକାଶ ଏବଂ କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ସମୃଦ୍ଧିର ଏକ ନୂତନ ଯୁଗ ଆରମ୍ଭ କରୁଛି । ଶ୍ରୀ ଶାହ କହିଥିଲେ ଯେ ଜାମ୍ମୁ-କାଶ୍ମୀର ପ୍ରତ୍ୟେକ କ୍ଷେତ୍ରରେ ଅଭିବୃଦ୍ଧି ପଥରେ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଜାମ୍ମୁ-କାଶ୍ମୀରରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ମୋଦୀ ସରକାରଙ୍କ ଅକ୍ଳାନ୍ତ ପ୍ରୟାସ ଫଳରେ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି । ସମୀକ୍ଷା ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଶକ୍ତି, ଯୋଗାଯୋଗ, ଶିଳ୍ପ, ପର୍ଯ୍ୟଟନ, କୃଷି ଆଦି କ୍ଷେତ୍ରରେ କେନ୍ଦ୍ର ଶାସିତ ଅଞ୍ଚଳର ସଫଳତା ଉପସ୍ଥାପନ କରାଯାଇଥିଲା । ଏହା ବ୍ୟତୀତ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଏପର୍ଯ୍ୟନ୍ତ ଜାମ୍ମୁ-କାଶ୍ମୀରକୁ ଦିଆଯାଇଥିବା ଆର୍ଥିକ ସହାୟତା ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ରେ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ରଶାସିତ ଅଞ୍ଚଳକୁ ଆବଣ୍ଟିତ ଆର୍ଥିକ ସହାୟତା ମଧ୍ୟ ଉପସ୍ଥାପନାରେ ଉଲ୍ଲେଖ କରାଯାଇଥିଲା । ଜାମ୍ମୁ-କାଶ୍ମୀରରେ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା କେନ୍ଦ୍ରଶାସିତ ଅଞ୍ଚଳର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରାଯାଇପାରିବ ।



# ବଞ୍ଜାରା ସମାଜର ଇତିହାସ ସମୃଦ୍ଧ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ବିଶ୍ୱ ବଞ୍ଜାରା ଦିବସ ଅବସରରେ ରାଜଧାନୀ ରାୟପୁରର ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଅଡିଟୋରିୟମରେ ଅଖିଳ ଭାରତୀୟ ବଞ୍ଜାରା ସେବାସଂଘ ଛତିଶଗଡ ପକ୍ଷରୁ ଆୟୋଜିତ ବିଶାଳ ମହାକୁମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ବଞ୍ଜାରା ସମାଜର ଇତିହାସ ସମୃଦ୍ଧଶାଳୀ । ବହୁ ପୂର୍ବରୁ ଏହି ସମାଜ ଦେଶ ସହ ଯୋଡି ହୋଇ ରହିଛି । ଦେଶର ସ୍ୱାଧୀନତା ସଂଗ୍ରାମରେ ବଞ୍ଜାରା ସମାଜର ଉଲ୍ଲେଖନୀୟ ଯୋଗଦାନ ରହିଥିଲା ବୋଲି ଶ୍ରୀ ସାଏ ମତଦାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ବଞ୍ଜାରା ସମାଜର ପାରମ୍ପରିକ ପୋଷାକ ପିନ୍ଧିଥିଲେ । ତାଙ୍କୁ ବଞ୍ଜାରା ସମାଜ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଞ୍ଜାରା ସମାଜ ଦ୍ୱାରା ପ୍ରକାଶିତ ପୁସ୍ତକ ଉନ୍ମୋଚନ କରିଥିଲେ । ବଞ୍ଜାରା ସମାଜର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଲଡି ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ସମାରୋହରେ ବଞ୍ଜାରା ସମାଜର ଆରାଧ୍ୟ ଗୁରୁ ନାନାକଦେବ ଏବଂ ସନ୍ଥ ସେବା ଲାଲ ମହାରାଜାଙ୍କ ପ୍ରତିକୃତିରେ ଶ୍ରୀ ସାଏ ପୁଷ୍ପମାଲ୍ୟ ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏପ୍ରିଲ ୮ତାରିଖ ବଞ୍ଜାରା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ମଧ୍ୟ ଜଣାଇଥିଲେ । ସେ କହିଥିଲେ ବଞ୍ଜାରା ସମାଜର ଲୋକମାନେ ବର୍ଷ ସାରା ବିଭିନ୍ନ ବ୍ୟବସାୟ କରିଥାନ୍ତି । ସେମାନେ ଏଥିପାଇଁ ଦୂର ସ୍ଥାନକୁ ମଧ୍ୟ ଯାତ୍ରା କରିଥାନ୍ତି । ସେ କହିଥିଲେ ମୋର ବଞ୍ଜାରା ସମାଜ ସହିତ ମୋର ଘନିଷ୍ଠ ସଂପର୍କ ରହିଛି । ମୋ ଗାଁ ବଗୀୟା ନିକଟବର୍ତ୍ତୀ ମଦନପୁର, ପଥଲ ଗାଁ, ହଥଗଡା ଗ୍ରାମରେ ଅନେକ ବଞ୍ଜାରା ସମାଜର ଭାଇ ବନ୍ଧୁ ରହିଛନ୍ତି । ସେମାନେ ସବୁ ମୋର ଆତ୍ମୀୟ ଭଳି । ସେହିପରି ହଥଗଡା ଗାଁରେ ବଞ୍ଜାରା ସମାଜର ଲୋକମାନେ କାଟରିଂ କାମରେ ବ୍ୟସ୍ତ ରହିଥାନ୍ତି । ଯଦି ଗାଁରେ କୌଣସି କାର୍ଯ୍ୟକ୍ରମ ହୁଏ, ତେବେ ସେମାନେ ମୋତେ ଖୋଜିଥାନ୍ତି । ଛତିଶଗଡର ବସନାରେ ବଞ୍ଜାରା ସମାଜର ଅଧିକ ଲୋକ ବସବାସ କରୁଥିବା ସେ କହିଥିଲେ ।

# ୧୨ ରେଳ କର୍ମଚାରୀ ସମ୍ବର୍ଦ୍ଧିତ



କୋଲକାତା : ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ୦୮.୦୪.୨୦୨୫ରେ ଏସ୍‌ଇଆର୍ ସାଧାରଣ ପରିଚାଳକ, ମୁଖ୍ୟାଳୟ, ଗାର୍ଡେନ୍ ରିଚ୍ ଠାରେ କର୍ତ୍ତବ୍ୟ ପ୍ରତି ନିଷ୍ଠା, ସୁରକ୍ଷା ସଚେତନତା ଏବଂ ଫ୍ରଣ୍ଟଲାଇନ୍ କର୍ମଚାରୀ ଭାବରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ବାର ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଏହି ବାରଜଣ କର୍ମଚାରୀ ହେଲେ, କମଲେଶ ରୟ, ସିନିଅର ମୋଟର୍ମନ୍ /ଖରାଗପୁର, ଜୋସେଫ୍ ଗାରି, ଟେକ୍ନିସିଆନ୍ -୩ /ସିଏଣ୍ଡଡବ୍ଲୁ/ବାମ୍ରା, କୃଷ୍ଣଚନ୍ଦ୍ର ନାୟକ, ସିନିଅର ଟେକ୍ନିସିଆନ୍/ସି ଏଣ୍ଡ ଡବ୍ଲୁ /ଝାରସୁଗୁଡ଼ା, ମିସ୍ ମିଲି ସାର୍କ, ପଏଣ୍ଟସମ୍ୟାନ୍-ଏ/ବ୍ୟାଙ୍କ୍ରା ନୟାବାଜ, ପୁଷ୍ପା ସିଂହ, ଟ୍ରାକ୍ ମେଣ୍ଟେନର୍-୧, ଶ୍ୟାମଛକ, ଅନିଲ ପାଣ୍ଡେ, ଟ୍ରାକ୍ ରକ୍ଷଣାବେକ୍ଷଣକାରୀ-୪/ ଜଲେଶ୍ୱର, ବିଶାଲ ବିଶ୍ୱାସ, ଟ୍ରାକ୍ ରକ୍ଷଣାବେକ୍ଷଣକାରୀ-୪ / ଜଲେଶ୍ୱର, ମହମ୍ମଦ ସେଫ୍ ଅଲ୍ଲି ଖାନ୍, ଟ୍ରାକ୍ ରକ୍ଷଣାବେକ୍ଷଣକାରୀ-୪, କୋଟ୍‌ସିଲା, ଅମନ କୁମାର, ଟ୍ରାକ୍ ରକ୍ଷଣାବେକ୍ଷଣକାରୀ-୪ /ହାରୁବେରା, ଉପେନ୍ଦ୍ର ରାମ, ଟ୍ରାକ୍ ରକ୍ଷଣାବେକ୍ଷଣକାରୀ-୪ /ଜାଲିଦା ଏବଂ ରଞ୍ଜିତ କୁମାର ମହତୋ, ଟ୍ରାକ ମେଣ୍ଟେନ-୨ / ତୋରାଙ୍ଗ । ସୋମବାର ଯେଉଁ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି, ସେମାନେ ଦୁର୍ଘଟଣା କିମ୍ବା ଅନ୍ୟାନ୍ୟ ଦୁର୍ଘଟଣାକୁ ଏଡାଇବା ପାଇଁ ଆଦର୍ଶ ଉତ୍ସର୍ଗୀକୃତ ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଏହିପରି ଉତ୍ସର୍ଗୀକୃତ କର୍ମୀ ସର୍ବଦା ଟ୍ରେନ ପରିଚାଳନାରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ଦକ୍ଷିଣ ପୂର୍ବ ରେଳପଥକୁ ସମର୍ଥନ କରନ୍ତି ।

# ବାଣିଜ୍ୟ

Hero MotoCorp Ltd

ନୂଆଦିଲ୍ଲୀ: ବିଶ୍ୱର ସର୍ବବୃହତ ମୋଟରସାଇକେଲ ଓ ସ୍କୁଟର ନିର୍ମାତା, ହିରୋ ମୋଟୋକର୍ପ ପୁଣିଥରେ ଭାରତୀୟ ଦୁଇଚକିଆ ଯାନ ବଜାରରେ ଏହାର ଉପସ୍ଥିତିକୁ ସୁଦୃଢ଼ ରଖିଛି । ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫଏଡିଏ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, ହିରୋ ମୋଟୋକର୍ପ ୨୦୨୪-୨୫ ଆର୍ଥିକ ବର୍ଷ ଓ ମାର୍ଚ୍ଚ ୨୦୨୫ ପାଇଁ ଖୁଚୁରା ବିକ୍ରି ଓ ବଜାର ଅଂଶ ଦୃଷ୍ଟିରୁ ଶୀର୍ଷ ଦୁଇଚକିଆ ଯାନ ବ୍ରାଣ୍ଡ ଭାବେ ଉଭା ହୋଇଛି । ଏଫଏଡିଏ ୨୦୨୫ ଆର୍ଥିକ ବର୍ଷର ରିଟେଲ ଡାଟା ଅନୁଯାୟୀ : ୨୦୨୪-୨୫ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ୫୪,୪୫,୨୫୧ଟି ଦୁଇଚକିଆ ଯାନ ବିକ୍ରି କରିବା ସହ ୨୯%ର ପ୍ରମୁଖ ବଜାର ଅଂଶ ହାସଲ କରିଛି । କେବଳ ମାର୍ଚ୍ଚ ୨୦୨୫ରେ ହିରୋ ମୋଟୋକର୍ପ ୪୩୫,୮୨୮ ୟୁନିଟ ଦୁଇଚକିଆ ଯାନ ବିକ୍ରି କରିଛି । ଏହା ହୋଣ୍ଡାର ୩୫୬,୦୮୩ ୟୁନିଟ ତୁଳନାରେ ଯଥେଷ୍ଟ ଆଗରେ ରହିଛି । ଏହାର ପ୍ରିମିୟମ ପୋର୍ଟଫୋଲିଓକୁ ଅଧିକ ପହଂଚଯୋଗ୍ୟ କରିବା ପାଇଁ ହିରୋ ମୋଟୋକର୍ପ ବର୍ତ୍ତମାନ ସୁଦ୍ଧା ଦେଶବ୍ୟାପୀ ୮୦ରୁ ଅଧିକ ପ୍ରେମିୟା ଡିଲରସିପ ସ୍ଥାପନ କରିଛି ।


## ଡିଜିଟାଲ୍ ଋଣ କ୍ଷେତ୍ରରେ ପ୍ରବେଶ କଲା ଜିଓ ଫାଇନାନ୍ସ

ମୁମ୍ବାଇ: ଜିଓ ଫାଇନାନ୍ସ ଲିମିଟେଡ୍ (ଜେଏଫଏଲ୍) ସିକ୍ୟୁରିଟିଜ୍ ଉପରେ ଋଣ କ୍ଷେତ୍ରରେ ପ୍ରବେଶ କରିଛି । ଗ୍ରାହକମାନେ ସେମାନଙ୍କର ଡିମାଟ୍ ଆକାଉଣ୍ଟରେ ଥିବା ସେୟାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭଳି ସିକ୍ୟୁରିଟିଗୁଡ଼ିକୁ ବନ୍ଧକ ରଖି ଋଣ ପାଇପାରିବେ ଏବଂ ତାହା ମଧ୍ୟ ବିକ୍ରି ନକରି । କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଡିଜିଟାଲ୍, ସୁରକ୍ଷିତ ଏବଂ ଓଟିପି ଆଧାରିତ । ଜିଓ ଫାଇନାନ୍ସ ଆପ୍ ମାଧ୍ୟମରେ ମାତ୍ର ୧୦ ମିନିଟରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନିଆଯାଇପାରିବ । ସୂଚନାଯୋଗ୍ୟ ଯେ ଜିଓ ଫାଇନାନ୍ସ ଲିମିଟେଡ୍ (ଜେଏଫଏଲ୍) ହେଉଛି ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡର ଏନବିଏଫସି (ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ) ଶାଖା । କମ୍ପାନୀ ଏହାକୁ ଡିଜିଟାଲ୍-ଫାଷ୍ଟ ଆର୍ଥିକ ସେବା ପାଇଁ ଏକ ୱାନ୍-ଷ୍ଟପ୍ ଡେଷ୍ଟିନେସନ୍ ଭାବରେ ପ୍ରଦର୍ଶିତ କରୁଛି । ଋଣର ସୁଧ ହାର ଗ୍ରାହକଙ୍କ ବ୍ୟକ୍ତିଗତ ରିସ୍କ ପ୍ରୋଫାଇଲ୍ ଅନୁରୂପ ହେବ । କମ୍ପାନୀ ପକ୍ଷରୁ ଏହାକୁ ବହୁତ କମ୍ ରଖିବାକୁ ଚେଷ୍ଟା କରାଯାଇଛି, ସୁଧ ହାର ୯.୯୯% ରୁ ଆରମ୍ଭ ହେବ । ଏହି ଋଣଗୁଡ଼ିକ ସର୍ବାଧିକ ତିନି ବର୍ଷ ଅବଧି ପାଇଁ ରହିବ ଏବଂ ଏଥିରେ କୌଣସି ଫୋର-କ୍ଲୋଜର ଶୁଳ୍କ ଲାଗିବ ନାହିଁ । ଜିଓ ଫାଇନାନ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ କୁସଲ ରାୟ କହିଛନ୍ତି, 'ଲୋନ୍ ଏଗେନଷ୍ଟ ସିକ୍ୟୁରିଟିଜ୍ ଶୁଭାରମ୍ଭ କରିବା ଆମର ବ୍ୟାପକ ଡିଜିଟାଲ୍ ରଣନୀତିର ଏକ ଅଂଶ ଯାହାର ଲକ୍ଷ୍ୟ ରହିଛି ଗ୍ରାହକମାନଙ୍କ ପାଖରେ ଆର୍ଥିକ ସେବା ପହଞ୍ଚାଇବାର ଉପାୟରେ ପରିବର୍ତ୍ତନ ଆଣିବା । ଏହି ଶୁଭାରମ୍ଭ ଆର୍ଥିକ ସେବାକୁ ଅଧିକ ସୁଲଭ, ଦ୍ରୁତ ଏବଂ ଗ୍ରାହକ-କୈନ୍ଦ୍ରିକ କରିବା ପାଇଁ ଆମର ମିଶନରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ।'

## ୬ରୁ ଅଧିକ ଦେଶରେ ଟିଭିଏସ୍ ଆପାଚିର ବିସ୍ତାର

ନୂଆଦିଲ୍ଲୀ: ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାଣ କରୁଥିବା ଅଗ୍ରଣୀ ବିଶ୍ୱସ୍ତରୀୟ ଅଟୋମୋବାଇଲ୍ କମ୍ପାନି ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ପ୍ରିମିୟମ୍ ମୋଟରସାଇକଲ୍ ବ୍ରାଣ୍ଡ୍ ଟିଭିଏସ୍ ଆପାଚିର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ପାଳନ କରାଯାଉଛି । ଏହା ବ୍ରାଣ୍ଡର ୨୦ ବର୍ଷ ପୂର୍ତ୍ତି ଏବଂ ବିଶ୍ୱବ୍ୟାପୀ ଏହା ହାଲ କରିଥିବା ୬ ନିୟୁତରୁ ଅଧିକ ଗ୍ରାହକଙ୍କ ବିଶ୍ୱାସକୁ ପାଳନ କରୁଛି । ଟିଭିଏସ୍ ମୋଟର କମ୍ପାନିର ପରିଚାଳନା ନିର୍ଦ୍ଦେଶକ ପରିଚାଳନା ସୁଦର୍ଶନ ବେଣୁ କହିଛନ୍ତି ଯେ, 'ଗତ ୨୦ ବର୍ଷ ମଧ୍ୟରେ ଟିଭିଏସ୍ ଆପାଚିର ୬ ନିୟୁତରୁ ଅଧିକ ଉତ୍ସାହୀ ରାଇଡରଙ୍କ ଅତୁଟ ବିଶ୍ୱାସ ଓ ଉତ୍ସାହ ପାଇଁ ଆମେ ଅତ୍ୟନ୍ତ କୃତଜ୍ଞ । ପ୍ରଦର୍ଶନ ଏବଂ ଉତ୍ସାହ ପ୍ରତି ସେମାନଙ୍କ ଭଲ ପାଇବା ଟିଭିଏସ୍ ଆପାଚିକୁ ବିଶ୍ୱସ୍ତରରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସ୍ପୋର୍ଟସ ମୋଟରସାଇକେଲ ବ୍ରାଣ୍ଡରେ ପରିଣତ କରିଛି । ଏହି ମାଇଲଖୁଂଟ ଆମର ଇନିୟର, ଡିଜାଇନର, କାରଖାନା ଦଳ, ଡିଲର, ଯୋଗାଣକାରୀ ଏବଂ ଅଂଶୀଦାରଙ୍କ ଭଳି ଟିଭିଏସ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଅଟେ ଯେଉଁମାନେ ପ୍ରତିଦିନ ନବସୃଜନ ସୀମାକୁ ଆଗକୁ ବଢ଼ାଉଛନ୍ତି । ଟିଭିଏସ୍ ରେସିଂର ୪୩ ବର୍ଷର ଐତିହ୍ୟ ଓ ଟ୍ରାକ୍‌ରୁ ଅନୁପ୍ରାଣିତ ଟିଭିଏସ୍ ଆପାଚିରେ ଉଚ୍ଚ ପ୍ରଦର୍ଶନ ମୋଟରସାଇକଲ୍, କ୍ଷୀପ୍ରତା, ନବସୃଜନର ଗୁଣ ରହିଛି । ଟିଭିଏସ୍ ମୋଟର କମ୍ପାନିର ପ୍ରିମିୟମ ବିଜନେସ୍ ମୁଖ୍ୟ ବିମଳ ସୁମ୍ବଲି କହିଛନ୍ତି ଯେ, 'ଟିଭିଏସ ଆପାଚି ପ୍ରିମିୟମ୍ ମୋଟରସାଇକେଲରେ ଅଗ୍ରଣୀ ରହିଛି ଯାହା ରେସିଂ ଉତ୍କର୍ଷତା ଏବଂ ଅଭିନବତା ଉପରେ ଆଧାରିତ ଏକ ବ୍ରାଣ୍ଡ ନିର୍ମାଣ ପାଇଁ ଆମର ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଗତ ୨୦ ବର୍ଷ ମଧ୍ୟରେ ଆପାଚି ପ୍ରଦର୍ଶନ ମୋଟରସାଇକେଲ ଚାଳନାକୁ ପୁନଃବ୍ୟାଖ୍ୟା କରିଛି ଏବଂ ଆପାଚି ଓନର୍ସ ଗ୍ରୁପ୍ ମାଧ୍ୟମରେ ଏକ ସମୃଦ୍ଧ ବ୍ୟବସ୍ଥା ସୃଷ୍ଟି କରିଛି ଯାହା ବିଶ୍ୱସ୍ତରରେ ଉତ୍ସାହୀ ରାଇଡରମାନଙ୍କୁ ଏକାଠି କରିଛି । ୬୦ ଲକ୍ଷ ଗ୍ରାହକଙ୍କ ମାଇଲଖୁଂଟ ଅତିକ୍ରମ କରିବା ବ୍ରାଣ୍ଡର ଉତ୍କର୍ଷତାର ନିରବଚ୍ଛିନ୍ନ ପ୍ରୟାସ, କ୍ଷେତ୍ରର ପ୍ରଥମ ଉଦ୍ଭାବନକୁ ଅଗ୍ରଣୀ କରିବା ଏବଂ ଅତୁଳନୀୟ ଉପଭୋକ୍ତା ଅନୁଭୂତି ପ୍ରଦାନ କରିବାର ଏକ ପ୍ରମାଣ । ଆପାଚି ଓନର୍ସ ଗ୍ରୁପ୍ (ଏଓଜି)ରେ ବିଶ୍ୱବ୍ୟାପୀ ୩,୦୦,୦୦୦ରୁ ଅଧିକ ରାଇଡର୍ ରହିଛନ୍ତି । ଆପାଚି ଏକ ଅଭିଳାଷୀ ଓ ବିଶ୍ୱସ୍ତରୀୟ ଦଳ ଗଠନ କରିଛି ଯେଉଁମାନେ ପ୍ରଦର୍ଶନ ପ୍ରତି ଭଲ ପାଇବା ଓ ଗାଡ଼ିଚାଳନାର ରୋମାଂଚ ବାଂଟୁଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମ, ଟ୍ରାକ୍ ଡେ', ସମ୍ମିଳନୀ ଆଦିରେ ଭାଗ ନେବା ଲାଗି ବ୍ରାଣ୍ଡ୍ ସେମାନଙ୍କୁ ସୁଯୋଗ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କ ଭିତରେ ଭଲ ପାଇବାକୁ ବେଶ୍ ମଜଭୁତ କରୁଛି । ଏହି ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ଟିଭିଏସ୍ ଆପାଚି ରାଇଡର୍‌ମାନଙ୍କ ସ୍ୱପ୍ନକୁ ଆଗକୁ ବଢ଼ାଇବା ଏବଂ ସେମାନଙ୍କୁ ଶ୍ରେଷ୍ଠ ଅନୁଭୂତି ପ୍ରଦାନ କରିବା ଜାରି ରଖିବ ।

## ଭାରତରେ ପ୍ରବେଶ କଲା ଜେବିଏଲ୍‌ର ଟ୍ୟୁନ୍ ସିରିଜ-୨



ନୂଆଦିଲ୍ଲୀ: ଜେବିଏଲ୍ ପକ୍ଷରୁ ଭାରତରେ ଏହାର ଗେମ୍-ଚେଂ ଟ୍ୟୁନ ସିରିଜ ୨ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ନୂଆ ସିରିଜ ୩ଟି ସ୍ୱତନ୍ତ୍ର ଷ୍ଟାଇଲ ଯଥା ବଡ୍‌ସ ୨, ବିମ୍ ୨ ଓ ଫ୍ଲେକ୍ସ ୨ର ଶୁଭାରମ୍ଭ କରିଛି । ଟ୍ୟୁନ ୨ ସିରିଜ ଆଡାପ୍ଟିଭ ନଏଜ କ୍ୟାନ୍ସେଲିଂ, ଉନ୍ନତ ଡ୍ରାଇଭର ଓ ସ୍ପାଟିଆଲ ସାଉଣ୍ଡ ଭଳି ପ୍ରଥମ ଥରର ଫିଚରଗୁଡିକ ସହ ଆସୁଛି । ମଲ୍ଟି-ପଏଂଟ କନେକ୍ସନ ଓ ଗୁଗଲର ଫାଷ୍ଟ ପେୟାର ସହିତ ଉପଭୋକ୍ତାମାନେ ସହଜରେ ଡିଭାଇସଗୁଡିକ ମଧ୍ୟରେ ସ୍ୱିଚ କରିପାରିବେ ଏବଂ ଆଣ୍ଡ୍ରଏଡ ଡିଭାଇସଗୁଡିକ ସହ ଇନ୍‌ଷ୍ଟାଂଟ ପେୟାରିଂ ଉପଭୋଗ କରିପାରିବେ । ଜେବିଏଲ୍‌ର ନୂଆ ଟ୍ୟୁନ ସିରିଜ ୨ ତିନୋଟି ସ୍ୱତନ୍ତ୍ର ଡିଜାଇନ ସହ ପର୍ସନାଲ ଅଡିଓକୁ ପୁନଃବ୍ୟାଖ୍ୟା କରିଛି ଯେଉଁଥିରେ ଏର୍ଗୋନୋମିକ ବଡ୍-ଷ୍ଟାଇଲ ଡିଜାଇନ ସହ ଟ୍ୟୁନ ବଡ୍‌ସ୨, ସ୍ଲିକ କ୍ଲୋଜ୍‌ଡ-ଟାଇପ ଷ୍ଟିକ ଡିଜାଇନ ସହ ଟ୍ୟୁନ ବିମ୍ ୨ ଏବଂ ଉନ୍ନତ ସାଉଣ୍ଡ କ୍ୱାଲିଟି ପାଇଁ ବୃହତ ୧୨ ଏମଏମ ଡ୍ରାଇଭର ସହ ଓପନ-ଟାଇପ ଷ୍ଟିକ ଡିଜାଇନ ସହ ବହୁମୁଖୀ ଟ୍ୟୁନ ଫ୍ଲେକ୍ସ ୨ ସାମିଲ ରହିଛି । ଏଥିରେ ୪୮ ଘଂଟା ପର୍ଯ୍ୟନ୍ତ ମୋଟ ପ୍ଲେବ୍ୟାକର ଏକ ଆକର୍ଷଣୀୟ ବ୍ୟାଟେରୀ ଲାଇଫ ରହିଛି । ସିରିଜରେ ଥିବା ପ୍ରତ୍ୟେକ ମଡେଲ ଏଲଇ ଅଡିଓ ସହ ବ୍ଲୁଟୁଥ ୫.୩ ଓ ୬ଟି ମାଇକ୍ରୋଫୋନ ସମେତ ଆଡ୍‌ଭାନ୍ସଡ ଫିଚରଗୁଡିକ ସହ ସୁସଜ୍ଜିତ ହୋଇଆସୁଛି, ଯାହା ଆହ୍ୱାନପୂର୍ଣ୍ଣ ପରିବେଶରେ ମଧ୍ୟ ସ୍ପଷ୍ଟ ଫୋନ କଲ୍ ନିଶ୍ଚିତ କରିଥାଏ । ଏହି ଉତ୍ପାଦଗୁଡିକ ଏପ୍ରିଲ ୧୭ ତାରିଖ ୨୦୨୫ରୁ ସମସ୍ତ ପ୍ରମୁଖ ରିଟେଲରରେ ରେ ଉପଲବ୍ଧ ହେବ । ଜେବିଏଲ୍ ଟ୍ୟୁନ ବଡ୍‌ସ୨, ବିମ୍‌୨ ଓ ଫ୍ଲେକ୍ସ ୨ ଯଥାକ୍ରମେ ୯୪୯୯ ଟଙ୍କା, ୧୧,୯୯୯ ଟଙ୍କା ଓ ୧୦,୪୯୯ ଟଙ୍କାରେ ଉପଲବ୍ଧଧ ହେବ । ଟିଡବ୍ଲ୍ୟୁଏସ ବ୍ଲାକ, ବ୍ଲୁ ଓ ହ୍ୱାଇଟ କଲରରେ ଉପଲବ୍ଧ ହେବ । ଏହି ଶୁଭାରମ୍ଭ ଅବସରରେ ହର୍‌ମନ ଇଣ୍ଡିଆରେ ଲାଇଫଷ୍ଟାଇଲ ବିଭାଗର ଉପାଧ୍ୟକ୍ଷ ବିକ୍ରମ ଖେର କହିଛନ୍ତି, 'ଭାରତରେ ଜେବିଏଲ ଟ୍ୟୁନ ସିରିଜର ସମ୍ପ୍ରସାରଣ ସହିତ ଆମେ ଆଡପ୍ଟିଭ ନଏଜ କ୍ୟାନ୍ସେଲିଂ ଓ ଭଏସଆୱେର ଭଳି ଫିଚର ସହ ଏକ ଉନ୍ନତ ନିମଜ୍ଜିତ ଅଡିଓ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ।

## ରେଞ୍ଜର ଡିଜାଇନ ଫିନିଶର ଶୁଭାରମ୍ଭ କଲା ବିର୍ଲା ଓପସ ପେଣ୍ଟସ୍

ନୂଆଦିଲ୍ଲୀ: ବିର୍ଲା ଓପସ ପେଂଟ୍‌ସ ପକ୍ଷରୁ ଦୁଇଟି ଏକ୍ସକ୍ଲୁସିଭ ଓ ଫ୍ୟୁଚରିଷ୍ଟିକ କଲେକ୍ସନ ସହିତ ଏହାର ନୂଆ ଓ ଅଭିନବ ରେଞ୍ଜର ଡିଜାଇନର ଫିନିଶର ବଜାର ପ୍ରବେଶ କରାଯାଇଛି ଯାହା ଭାରତରେ ପ୍ରିମିୟମ ଇଂଟେରିୟର ଡିଜାଇନିଙ୍ଗକୁ ରୂପାନ୍ତର କରିବ । ଏହି ସ୍ୱତନ୍ତ୍ର ରେ ଦୁଇଟି କଲେକ୍ସନ ଯଥା ଡ୍ରିମ୍ କଲେକ୍ସନ ଓ ଟାଇମଲେସ୍ କଲେକ୍ସନର ଶୁଭାରମ୍ଭ କରିଛି, ପ୍ରତ୍ୟେକ କଲେକ୍ସନ ପ୍ରକୃତି ଅନୁପ୍ରାଣିତ ଉତ୍କର୍ଷତା ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରୁଛି । ହାଇ-ଡେଫିନିଶନ ୩ଡି ପାଟର୍ଣ୍ଣ ଓ ମେଟାଲିକ ବ୍ରିଲିଆନ୍ସଠାରୁ ଆରମ୍ଭ କରି ଟାଇମଲେସ୍ ଓ ହ୍ୟାଣ୍ଡକ୍ରାଫ୍ଟେଡ ଫିନିଶ ପର୍ଯ୍ୟନ୍ତ, ବିର୍ଲା ଓପସ୍ ପେଂଟ୍‌ସର ଡିଜାଇନର ଫିନିଶ କାନ୍ଥଗୁଡିକୁ ବିଳାସପୂର୍ଣ୍ଣତା ସହ ଜୀବନ୍ତ କରିବ । ଏହା ଅଧିକ ସ୍ଥାୟୀ ଓ ଉତ୍କୃଷ୍ଟ ହେବା ସହିତ ବିର୍ଲା ଓପସ୍ ପେଂଟ୍‌ସର 'ଦୁନିଆ କୋ ରଙ୍ଗ ଦୋ' ଦୃଷ୍ଟିକୋଣକୁ ସୂଚିତ କରୁଛି । ଏହି ଶୁଭାରମ୍ଭ ଅବସରରେ ବିର୍ଲା ଓପସ୍ ପେଂଟ୍‌ସର ସିଇଓ ରକ୍ଷିତ ହର୍‌ଗଭେ କହିଛନ୍ତି, 'ଭାରତବ୍ୟାପୀ ଲଂଚ ହୋଇଥିବା ଆମର ପେଂଟ ଷ୍ଟୁଡିଓ ଫ୍ରାଂଚାଇଜି ଷ୍ଟୋରଗୁଡିକ ସମର୍ଥନରେ ଆମେ ଉପଭୋକ୍ତାଙ୍କୁ ଏବେ ପ୍ରକୃତିର ସୌନ୍ଦର୍ଯ୍ୟ ଓ ଇଟାଲୀର କଳାକୃତିରୁ ଅନୁପ୍ରାଣିତ ଏଭଳି ସ୍ୱତନ୍ତ୍ର ଫିନିଶ ପ୍ରଦାନ କରୁଛୁ ଯାହା ନିଶ୍ଚିତ ରୂପେ ଆପଣଙ୍କ ଘରଗୁଡିକରେ ବିଳାସପୂର୍ଣ୍ଣତାର ସ୍ୱାଦ ଆଣିବ । 'ଡ୍ରିମରେ ଷ୍ଟେଟ୍‌ମେଂଟ ୱାଲ ପ୍ରସ୍ତୁତ କରିବା ପାଇଁ ଉପଯୁକ୍ତ ଥିବା ହାଇ-ଡେଫିନିଶନ ୩ଡି ପାଟର୍ଣ୍ଣ ଓ ମେଟାଲିକ ଫିନିଶ ଆଣିଥିବା ବେଳେ ସ୍ଥାୟିତ୍ୱ ଓ ଦୀର୍ଘସ୍ଥାୟୀ ସୌନ୍ଦର୍ଯ୍ୟତା ସହ ୧୫୦ରୁ ଅଧିକ ଟ୍ରେଣ୍ଡି ଓ ୱାଟର-ରେଜିଷ୍ଟାଂଟ ସେଡ୍ ପ୍ରଦାନ କରୁଛି । ଏଥିରେ ସମୁଦ୍ର, ବାଦଲ ଓ ଗଛ ସମେତ ପ୍ରକୃତିର ଉପାଦାନଗୁଡିକ ଦ୍ୱାରା ଅନୁପ୍ରାଣିତ ୧୪ଟି ଏକ୍ସକ୍ଲୁସିଭ ଡିଜାଇନ ଓ ପ୍ରତି ଡିଜାଇନ ପିଛା ୧୦ଟି କଲର କମ୍ବିନେଶନ ରହିଛି । ଯାହାଫଳରେ ଏହା ୧୪୦ଟି ସ୍ୱତନ୍ତ୍ର ଉତ୍ପାଦ ପ୍ରଦାନ କରୁଛି ଯାହା ସ୍ଥାନଗୁଡିକୁ ବିଳାସପୂର୍ଣ୍ଣ, ମନମୋହକ ପରିବେଶରେ ରୂପାନ୍ତର କରିଥାଏ ।ବେଙ୍ଗାଲୁରୁ, ଦିଲ୍ଲୀ, ହାଇଦ୍ରାବାଦ, କୋଲ୍‌କାତା, ଜୟପୁର, ଅହମ୍ମଦାବାଦ ଓ ସୁରଟ ଭଳି ଅନ୍ୟ ସ୍ଥାନଗୁଡିକରେ ବିର୍ଲା ଓପସ୍ ପେଂଟସ୍ ଷ୍ଟୁଡିଓ ଖୋଲିବା ସମେତ ବ୍ରାଣ୍ଡର ଫ୍ରାଂଚାଇଜି ଷ୍ଟୋରଗୁଡିକର ବର୍ଦ୍ଧିତ ନେଟ୍‌ୱର୍କକୁ ବିସ୍ତାର ପାଇଁ ଯୋଜନା ରଖାଯାଇଛି, ଏଥିସହିତ ଡିଜାଇନର ଫିନିଶଗୁଡିକର ଉପଲବ୍ଧତାକୁ ଅଧିକ ବୃଦ୍ଧି କରାଯାଉଛି ଯାହା ଦେଶବ୍ୟାପୀ ଗ୍ରାହକଙ୍କ ପାଇଁ ଉପଲବ୍ଧତା ଓ ସୁବିଧା ନିଶ୍ଚିତ କରିବ ।

## ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ବି୨ବି କଲେକ୍ସନ ସମାଧାନର ଶୁଭାରମ୍ଭ

ନୂଆଦିଲ୍ଲୀ: ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏନ୍‌ବିବିଏଲ୍‌ର ଭାରତ କନେକ୍ଟକୁ ବ୍ୟବହାର କରି ବି୨ବି କଲେକ୍ସନ ସୁବିଧା ପ୍ରଦାନ କରିବା ଲାଗି ଏକ ଫର୍ଚ୍ଚୁନ୍ ୫୦୦ କମ୍ପାନି ସହିତ ସହଯୋଗିତା ସ୍ଥାପନ କରାଯାଇଛି । ନିଜର ଶ୍ରେଷ୍ଠ ମାନର ଏପିଆଇ ଷ୍ଟାକ୍ ବ୍ୟବହାର କରି ପ୍ରଥମ ବ୍ୟାଙ୍କ ଭାବେ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏହି ସେବାର ଶୁଭାରମ୍ଭ କରାଯାଇଛି । ଏହି ସମାଧାନ ଏଫ୍‌ଏମ୍‌ସିଜି, ଫାର୍ମା, ଅଟୋମୋବାଇଲ୍, ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ କ୍ଷେତ୍ରର ଏକାଧିକ ବରାଦକୁ ସମନ୍ୱିତ କରି କମ୍ପନିର ପାଇକାରୀ ବିତରକ, ଷ୍ଟକିଷ୍ଟ ଓ ରିଟେଲରମାନଙ୍କ ପାଇଁ କଲେକ୍ସନ ସମାଧାନ ପ୍ରଦାନ କରିପାରିବ । ସେମାନେ ଏହି ଆପ୍ଲିକେସନ୍‌ରେ ସିଧାସଳଖ ଇନଭଏସ୍ ପେମେଂଟ୍ ଆରମ୍ଭ କରିପାରିବେ । ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏନ୍‌ବିବିଏଲର ଭାରତ ବିଲ୍‌ପେ' ସହ ସହଯୋଗିତାରେ ଏହି ନିରବଚ୍ଛିନ୍ନ, କ୍ଷୀପ୍ର, ବ୍ୟାପକ ଓ ସୁହାଇବା ଭଳି ସମାଧାନ ବିକାଶ କରାଯାଇଛି । ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ମୁଖ୍ୟ-ଟ୍ରେଜେରି, ମାର୍କେଟ୍‌ସ ଆଣ୍ଡ୍ ହୋଲ୍‌ସେଲ୍ ବ୍ୟାଙ୍କିଙ୍ଗ ପ୍ରଡକ୍ଟସ୍ ନୀରଜ ଗମ୍ଭୀର କହିଛନ୍ତି ଯେ, 'ଆକ୍ସିସ୍ ବ୍ୟାଙ୍କ ଏହାର କ୍ଲାଏଂଟ୍‌ମାନଙ୍କ ପାଇଁ ଡିଜିଟାଲ ପେମେଟ୍ ଓ କଲେକ୍ସନ ସମାଧାନ ଶୁଭାରମ୍ଭ କରିବାରେ ଅଗ୍ରଣୀ ରହିଛି । ପ୍ରଥମ ଧରଣର ବି୨ବି କଲେକ୍ସନ ସମାଧାନ ପାଇଁ କର୍ପୋରେଟ୍ ସହିତ ଆମ ସହଯୋଗିତା ଆମର ଶ୍ରେଷ୍ଠ ମାନର ଏପିଆଇ ବ୍ୟାଙ୍କିଙ୍ଗ ଷ୍ଟାକ୍ ପ୍ରତି ପ୍ରମାଣ । ଏହି ଅଭିଯାନ ହେଉଛି ଭାରତର ଡିଜିଟାଲ୍ ଯାତ୍ରାରେ ନବସୃଜନର ଏକ ଉଦାହରଣ ଯାହା ଉଚ୍ଚ ମାନର ଗ୍ରାହକ ସୁବିଧା ଓ ନିରବଚ୍ଛିନ୍ନ ପେମେଂଟ୍ ଅନୁଭୂତିକୁ ସୁନିଶ୍ଚିତ କରିବ ।' ଏନ୍‌ପିସିଆଇ ଭାରତ ବିଲ୍‌ପେ ଲିମିଟେଡ୍ (ଏନ୍‌ବିବିଏଲ୍)ର ସିଇଓ ନୁପୂର ଚତୁର୍ବେଦୀ କହିଛନ୍ତି ଯେ, 'ବୃହତ ଯୋଗାଣ ଶୃଙ୍ଖଳ ଓ ବିତରର ନେଟ୍‌ୱର୍କର ମାନୁଆଲ ପ୍ରକ୍ରିୟାକୁ ସଂଗଠିତ କରିବା ଲକ୍ଷ୍ୟ ନେଇ ଭାରତ କନେକ୍ଟ ପକ୍ଷରୁ ବିଜନେସ୍ ଟୁ ବିଜନେସ୍ (ବି୨ବି) ଇନ୍‌ଭଏସ୍ ପେମେଂଟ୍ ଓ ଫାଇନାନ୍ସିଂ ପ୍ଲାଟଫର୍ମର ଶୁଭାରମ୍ଭ ସହିତ ଭାରତ କନେକ୍ଟ ଏହାର ପରିସୀମା ବୃଦ୍ଧି କରିଛି । ଆମ ବର୍ଦ୍ଧିତ ସମାଧାନ ପାଇଁ ଆକ୍ସିସ୍ ବ୍ୟାଙ୍କ ପ୍ରମୁଖ ସହଯୋଗୀ ହେବା ଏବଂ ପ୍ରଥମ ବ୍ୟାଙ୍କ ଭାବେ ଲାଇଭ୍ ହୋଇଥିବାରୁ ଆମେ ବହୁତ ଖୁସି । ବ୍ୟାଙ୍କ ସହିତ ଆମର ପୂର୍ବରୁ ଥିବା ସହଯୋଗିତାକୁ ଏହା ଆହୁରି ସୁଦୃଢ଼ କରିବ ଏବଂ ପେମେଂଟ୍ ଓ ସମାଧାନ କ୍ଷେତ୍ରର ଗଣତାନ୍ତ୍ରିକୀକରଣ ପ୍ରତି ଆମ ମିଳିତ ସହଯୋଗିତାକୁ ଏହା ସୁଦୃଢ଼ କରୁଛି ।'

## ବିଦ୍ୟୁତ୍ ଭିତ୍ତିଭୂମି ବିକାଶକୁ ଟିପିସିଓଡିଏଲର ଗୁରୁତ୍ୱ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବିଦ୍ୟୁତ୍ ଭିତ୍ତିଭୂମି ବିକାଶ କରି ଲୋକଙ୍କ ପାଇଁ ଉନ୍ନତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ହିନ୍ଦୋଳ ରୋଡ୍ ପ୍ରାଇମେରି ସବ୍‌ଷ୍ଟେସନରେ ୫ ଏମଭିଏ ଟ୍ରାନ୍ସଫର୍ମରକୁ ବଦଳାଇ ୮ ଏମଭିଏ କ୍ଷମତାର ଏକ ନୂଆ ଟ୍ରାନ୍ସଫର୍ମର ସଫଳତାର ସହିତ ସ୍ଥାପନ କରାଯାଇଛି । ଏହି ଉନ୍ନତିକରଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୮,୦୦୦ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଏବଂ ଉନ୍ନତ ଭୋଲଟେଜ ସହ ବିଦ୍ୟୁତ୍ ଯୋଗାଣ ହୋଇ ପାରିବ । ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବା ସହ ଓଭରଲୋଡିଂ ଦୂର କରି ଲୋକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ଏହି ଟ୍ରାନ୍ସଫର୍ମରର ଉନ୍ନତିକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଭିତ୍ତିଭୂମି ବିକାଶ କରି ଉପଭୋକ୍ତାଙ୍କୁ ଉନ୍ନତ ବିଦ୍ୟୁତ୍ ପ୍ରଦାନ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି ।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି କେଦାର ଯାଦବ ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ସାମିଲ ହୋଇଛନ୍ତି। ସେ ମୁମ୍ବାଇରେ ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ରାଜ୍ୟ ଭାଜପା ମୁଖ୍ୟ ଚନ୍ଦ୍ରଶେଖର ବାୱାନ୍‌କୁଲେ, ଅଶୋକ ଚୌହ୍ୱାନ ଏବଂ ଅନ୍ୟାନ୍ୟ ନେତାଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି। ଭାଜପାରେ ଯୋଗଦେବା ପୂର୍ବରୁ କେଦାର ଯାଦବ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଏବଂ ରବିନ୍ଦ୍ର ଚୌହ୍ୱାନଙ୍କୁ ଭେଟିଥିଲେ। ଏହା ପରେ ସେ ମୁମ୍ବାଇ କ୍ରିକେଟ ଆସୋସିଏଶନର ପୂର୍ବତନ ସଭାପତି ଏବଂ ଭାଜପାନେତା ଆଶିଷ ଶେଲାରଙ୍କୁ ଭେଟିଥିବା ଜଣାପଡ଼ିଛି। ଭାଜପାରେ ଯୋଗ ଦେବା ପରେ କେଦାର ଜାଦବ ପ୍ରଧାନମନ୍ତ୍ରୀ ମୋଦିଙ୍କ ବହୁତ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ୨୦୧୪ ମସିହାରୁ, ଯେତେବେଳେ କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିଲା, ସେମାନଙ୍କୁ ଯେଉଁ ପ୍ରକାରର ପ୍ରେମ ଏବଂ ସମର୍ଥନ ମିଳିଛି ଏବଂ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଯେଉଁ ପ୍ରକାରର ସଫଳତା ହାସଲ କରିଛନ୍ତି, ତାହା ମୋତେ ବହୁତ ପ୍ରେରଣା ଦେଇଛି। ଭାରତୀୟ କ୍ରିକେଟ ଦଳ ପାଇଁ ୭୩ଟି ଦିନିକିଆ ଖେଳିଥିବା କେଦାର ପୁଣେର ବାସିନ୍ଦା। ତାଙ୍କୁ ୯ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ସୁଯୋଗ ମିଳିଛି। ଜଣେ ଅଲରାଉଣ୍ଡର ଭାବରେ ଖେଳି ସେ ୭୩ଟି ଦିନିକିଆରେ ୧୩୮୯ ରନ କରିଛନ୍ତି ଏବଂ ୨୭ଟି ଉଇକେଟ ମଧ୍ୟ ନେଇଛନ୍ତି।

**୨୧ତମ ମ୍ୟାଚ୍ | କୋଲକାତା ନାଇଟ୍ ରାଇଡର୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ୍**

# ଲକ୍ଷ୍ନୌ ସୁପରଜାଏଣ୍ଟସ୍ ୪ରନ୍‌ରେ ବିଜୟୀ



କୋଲକାତା: ଆଇପିଏଲ୍‌ର ୨୧ତମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲଏସଜି) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କେକେଆର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୨୦ ଓଭରରେ ୩ ୱିକେଟ ହରାଇ ୨୩୮ ରନର ବିଶାଳ ସ୍କୋର କରିଥିଲା। ଆଇଡେନ ମାର୍କରାମ ୨୮ ବଲରେ ୪୭, ମିଚେଲ ମାର୍ଶ ୪୮ ବଲରେ ୮୧ ଓ ନିକୋଲାଦ ପୂରନ ୩୬ ବଲରେ ୮୭ ରନ କରି ଅପରାଜିତ ରହିଥିଲେ। ହର୍ଷିତ ରାଣା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ କେକେଆର ୨୦ ଓଭରରେ ୭ ୱିକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ରାହାଣେ ୩୫ ବଲରୁ ୬୧ ଓ ରିଙ୍କୁ ସିଂ ୧୫ ବଲରେ ୩୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଙ୍କେଟେଶ ଆୟାର ୨୯ ବଲରେ ୪୫ ରନ କରିଥିଲେ। ଆକାଶଦୀପ ଓ ଶାର୍ଦ୍ଦୁଳ ଠାକୁର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୩୫ରନ୍‌ର ଟାର୍ଗେଟ୍‌କୁ ପିଛା କରି କେକେଆର୍ ଧାର୍ଯ୍ୟ ୨୦ଓଭରରେ ୭ୱିକେଟ ହରାଇ ୨୩୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଯାହା ଫଳରେ ମାତ୍ର ୪ରନ୍‌ରେ ହାରିଯାଇଥିଲା। ଶେଷ ଓଭରରେ କେକେଆର ବିଜୟ ପାଇଁ ୨୪ ରନ ଆବଶ୍ୟକ କରୁଥିଲା। ହର୍ଷିତ ରାଣା ପ୍ରଥମ ବଲରେ ଚୌକା ମାରିଥିଲେ। ଦ୍ୱିତୀୟ ବଲ ଡଟ ଏବଂ ତୃତୀୟ ବଲରେ ୧ ରନ କରିଥିଲେ। ଶେଷ ୩ଟି ବଲରେ ଦଳ ୩ଟି ଛକା ଆବଶ୍ୟକ କରୁଥିଲା। ରିଙ୍କୁ ୨ଟି ଚୌକା ଓ ଗୋଟିଏ ଛକା ମାରିବାକୁ ସକ୍ଷମ ହୋଇଥିଲେ। କେକେଆର ୫ ମ୍ୟାଚରେ ୪ ପଂଏଟ ସହ ଷଷ୍ଠ ସ୍ଥାନରେ ରହିଛି। ଲକ୍ଷ୍ନୌ ୫ ମ୍ୟାଚରୁ ୬ ପଂଏଟ ହାସଲ କରି ୪ର୍ଥ ସ୍ଥାନରେ ରହିଛି। କେକେଆର ପକ୍ଷରୁ ଅଜିଙ୍କ୍ୟ ରାହାଣେ ୩୫ ବଲ୍‌ରେ ୬୧ ରନ୍, ଭେଙ୍କଟେଶ ଆୟର ୨୯ ବଲ୍‌ରେ ୪୫ ରନ୍ ଏବଂ ରିଙ୍କୁ ସିଂହ ୧୫ ବଲ୍‌ରେ ଅପରାଜିତ ୩୮ ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଆକାଶ ଦୀପ ଏବଂ ଶାର୍ଦ୍ଦୁଳ ଠାକୁର ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

**୨୨ତମ ମ୍ୟାଚ୍ | ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ**

# ପଞ୍ଜାବ କିଙ୍ଗ୍ସ ୧୮ରନ୍‌ରେ ବିଜୟୀ



ଚଣ୍ଡିଗଡ଼ : ଚଣ୍ଡିଗଡ଼ରେ ମଙ୍ଗଳବାର ଆଇପିଏଲର ୨୨ତମ ମ୍ୟାଚ ଚେନ୍ନାଇ ସୁପରକିଙ୍ଗସ୍ ଓ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପଞ୍ଜାବ କିଙ୍ଗ୍ ୧୮ ରନ୍‌ରେ ମ୍ୟାଚ୍ ଜିତି ନେଇଛି। ଏହି ମ୍ୟାଚରେ ପଞ୍ଜାବ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୯ ରନ କରିଥିଲା। ୫ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରିନଥିଲେ। ତେବେ ପ୍ରିୟାଂଶ ଆର୍ଯ୍ୟା ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୪୨ଟି ବଲରେ ଶତକ ଅର୍ଜନ କରିଥିଲେ। ସେହିପରି ଶଶାଙ୍କ ସିଂ ଅପରାଜିତ ୫୨ ରନ ଓ ମାର୍କୋ ଜାନସେନ ୩୪ ରନ କରିଥିଲେ। ଚେନ୍ନାଇ ପକ୍ଷରୁ ଖଲିଲ ଅହମ୍ମଦ ଓ ରବିଚନ୍ଦ୍ରନ ଅଶ୍ୱୀନ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୨୨୦ରନ୍‌ର ଟାର୍ଗେଟ ନେଇ ଚେନ୍ନାଇ ସୁପରକିଙ୍ଗସ ମୈଦାନକୁ ଓହ୍ଲାଇଥିଲା। ଦଳ ଶେଷ ପର୍ଯ୍ୟନ୍ତ ଲଢ଼ି ୨୦ଓଭରରେ ୫ୱିକେଟ ହରାଇ ୨୦୧ରନ୍ କରିଥିଲା। ଦଳ ପକ୍ଷରୁ ରଚିନ୍ ରବିନ୍ଦ୍ର ୩୬ରନ୍ କରିଥିବା ବେଳେ ଡେଭିନ୍ କନ୍‌ୱେ ସର୍ବାଧିକ ୬୯ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ମାତ୍ର ୧ ରନ୍ କରି ଆଉଟ୍ ହୋଇଯାଇଥିଲେ। ଯାହାଫଳରେ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ସେହିପରି ଶୁଭମ୍ ଦୁବେ ୪୨, ୱିକେଟକିପର ମହେନ୍ଦ୍ର ସିଂ ଧୋନୀ ୨୭, ରବିନ୍ଦ୍ର ଜାଡେଜା ୯ ଓ ବିଜୟ ଶଙ୍କର ୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ପଞ୍ଜାବ କିଙ୍ଗସ ପକ୍ଷରୁ ୟାସ୍ ଠାକୁର ଓ ଗ୍ଲେନ ମ୍ୟାକ୍ସୱେଲ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଲୋକେଇ ଫର୍ଗୁସନ ୨ ୱିକେଟ ଅକ୍ତିଆର କରିଥିଲେ।

## ୧୫ ବର୍ଷରୁ କମ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ




ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଏସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ମୁଖ୍ୟମନ୍ତ୍ରୀ କପ' ଉଦଘାଟିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଯୁବ ଖେଳାଳି ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫାଓର ଉପ ସଭାପତି ଅସିତ ପତି, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି ଓ ବିଶିଷ୍ଟ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତି ଓ ଗଣ ମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ଓ ଉଦଘାଟନୀ ମ୍ୟାଚରେ ଫିଡଚର ଷ୍ଟାର କ୍ଲବ ଡ୍ରାଗନ ୟୁଥ କ୍ଲବକୁ ୧-୦ ଗୋଲରେ ପରାସ୍ତ କରିଥିଲା ଓ ରାକେଶ ହେମ୍ବ୍ରମ ଏକ ମାତ୍ର ଗୋଲ କରିଥିଲେ। ବାପୁନ କୁମାର ମହାନ୍ତ, ଯୁଗସେଙ୍ଗଲ ସୋରେନ ଓ ନାରାୟଣ ଚନ୍ଦ୍ର ହାଁସଦା ଖେଳ ପରିଚାଳନା କରିଥିଲେ ଓ ସୁଭଦ୍ରା ହେମ୍ବ୍ରମ ୪ର୍ଥ ରେଫେରି ଭାବେ କାର୍ଯ୍ୟ ତୁଲାଇଥିଲେ ଓ ସରକାରଙ୍କ ତରଫରୁ ଯୋଗାଇ ଯାଇଥିବା ନୂଆ ଜୋତା ଓ ଜର୍ସି ପିନ୍ଧି ଖେଳାଳି ମାନେ ବେଶ ଉତ୍ସାହିତ ଥିବାର ଦେଖାଯାଇଥିଲା ଓ ବୁଧବାର ସକାଳ ୮ଟା ରେ ଖେରୱାଲ ଜୁମିତ ଓ ଶିମିଳିପାଳ ସ୍ପୋର୍ଟସ ଏସୋସିଏସନ ମଧ୍ୟରେ ଓ ଅପରାହ୍ନ ୪ ଟାରେ ଇଣ୍ଡିପେଣ୍ଡେଣ୍ଟ ସ୍ପୋର୍ଟସ ଓ ଜଗନ୍ନାଥ ବିଶାବୀର ମଧ୍ୟରେ ମ୍ୟାଚ ହେବ ବୋଲି ଗଣ ମାଧ୍ୟମ ସଂଯୋଜକ ଶ୍ରୀ ସିଂହ ଜଣାଇଛନ୍ତି।

## ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ




କେନ୍ଦୁଝର (ଭାସ୍କର ନ୍ୟୁଜ) :ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଓଡିଶାର ହ୍ୟାଣ୍ଡବଲର ଏନ୍ତୁଡ଼ିଶାଳା ଭାବେ ପରିଚିତ କେନ୍ଦୁଝରରେ ଉଦଘାଟିତ ହୋଇଯାଇଛି ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ମ୍ୟାଚ୍। ଦୀର୍ଘ ୪୫ ବର୍ଷର ବ୍ୟବଧାନ ପରେ କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍‌କୁ ତେଲକୋଇ ବିଧାୟକ ଡା ଫକୀର ମୋହନ ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସିନର ଏକଜ୍ୟୁଟିଭ ଡାଇରେକ୍ଟର ଆନନ୍ଦେଶ୍ୱର ପାଣ୍ଡେ ଯୋଗଦେଇ ସେ ୪୫ ବର୍ଷ ପୂର୍ବରୁ କେନ୍ଦୁଝର ଠାରେ ହୋଇଥିବା ଜାତୀୟ ପ୍ରତିଯୋଗିତାକୁ ଆସିବାର ସୁଯୋଗ ପାଇଥିଲେ ବୋଲି ପ୍ରକାଶ କରିବା ସହ ସେତେବେଳର କେନ୍ଦୁଝର ଏବଂ ବର୍ତ୍ତମାନର କେନ୍ଦୁଝର ଭିତରେ ଆକାଶ ପାତାଳ ଫରକ ସେ ହୃଦୟଙ୍ଗମ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏଠାରେ ବର୍ତ୍ତମାନ ଅତ୍ୟାଧୁନିକ ହ୍ୟାଣ୍ଡବଲ ପଡିଆରେ ଏହି ଜାତୀୟ ସ୍ତର ପ୍ରତିଯୋଗିତା ଆୟୋଜନ କରାଯାଉଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ଏହି ହ୍ୟାଣ୍ଡବଲ ପଡିଆରେ ଏକ ସେଡ ନିର୍ମାଣ କରାଗଲେ ସେ ଏଠାରେ ଏକ ହ୍ୟାଣ୍ଡବଲ ଏକାଡେମୀ ଖୋଲିବାକୁ ପ୍ରତିଶୃତି ଦେଇଥିଲେ ଏବଂ ଏଠାରୁ ମଧ୍ୟ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହେବାର ଦ୍ୱାର ଖୋଲିଯିବ ବୋଲି ପ୍ରକାଶ କରିଥିଲେ। ଏହି ଜାତୀୟ ହ୍ୟାଣ୍ଡବଲ ଚମ୍ପିୟାନସିପରେ ୨୬ଟି ରାଜ୍ୟର ୫ଶହ ଖେଳାଳୀ ଯୋଗ ଦେଉଥିବା ବେଳେ, ଚମ୍ପିଆନସିପ୍‌ରେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ମ୍ୟାଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ୧୨ତାରିଖ ଶନିବାର ଦିନ ଏହି ଜାତୀୟସ୍ତରୀୟ ଚମ୍ପିଆନସିପର ଉଦଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ।

## ଜିଲ୍ଲାସ୍ତରୀୟ ଫୁଟବଲ୍ କପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଉମରକୋଟ (ଭାସ୍କର ନ୍ୟୁଜ୍) : ରାଜ୍ୟ ପ୍ରଥମ ଥର ପାଇଁ ଆୟୋଜନ ହୋଇଥିବା ୧୫ ବର୍ଷରୁ କମ ଖେଳାଳିଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଫୁଟବଲ କପ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହା ୭ ତାରିଖ ସୋମବାର ଠାରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉମରକୋଟ ବିଜୁ ପଟନାୟକ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ସୁପରିଚାଳନା ପାଇଁ ପୂର୍ବରୁ ରାଜ୍ୟ ଫୁଟବଲ ପର୍ଯ୍ୟବେକ୍ଷକ ସୁନୀଲ କୁମାର ମିତ୍ର ପରିଦର୍ଶନ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ୧୩ ଟି ଫୁଟବଲ ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାଛଡ଼ା ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ଜିଲ୍ଲା ଝରୀଗାଁ ବିଧାୟକ ନର୍ସିଙ୍ଗ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବରିଷ୍ଠ ବିଜେପି ନେତା ରମେଶ କୁମାର ସାହୁ, ପୌର ଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାଶ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ନବରଙ୍ଗପୁର ଜିଲ୍ଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ଅତିରିକ୍ତ ଜିଲ୍ଲାପାଳ ତପନକୁମାର ଖୁଣ୍ଟିଆ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ପାତ୍ର, ଉମରକୋଟ ତହସିଲଦାର ମଗବାନ ବାଗ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ, କ୍ରୀଡା ସଙ୍ଘ ସମ୍ପାଦକ ପ୍ରହଲାଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସେହିପରି କ୍ରୀଡ଼ାସଙ୍ଘ ଉପସଭାପତି ଏମ. ବାଳକୃଷ୍ଣ ରାଓ, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲ୍ଲିକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟନାୟକ, ଜିଲ୍ଲା ମହିଳା କ୍ରୀଡା ସଂଯୋଜକ ଇଂ. ଚନ୍ଦନା ମଲ୍ଲିକ, କ୍ରୀଡ଼ାସଙ୍ଘ ଯୁଗ୍ମ ସମ୍ପାଦକ ମନୋଜ ପଟନାୟକ, କ୍ରୀଡ଼ାବିତ ଅଶୋକ କୁମାର ସାହୁ ଶଶାଙ୍କ ଶେଖର ବେହେରା, ରବି ସୁନା, ସପନ ବୈରାଗୀ କିଶୋର କୁମାର ସିଲ ଦୁର୍ଯ୍ୟ ହରିଜନ ଏବଂ ଜିଲ୍ଲା କ୍ରୀଡା ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଫୁଟବଲ ପ୍ରତିଯୋଗିତାର ପରିଚାଳନା କରିଥିଲେ।

DIR/01/04/2025-2026/ Expression of Interest (EOI) for sale of scrap
Govt. of Jharkhand, Office of the Director
Ranchi Institute of Neuro-Psychiatry & Allied Sciences
Kanke, Ranchi – 834006 (Ph.:2450303, 2450813, 2450188)
www.rinpas.nic.in, Director-rinpas@jharkhandmail.gov.in & Directorrinpas@gmail.com

E-tender notice No. **Tender Document No:- DIR/01/04/2025-2026/ Expression of Interest (EOI) for sale of scrap** are invited in two bid system (Technical & Price Bid) through e -tendring process only, from competent and eligibel agencies, for a period of minimum one year.

| | |
|---|---|
| Date of publishing of Expression of Interest (EOI) | **11/04/2025, 11.30 AM** |
| Pre-Bid Conference | **16/04/2025, 12.30 PM** |
| Expression of Interest (EOI) Title | Expression of Interest (EOI) for sale of scrap for Ranchi Institute of Neuropsychiatry and Allied Sciences (RINPAS) in the state of Jharkhand |
| Availability of EOI document | Available on government e-portal: http://jharkhandtenders.gov.in |
| Method of selection | Least Cost Based Selection (LCS) |
| Project Duration | 180 days (One eighty days) |
| Date till which the EOI response/proposal should be valid i.e., period of validity of proposal | The proposal shall remain valid for a period of 180 days from the last date of proposal submission. |
| EMD | NIL |
| Tender document fee (non-refundable) | Rs. 2,000/-(two thousand) through online mode in favors of "Director RINPAS", Receipt of online payment should be deposited in the dispatch section of RINPAS before last date for submission of Birds. |
| Language of the proposal | English |
| Proposal Submission Start Date | **19/04/2025, 11.30 AM** |
| Proposal submission Last Date | **03/05/2025, 17.30 PM** |
| Late Proposal submission | Late Proposal i.e., proposal received after the specified date and time of receipt will not be considered. |
| Date, Time and venue for opening of proposal of all participants | **05/05/2025, 12.30 PM** at Office of Director, RINPAS |

रिनपास पत्रांक 775 दि0:–07/04/2025

Sd/-
Director
RINPAS, Kanke, Ranchi

PR 349897 RINPAS(25-26)#D

कार्यपालक अभियन्ता का कार्यालय
पेयजल एवं स्वच्छता यांत्रिक प्रमंडल, धनबाद

**अति अल्पकालिन निविदा आमंत्रण सूचना संख्या :– 01/2025–26** तिथि–07.04.2025

| | |
|---|---|
| 1. विभाग का नाम :– | पेयजल एवं स्वच्छता विभाग, झारखण्ड, रांची। |
| 2. विज्ञापनदाता का नाम :– | कार्यपालक अभियन्ता, पेयजल एवं स्वच्छता यांत्रिक प्रमंडल, धनबाद। |
| 3. परिमाण विपत्र बिक्री की अन्तिम तिथि एवं समय | 16.04.2025 को 5.00 बजे अपराह्न तक |
| 4. निविदा प्राप्ति की तिथि एवं समय :– | 17.04.2025 को 3.00 बजे अपराह्न तक |
| 5. निविदा खोलने की तिथि एवं समय :– | 17.04.2025 को 4.00 बजे अपराह्न तक |
| 6. परिमाण विपत्र बिक्री का स्थान :– | (क) कार्यपालक अभियन्ता का कार्यालय, पेयजल एवं स्वच्छता यांत्रिक प्रमंडल, धनबाद। (ख) अधीक्षण अभियन्ता का कार्यालय, पेयजल एवं स्वच्छता यांत्रिक अंचल, दुमका। |
| 7. निविदा प्राप्ति का स्थान :– | कार्यपालक अभियन्ता का कार्यालय, पेयजल एवं स्वच्छता यांत्रिक प्रमंडल, धनबाद। |
| 8. निविदा खोलने का स्थान :– | कार्यपालक अभियन्ता का कार्यालय, पेयजल एवं स्वच्छता यांत्रिक प्रमंडल, धनबाद। |

9. कार्य का विस्तृत विवरणी :–

| क्र0 | कार्य का नाम | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य समाप्ति की अवधि |
|---|---|---|---|---|---|
| 1 | Rewinding, Overhauling and Repairing of 500KVA [Outdoor Transformer 11KV/0.433KV, 3 Phase, 50Hz, Vector Group-Dyn11, (make: Voltech Manufacturing Company Ltd.] and S/L of 3C X 300 sq. mm Aluminium armoured cable, 11KV Grade at Boosting Pumping Plant, Siyalgudri of f Dhanbad Urban Water Supply Scheme JnNURM under D.W.& S. Mechanical Division, Dhanbad. under D.W.&S. Mechanical division, Dhanbad | 8,70,616.00 | 18,000.00 | 1250.00 (अप्रत्यर्पणीय) | 02 माह |

नोट :– निविदा की शर्त एवं परिमाण विपत्र प्रमंडलीय कार्यालय के सूचना पट पर देखा जा सकता है। निविदा जमा करते समय परिमाण विपत्र का निर्धारित मूल्य का किसी भी राष्ट्रीयकृत बैंक का बैंक ड्राफ्ट/बैंकर्स चेक तकनीकी बीड के साथ अनुलग्नित करेंगे, जो कार्यपालक अभियंता, पेयजल एवं स्वच्छता यॉंत्रिक प्रमंडल, धनबाद के पदनाम से धनबाद में भुगतेय होगा।

जल बहुमूल्य है इसे बर्बाद न करें।

(मयंक कुमार भगत)
कार्यपालक अभियन्ता
पेयजल एवं स्वच्छता यांत्रिक प्रमंडल, धनबाद

PR 349966 Drinking Water and Sanitation(25-26)#D

कार्यपालक अभियंता का कार्यालय प्रपत्र संख्या–1
पेयजल एवं स्वच्छता प्रमंडल, झुमरीतिलैया

ई– निविदा

निविदा संख्या :- 03/JMT/2025-26 दिनांक 08-04-2025

| क्र0 स0 | विवरणी: कार्य का नाम | विस्तृत विवरणी: प्राक्कलित राशि (लाख में) | अग्रिम जमानत की राशि (लाख में) | परिमाण विपत्र का मूल्य | कार्य पूर्ण करने का समय |
|---|---|---|---|---|---|
| 1 | Left out work for Construction of 6.0 M dia R.C.C. Intake well cum pump house, Gangway 50 mtr. length and 3.00 mtr. wide, 3.5 MLD capacity Water Treatment Plant, 3 No. ESR, Compound wall, Approach road, Railway crossing, Supplying and laying Raw/Clear Water rising main & Laying Distribution Network, , Supplying and Installation of Vertical turbine and Centrifugal pump motor, and Five years Operation and Maintenance with allied works etc. all complete job for **HARIODIH Rural Water Supply Scheme** under Drinking Water & Sanitation Division, Jhumritelaiya on turnkey basis. for the year 2025-26 | **2086.96798** | **20.86** | **10,000/-** | 18 Months +3 months (trial and run) |
| 2 | वेबसाइट पर निविदा प्रकाशन की तिथि :– | 19-04-2025 at 5.00 बजे अपराह्न | | | |
| 3 | निविदा के पूर्व बैठक की तिथि एवं समय | 24-04-2025 at 1.00 अपराह्न, अभियंता प्रमुख, पेयजल एवं स्वच्छता विभाग, झारखंड, राँची | | | |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय :– | 05-05-2025 को 5.00 बजे अपराह्न | | | |
| 5 | सरकार के सचिव, सू चना प्रौद्योगिकी एवं ई– गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 05-05-2025 को 5.00 बजे अपराह्न | | | |
| 6 | तकनीकी बीड खोलने की तिथि एवं समय :– | 07-05-2025 को 3.00 बजे अपराह्न | | | |
| 7 | तकनीकी बीड खोलने का स्थान :– | कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 8 | निविदा आमंत्रित करने वाले पदाधिकारी का नाम एवं पदनाम :– | ई0 अनुज कुमार सिन्हा, कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 9 | निविदा आमंत्रित करनेवाले कार्यालय का :– | 08002536460, **Email-id** eedwsd.jhumaritellaiya@gmail.com | | | |
| 10 | ई प्रोक्युरमेंट सेल का हेल्प लाईन नं0 | 0651-2480345 | | | |

- परिमाण विपत्र की राशि घट–बढ़ सकती है।
- स्वीकृति की प्रत्याशा में निविदा की जा रही है। कार्यादेश स्वीकृति के उपरान्त ही निर्गत किया जायेगा।
- विस्तृत विवरणी बेबसाईट **http://jharkhand tenders.gov.in** पर देखा जा सकता है।

जल ही जीवन है !स्वच्छता प्राण है !

(ई0 अनुज कुमार सिन्हा)
कार्यपालक अभियंता,
पेयजल एवं स्वच्छता प्रमंडल, झुमरीतिलैया।

PR.NO. 349939 Drinking Water and Sanitation(25-26):D

कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल, चाईबासा
email- rwdchaibasa64@gmail.com

पत्रांक :– **आवश्यक सूचना।** दिनांक :–

एतद् द्वारा सूचित किया जाता है कि इस कार्यालय के **पत्रांक– 35 (अनु0) दिनांक– 04.01.2025** द्वारा आमंत्रित ई0 निविदा सं0– **12/2024-25/RWD/EE/CHAIBASA** दिनांक– 04.01.2025 जिसका **PR No-349220 West Singhbhum (24-25): D** में प्रकाशित ई0 निविदा को अपरिहार्य कारणों से रद्द किया जाता है।

विश्वासभाजन,
ह0/–
कार्यपालक अभियंता, ग्रामीण कार्य विभाग, कार्य प्रमण्डल, चाईबासा

PR 349936 West Singhbhum(25-26)#D

कार्यालय आयुक्त आदिम जाति तथा अनुसूचित जाति विकास इन्द्रावती भवन, नवा रायपुर अटल नगर छत्तीसगढ 0771-2263708
website - www.tribal.cg.gov.in E mail ctd.cgnirman@gmail.com

क्रमांक/निर्माण/768/2025-26 / 301 नवा रायपुर, दिनांक 04/04/2025

**ई-प्रोक्योरमेंट निविदा सूचना**
website https://eproc.cgstate.gov.in

निम्नलिखित कार्य हेतु तृतीय निविदा आमंत्रित की जाती है :-

| क्र. | जिला का नाम | विकासखण्ड | कार्य का नाम | लागत राशि (राशि रू. लाखों में) |
|---|---|---|---|---|
| 1 | कांकेर | नरहरपुर | पो.मै. आदिवासी बालक छात्रावास नरहरपुर | 190.70 |
| 2 | | | आदिवासी बालक आश्रम नरहरपुर | 162.76 |
| 3 | | | आदिवासी बालक आश्रम चरभट्टी | 162.76 |
| 4 | | | आदिवासी बालक आश्रम मुसुरपुट्टा | 162.76 |
| 5 | | कांकेर | आदिवासी बालक आश्रम किरगापाटी | 162.76 |
| 6 | बस्तर | बस्तर | पो.मै. आदिवासी बालक छात्रावास बस्तर | 190.70 |
| 7 | | तोकापाल | पो.मै. आदिवासी बालक छात्रावास तोकापाल | 190.70 |
| 8 | | लोहण्डीगुड़ा | पो.मै. आदिवासी बालक छात्रावास लोहण्डीगुड़ा | 190.70 |
| 9 | कोण्डागांव | केशकाल | अजजा पो.मै. कन्या छात्रावास केशकाल | 190.70 |
| 10 | | माकड़ी | अजजा पो.मै. बालक छात्रावास माकडी | 190.70 |
| 11 | दन्तेवाड़ा | गीदम | आदिवासी पो.मै. बालक छात्रावास गीदम | 190.70 |
| 12 | | | आदिवासी नवीन पो.मै. बालक छात्रावास गीदम | 190.70 |
| 13 | | कुआकोण्डा | आदिवासी पो.मै. बालक छात्रावास कुआकोण्डा | 190.70 |
| 14 | | दन्तेवाड़ा | आदिवासी पो.मै. बालक छात्रावास दन्तेवाड़ा | 190.70 |
| 15 | | | आदिवासी पो.मै. कन्या छात्रावास दन्तेवाड़ा | 190.70 |
| 16 | नारायणपुर | ओरछा | पो.मै. आदिवासी कन्या छात्रावास ओरछा | 190.70 |
| 17 | सुकमा | कोंटा | आदिवासी पो.मै. बालक छात्रावास दोरनापाल | 190.70 |
| 18 | बीजापुर | उसूर | आदिवासी पो.मै. बालक छात्रावास उसूर | 190.70 |
| 19 | | | आदिवासी कन्या आश्रम ईलमिड़ी | 162.26 |
| 20 | | | आदिवासी कन्या आश्रम पुसगुड़ी | 162.26 |
| 21 | | | आदिवासी कन्या आश्रम भटटीगुड़ा | 162.26 |
| 22 | | भैरमगढ़ | आदिवासी पो.मै. बालक छात्रावास भैरमगढ़ | 190.70 |
| 23 | | | आदिवासी बालक आश्रम दरभा | 162.26 |
| 24 | | | आदिवासी बालक आश्रम अंबेली | 162.26 |
| 25 | | | आदिवासी बालक आश्रम बेदरे | 162.26 |
| 26 | | | आदिवासी कन्या आश्रम केशकुतुल | 162.26 |
| 27 | | | आदिवासी बालक आश्रम मंगनार | 162.26 |
| 28 | | | आदिवासी बालक आश्रम बैंगलूर | 162.26 |
| 29 | | | आदिवासी बालक आश्रम केतुलनार | 162.26 |
| 30 | | भोपालपट्नम | आदिवासी बालक आश्रम वाड़ला | 162.26 |
| 31 | | | आदिवासी बालक आश्रम करकावाया | 162.26 |
| 32 | | | आदिवासी बालक आश्रम गुल्लापेन्टा | 162.26 |
| 33 | | बीजापुर | आदिवासी बालक आश्रम पदेड़ा | 162.26 |
| 34 | | | आदिवासी बालक आश्रम गोंगला | 162.26 |

उपरोक्त 34 निविदायें पृथक-पृथक आवेदन की जावेगी। निविदा तिथियां निम्नानुसार दर्शित की गई है। निविदा डाउनलोड करने की अंतिम तिथि निर्धारित है। निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देख सकते हैं।

| | |
|---|---|
| Date and time of pre-proposal conference | Date 16-04-2025 At 3:00 P.M. at Office Of Commissioner, Scheduled Tribes And Scheduled Caste Development Department, Government Of Chhattisgarh Address : Block-D, Ground Floor, Indravati Bhawan Atal Nagar Nava Raipur. |
| Last Date And Time For Uploading Of E-Tender in E-Procurement Platform On Or Before. | Date 28-04-2025 by 5:00 P.M. |
| Last date for submissi on of physical bid | Date 29-04-2025 by 5:00 P.M. |
| Technical bid will Be Opened Online By The Authorized Officer on | Date 30-04-2025 by 11:00 A.M. |
| The Price Bid will Be opened online on | Date 01-05-2025 by 11:00 A.M. |

(टी. चक्रवर्ती) कार्यपालन अभियंता
आदिम जाति तथा अनुसूचित जाति विकास, नवा रायपुर, अटल नगर (छ.ग.)

G-252600142/5



ଖାଦ୍ୟ ଖାଇବା ପରେ ତୁରନ୍ତ ଔଷଧ ଖାଉଛନ୍ତି କି ? ଭୁଲରେ ବି ଏହି ଭୁଲ କରନ୍ତୁ ନାହିଁ। ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଅନୁଯାୟୀ ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଏହାପରେ ଲୋକମାନେ ଖାଦ୍ୟ ଖାଇବା ପରେ ତୁରନ୍ତ ଔଷଧ ଖାଇଥାନ୍ତି। ଆମେ ଖାଉଥିବା ଖାଦ୍ୟରେ ଅନେକ ପ୍ରକାର ପୋଷକ ତତ୍ତ୍ୱ ରହିଛି। ଯାହା ଔଷଧକୁ ପ୍ରଭାବିତ କରିପାରେ। ଏହି କାରଣରୁ ଖାଦ୍ୟ ଖାଇବା ପରେ ସାଙ୍ଗେ ସାଙ୍ଗେ ଔଷଧ ଖାଇବା ଅନୁଚିତ। ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଖାଦ୍ୟ ଖାଇବାର ୧୦-୧୫ ମିନିଟ ପରେ ଔଷଧ ଗ୍ରହଣ କରିବା ଉଚିତ। ଖାଇବା ପରେ ତୁରନ୍ତ ଔଷଧ ନେବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥାଏ। ଏପରି କରିବା ଦ୍ୱାରା ଶରୀରରେ ପୋଷକ ତତ୍ତ୍ୱର ଅବଶୋଷଣକୁ ପ୍ରଭାବିତ କରିଥାଏ। ଏହି କାରଣରୁ ଶରୀରରେ ଔଷଧର ପ୍ରଭାବ କମିଯାଏ। ଖାଦ୍ୟ ଓ ପାନୀୟ ଆମ ଶରୀର ଉପରେ ବହୁତ ପ୍ରଭାବ ପକାଏ। ଯେତେବେଳେ ଔଷଧ ଓ ଖାଦ୍ୟର ମିଶ୍ରଣ ଶରୀରରେ ଠିକ୍ ଭାବେ ହୁଏ ସେତେବେଳେ ଶରୀର ଶୀଘ୍ର ସୁସ୍ଥ ହୋଇଥାଏ। ଯେ କୌଣସି ରୋଗରୁ ମୁକ୍ତି ପାଇବାରେ ଖାଦ୍ୟ ପ୍ରମୁଖ ଭୂମିକା ଗ୍ରହଣ କରେ। ସୁସ୍ଥ ଖାଦ୍ୟ ଶୀଘ୍ର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଯଦି ଆପଣ କୌଣସି ଏକ ରୋଗରୁ ସୁସ୍ଥ ହେଉଛନ୍ତି ତେବେ ଜଣେ ଡାଏଟିସିଆନଙ୍କ ସାହାଯ୍ୟରେ ଏକ ଡାଏଟ ଚାଟ୍ ପ୍ରସ୍ତୁତ କରି ସେହି ହିସାରେ ଖାଦ୍ୟ ପାନୀୟ ଠିକ୍ ରଖିବେ। ଏବଂ ଔଷଧ ମଧ୍ୟ ସେହି ଅନୁସାରେ ଖାଇବେ। ଏହା ଦ୍ୱାରା ଆପଣ ସର୍ବଦା ସୁସ୍ଥ ରହିବେ।

## ୪୩ ବର୍ଷରେ ପାଦ ଥାପିଲେ ଅଲ୍ଲୁ



ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ୪୩ ବର୍ଷରେ ପାଦ ଥାପିଛନ୍ତି। ସାଉଥ୍ ଷ୍ଟାଇଲିସ ଷ୍ଟାର ଅଲ୍ଲୁ ଅର୍ଜୁନ ନିଜ ଅଭିନୟ ଓ ଡାନ୍ସ ଷ୍ଟେପ ପାଇଁ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । କିନ୍ତୁ ଫିଲ୍ମ 'ପୁଷ୍ପା' ରିଲିଜ୍ ହେବା ପରଠୁ ଅଲ୍ଲୁଙ୍କ ଫ୍ୟାନ ଫଲୋଇଙ୍ଗ୍ ଆହୁରି ବଢ଼ିଯାଇଛି । ଅଲ୍ଲୁ ଅର୍ଜୁନ୍‌ଙ୍କ ଫିଲ୍ମ 'ପୁଷ୍ପା' ରିଲିଜ୍ ହେବା ପରଠାରୁ ପିଲାଠୁ ବଡ଼ ଲୋକଙ୍କ ଯାଏଁ ସମସ୍ତଙ୍କ ମୁଣ୍ଡରେ ପୁଷ୍ପା ଭୂତ ଚଢ଼ିକି ରହିଥିଲା । ଯାହାକୁ ଦେଖିବ ପୁଷ୍ପା... ଝୁକେଗା ନେହିଁ ଶାଲା ଡାଇଲଗ୍ କହୁଥିଲେ । ଏହି ଡାଇଲଗ୍ ଏତେ ଲୋକପ୍ରିୟ ହୋଇଯାଇଥିଲା ଯେ ଛୋଟ ପିଲାମାନେ ବି ଏହାକୁ କପି କରୁଥିଲେ । ଆପଣଙ୍କୁ କହି ରଖୁଛୁ ଯେ ଅଲ୍ଲୁ ଅର୍ଜୁନ ସେହି ଅଭିନେତାମାନଙ୍କ ମଧ୍ୟରୁ ଜଣେ ଯିଏ ନିଜ ଜନ୍ମଦିନରେ ରକ୍ତଦାନ କରନ୍ତି । ଆଜିର ଏହି ସ୍ୱତନ୍ତ୍ର ଦିନରେ, ଅଲ୍ଲୁ ଅର୍ଜୁନଙ୍କ ପତ୍ନୀ ସ୍ନେହା ରେଡ୍ଡୀ ନିଜ ସ୍ୱାମୀଙ୍କ ପାଇଁ ଏକ ପର୍ସନାଲ ପାର୍ଟିର ଆୟୋଜନ ମଧ୍ୟ କରିଥିଲେ, ଯେଉଁଥିରେ କେବଳ ତାଙ୍କ ପରିବାର ସାମିଲ ଥିଲେ । ସ୍ନେହା ଏହି ପ୍ରାଇଭେଟ୍ ପାର୍ଟିର ଏକ ଫଟୋ ସେୟାର କରି ତାଙ୍କ ସ୍ୱାମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଯାହା ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ଲୋକମାନେ ଏହି ଫଟୋକୁ ଖୁବ ଭଲପାଇବା ମଧ୍ୟ ଦେଉଛନ୍ତି । ତେବେ ଆଜି ଆମେ ଆପଣଙ୍କୁ ତାଙ୍କ ବିଷୟରେ କିଛି ରୋଚକ ତଥ୍ୟ ଜଣାଇବାକୁ ଯାଉଛୁ ଯାହା ବିଷୟରେ ହୁଏତ ଆପଣମାନେ ଜାଣିନଥିବେ। ଅଲ୍ଲୁ ଅର୍ଜୁନ୍ ତାଙ୍କ ପରିବାରରେ କେବଳ ଏକମାତ୍ର ଅଭିନେତା ନୁହଁନ୍ତି, ଅଲ୍ଲୁଙ୍କ ପରିବାରରେ ଅନେକ ଅଭିନେତା ଅଛନ୍ତି । ସେ ବି ପୁଣି ବଡ଼ କଳାକାର । ଯିଏ ସବୁବେଳେ ଦମଦାର ଫିଲ୍ମ ଦେଇଆସୁଛନ୍ତି ସାଉଥ ଇଣ୍ଡଷ୍ଟ୍ରିକୁ । ତେବେ ଏହା ମଧ୍ୟ କୁହାଯାଇପାରେ ଅଲ୍ଲୁ ଅର୍ଜୁନ ସୁପରଷ୍ଟାର ପରିବାରରୁ ଆସୁଛନ୍ତି ବୋଲି । ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଲ୍ଲୁ ଅର୍ଜୁନଙ୍କ ବାପା ଖୁବ୍ ଜଣାଶୁଣା । ତାଙ୍କ ପିତା ଅଲ୍ଲୁ ଅରବିନ୍ଦ ଜଣେ ଚଳଚ୍ଚିତ୍ର ନିର୍ମାତା । ଅଲ୍ଲୁ ଅର୍ଜୁନଙ୍କ ସାନ ଭାଇ ଅଲ୍ଲୁ ଶିରିଶ ମଧ୍ୟ ଜଣେ ଅଭିନେତା । ସାଉଥ୍ ସୁପରଷ୍ଟାର୍ ଚିରଞ୍ଜୀବୀ ହେଉଛନ୍ତି ଅଲୁ ଅର୍ଜୁନଙ୍କ ପିଉସା ଚିରଞ୍ଜୀବୀଙ୍କୁ କିଏ ବା ନ ଜାଣେ । ସେ ସାଉଥ ଇଣ୍ଡଷ୍ଟ୍ରିର ଜଣେ ଶ୍ରେଷ୍ଠ ଅଭିନେତାମାନଙ୍କ ମଧ୍ୟରେ ଆସନ୍ତି । ସାଉଥ ଇଣ୍ଡଷ୍ଟ୍ରିରେ ଅଲ୍ଲୁ ଅର୍ଜୁନଙ୍କ ପିଉସା ଚିରଞ୍ଜୀବୀଙ୍କ ପୁଅ ରାମ ଚରଣ ମଧ୍ୟ ଏକ ଲୋକପ୍ରିୟ ଅଭିନେତା । ଚିରଞ୍ଜୀବୀଙ୍କ ସାନ ଭାଇ ପଓ୍ୱନ୍ କଲ୍ୟାଣ ମଧ୍ୟ ଅଲ୍ଲୁ ଅର୍ଜୁନଙ୍କ ସମ୍ପର୍କୀୟ ପିଉସା । କହିବାକୁ ଗଲେ ଏକ ସୁପରଷ୍ଟାର ପରିବାରରୁ ଆସିଛନ୍ତି ଅଲ୍ଲୁ ଅର୍ଜୁନ ।

## ଇମ୍ରାନ ହାଶମୀଙ୍କ 'ଗ୍ରାଉଣ୍ଡ ଜିରୋ'ର ଟ୍ରେଲର୍ ରିଲିଜ୍




ଇମ୍ରାନ୍ ହାଶମୀଙ୍କ ଆଗାମୀ ଫିଲ୍ମ 'ଗ୍ରାଉଣ୍ଡ ଜିରୋ'ର ଟ୍ରେଲର ରିଲିଜ୍ ହୋଇଛି । ଯାହା କାଶ୍ମୀର ଆତଙ୍କବାଦୀଙ୍କ କଳା କାରନାମାର ସତ୍ୟକୁ ଦର୍ଶାଉଛି । ଏହି ଆକ୍ସନରେ ପରିପୂର୍ଣ୍ଣ ଟ୍ରେଲରରେ ଜବରଦସ୍ତ ଆକ୍ସନ ସିକ୍ୱେନ୍ସ, ଦମଦାର ଡାଇଲଗ୍ ଏବଂ ଦେଶପ୍ରେମର ଭାବନାକୁ ବହୁତ ଭଲ ଭାବରେ ଉପସ୍ଥାପନ କରାଯାଇଛି । ରୋମାଣ୍ଟିକ ହିରୋ ଏବଂ ଖଳନାୟକଙ୍କ ପରେ ଏବେ ଇମ୍ରାନ ହାଶମୀ ଜଣେ ସୈନିକ ଭୂମିକାରେ ଧମାଲ୍ କରିବାକୁ ଯାଉଛନ୍ତି । ଇମ୍ରାନ ହାସମୀଙ୍କ ଫିଲ୍ମ 'ଗ୍ରାଉଣ୍ଡ ଜିରୋ' ବହୁତ ଦିନ ଧରି ଚର୍ଚ୍ଚାର ବିଷୟ ପାଲଟିଛି। ଟ୍ରେଲର ଦେଖିବା ପରେ ଏହା ସ୍ପଷ୍ଟ ଯେ ଏହି ଫିଲ୍ମଟି ସେନାର ଏକ ପ୍ରକୃତ ଅପରେସନ ଉପରେ ଆଧାରିତ। ଏହି ଫିଲ୍ମରେ ଯୁଦ୍ଧ ପରିବେଶରେ ସାହସ ଏବଂ ତ୍ୟାଗର ଏକ ଅଶୁଣା କାହାଣୀ ଦେଖିବାକୁ ମିଳିବ ।



## ମେଟ୍‌ଗାଲାରେ ଡେବ୍ୟୁ କରିବେ କିଆରା

ଏ ବର୍ଷ ମେଟ୍ ଗାଲାରେ ଡେବ୍ୟୁ କରିବେ ବଲିଉଡ୍ ଷ୍ଟାର କିଆରା ଆଡ଼ଭାନୀ । ଆସନ୍ତା ମେ' ୫ ତାରିଖରେ ସମଗ୍ର ବିଶ୍ୱର ସେଲିବ୍ରିଟିଙ୍କ ସହିତ ଏହି ଭବ୍ୟ ଫ୍ୟାଶନ୍ ମଞ୍ଚରେ ସେ ପାଦ ଥାପିବେ। ନ୍ୟୁୟର୍କ ସ୍ଥିତ ମେଟ୍ରୋପଲିଟାନ୍ ମ୍ୟୁଜିୟମ୍‌ରେ ଏହି ବିଶ୍ୱପ୍ରସିଦ୍ଧ ଫ୍ୟାଶନ୍ ମେଳା ଅନୁଷ୍ଠିତ ହେବ । କିଆରା ଗତ ବର୍ଷ କାନ୍‌ରେ ପଦାର୍ପଣ କରିଥିଲେ । ସେଠାରେ ସେ ରେଡ୍ ସି ଫିଲ୍ମ ଫାଉଣ୍ଡେସନ୍‌ର ଓ୍ୱିମେନ୍ ଇନ୍ ସିନେମା ଗାଲା ଡିନରରେ ଯୋଗ ଦେଇଥିଲେ । ଏବେ ମେଟ୍ ଗାଲାରେ ପଦାର୍ପଣ ବୈଶ୍ୱିକ ମଞ୍ଚରେ ତାଙ୍କ ଉପସ୍ଥିତିକୁ ସୁଦୃଢ଼ କରିବ । ଏହା ପୂର୍ବରୁ ଆଲିଆ ଭଟ୍ଟ, ଦୀପିକା ପାଦୁକୋନ ଓ ପ୍ରିୟଙ୍କା ଚୋପ୍ରା ମେଟ୍ ଗାଲାରେ ଦମ୍‌ଦାର ଉପସ୍ଥିତି ମାଧ୍ୟମରେ ଭାରତୀୟ ଫ୍ୟାଶନ୍‌କୁ ବିଶ୍ୱ ଦରବାରକୁ ଆଣିଥିଲେ । ଇତିମଧ୍ୟରେ କିଆରା ମା' ହେବାକୁ ଯାଉଥିବା ଖବର ଖୁବ୍ ଚର୍ଚ୍ଚାରେ ରହିଛି । ଗତ ଫେବ୍ରୁଆରୀରେ କିଆରାସିଦ୍ଧାର୍ଥ ଏହି ଖୁସି ଖବର ଫ୍ୟାନ୍‌ଙ୍କୁ ଦେଇଥିଲେ । ସେବେଠୁ ଉଭୟଙ୍କୁ ଖୁବ୍ କମ୍ ଦେଖିବାକୁ ମିଳୁଛି ।

## 'ଡ୍ରାଗନ୍' ଝିଅ ଚର୍ଚ୍ଚାରେ କାୟାଡୁ



ତାମିଲ ଇଣ୍ଡଷ୍ଟ୍ରିରେ 'ଡ୍ରାଗନ୍' ସିନେମାରୁ ଏଣ୍ଟ୍ରି କରିଥିବା କାୟାଡୁ ଲୋହାର ଏବେ ଚର୍ଚ୍ଚାରେ ରହିଛନ୍ତି। 'ଡ୍ରାଗନ୍' ଫିଲ୍ମରେ ମୁଖ୍ୟ ନାୟିକା ଭୂମିକାରେ ନଥାଇ ମଧ୍ୟ କାୟାଡୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ସେ ନବାଗତା ଅଭିନେତ୍ରୀମାନଙ୍କ ପାଇଁ ମଧ୍ୟ ପ୍ରେରଣା ସାଜିଛନ୍ତି ଯେଉଁମାନେ ତାଙ୍କ ପରି ଏକ ମଧ୍ୟବିତ୍ତ ପରିବାରରୁ ଆସି ସିନେ ଜଗତରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିବେ। "ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ପାଇଁ ତାଙ୍କ ସ୍ୱପ୍ନକୁ ଅନୁସରଣ କରିବା ଏବଂ ପୂରଣ କରିବା କଷ୍ଟକର। ତେଣୁ, ମୁଁ ନିଜ ପାଇଁ ଏହା କରିବାକୁ ଚାହୁଁଛି ଏବଂ ସେହି ଝିଅମାନଙ୍କ ପାଇଁ ଏକ ପଥ ପ୍ରସ୍ତୁତ କରିବାକୁ ଚାହୁଁଛି ଯେଉଁମାନେ ନିଜର ସ୍ୱପ୍ନ ହାସଲ କରିବାର ସ୍ୱପ୍ନ ଦେଖୁଥିବା କାୟୁଡୁ କହିଥିଲେ।" ମନୋରଞ୍ଜନ ଶିଳ୍ପରେ ତାଙ୍କର ଯାତ୍ରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କ ମାଆ ତାଙ୍କୁ ଟାଇମ୍ସ ଫ୍ରେସ୍ ଫେସ୍ ସିଜିନ୍ ୧୨ ରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସୋବିଜରେ ତାଙ୍କର କ୍ୟାରିଅର ଆରମ୍ଭ କରିବାର ସୁଯୋଗ ଦେବା ପାଇଁ ଏହି ପ୍ଲାଟଫର୍ମକୁ ଶ୍ରେୟ ଦେଇ କାୟୁଡୁ ପ୍ରକାଶ କରିଥିଲେ, "କଲେଜ ସମୟରେ, ମୋ ମାଆ ମୋତେ ଟାଇମ୍ସ ଫ୍ରେସ୍ ଫେସ୍ ସିଜିନ୍ ୧୨ ରେ ଅଂଶଗ୍ରହଣ କରିବାକୁ କହିଥିଲେ, କାରଣ ଏହା ଛୁଟିଦିନ ଥିଲା। ମୁଁ ଅଂଶଗ୍ରହଣ କରିଥିଲି ଏବଂ ପ୍ରତିଯୋଗିତା ଜିତିଥିଲି, ଏବଂ ସେତେବେଳେ ଜଣେ କାଷ୍ଟିଂ ନିର୍ଦ୍ଦେଶକ ମୋ ସହିତ ଏକ ବିଜ୍ଞାପନ ପାଇଁ ଯୋଗାଯୋଗ କରିଥିଲେ। ଖୁବ୍ ଶୀଘ୍ର, ମୁଁ ମୋର ପ୍ରଥମ କନ୍ନଡ ଫିଲ୍ମ (ମୁଗିଲପେଟ୍) କରିବାକୁ ପାଇଲି।" ଯଦିଓ ସେ ତାଙ୍କର ପ୍ରାରମ୍ଭିକ ପରିଣତ ବୟସରେ ସିନେ ଜଗତରେ ପ୍ରବେଶ କରିଛନ୍ତି, ଅଭିନୟ ପ୍ରତି ତାଙ୍କର ଭଲପାଇବା ପାଞ୍ଚ କିମ୍ବା ଛଅ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ଏହି ସାକ୍ଷାତକାରରେ, ୨୪ ବର୍ଷୀୟ ଅଭିନେତ୍ରୀ ମନେ ପକାଇଥିଲେ ଯେ ସେ କିପରି ଛୈୟା ଛୈୟା ଗୀତରେ ନାଚି ମାଧୁରୀ ଦୀକ୍ଷିତ ଏବଂ ଶ୍ରୀଦେବୀଙ୍କୁ ଅନୁକରଣ କରୁଥିଲେ। ଅଭିନୟ କରିବାକୁ ଚାହୁଁଥିଲେ କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ତାଙ୍କୁ ସମୟ ଲାଗିଥିଲା, କିନ୍ତୁ କୟାଡୁଙ୍କ ପାଖରେ ସବୁବେଳେ ଏକ ଦକ୍ଷତା ଥିଲା। ସେ ଜାଣି ନଥିଲେ ଯେ ପ୍ରାୟ ଦୁଇ ଦଶନ୍ଧି ପରେ, ସେ ଶିଳ୍ପର ଉଦୀୟମାନ ପ୍ରତିଭାମାନଙ୍କ ମଧ୍ୟରେ ସାମିଲ ହେବେ। ତେବେ 'ଡ୍ରାଗନ'ର ସଫଳତା ବିଷୟରେ କହିବାକୁ ଗଲେ, କାୟାଡୁ କହିଛନ୍ତି, "ଡ୍ରାଗନକୁ ଯେଉଁ ପ୍ରତିକ୍ରିୟା ମିଳିଛି ତାହା ଅବାସ୍ତବ। ନିର୍ଦ୍ଦେଶକ ଏବଂ ପ୍ରଯୋଜକମାନେ ଏବେ ମୋ ଭିତରେ ସମ୍ଭାବନା ଦେଖୁଛନ୍ତି। ଡ୍ରାଗନ ପୂର୍ବରୁ, କାୟାଡୁ କିଏ ତାହା କେହି ଜାଣି ନଥିଲେ। ବର୍ତ୍ତମାନ, ଦର୍ଶକମାନେ ଫିଲ୍ମରେ ମୋର ଚରିତ୍ରକୁ ଭଲ ପାଉଛନ୍ତି ଏବଂ ମୋତେ କାୟାଡୁ ଭାବରେ ଜାଣନ୍ତି।

## ଖରାଦିନେ ଖାଆନ୍ତୁ ଏହିସବୁ ଫଳ

## ଶରୀରରେ ହେବନି ପାଣିର ଅଭାବ

*ଗରମ ଏବଂ ଗୁଳୁଗୁଳି ବଢ଼ିବା ଆରମ୍ଭ ହୋଇଯାଇଛି । ଏହି ଋତୁରେ ନିଜକୁ ଫିଟ୍ ରଖିବା ଏକ ଚ୍ୟାଲେଞ୍ଜଠାରୁ କମ୍ ନୁହେଁ । ତାପମାତ୍ରାରେ ନିରନ୍ତର ବୃଦ୍ଧି ଯୋଗୁଁ ଶରୀରରେ ଜଳର ଅଭାବ ଅର୍ଥାତ୍ ଡିହାଇଡ୍ରେସନ୍ ହୋଇଯାଇଥାଏ। ପାଣି ଅଭାବରୁ ଥକ୍କାପଣ, ମୁଣ୍ଡ ବୁଲାଇବା, ଡଲ୍ ସ୍କିନ୍ ଏବଂ କେତେକ ସମୟରେ ହିଟ୍ ଷ୍ଟ୍ରୋକ ଭଳି ଗମ୍ଭୀର ସମସ୍ୟା ହୋଇପାରେ । ଏପରି ପରିସ୍ଥିତିରେ, କେବଳ ପାଣି ପିଇବା ଯଥେଷ୍ଟ ନୁହେଁ, କିଛି ଫଳ ଯାହା ପାଣିରେ ଭରପୂର ଥାଏ, ତାହାକୁ ଡାଏଟରେ ସାମିଲ କରିବା ଉଚିତ । ତେବେ ଆସନ୍ତୁ ଜାଣିବା ଏପରି ୫ଟି ଫଳ ବିଷୟରେ ଯାହା କେବଳ ପାଣିର ଅଭାବକୁ ଦୂର କରେ ନାହିଁ ବରଂ ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ ।*

**ତରଭୁଜ:** ଗ୍ରୀଷ୍ମ ଋତୁର ରାଜା ତରଭୁଜ ହେଉଛି ପାଣିର ସର୍ବୋତ୍ତମ ଉତ୍ସ। ଏଥିରେ ୯୦% ରୁ ଅଧିକ ଜଳ ଥାଏ । ତରଭୁଜ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିଥାଏ ଏବଂ ଡିହାଇଡ୍ରେସନ ରୋକାଯାଇପାରିବ । ଏହା ସହିତ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ମଧ୍ୟ ପ୍ରଚୁର ପରିମାଣରେ ମିଳିଥାଏ ।

**ଖରଭୁଜ:** ଗ୍ରୀଷ୍ମ ଋତୁରେ ଖରଭୁଜ ମଧ୍ୟ ବହୁତ ପସନ୍ଦ କରାଯାଏ । ଏହାର ମିଠା ସ୍ୱାଦ ଏବଂ ଶୀତଳତା ଶରୀରକୁ ଆରାମ ଦିଏ । ଏହା କେବଳ ଜଳୀୟ ଅଂଶ ପ୍ରଦାନ କରେ ନାହିଁ ବରଂ ପାଚନ କ୍ରିୟାକୁ ମଧ୍ୟ ସୁସ୍ଥ ରଖେ । ଖରଭୁଜରେ ମଧ୍ୟ ଜଳସ୍ତର ପ୍ରାୟ ୯୦% ।

**କମଳା:** ଗ୍ରୀଷ୍ମ ଋତୁରେ କମଳା ଖାଇବା ମଧ୍ୟ ଲାଭଦାୟକ । ଏଥିରେ ଭିଟାମିନ୍ ସି ଏବଂ ପାଣି ଉଭୟ ଭରପୂର । ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ସହିତ, ଏହା ଶରୀରରେ ଜଳ ଅଭାବକୁ ମଧ୍ୟ ଦୂର କରେ । ଏହାର ରସ ଗ୍ରୀଷ୍ମ ଋତୁରେ ଏକ ନ୍ୟାଚୁରାଲ୍ ଏନର୍ଜି ଡ୍ରିଙ୍କ ଭାବରେ କାମ କରେ ।

**ସପୁରି:** ସପୁରିରେ ପ୍ରାୟ ୮୫% ପାଣି ଥାଏ । ଏହାର ସ୍ୱାଦ ମିଠା ଏବଂ ଖଟା, ଯାହା କେବଳ ଶରୀରକୁ ସତେଜ କରେ ନାହିଁ ବରଂ ପ୍ରଚୁର ଜଳ ମଧ୍ୟ ଯୋଗାଇଥାଏ । ପାଚନ କ୍ରିୟାକୁ ଉନ୍ନତ କରୁଥିବା ଏନଜାଇମ ମଧ୍ୟ ଏଥିରେ ମିଳିଥାଏ ।

**ଷ୍ଟ୍ରବେରୀ:** ଷ୍ଟ୍ରବେରୀରେ ୯୧% ପର୍ଯ୍ୟନ୍ତ ପାଣି ମିଳିଥାଏ । ଏହି ଛୋଟ ଦେଖାଯାଉଥିବା ବେରି ପ୍ରକୃତରେ ପାଣିର ଏକ ମହାନ ଉତ୍ସ । ଏହା କେବଳ ଶରୀରକୁ ହାଇଡ୍ରେଟ୍ ରଖେ ନାହିଁ ବରଂ ସ୍କିନ୍ ଏବଂ କେଶ ପାଇଁ ମଧ୍ୟ ବହୁତ ଲାଭଦାୟକ ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ବେଲତଳ ଗ୍ରାମରେ ଶ୍ରୀ ଶ୍ରୀ ମା'ଅନ୍ନପୂର୍ଣ୍ଣା ଦେବୀଙ୍କର ୭୮ ତମ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବର ସହକରେ ପାଳିତ ହୋଇଯାଇଛି। ଗ୍ରାମର ପୁରୁଷ ଓ ମହିଳାମାନେ ନଦୀରେ ସ୍ନାନପୂର୍ବକ କଳସଯାତ୍ରା କରି ମା'ଙ୍କ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ମା' ଅନ୍ନପୂର୍ଣ୍ଣା ଦେବୀଙ୍କର ବିଭିନ୍ନ ନୀତିକାନ୍ତି ସେବା ଓ ପୂଜାପାଠ ସମୟରେ ସଂକୀର୍ତ୍ତନ ମଣ୍ଡଳୀ ଘଣ୍ଟ, ମାଦଳ ହରିବୋଲ ହୁଳହୁଳିରେ ଏକ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ଏହି ଉତ୍ସବ ପାଞ୍ଚ ଦିନଧରି ପାଳନ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜା କମିଟି ଟ୍ରଷ୍ଟ ଓ ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ବାସୁଦେବ ମହାନ୍ତି ସଭାପତି ସୁଧୀର କୁମାର ଦାଶ, ଖଗେଶ୍ୱର ବେହେରା, ସବ୍ୟସାଚୀ ତ୍ରିପାଠୀ, ସୁଶାନ୍ତ କୁମାର ପଣ୍ଡା, ପଣ୍ଡିତ ଭ୍ରମର ଚନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ସ୍ୱାଇଁ, ବୃନ୍ଦାବନ ପଣ୍ଡା, ଗଗନ ସେଣ, ନାରାୟଣ ସେଣ ପ୍ରମୁଖଙ୍କ ସମେତ ମା' ଅନ୍ନପୂର୍ଣ୍ଣା ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହା ସହ ଆଖପାଖ ଅଞ୍ଚଳର ମା'ଙ୍କର ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ, ଶିକ୍ଷାବିତ, ସମାଜସେବୀ, ସାମ୍ବାଦିକ ବନ୍ଧୁ ଓ ଉପସ୍ଥିତ ହଜାର ହଜାର ଭକ୍ତମାନଙ୍କର ସମାଗମ ଦେଖିବାକୁ ମିଳିଥିଲା। ଶାନ୍ତି ଓ ଶୃଙ୍ଖଳାର ସହିତ ଭକ୍ତମାନେ ଶ୍ରୀ ଶ୍ରୀ ମା'ଅନ୍ନପୂର୍ଣ୍ଣା ଦେବୀଙ୍କ ଦର୍ଶନ ଲାଭ କରିଥିଲେ।

# ଶ୍ରୀରାମ ନବମୀ ସମିତି ପକ୍ଷରୁ ବିଜୟା ଦଶମୀ ମହୋତ୍ସବ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ସୋମବାର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୪୧ଟି ସୁସଜ୍ଜିତ ମେଢ଼ ଶୋଭା ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ତିହିଡ଼ି କଲେଜ ଛକ ଓ ତହସିଲ ଛକ ନିକଟରୁ ପ୍ରଜ୍ଞାପନ ମେଢ଼ ବାହାରି ସ୍ଥାନୀୟ ପକ୍କାଘାଟ ପୋଖରୀ ନିକଟରେ ଥିବା ଶ୍ରୀରାମ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ମେଢ଼ଙ୍କୁ ପୂଜାର୍ଚ୍ଚନା କରାଯାଇ ଭୋଗ ଲଗାଯିବା ପରେ ମେଢ଼ ଗୁଡ଼ିକ ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରା ସନ୍ଧ୍ୟା ୭ଟା ଠାରୁ ଆରମ୍ଭହୋଇ ଭୋର ୫.୩୦ ପର୍ଯ୍ୟନ୍ତ ଚାଲିଥିଲା। ବିଶେଷ ଭାବେ ମଙ୍ଗରାଜପୁର, ତିହିଡ଼ି, ହରିପୁର, ବାହାବଲପୁର, ସୟା, ବିଦ୍ୟାଧରପୁର, ଆରସା, ଝିଙ୍କିରିଆ, ଶଙ୍ଖିଡ଼ା, ଫତେପୁର, ବିନ୍ଧା, ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ, ବାଉଁଶବାଗ, ବାଲିଚତୁରୀ, ସହିଦନଗର, ଗୁଡୁପାଳ, ମହରମପୁର, ପାଳିଆ ହାଟ, ଧଳିପୋଲ, ନନ୍ଦୋର, ବିଭୂତିପୁର, ଦୋଲସାହି, ଇଟାଗଡ଼ି, ସାଠିବାଟି, ତାଳପଦା, ନୂଆଶାସନ, ବିଲଣା, ବାରୋ, କୁବେରା, ବୋଡ଼କ, ତଳଗୋପବିନ୍ଧା, ଦୋଲସାହି ଇତ୍ୟାଦି ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ବାଜା ରୋଷଣୀ ଓ ଡିଜେ ବଜାଇ 'ଜୟ ଶ୍ରୀରାମ' ଧ୍ୱନିରେ ଶୋଭାଯାତ୍ରା କରି ମେଢ଼ଗୁଡ଼ିକୁ ଶ୍ରୀରମ ମନ୍ଦିର ନିକଟକୁ ଆଣିଥିଲେ। ଶୋଭାଯାତ୍ରାରେ ହଜାର ହଜାର ରାମଭକ୍ତ ଓ ଶ୍ରଦ୍ଧାଳୁ ଗେରୁଆ ପୋଷାକ ଓ ପଗିଡ଼ି ପିନ୍ଧି ଜୟ ଶ୍ରୀରାମ ଧ୍ୱନିରେ ତିହିଡ଼ି ଅଞ୍ଚଳକୁ ପ୍ରକମ୍ପିତ କରିଥିବା ବେଳେ ଡିଜେ ସାଉଣ୍ଡ ଓ ଆଲୋକମାଳା ବେଶ୍ ଆକର୍ଷିତ କରିଥିଲା। ଶ୍ରୀରାମ ନବମୀ ସମିତିର ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି ଦାସ, କୋଷାଧ୍ୟକ୍ଷ ନୀଳମଣି ସାବତ, ସର୍ବବ୍ୟବସ୍ଥା ପ୍ରମୁଖ ସୀତାକାନ୍ତ ନାୟକ, ଉପଦେଷ୍ଟା ରଘୁନାଥ ପାତ୍ର, ବିଶ୍ୱଜିତ ବେହେରା, ଦେବବ୍ରତ ପାଢ଼ୀ, ଶୁକଦେବ ମଲିକ, ଗଙ୍ଗାଧର ଦତ୍ତ, କାର୍ଯ୍ୟକର୍ତ୍ତା ଅଜୟ ନାୟକ, ପ୍ରଶାନ୍ତ ବଳ, ତପନ ପଣ୍ଡା, କେଶବ ବେହେରା, ତପୁନୁ ପାଣି, ଜୟପ୍ରକାଶ ବେହେରା, ହରିଶ୍ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ନାୟକ, ଚନ୍ଦ୍ରକାନ୍ତ ନାଥ, ପ୍ରିୟବ୍ରତ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଉଦୟନାରାୟଣ ମଲ୍ଲିକ, ବୁଦ୍ଧଦେବ ଜେନା, ଅଜୟ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ ଓ ସଂଜୀବ ବେହେରା, ରାଜକିଶୋର ନାୟକ, ଉଷାକାନ୍ତ ନାୟକ, ପ୍ରତାପ ଜେନା, ତପନ ପାଢ଼ୀ, ସଂଗ୍ରାମ ମହାନ୍ତି, ଦେବେନ୍ଦ୍ର ପୁହାଣ, ମୁକ୍ତିକାନ୍ତ ନାୟକ, ପ୍ରମୋଦ ଦାସ, ସରୋଜ ନାୟକ, ଉମାକାନ୍ତ ଦାସ, ଦେବବ୍ରତ ପାଢ଼ୀ, ସୂର୍ଯ୍ୟନାରାୟଣ ଭୋଇ, ଦୁର୍ଗାପ୍ରସନ୍ନ ନାୟକ, ରତିକାନ୍ତ ଦାସ, ଜୟନ୍ତ ନାୟକ, ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ, ଶଶାଙ୍କ ଶେଖର ରାଉଳ, ଭରତ ସାହୁ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଗାଳ୍ପିକ ଡ. ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିରିକ୍ତ ଏସପି ବାସୁଦେବ ସ୍ୱାଇଁ, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଏସଆଇ ଅରୁନ୍ଧତୀ ବେହେରା, ଏସଆଇ କମଳାକାନ୍ତ ଶତପଥି, ପ୍ରଣବ ଗିରି, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ପ୍ରମୁଖଙ୍କ ସମେତ ୧୫ ପୁଲିସ ଅଧିକାରୀ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୭ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ କଡ଼ା ଚେତାବନୀ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ ସମୟରେ ସ୍ୱଚ୍ଛତା, ପରିମଳ, ଯୋଜନା, ସ୍କିମର ସ୍ୱଚ୍ଛତାକୁ ବୁଲି ଦେଖିବା ପରେ ଅଧିକାରୀ ଓ କର୍ମଚାରୀଙ୍କୁ କଡ଼ା ଶାସନ କରିଥିଲେ। ଏହାକୁ ଦେଖି ଥରହର ହୋଇଥିଲେ ଅଧିକାରୀ। ପରେ କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯୋଗ ଦେଇଥିଲେ। ଉକ୍ତ ସମ୍ମିଳନୀରେ କନ୍ଧମାଳ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୃହ ଏବଂ ନଗର ଉନ୍ନୟନ ଓ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ ଜିଲ୍ଲାର ତିନୋଟି ନିର୍ବାଚନ ମଣ୍ଡଳୀ ଯଥା ଫୁଲବାଣୀ ପୌରପରିଷଦ ବାଲିଗୁଡା ଓ ଜି ଉଦୟଗିରି ଏନ୍‌ଏସି ଓ ଗ୍ରାମପଞ୍ଚାୟତ ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସ୍କିମ, ଯୋଜନା, ପ୍ରୋତ୍ସାହନକୁ କିପରି ସମସ୍ତ ବିଭାଗ ଉକ୍ତ ୨ ବର୍ଷ ମଧ୍ୟରେ ଯଥା ପୌରପରିଷଦ, ଏନଏସି, ବନ ବିଭାଗ, ମତ୍ସ୍ୟ ବିଭାଗ, ୱାଟର ସେଡ, କୃଷି, ଉଦ୍ୟାନ, ଇରିଗେସନ, ଲିଫ୍ଟ ଇରୀଗେଟନ, ଆରଡ଼ି, ଶିକ୍ଷା, ବିଜୁଳି, ମେଡ଼ିକାଲ, ପୂର୍ତ୍ତ ବିଭାଗ, ଜିଲ୍ଲା ପରିଷଦ, ଆଇଟିଡିଏ ବିଭାଗ କ'ଣ କ'ଣ କାର୍ଯ୍ୟ କରିଛନ୍ତି ଓ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, କେତେ କାର୍ଯ୍ୟ ଅଧା ନିର୍ମାଣ ହୋଇ ପଡିରହିଛି ତାହାର ତଦାରଖ କରିଥିଲେ। ପରେ ଫୁଲବାଣୀ ପୌରପରିଷଦ ଅଞ୍ଚଳରେ ବିଜେଡି ସମୟରେ ୧ କୋଟି ଖର୍ଚ୍ଚ ହୋଇଥିବା ବନ୍ଧର ନିର୍ମାଣ ଶେଷ ହୋଇ ନଥିବା, ପୌରପରିଷଦର କାର୍ଯ୍ୟକଳାପକୁ ନେଇ ଦୃଢ଼ ଭାବରେ ସମୀକ୍ଷା କରିଥିଲେ। ଜିଲ୍ଲାକୁ ଅତି ସୁନ୍ଦର ଭାବେ ଗଢି ତୋଳିବା ପାଇଁ କହିଥିଲେ। ତତ୍ ସହିତ ଫୁଲବାଣୀ ପୌରପରିଷଦର କର୍ମଚାରୀମାନଙ୍କୁ ତାଗିଦ କରିଥିଲେ ଓ ସଫେଇ କାର୍ଯ୍ୟର ସଂସ୍ଥାକୁ ବିତାଡିତ କରିଥିଲେ। କାରଣ ସରକାରଙ୍କ ଟଙ୍କାକୁ ଠିକ ଭାବରେ ବ୍ୟବହାର କରୁ ନଥିଲା କି ସଫେଇ, ସ୍ୱଚ୍ଛ ଓ ପରିବେଶ ରଖୁ ନଥିଲା। ଏହାକୁ ମନ୍ତ୍ରୀ ଦେଖି ସଙ୍ଗେ ସଙ୍ଗେ ଦୃଢ଼ ପଦକ୍ଷେପ ନେଇଥିଲେ। ମନ୍ତ୍ରୀ ସମସ୍ତ ବିଭାଗ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ଠିକ ଭାବରେ ସରକାରଙ୍କ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସମାପ୍ତ କର ନହେଲେ ତୁମ ମାନଙ୍କ ଉପରେ ପଦକ୍ଷେପ ନେବାକୁ ପଛ ଘୁଞ୍ଚା ଦିଆଯିବ ନାହିଁ। ଏହିପରି ବୈଠକ ପ୍ରତି ୩ ମାସରେ ହେବ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଉଦୟଗିରି ବିଧାୟକ, କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରତୁରାଜ, ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜିଲ୍ଲା ପ୍ରକଳ୍ପ ପ୍ରଶାସକ ଶମ୍ଭୁ ନାଥ ନନ୍ଦୀ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ବାଲିଗୁଡା ଉପ ଜିଲ୍ଲାପାଳ ରୀନା ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ସରକାର ବିଭାଗର ଉଚ୍ଚ ପଦାଧିକାରୀମାନଙ୍କ ସହିତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର ଆୟୋଜିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଓଡ଼ିଶା ପକ୍ଷ-୨୦୨୫ର ଅଷ୍ଟମ ଦିନରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ ଗୁଡିକରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଭଳି ମହତ ଦାନ କାର୍ଯ୍ୟକ୍ରମରେ ବ୍ଲକ ଗୁଡିକରେ ଆୟୋଜିତ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଗ୍ରୀଷ୍ମ ଦିନରେ ରକ୍ତ ସଙ୍କଟକୁ ଦୂର କରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଅନେକ ସଫଳତା ଯୋଗାଇବ ବୋଲି ବହୁ ସ୍ୱେଚ୍ଛାକୃତ ରକ୍ତଦାତାମାନେ ମତବ୍ୟକ୍ତ କରିଥିଲେ।



ରକ୍ତର ଅଭାବ କେବଳ ରକ୍ତଦାନ ମାଧ୍ୟମରେ ହିଁ ସମ୍ଭବ। ରକ୍ତର ଅଭାବକୁ ଏଡେଇବା ପାଇଁ କେବଳ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ହିଁ ସଫଳ ହୋଇପାରିବ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି।

## ଜିଲ୍ଲାସ୍ତରୀୟ ଡ. ବି.ଆର.ଆମ୍ବେଦକର ଜୟନ୍ତୀ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା




ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ବାରିପଦା ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଡ. ବି.ଆର.ଆମ୍ବେଦକର ଜୟନ୍ତୀ, ୨୦୨୫ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ବାରିପଦା ସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ଓଏଭି, ଠାକୁରମୁଣ୍ଡାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଅନୁଷ୍କା ପଲେଇ, ଓଏଭି, ଶୁଳିଆପଦାର ଅଷ୍ଟମ ଶ୍ରେଣୀର ଛାତ୍ରୀ ଉଶାଷୀ ମହାନ୍ତ, କେନ୍ଦ୍ରୀୟ ବିଦ୍ୟାଳୟ, ବାରିପଦା -୧ର ସପ୍ତମ ଶ୍ରେଣୀର ଛାତ୍ରୀ ଦିବ୍ୟାସିନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଏଭି, ଗରୁଡ଼ବସା, ବେତନଟିର ନବମ ଶ୍ରେଣୀର ଛାତ୍ରୀ ଜାହ୍ନବୀ ପଢିଆରୀ, ଓଏଭି, ରାଣୀଭୋଳ, ବାରିପଦାର ଦଶମ ଶ୍ରେଣୀର ଛାତ୍ର ଅରୁଜ୍ୟୋତି ପ୍ରଧାନ, ଓଏଭି, ମୋରଡାର ଦଶମ ଶ୍ରେଣୀର ଛାତ୍ରୀ ଶ୍ରେୟାସୀ ବାରିକ ଓ କେନ୍ଦ୍ରୀୟ ବିଦ୍ୟାଳୟ, ବାରିପଦା-୧ର ନବମ ଶ୍ରେଣୀର ଛାତ୍ର ବ୍ରିଜ ମୋହନ ଦେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ଯୁଗ୍ମ ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟରେ ଓଏଭି, ଠାକୁରମୁଣ୍ଡାର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ତନୁଜା ମହାନ୍ତ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦାର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଚନ୍ଦ୍ରଲେଖା ମାରିଙ୍ଗାନ୍ତି, ଓଏଭି, ବଡ଼ସାହିର ଦ୍ୱାଦଶ ଶ୍ରେଣୀର ଛାତ୍ର ନିରାକର ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ବକ୍ତୃତା ପ୍ରତିଯୋଗିତାକୁ ଅନୁଷ୍ଠାନିକ ଭାବେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୀନାରାଣୀ ପାତ୍ର ଉଦଘାଟନ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଏପ୍ରିଲ ୧୪ ତାରିଖ ଦିନ ବାରିପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ତ୍ରିରଙ୍ଗା କ୍ଲବ ନିକଟରେ ଜିଲ୍ଲାସ୍ତରୀୟ ଡକ୍ଟର ବି. ଆର. ଆମ୍ବେଦକର ଜୟନ୍ତୀ, ୨୦୨୫ ପାଳନ ସମାରୋହରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ଅନୁପମା ବେହେରା, ସିଲିସ୍ୱପ୍ନା ପଟ୍ଟନାୟକ, ନିକିତା ବଳ, ଧରିତ୍ରୀ ମହାନ୍ତ, ମୋନାଲିସା ମାସନ୍ତ, ଶିକ୍ଷା କର୍ମଚାରୀ ସମ୍ବିତ କୁମାର ମହାପାତ୍ର ତଥା ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, ଅଫିସ ସହାୟକ, ଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ସଂପୁର ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ତଳସାହି ଠାରେ ଗ୍ରାମର ଅଧିଷ୍ଠିତ ଦେବୀ ମା'ମଙ୍ଗଳା ଠାକୁରାଣୀଙ୍କ ୨୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରାଣୀଙ୍କର ଶୁଦ୍ଧ ସ୍ନାନ, ଘଟସ୍ଥାପନ, ସୂର୍ଯ୍ୟପୂଜା, ଦେବାର୍ଚ୍ଚନା ଓ ବିଧି ମୁତାବକ ପୂଜାପାଠ କରାଯାଇଥିଲା। ଯଜ୍ଞ ଆରମ୍ଭରେ ଆହୂତି ଓ ପୂର୍ଣ୍ଣାହୂତି କାର୍ଯ୍ୟକୁ ବିଦ୍ୱାନ ପଣ୍ଡିତ ସୌମ୍ୟ ରଞ୍ଜନ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିଲା। ଗ୍ରାମର ଶ୍ରଦ୍ଧାଳୁ ମାନସିକ ଭକ୍ତମାନେ ନିକଟସ୍ଥ ନେଳିଆ ପୋଖରୀରୁ ଜଳ କଳସକୁ ମନ୍ଦିର ବେଢା ମଧ୍ୟରେ ସ୍ଥାପନ କରିଥିଲେ। ଯଜ୍ଞାଦି କାର୍ଯ୍ୟରେ ଭ୍ରମର ଦେଓ କର୍ତ୍ତା ଭାବେ ଘୃତଦାନ କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମହିଳା ଭକ୍ତମାନେ ସାମିଲ ହୋଇଥିବା ବେଳେ ଯାତ୍ରା ଦେଖିବା ଲାଗି ଅନେକ ଭକ୍ତଙ୍କର ସମାଗମ ହୋଇଥିଲା। ଅପରାହ୍ନରେ ଭାଗବତ ପାଠ, ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ବିଳମ୍ବିତ ରାତ୍ରିରେ ମନ୍ଦିର ସମ୍ମୁଖରେ ଗ୍ରାମର ଯୁବକମାନଙ୍କ ଦ୍ୱାରା ସାମାଜିକ 'ସୁଖ ଦଉଡୁଣୀ ଦୁଃଖ ଭଗାରୀ' ନାଟକ ପରିବେଷଣ କରାଯାଇଥିଲା। ଦିବାରାତ୍ର ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ଅନ୍ନପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂପୁର ଗ୍ରାମର ଗୋବିନ୍ଦପୁର ଓ ଗୋପାଳପୁର ମୌଜାର ଯୁବକ ତଥା ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ରକ୍ତଦାନ ଅଭିଯାନ କାର୍ଯ୍ୟକ୍ରମ

ନବରଙ୍ଗପୁର, (ଭାସ୍କରନ୍ୟୁଜ୍): ନବରଙ୍ଗପୁର ସହର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ 'ଓଡ଼ିଆ ପକ୍ଷ' ପାଳନ ଉପଲକ୍ଷେ ଏକ ରକ୍ତଦାନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ମୋଟ ୧୮ ଜଣ ସ୍ୱେଚ୍ଛାସେବୀ ରକ୍ତଦାତା ୧୮ ୟୁନିଟ ରକ୍ତ ଦାନ କରିଥିଲେ ଏବଂ ସେଭଳି ସେଭଳି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅନୁଷ୍ଠିତ ରକ୍ତଦାନ କାର୍ଯ୍ୟକ୍ରମରେ ମୋଟ ୩୧ ଜଣ ସ୍ୱେଚ୍ଛାସେବୀ ରକ୍ତ ଦାତା ୩୧ ୟୁନିଟ୍ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ସନ୍ତୋଷ କୁମାର ପଣ୍ଡା, ଡିପିଏଚଓ ଡ. ନବକିଶୋର ବେହେରା, ଡିପିଏମ (ଏନ୍‌ଏଚଏମ) ସୁଶାନ୍ତ କୁମାର ପ୍ରହରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ରକ୍ତ ବ୍ୟାଙ୍କ ଲାବ୍ ଟେକ୍ନିଶିଏନ୍ ଅରୁଣ ସ୍ୱାଇଁଙ୍କ ସମେତ ଚିକିତ୍ସାଳୟ କର୍ମଚାରୀ ଉପସ୍ଥିତ ଥିଲେ। ରକ୍ତଦାତାମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପଣ୍ଡା ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

# ଜିଲ୍ଲା ମୁଖ୍ୟାଳୟ ଠାରେ ରକ୍ତଦାନ ଶିବିର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ-୨୦୨୫ ପାଳନର ଅଷ୍ଟମ ଦିବସରେ ଉଚ୍ଚ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ରେଡ଼କ୍ରସ ତରଫରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ ଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ରହି ଏହି ମହତ କାର୍ଯ୍ୟକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେ ଏହି ଅବସରରେ କହିଥିଲେ ଯେ ରକ୍ତଦାନ ହେଉଛି ଜୀବନ ଦାନ। ରକ୍ତ ବିନା ମଣିଷ ବଞ୍ଚିପାରିବ ନାହିଁ। ସେଥିପାଇଁ ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା ରହିଛି। ଜଣେ ସୁସ୍ଥ ବ୍ୟକ୍ତି ରକ୍ତଦାନ କଲେ ସେହି ରକ୍ତ ଅନ୍ୟ ଜଣେ ବ୍ୟବହାର କରି ବଞ୍ଚି ପାରିବ। ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏକ ମହାନ୍ କାର୍ଯ୍ୟରେ ସାମିଲ ହୋଇ ରକ୍ତଦାନ ଆନ୍ଦୋଳନକୁ ସଫଳ କରିଥିବାରୁ ସମସ୍ତଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ମହାନ କାର୍ଯ୍ୟରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର ଉମା ପ୍ରସାଦ ଦାସ ଉପସ୍ଥିତ ଥିଲେ। ରକ୍ତ ଭଣ୍ଡାର ତରଫରୁ ଡ଼ା ସାଗର କୁମାର ବାଲା, ଲ୍ୟାବ ଟେକ୍ନିସିଆନ ସୁଜନ କୁମାର ରାୟ, ନର୍ସିଂ ଅଫିସର ଏନ ସୁବର୍ଣ୍ଣାଙ୍କ ସମେତ ସେବିକା ମାନେ ଉପସ୍ଥିତ ଥିଲେ। ମାଲକାନଗିରି ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଆଇଟିଆଇର ଛାତ୍ରଛାତ୍ରୀ, ଅଧ୍ୟାପକଙ୍କ ସମେତ ପୋଲିସ, ବିଏସଏଫ ଓ ସରକାରୀ କର୍ମଚାରୀ ଆଜିର ଶିବିରରେ ରକ୍ତଦାନ କରିଛନ୍ତି। ଜିଲ୍ଲାପାଳଙ୍କ ଜରୁରୀକାଳୀନ ବିଭାଗ ପକ୍ଷରୁ ସହାୟକ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା, କୁନା ନାୟକ, ଲିପ୍ସାରାଣୀ ଦାସ ଓ ପ୍ରମିଳା ଶବର ପ୍ରମୁଖ ଶିବିର ର ଆୟୋଜନ କରିବାରେ ସହଯୋଗ କରିଥିଲେ।

## ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଚୋରି, ୨ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଚୋରି କରି ନେଉଥିବା ବେଳେ ଗାଁ ଲୋକଙ୍କ ଦ୍ୱାରା ଧରାପଡିଲେ ୨ ଯୁବକ। ଗାଁ ଲୋକଙ୍କ ଠାରୁ ଖବର ପାଇ ଇଲେକ୍ଟ୍ରି ବିଭାଗର ବିଭାଗୀୟ ଅଧିକାରୀ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଟାଙ୍ଗୀ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିବା ସହିତ ଚୋରି ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଜବତ କରିଛି। ଜବତ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଇଲେକ୍ଟ୍ରି ବିଭାଗର ବିଭାଗୀୟ ଅଧିକାରୀ ଏତଲା ରେ ଦର୍ଶାଇଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ଦୀକ୍ଷିତପଡା (କୁହୁଡ଼ି) ଗ୍ରାମର ୨ ଜଣ ଯୁବକ (ଏସ୍.କେ. ଆଲିମ ଓ ଲକି ଅଲ୍ଲୀ) ଦୁହେଁ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଚୋରି କରି ବିକ୍ରି କରିବା ପାଇଁ ମସୁଧା କରୁଥିବା ବେଳେ ଗାଁ ଲୋକଙ୍କ ଦ୍ୱାରା ଧରା ପଡିଥିଲେ ବୋଲି କୁହୁଡ଼ି ଇଲେକ୍ଟ୍ରି ବିଭାଗର ସେକ୍ସନ ଇନଚାର୍ଜ ସରୋଜ କାନ୍ତ ମହାନ୍ତି ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ଏନେଇ ଏକ ମାମଲା ରୁଜୁ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ତାରାତାରିଣୀଙ୍କ ପୀଠରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ତିନି ମନ୍ତ୍ରୀ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ଶକ୍ତି ପୀଠ ମା ତାରାତାରିଣୀଙ୍କ ଶେଷ ଚୈତ୍ର ଯାତ୍ରା ଶୃଙ୍ଖଳାର ସହ ଶେଷ ହୋଇଛି। ଶେଷ ପାଳି ମଙ୍ଗଳବାର ମାଆ ତାରାତାରିଣୀ ମହିଷାସୁର ମର୍ଦ୍ଦିନି ମା' ଦୁର୍ଗାଙ୍କ ଭେଷରେ ଦର୍ଶନ ଦେଉଛନ୍ତି। ଏହି ପର୍ବରେ ହଜାର ହଜାର ଦର୍ଶକ ନିଜ ପରିବାର ସଦସ୍ୟଙ୍କ ସହ ଜ୍ଞାତି କୁଟୁମ୍ବମାନଙ୍କୁ ନେଇ ମା'ଙ୍କ ଅଶୀର୍ବାଦ ଲଭିଛନ୍ତି। ଚୈତ୍ର ପର୍ବ ଏକ ମୁଣ୍ଡନ ପର୍ବରେ ନିଜୟନିଜ ସନ୍ତାନମାନଙ୍କ ପ୍ରଥମଥର ମା'ଙ୍କ ପୀଠରେ ଚୁଟିକାଟିବା ପରମ୍ପରା ଥିବା ବିଶ୍ୱାସ ରହିଛି ବୋଲି ଶ୍ରଦ୍ଧାଳୁମାନେ ବକ୍ତବ୍ୟରେ କହିଛନ୍ତି। ମା'ଙ୍କ ଯାତ୍ରା ଦେଖିବା ଓ ଆଶିଷ ଲଭିବା ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରି ପ୍ରଭାତୀ ପରିଡ଼ାଙ୍କ ସହ ତିନି ମନ୍ତ୍ରୀ ଆଇନ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ, ଖଣି ଓ ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଁ ଭଗବତୀ ତାରାତାରିଣୀଙ୍କ ଦର୍ଶନ କରି ଏକ ଘୃତ ଯଜ୍ଞ କରିଥିଲେ। ପ୍ରାୟ ଏକ ଘଣ୍ଟା କାଳ ସମୟ ମନ୍ଦିର ପରିସରରେ ରହିଥିଲେ। ଯଜ୍ଞ ମଣ୍ଡପରୁ ଉଠି ମନ୍ଦିରର ଚତୁପାର୍ଶ୍ୱରେ ଚାଲିଥିବା ନିର୍ମାଣାଧିନ କାର୍ଯ୍ୟ ବୁଲି ଦେଖିଥିଲେ। ଯାତ୍ରୀମାନଙ୍କ ସମସ୍ତ ସୁବିଧା ଓ ଆକର୍ଷଣୀୟ ତୀର୍ଥ ପୀଠ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆଠକୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ ନିମନ୍ତେ ଘୋଷଣା କରିଥିଲେ। ପର୍ଯ୍ୟଟନ ବିଭାଗ ଓ ପୂର୍ତ୍ତ ବିଭାଗ ମିଳିତ ସହ-ଭାଗିତାରେ ଶକ୍ତିପୀଠକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ କାର୍ଯ୍ୟ କରିବେ ବୋଲି ଆଶା ରଖିଛନ୍ତି। ପୁଣି ଗଞ୍ଜାମ ଜିଲ୍ଲାର ଅନ୍ୟତମ ପିଠ ତପ୍ତପାଣି ପିଠକୁ ଏଗାର କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବା ଘୋଷଣା କରିଛନ୍ତି। ତାହା ସହ ନାରାୟଣୀ ପିଠର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ଜଣାଇଥିଲେ। ମନ୍ଦିର ଚତୁପାର୍ଶ୍ୱ ବୁଲି ସନ୍ତୋଷ ପ୍ରକାଶ କରିଥିଲେ। ଗହଣରେ ଥିଲେ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକ ଗଣ, ଜିଲ୍ଲା ସଭାପତି ଦ୍ୱୟ ଏବଂ ବରିଷ୍ଠ ବିଜେପି ନେତୃମଣ୍ଡଳୀ।

## ବର୍ଦ୍ଧିତ ଭତ୍ତା ନପାଇ ବୃଦ୍ଧ ହଟହଟା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବୁହଲୋ ଗ୍ରାମପଂଚାୟତ ସୁନାଇଲୋ ଗ୍ରାମର ଜେଣ ବୃଦ୍ଧ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ନପାଇ ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ବୁହାଲୋ ଗ୍ରାମ ପଂଚାୟତ ସୁନାଇଲୋ ଗ୍ରାମର ଅଚ୍ୟୁତାନନ୍ଦ ଦାସ (୮୬) ଜେଣ ବୃଦ୍ଧ ଅଟନ୍ତି। ଶାରିରୀକ ଅସୁସ୍ଥତା କାରଣରୁ ସେ କାମଧନ୍ଦା ଠିକ୍ ଭାବେ କରିପାରୁ ନାହାନ୍ତି। ଏପରିକି ବାର୍ଦ୍ଧକ୍ୟରେ ଉପନିତ ହେତୁ ପ୍ରତିମାସେର ଔଷଧ ଖାଇବା ନିମେନ୍ତ ତାଙ୍କର ୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚହେଉଛି। ଏପରିସ୍ଥଳେ ସରକାରଙ୍କ ତରଫରୁ ତାଙ୍କୁ ଦୀର୍ଘବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦିଆଯାଉଛି। ତେବ ପୂର୍ବରୁ ଦାସଙ୍କୁ ୭୦୦ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପ୍ରତିମାସେର ଦିଆଯାଉ ଥିଲା। ଗତ କିଛିମାସ ହେଲା ତାଙ୍କୁ ମାସିକ ମାତ୍ର ୧୦୦୦ଟଙ୍କା ଲେଖାଏଁ ଯୋଗାଇ ଦିଆଯାଉ ଥିବାର ଦାସ ପ୍ରକାଶ କରିଛନ୍ତି। ଅପର ପକ୍ଷରେ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ଭତ୍ତା କ'ଣ ପାଇଁ ତାଙ୍କୁ ପ୍ରଦାନ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣେର ମତ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ଏହି ଅଭିଯୋଗର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## ମେଲାଣି ନେଲେ ମା' ବାସନ୍ତୀ ଦୁର୍ଗା



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଞ୍ଚଳରେ ବିଭିନ୍ନ ବାସନ୍ତୀ ପୂଜାମଣ୍ଡପ ଓ ମନ୍ଦିର ମାନଙ୍କରେ ଆଜି ମା' ବାସନ୍ତୀକ ଦୁର୍ଗାପୂଜା ଦଶମୀ ପୂଜା ପରେ ବିସର୍ଜନ କରା ଯାଇଛି। ଆସନ୍ତାକାଲି ମା'ଙ୍କ ମୃଣ୍ମୟ ମୂର୍ତ୍ତି ଜଳାଶୟରେ ବିସର୍ଜନ କରାଯିବ। ଏହି ଉପଲକ୍ଷେ ବ୍ଲକର ପଲେଇ ପଞ୍ଚାୟତ ଅନ୍ତର୍ଗତ ନାଲୁବାବାଙ୍କ ମଠରେ ଗତ ୩ ତାରିଖ ଷଷ୍ଠି ତିଥି ଠାରୁ ଅନୁଷ୍ଠିତ ହୋଇ ଆସୁଥିବା ମା'ଙ୍କ ପୂଜା ଆଜି ଶେଷ ହୋଇଛି। ଦୀର୍ଘ ପାଞ୍ଚଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପୂଜାରେ ମା'ଙ୍କ ବିଶେଷ ପୂଜାର୍ଚ୍ଚନା ସହିତ ମହାଷ୍ଟମୀରେ ସନ୍ଧୀପୂଜା ଓ ବିସର୍ଜନ ପୂଜା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ପୂଜାକୁ ସତ୍ୟାନନ୍ଦ ମହାନ୍ତ, ଭାଗବତ୍ ନାଥ, ଶାରଦା ପ୍ରସାଦ ପାଣି, ମାଧବାନନ୍ଦ ଦାଶ, ମନୋଜ କୁମାର ମହାପାତ୍ର, ରଶ୍ମିରଞ୍ଜନ ରଥ, ସୌଦାଗର ନାଥ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ସେହିପରି ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରର ବ୍ୟବସାୟୀ ମାନଙ୍କ ପକ୍ଷରୁ ସାର୍ବଜନୀନ ବାସନ୍ତିକ ପୂଜା ଆଜି ସମ୍ପନ୍ନ ହୋଇଛି। ମଙ୍ଗଳବାର ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରାଚକଡ଼ା ସ୍ଥିତ ମା' ବାସନ୍ତୀଙ୍କ ପୀଠରେ ଅନୁଷ୍ଠିତ ବାସନ୍ତିକ ପୂଜା ଆଜି ଦଶହରା ତିଥିରେ ଶେଷ ହୋଇଥିବା ବେଳେ ସନ୍ଧ୍ୟାରେ ରାବଣପୋଡ଼ି ଉତ୍ସବ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହାଜର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ସେହିପରି ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଓଳକଣା ମେଲଣ ପଡ଼ିଆରେ ଅନୁଷ୍ଠିତ ମା'ବାସନ୍ତିକ ପୂଜା ସମ୍ପନ୍ନ ହୋଇଛି।

# ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବସୁପୁର ଗ୍ରାମସ୍ଥିତ ମା' ବାସନ୍ତୀ ଦୁର୍ଗା ପୂଜା ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ 'ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ'ର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଓ ପୂଜ୍ୟପୂଜା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଟ୍ରଷ୍ଟର ସଭାପତି ସୁବାଷ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ହିମାଂଶୁ ଭୂଷଣ ପରିଡା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ଭଗବାନ ବିଶ୍ୱାଳ ସାମାଜିକ ଓ ସେବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରି କେନ୍ଦ୍ରାପଡା ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ଅଞ୍ଚଳର ସମସ୍ତ ଝିଅ ଓ ବିବାହିତା ଝିଆଣିମାନଙ୍କୁ ଏକାଠି କରାଯାଇ ଭଉଣୀଚାରର ପରିବେଶ ସୃଷ୍ଟି କରି ସୁଭଦ୍ରା ମହୋତ୍ସବ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ଗ୍ରାମର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ, ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ରାପଡା ସାହିତ୍ୟ ସରସ୍ୱତୀ ସମ୍ମାନ -୨୦୨୫, ଧୂମାତ ଗ୍ରାମର ସର୍ବୋଚ୍ଚ ଯନ୍ତ୍ରୀ ଓ ଜିଲ୍ଲାର ଭିତ୍ତିଭୂମି ଉନ୍ନୟନକାରୀ ଇଂ ଶତ୍ରୁଘ୍ନ ଦାସଙ୍କୁ କେନ୍ଦ୍ରାପଡା ରତ୍ନ ସମ୍ମାନ, ଶିକ୍ଷାବିତ୍ ଅଧ୍ୟାପକ ଅଜୟ ସାମଲଙ୍କୁ କେନ୍ଦ୍ରାପଡା ବରପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି କେନ୍ଦ୍ରାପଡା ଗୌରବ ସମ୍ମାନରେ ସ୍ତମ୍ଭକାର ଏବଂ ସାହିତ୍ୟିକ ଚୌଧୁରୀ ଅମିତାଭ ଦାସ, ସିନେ କଳାକାର ବବି ମିଶ୍ର, କ୍ରୀଡାବିତ୍ ନାରାୟଣ ଚନ୍ଦ୍ର ବାରିକ, ପରିବେଶବିତ୍ ତଥା ସମାଜସେବୀ ରଶ୍ମିରଞ୍ଜନ ବାରିକ, କେନ୍ଦ୍ରାପଡାର ବିଶିଷ୍ଟ ସମାଜସେବୀ ତଥା ଶିଶୁ ଓ ମହିଳା ଅଧିକାର କର୍ମୀ ମହମ୍ମଦ ସେକ୍ ଲିୟାକତ୍ ଅଲ୍ଲୀ, ଲେଖକ ଓ ସମାଲୋଚକ ଅଭିମନ୍ୟୁ ଧଳଙ୍କୁ ସମ୍ମାନିତ କରାଯାଇଛି। ଶିଶୁ ଚିକିତ୍ସକ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କୁ ଦେବବୈଦ୍ୟ ଅଶ୍ୱିନୀ କୁମାର ସମ୍ମାନ, ଆୟୁର୍ବେଦିକ ଓ ଶଲ୍ୟ ଚିକିତ୍ସକ ତଥା କବି ଡା. ମନୋରଞ୍ଜନ ଦାସଙ୍କୁ ସେବା ଓ ସାହିତ୍ୟ ସମ୍ମାନ, ସମାଜସେବୀ ତଥା ସାରସ୍ୱତ ସାଧକ ପାରେଶ୍ୱର ସାମଲଙ୍କୁ ସ୍ୱତନ୍ତ୍ର ସେବା ଓ ସାରସ୍ୱତ ସମ୍ମାନ, ସାହିତ୍ୟିକ ପ୍ରମୋଦ ତ୍ରିପାଠୀଙ୍କୁ ସାହିତ୍ୟ ସମ୍ମାନ, ଶିକ୍ଷକ କଳ୍ପତରୁ ପରିଡାଙ୍କୁ ସ୍ୱତନ୍ତ୍ର ସେବା ଓ ସାହିତ୍ୟ ସମ୍ମାନ, ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ଚିକିତ୍ସକ ଡା. ବିରେନ୍ଦ୍ର କୁମାର ଦାସଙ୍କୁ ସ୍ୱତନ୍ତ୍ର ସେବା ଓ ସାହିତ୍ୟ ସମ୍ମାନ, ବସୁପୁର ଗ୍ରାମର ସତ୍ୟସାଇ ସେବା ସଂଗଠନ ତଥା ସମାଜସେବୀ ପ୍ରଜ୍ୱଳିତ ଜେନାଙ୍କୁ ସ୍ୱତନ୍ତ୍ର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମୋହନ ଚରଣ ସାହୁ, ନାରାୟଣ ଚନ୍ଦ୍ରପରିଡା, ଇଂ ଗି[illegible]ରଞ୍ଜନ ଧଳ, ଜ୍ୟୋର୍ତ୍ତିମୟ ଦାସ, ସଞ୍ଜୟ ଜେନା, ଧିରେନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହିଅବସରରେ ଭୁବନେଶ୍ୱରର ମେଲୋଡି ନାଇଟ୍ ପକ୍ଷରୁ ରବିନାରାୟଣ ବାରିକଙ୍କ ନେତୃତ୍ୱରେ ସଙ୍ଗୀତ ଓ ନୃତ୍ୟ ପରବେଷଣ କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଂଚାୟତ ଅନ୍ତର୍ଗତ ବାଲିଆସ୍ଥିତ ଆଂଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ବାଣୀପାଣି ସଙ୍ଗୀତ ସଦନ ଗୃହରେ ସଂଘର ସଦସ୍ୟ ସିଙ୍ଗିରି ଗ୍ରାମର ରାଜକିଶୋର ଜେନା (୭୪)ଙ୍କ ବିୟୋଗରେ ସାଥୀ ପୁରୁଷୋତ୍ତମ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୟୋଜ୍ୟେଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଶୋକସଭାରେ କର୍ମଚାରୀ ସଂଘର ସଦସ୍ୟ ରମେଶ ଚନ୍ଦ୍ର ପତି, ନିରୋଦ କୁମାର ବାରିକ, ଶ୍ରୀଧର ମହାରଣା, ଅଧିକାରୀ ଧରଣୀଧର ଦାଶ, ଗୌରାଙ୍ଗ ଚରଣ ଜେନା, କରୁଣାକର ଜେନା ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଥାଉକି ବାର୍ଦ୍ଧକ୍ୟ ଜନିତ ରୋଗରେ ଗତ ୨ ତାରିଖରେ ମୃତ୍ୟୁ ହୋଇଥିବା ସ୍ୱର୍ଗତ ଜେନାଙ୍କ ମରଶରୀରକୁ ଆର୍ଯ୍ୟ ସମାଜ ରୀତିନୀତିରେ ଗ୍ରାମ ଶ୍ମଶାନରେ ଘୃତ, ଶାକଲ୍ୟ, ଝୁଣା, କର୍ପୁର ଆଦି ଚିତାଗ୍ନିରେ ପ୍ରଦାନ କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଦୀପକ ମୁଖାଗ୍ନି ଦେଇଥିଲେ। ଶବଦାହରେ ପୁଅ ଆଲୋକ, ପୁତୁରା ପ୍ରଦୀପ, ଦିଲ୍ଲୀପ ବିକାଶ, ଆକାଶ, ଚନ୍ଦନ, ପ୍ରଣବ ଓ ଭାଇ ରମେଶ, ଧ୍ରୁବ, ବସନ୍ତ ପ୍ରମୁଖ ଯୋଗ ଦେଇଥିଲେ।



# ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ଭାବେ ନାମଲେଖା ଶିଶୁମାନଙ୍କ ପାଇଁ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ପାଳିତ ହୋଇଛି। ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ତା.୭/୪/୨୫ରିଖ ଦିନ ସମସ୍ତ ବ୍ଲକ ଗୁଡ଼ିକୁ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଉତ୍କଳକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରଣୀତ ବର୍ଣ୍ଣବୋଧ ଶିଶୁ ମାନଙ୍କୁ ବଣ୍ଟନ ନିମନ୍ତେ ଯୋଗାଇଦିଆଯାଇଛି। ଏହାକ୍ରମେ ରାୟଗଡା ସଦର ଗାନ୍ଧୀନଗର ଓ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଶିଶୁଙ୍କୁ ବଣ୍ଟନ କରାଯାଇଥିଲା। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ୍ୱାଙ୍ଗାଟି ଶବର, ରାୟଗଡ ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାଡ଼ିଆ ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସମେତ ଉଭୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ। ଗାନ୍ଧିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ଜଣ ଏବଂ ଇନ୍ଦିରାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ଜଣ ନୂତନ ଭାବେ ନାମଲେଖାଇଥିବା ଶିଶୁଙ୍କୁ ଏହି ପୁସ୍ତକ ବଣ୍ଟନ କରାଯାଇଥିଲା। ଓଡ଼ିଆ ଭାଷାର ଲିଖନ ଓ ପଠନରେ ବର୍ଣ୍ଣବୋଧର ସ୍ଥାନ ସ୍ୱତନ୍ତ୍ର। ଏହା ଏକ କାଳଜୟୀ ପୁସ୍ତକ ଓ ପ୍ରତି ଓଡିଆଙ୍କ ପ୍ରିୟ। ୧୮୯୫ ମସିହାରେ ପ୍ରଥମ ପ୍ରକାଶିତ ଏହି ବହି ଓଡିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଚଳିତବର୍ଷର ନୂତନ ସଂସ୍କରଣ ଓଡିଆ ଜାତିର ମନ ଓ ମାଟି ସହ ଜଡ଼ିତ ଥିବାରୁ ଶିଶୁ ଓ ଶିକ୍ଷକ ମାନଙ୍କ ଦ୍ୱାରା ଭୂଷ ଆଦୃତ ହେବ ବୋଲି ଅତିଥିବୃନ୍ଦ ପ୍ରକାଶ କରିଛନ୍ତି।



# ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କୁ ଆକ୍ରମଣର ପ୍ରତିବାଦ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପୁରୀ ଶ୍ରୀମନ୍ଦିର ସମ୍ମୁଖରେ 'ବଡ ଖବର' ଚ୍ୟାନେଲର ସ୍ଥାନୀୟ ପ୍ରତିନିଧି ଲିନୁ ନାୟକ ଏବଂ ତାଙ୍କ କ୍ୟାମେରାମ୍ୟାନ ଶିବ କିଶୋର ପଲେଇ ଖବର ସଂଗ୍ରହ କରୁଥିବା ବେଳେ ନିଜକୁ ସେବାୟତ ଶ୍ରେଣୀର ବ୍ୟକ୍ତି କହି ଲିନୁଙ୍କୁ ଟଣା ଓଟରା କରିବା ସହିତ ମାଡ ମାରିଥିଲେ। ଏଥି ସହିତ କ୍ୟାମେରା ମ୍ୟାନ ପଲେଇଙ୍କୁ ତଳେ ପକେଇ ତାଙ୍କ ଉପରେ କେତେକ ସେବାୟତ ଚଢି ଯାଇଥିଲେ। ଏହି ଘଟଣାର ଦୃଶ୍ୟ କ୍ୟାମେରାରେ ରେକର୍ଡ ହୋଇଛି। କେବଳ ସେତିକି ନୁହେଁ ସୁଟିଂ କରାଯାଉଥିବା ଉଭୟ କ୍ୟାମେରା ଓ ମୋବାଇଲ ଫୋନକୁ ମଧ ସେବାୟତ ଛଡାଇ ନେଇଛନ୍ତି। ଜଣେ ମହିଳା ସାମ୍ବାଦିକଙ୍କୁ ଏକାଧିକ ପୁରୁଷ ସେବାୟତ ମିଳିମିଶି ମାଡ ମାରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଫଟୋ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ 'ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟ' (ଏସୟୁଜେ) ଓଡିଶା କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଘଟିଥିବା ଏପରି ଅମାନବିକତା ଘଟଣାକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଛି। ସେହିପରି ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଉପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟମିତ ଭାବେ ଆକ୍ରମଣ ହେଉଥିବା ଯୋଗୁଁ ସାମ୍ବାଦିକ ମାନେ ସ୍ୱାଧୀନ ଭାବେ କାମ କରିବା କଷ୍ଟକର ହୋଇପଡିଛି। ଏହାଛଡ଼ା ସୁରକ୍ଷିତ ମଣୁ ନାହାଁନ୍ତି। ସରକାର 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ କରିବାକୁ ମଧ ଏସୟୁଜେ ଓଡିଶା ପକ୍ଷରୁ ଦାବି କରିଛି। ସଂଘର ସଦସ୍ୟ ବିନୟ ଭୁଷଣ ପଟ୍ଟନାୟକ, ପାର୍ଥସାରଥି ମିଶ୍ର, ସୁଢଳ କୁମାର ସେଠୀ ସମେତ ଅନ୍ୟମାନେ ଜିଲାପାଳଙ୍କୁ ଏହି ଦାବିପତ୍ର ଦେଇଥିଲେ।

# ପରଜଙ୍ଗରେ ସ୍ୱଚ୍ଛତା ଅଭିଯାନ ଫେଲ୍

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ରାଜ୍ୟ ବ୍ୟାପି ଓଡ଼ିଆ ପକ୍ଷ ୨୦୨୫ ପାଳନ ହେଉଥିବା ବେଳେ ଏହାରି ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି। ପରିବେଶ ସ୍ୱଚ୍ଛତା ପାଇଁ ସରକାର ନାନା ଦେଉଥିବା ବେଳେ ଅନ୍ୟ ଦିଗରେ ରାସ୍ତା ପାର୍ଶ୍ୱରେ କୁଡ଼ କୁଡ଼ ଅଳିଆ ଆବର୍ଜନା ପଡିଥିବା କୁତ୍ସିତ ଦୃଶ୍ୟ ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାର ଦେଇ ତିହିଡୋଳ, ବାରିହାପୁର ଦିଗକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ସରକାରଙ୍କ ସ୍ୱଚ୍ଛତା ପାଇଁ ନିର୍ମିତ ହୋଇଥିବା ଆବର୍ଜନା ଗୃହର ଏ ଦୃଶ୍ୟ। ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ତିହିଡୋଳ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଟି ପୋଖରୀ ମୁଣ୍ଡର ନିକଟବର୍ତ୍ତୀ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱକୁ ଲାଗି ଅଳିଆ ଆବର୍ଜନା ପକାଇବା ପାଇଁ ସ୍ୱତନ୍ତ୍ର ଘର ନିର୍ମାଣ କରାଯାଇଛି। କିଛି ଅଯାଧୁ ବ୍ୟକ୍ତି ମାନେ ଘର ଭିତରେ ଅଳିଆ ଆବର୍ଜନା ନପକାଇ ଘର ବାହାରେ ଅଳିଆ ଆବର୍ଜନା ପକାଇ ଚାଲିଛନ୍ତି। ଯାହା ଫଳରେ ଦିନକୁଦିନ କୁଢ଼କୁଢ଼ ଅଳିଆ ଆବର୍ଜନା ବୃଦ୍ଧି ପାଇ ପିଚୁରାସ୍ତାକୁ ଲାଗିଗଲାଣି। କୁକୁରମାନେ ଆବର୍ଜନା ଭିତରେ ମାଡ଼ହୋଇ ପୂର୍ତ୍ତ ବିଭାଗ ରାସ୍ତାକୁ ମାଡି ଆସିବା ଫଳରେ ରାସ୍ତାରେ ଯାଉଥିବା ପଥଚାରୀ ମାନେ କୁକୁରଙ୍କ ଦ୍ୱାରା ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଏହି ରାସ୍ତାରେ ଦିନ୍ଦୁ ଦିଗକୁ ଯାତାୟାତ କରୁଥିବା ପଥଚାରୀ ମାନେ ନିର୍ଗତ ହେଉଥିବା ଦୁର୍ଗନ୍ଧରୁ ନିସ୍ତାର ପାଉନାହାନ୍ତି। ପବନ ବେଳେ ଏହାର ଆଖପାଖକୁ ପଡ଼ ଓ ପଲିଥିନ ଉଡି ଉଡିବା ସହିତ ବସ୍ତିବାସିନ୍ଦା ମାନେ ଦୁର୍ଗନ୍ଧର ଶିକାର ହେବାକୁ ପଡୁଛି। ପରଜଙ୍ଗ ସମସ୍ତ ପ୍ରକାର ସରକାରୀ ବିଭାଗୀୟ ଅଧିକାରୀ ବାବୁମାନେ ଯାତାୟାତ କରୁଥିଲେ ମଧ୍ୟ, ଏପରି ଦୃଶ୍ୟ ଦେଖି ନଦେଖିବା ଭଳି ଏଡ଼ାଇ ଦେଇ ଯିବାଆସିବା କରୁଛନ୍ତି। ଅଳିଆ ଆବର୍ଜନା ଘର ନିକଟରେ ପୂର୍ବରୋଗ ରାସ୍ତା ପାର୍ଶ୍ୱକୁ ଲାଗି ଷ୍ଟେଟ ବ୍ୟାଙ୍କ ରହିଥିବାରୁ ବ୍ୟାଙ୍କର ଗ୍ରାହକ ଓ କର୍ମଚାରୀ ମାନେ ଦୁର୍ଗନ୍ଧରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜନସାଧାରଣଙ୍କ ଯାତାୟାତ ପଥରେ ଅଳିଆ ଆବର୍ଜନା ପକାଇ ବାୟୁମଣ୍ଡଳ ପ୍ରଦୂଷିତ କରିଚାଲିଥିବା ଅସାଧୁ ବ୍ୟକ୍ତିଙ୍କ ପ୍ରତି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଥିବା ବେଳେ ଅନ୍ୟ ଦିଗରେ ପଡି ରହିଥିବା କୁଢ଼କୁଢ଼ ଅଳିଆ ଆବର୍ଜନା ସଫା ରଖିବା ପାଇଁ ସର୍ବସାଧାରଣରେ ପଥଚାରୀମାନେ ବିଭାଗୀୟ ଅଧିକାରୀଙ୍କୁ ଦାବି କରିଛନ୍ତି।

## ବିଜେପିର ପ୍ରତିଷ୍ଠା ଦିବସ ପାଳିତ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଣ୍ଟାପଡା ପଞ୍ଚାୟତ ସରପଞ୍ଚ ନିର୍ମଳ କୁମାର ସାହୁଙ୍କ ସଭାପତିତ୍ୱରେ ଶତାଧିକ ବିଜେପି କର୍ମୀଙ୍କୁ ନେଇ ବିଜେପିର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଯେଉଁମାନେ ବିଜେପି ଦଳ ଗଠନ ବେଳେ ଭୂମିକା ଗ୍ରହଣ କରିଥିବା ନେତା ମାନଙ୍କ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ସୁଦର୍ଶନ ମୁଦୁଲି ସମାଜସେବୀ ତଥା ଅବସର ପ୍ରାପ୍ତ ଶିକ୍ଷକ ପୂର୍ଣ୍ଣା ନନ୍ଦ ବେହେରା, ବରିଷ୍ଠ ବିଜେପି କର୍ମୀ ଅଶୋକ ସାମନ୍ତରାୟ, ନୃସିଂହ ଚରଣ ଭୋଇ, କମଳା କାନ୍ତ ସାହୁ, ସଂଗ୍ରାମ ସିଂ, ଦଶରଥ ଭୋଇ, ସୁକାନ୍ତ ଭୋଇ ଙ୍କ ସମେତ ଶତାଧିକ ବିଜେପି କର୍ମୀ ବିଜେପି ପ୍ରତିଷ୍ଠା ଦିବସରେ ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ଜନୈକା ୧୪ବର୍ଷିଆ ନାବାଳିକାଙ୍କୁ ସିଲେଇ ଟ୍ରେନିଂ ଦେବାର ପ୍ରତିଶୃତିଦେଇ ଜନୈକା ଯୁବତୀଙ୍କୁ କଟକ ନେବାପରେ ଫୁଲନଖରା ସ୍ଥିତ କୁକୁଡାଫାର୍ମରେ ବନ୍ଦୀକରି ଜୋରଜବରଦସ୍ତ କାମ କରାଇବାସହିତ ସମ୍ପର୍କୀୟ ଦିଅର ଦୁଷ୍କର୍ମ ଉଦ୍ୟମ କରିବା ଘଟଣାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ। ଏତଲାକାରିଣୀ ପୀଡିତାଙ୍କ ମା'ଙ୍କ ଅଭିଯୋଗ ମୁତାବକ ସ୍ୱାମୀ ଘରେ ନଥିବା ସମୟରେ ପାଖ ଜନୈକା ଯୁବତୀ ସିଲେଇ ଟ୍ରେନିଂ ଦେବାର ପ୍ରତିଶୃତି ଦେଇ ୧୪ବର୍ଷିଆ ନାବାଳିକାଙ୍କୁ କଟକ ନେଇଯାଇଥିଲା। ସେଠାରେ ସିଲେଇ ଟ୍ରେନିଂ ପରିବର୍ତ୍ତେ ଫୁଲନଖରାସ୍ଥିତ ଏକ କୁକୁଡାଫାର୍ମରେ ବନ୍ଦୀ କରି ଜୋରଜବରଦସ୍ତ କାମ କରାଉଥିଲା। ଏଥିସହିତ ସମ୍ପର୍କୀୟ ଦିଅର ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ପୀଡିତା ଜଣକ ଫୋନଯୋଗେ ଘରକୁ ଜଣାଇବାପରେ ପୀଡିତାଙ୍କ ମା' ବେତନଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ବେତନଟୀ ପୁଲିସ ୧୦୨/୨୫ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ଶେଷରେ ଫୁଲନଖରାସ୍ଥିତ କୁକୁଡାଫାର୍ମରେ ଚଢାଉକରି ୧୪ବର୍ଷିଆ ନାବାଳିକା ପୀଡିତାଙ୍କୁ ଉଦ୍ଧାର କରିଥିଲେ। ମଙ୍ଗଳବାର ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ପୁଲିସ ବୟାନ ରେକର୍ଡ କରିଛି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ମଧ ପୀଡିତାଙ୍କର ବୟାନ ରେକର୍ଡ କରାଯିବାନେଇ ବେତନଟୀ ଥାନା ପକ୍ଷରୁ ସୂଚନା ଦେଇଛି।

# ତୀର୍ଥଯାତ୍ରାରେ ବାହାରିଲେ ୭୭୫ଜଣ ବରିଷ୍ଠ ନାଗରିକ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣ କାର୍ଯ୍ୟକ୍ରମରେ ଦକ୍ଷିଣାପଶ୍ଚିମାଚଂଳର କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲ୍ଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ଜଣ ଏସକର୍ଟ କର୍ମକର୍ତାମାନେ ଆଜି ରାୟଗଡା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧା ବନାରସ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ରାୟଗଡ ଜିଲ୍ଲାପାଳ ପାରୁଲ ପାଟାଓ୍ୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ ବିଧାୟକ, ଆପଲସ୍ୱାମୀ କଦ୍ରକ୍ଷକକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ରେଳ ବିଭାଗ ରାୟଗଡ ରେଳ ମଣ୍ଡଳ ପରିଚାଳକ ଅମିତାଭ ସିଂଘଲ, ମୁଖ୍ୟ ଉନ୍ନୟନ ଅଧିକାରୀ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବକ୍ଷଳମୁକୁନ୍ଦ ଭୂୟାଁ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ରାୟଗଡ ପୌର ଅଧକ୍ଷ ମହେଶ ପଟ୍ଟନାୟକ, ରାମନାଗୁଡ଼ା ସମିତି ଅଧକ୍ଷା ରବିଶଙ୍କର ଗମାଙ୍ଗ, ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନରେ ଫିତା କାଟିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାନଙ୍କ ଯାତ୍ରାକୁ ପତାକା ଦେଖାଇ ଶୁଭରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅତିରକ୍ତ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାଏ, ବରିଷ୍ଠ ସହାୟକ ବୁଦ୍ଧ ଦେବ ବୁଦୁଲା ସମେତ ରେଳବାଇ ଆଇଆରସିଟିସି କର୍ତୁପକ୍ଷ ଏବଂ ରାୟଗଡା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଆଧାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ତୀର୍ଥଯାତ୍ରା କରିବାକୁ ମଧ ମନ ବଳାଇଥାନ୍ତି ତେବେ ଅର୍ଥାଭାବରୁ ତଥା ପାରିବାରିକ ଆର୍ଥିକସ୍ଥିତି ଉଜ୍ଜଳ ନଥିବାରୁ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି ନାହିଁ। ସେହିପରି ଆର୍ଥିକ ଅନଗ୍ରସର ଓ ଦାରିଦ୍ର ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପୁନ୍ନ କାର୍ଯ୍ୟକ୍ଷମ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣରେ ସୁଯୋଗ ପ୍ରଦାନ କରିବା ସୁଯୋଗ ଦେଇଛନ୍ତି। ଏଥର ୭୭୫ଜଣ ଓ ଏସକୋଟ ଅଫିସର ମିଶି ସର୍ବମୋଟ ୮୦୦ଜଣ ତୀର୍ଥଯାତ୍ରୀ ଯାତ୍ରାର ସୁଯୋଗ ପାଉଛନ୍ତି। ଏହି ଯାତ୍ରା ବେଳେ ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ସୁବିଧାସୁଯୋଗ ରାଜ୍ୟ ସରକାର ବହନ କରିଥାନ୍ତି। ତୀର୍ଥଯାତ୍ରୀମାନଙ୍କ ରହିବା, ଯିବାଆସିବା ଏବଂ ଖାଦ୍ୟପାନୀୟର ବ୍ୟବସ୍ଥା ସହ ଗସ୍ତ ଜଗୁଆଳୀ, ପଥ ପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଚଳିତ ୨୦୨୪-୨୫ଆର୍ଥିକ ବର୍ଷରେ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥି ମଧ୍ୟରେ ରାୟଗଡା ଠାରୁ ଅଯୋଧା-ବନାରସ ତୀର୍ଥସ୍ଥାନ ଭ୍ରମଣର ସ୍ଥିର କରାଯାଇଥିଲା ବୋଲି ସ୍ୱତନ୍ତ୍ର ଶାସନ ସଚିବ ଭୂୟାଁ ପ୍ରକାଶ କରିଛନ୍ତି। ଏଥିରେ ରାୟଗଡା ଜିଲ୍ଲାର ୧୧୮, ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣୟ, ନବରଙ୍ଗପୁରର ୧୪୮ ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ଲେଖାଁଏ ଏବଂ କଳାହାଣ୍ଡିର ୧୯୨ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା ଭ୍ରମଣରେ ଗସ୍ତ କରିଛନ୍ତି। ଗତକାଲି ଉକ୍ତ ଛଅଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣୀ ବ୍ୟବସ୍ଥା କରାଯାଇଥିବା ବେଳେ ସଂଧାରେ ଭଜନ ସଂଧା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମଙ୍ଗଳବାର ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ତୀର୍ଥଯାତ୍ରା ଭ୍ରମଣ ନିମନ୍ତେ ରାୟଗଡା ଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲପାଳ ନବୀନ ଚନ୍ଦ୍ର ନାୟକ, ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନାରାୟଣ ମିଶ୍ର ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମପଞ୍ଚାୟତର ବାଲିଆ ସରସ୍ୱତୀ ଶିଶୁ ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡିଶାର ସମ୍ପାଦକ ଡ. କରୁଣାକର ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମୂରଲୀଧର ରଥ, ସମ୍ମାନୀତ ଅତିଥି ଭାବେ ଓଡିଶା ଚ.କ. କମ୍ପାନୀ ମୁଖ୍ୟ ଅଭିନନ୍ଦନ ପାତ୍ର, ଶିକ୍ଷା ବିକାଶ ସଂସ୍ଥାନର ବରିଷ୍ଠ ସଦସ୍ୟ ଧରଣୀଧର ବେହେରା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ସୁନୀତା କୁମାରୀ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ଲିମ୍ବ ଓ ବଉଳ ଗଛର ଚାରା ବିଦ୍ୟାଳୟ ପରିସରରେ ରୋପଣ କରିବା ସହ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉଦଘାଟନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ସଭାପତି ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସକ ତଥା କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଡା. ବିଶ୍ୱପ୍ରକାଶ କାନୁନଗୋ, ବନ୍ଦେ କ୍ୟାନସର ଫାଉଣ୍ଡେସନ ଟ୍ରଷ୍ଟର ଓଡିଶା ସଦସ୍ୟା ଗାୟତ୍ରୀ ମହାନ୍ତି, ଭାଗବତପୁର ସମିତି ସଭ୍ୟା ପ୍ରମିଳା ମିଶ୍ର, ଅର୍ବାନ ବ୍ୟାଙ୍କର ଅବସରପ୍ରାପ୍ତ ସି.ଇ.ଓ. ସୁଶିଲ କୁମାର ସାମଲ, ମାତା ସରୋଜିନୀ ପତି, ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ନାୟକ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୁତିରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜଗୋପାଳ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନମୋହନ ବେହେରା, ନାରାୟଣ ସ୍ୱାଇଁ, ବସନ୍ତ କୁମାର ଯେନା, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ଦାସ, ଧରଣୀଧର ଦାସ, ଅକ୍ଷୟ କୁମାର ରାଉଳ, ନିଗମ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ମନ୍ଦିରର ଆଚାର୍ଯ୍ୟ,ଆଚାର୍ଯ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଶିକ୍ଷା ମାନବ ସମାଜକୁ ସଶକ୍ତ କରେ'

ଆଳି, (ଭାସ୍କର ନ୍ୟୁଜ୍): ଶିକ୍ଷା ଜୀବନର ବାଟ ଦେଖାଇଥାଏ। ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ। ଶିକ୍ଷା ହିଁ ମାନବ ସମାଜକୁ ସଶକ୍ତ କରିଥାଏ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଗୋବିନ୍ଦପୁର ଠାରେ ଥିବା ଗୋଦାବରୀଶ ସରକାରୀ ବିଦ୍ୟାଭବନର ୭୫ବର୍ଷ ପୂର୍ତି ହୀରକ ଜୟନ୍ତୀ ସମାରୋହର ଉଦ୍‌ଯାପନା ଦିବସରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପୁରାତନ ଛାତ୍ର ସଂଗଠନ ସଭାପତି ପ୍ରମୋଦ କୁମାର ରାଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପାଳ ଦାଶରଥୀ ଶତପଥୀ, ମୁଖ୍ୟବକ୍ତା ଭାବେ ଅଧାପକ ଶଶାଙ୍କ ଚୁଡ଼ାମଣି ଯୋଗଦେଇ ବିଦ୍ୟାଳୟ ଶିକ୍ଷା କିଭଳି ଭାବେ ଜଣେ ମଣିଷକୁ ସମାଜର ସଠିକ ପଥରେ ବାଟ କଢ଼ାଇ ନିଏ ସେ ବିଷୟରେ ଆଲୋକପାତ କରିଥିଲେ। ତ୍ୟାଗୀ ପୁରୁଷ ଗୋଦାବରୀଶ ମିଶ୍ରଙ୍କ ନାମରେ ବିଦ୍ୟାଳୟ ପ୍ରତିଷ୍ଠା କରି ଗୋବିନ୍ଦପୁରବାସୀ ଏକ ମହାନ କାର୍ଯ୍ୟ କରିଛନ୍ତି। ଯାହା ଚିରଦିନ ପର୍ଯ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ହୀରକ ଜୟନ୍ତୀ କମିଟି ପକ୍ଷରୁ ଅଞ୍ଚଳର ଅନେକ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗାଳ୍ପିକ ତଥା ବନ୍ୟଜନ୍ତୁ ଫଟୋଗ୍ରାଫର ଭାବେ ପ୍ରମୋଦ କୁମାର ଧଳ, ସାମ୍ବାଦିକ ପ୍ରମୋଦ ମଲ୍ଲିକ, ଗୀତିକାର ପ୍ରଶାନ୍ତ କୁମାର ସାମଲ, ଗୋଦାବରୀଶ ବିଦ୍ୟାଳୟର ଶିକ୍ଷକ ଶୁଭେନ୍ଦୁ ନାୟକ, ଖେଳ ଶିକ୍ଷକ ଶକ୍ତିରଞ୍ଜନ ପ୍ରଧାନ, କ୍ରୀଡ଼ା ତରକା ଶ୍ରୀମାନ ଶେଖର ମଲ୍ଲିକ, ସଫଳ ଚାଷୀ ସଦାନନ୍ଦ ମଲ୍ଲିକ, ମୃତ୍ତିକା ଶିଳ୍ପୀ ସୁରଥ ବେହେରା, କାଳୀନ୍ଦୀ, ପଦ୍ମାବତୀ ସର୍ବଗୁଣା ସମ୍ପନ୍ନ ଛାତ୍ରୀ କୁମାରୀ ଦେବଶ୍ରୀ ରାଉତରାୟଙ୍କୁ ହୀରକ ଜୟନ୍ତୀ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଉଦ୍‌ଘାଟନା ଦିବସରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର କୁମରବର ଦାସ, ନାଇଲର କୁଳ ସଚିବ ଡକ୍ଟର ଅଭୟ ନାୟକ, ବିଷ୍ଣୁଚରଣ ସୁତାର, ନଳିନୀ ରଞ୍ଜନ ରାଉତରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ନିଷ୍କଳ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ, ସମ୍ପାଦକ ଶରତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହୀରକ ଜୟନ୍ତୀ କମିଟିର ଉପ ସଭାପତି ଶତ୍ରୁଘନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ଶୁଣାଣିରେ ୩୮ ଅଭିଯୋଗର ତୁରନ୍ତ ଫଇସଲା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସୋମବାର ଦିନ ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୯୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୪୩ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟା ମୂଳକ ହୋଇଥିବା ବେଳେ ୧୪୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୩୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇ ଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୪ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମନ୍ଦରଧର ମହାଳିକ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଏଥିରେ ଯୋଗ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଭିଯୋଗ ଶୁଣାଣି ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସକାଳ ୭ରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ଚଣ୍ଡିତଳ ପଞ୍ଚାୟତରେ ଅଭିଯୋଗ ଶୁଣାଣି ପ୍ରହସନରେ ପରିଣତ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ଜନ ସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣିବା ଓ ଏହାର ଆସୁ ସମାଧାନ ପାଇଁ ରାଜ୍ୟ ସରକାର ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ଜନ ଶୁଣାଣି କରି ସେମାନଙ୍କର ଅଭିଯୋଗକୁ ସମାଧାନ କରିଥାନ୍ତି। ମାତ୍ର ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବଯୋଗୁ ଜନସୁଣାଣି ପ୍ରହସନ ରେ ପରିଣତ ହୋଇଛି। ଏପରି ଘଟଣା ଆଜି ଦେଖିବାକୁ ମିଳିଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମ ପଂଚାୟତରେ। ବ୍ଲକ୍ ପ୍ରଶାସନ ତରଫରୁ ସକାଳ ୭ରୁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇ ୧୦ରେ ଶେଷ ହେବା ପାଇଁ ସ୍ଥିର କରାଯାଇଥିଲା। ବଡ଼ଚଣା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ସମିତି ଅଧକ୍ଷ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଜନ ସୁଣାଣୀ ସ୍ଥାନରେ ବହୁ ବିଳମ୍ବରେ ପହଞ୍ଚିବା ସହିତ ପ୍ରଚାର ପ୍ରସାର ନହେବା ଯୋଗୁ ବହୁ କମ୍ ସଂଖ୍ୟାରେ ଅଭିଯୋଗ କାରୀ ଉପସ୍ଥିତ ଥିଲେ। ଏଥି ସହିତ ବିଭିନ୍ନ ବିଭାଗର ଅଧିକାରମାନେ ଅନୁପସ୍ଥିତ ଥିବାର ଦେଖାଯାଇଥିଲା। ଏଥି ସହିତ ଅଭିଯୋଗ କରୀଙ୍କ ପାଇଁ ଆବଶ୍ୟକୀୟ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନଥିଲା। ଏହି ଅଭିଯୋଗ ଶୁଣାଣିରେ ମାତ୍ର ୨୭ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଗୃହ ନିର୍ମାଣ ପାଇଁ ୭ଟି, ପାନୀୟ ଜଳ ଯୋଗାଣ ଓ ଶୌଚାଳୟ ପାଇଁ ୪ଟି ଶିକ୍ଷା ବିଭାଗ ୧ ଟି, ମହିଳା ଓ ଶିଶୁ ବିକାଶ ୨ ଟି, ଭତ୍ତା ୧୦ ଟି, ତହସିଲ ୨ ଟି ଓ ଜଳ ସେଚନ ପାଇଁ ୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ସ୍ଥଳେ ବହୁ ଅଭିଯୋଗ କାରୀ ସେମାନଙ୍କର ଅଭିଯୋଗ ପତ୍ର ଦାଖଲ କରିନପାରି ଫେରିଯାଉଥିବର ଦେଖିବାକୁ ମିଳିଥିଲା। ଜନଶୁଣାଣିରେ ଏ ପରି ଅବ୍ୟବସ୍ଥା ପାଇଁ ଯାଜପୁର ଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବିହୋଇଛି।

## ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଧାରଣା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ବିନିଶପୁର ପଂଚାୟତ ର ଆମ୍ବପଡ଼ା ସାହି ର ଚଷା ସାହି, ଭୋଇ ସାହି, ସିଂହ ସାହି ଓ ପଣ୍ଡି କୂଳ ମୌଜାକୁ ଯାଇଥିବା ରାସ୍ତାଟି ଉକ୍ତ ଗ୍ରାମର ଜଣେ ପ୍ରଭାବ ଶାଳୀ ବ୍ୟକ୍ତି ନିଜ ନାମରେ ଜାଗା ଥିବା କଥା କହି ଖୋଳି ଦେଇଛନ୍ତି।ଯାହା ଫଳରେ ଯାତାୟାତ ନିମନ୍ତେ ରାସ୍ତା ନଥିବାରୁ ଶତାଧିକ ଗ୍ରାମବାସୀ ଧାରଣା ଦେଇଛନ୍ତି। ସ୍ଥାୟୀ ରାସ୍ତା ନିର୍ମାଣ ଦାବି କରିଥିଲେ। ଘଟଣା ସ୍ଥଳରେ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ପହୁଁଛି ବୁଝା ସୁଝା କରିଥିଲେ। ରାସ୍ତା ନିର୍ମାଣ ପାଇଁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତିହୃତ ହୋଇଥିଲା। ଏହି ଧାରଣରେ ଆଲୋକ କୁମାର କାଣ୍ଡି, ବେନୁ ଦାଶ, ଦୁର୍ଗା ଚରଣ ସିଂ, ପ୍ରଫୁଲ ସିଂ, ଧନେଶ୍ୱର ସାହୁ, ବଗୁଲା କାଣ୍ଡି, କବି କାଣ୍ଡି, ଗୌରାଙ୍ଗ କାଣ୍ଡି, ଡୁଡୁ କାଣ୍ଡି ଙ୍କ ସମେତ ଶତାଧିକ ଗ୍ରାମବାସୀ ଧାରଣା ଦେଇଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଦିବସ ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ୍): ୮ଏପ୍ରିଲରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଆଜିର ଦିବସରେ ଆସିଥିବା ଛାତ୍ର ଛାତ୍ରୀ ଓ ଅନ୍ୟାନ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ସେମାନଙ୍କର ଏହି ମହତ କାର୍ଯ୍ୟ ପାଇଁ ପ୍ରସଂଶା କରିବା ସହ ନିଜର ପରିବାରବର୍ଗ ଓ ସମାଜରେ ଅନ୍ୟମାନଙ୍କୁ ରକ୍ତଦାନ ନିମନ୍ତେ ଉତ୍ସାହିତ କରିବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରକୁ ଜିଲ୍ଲା ରକ୍ତକେନ୍ଦ୍ରର ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ନାୟକ ପରିଚାଳନା କରିଥିଲେ। ଆଜି ଜିଲ୍ଲାର ଅନ୍ୟାନ୍ୟ ଉପଖଣ୍ଡ ଚିକିତ୍ସାଳୟର ରକ୍ତ କେନ୍ଦ୍ରରେ ମଧ ରକ୍ତଦାନ ଶିବିର ଆୟୋଜନ କରାଯାଉଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ। ଆଜି ବାରିପଦା ଠାରେ ପଞ୍ଜିକୃତ ୧୦୩ଜଣ ରକ୍ତଦାତା ରକ୍ତଦାନ କରିଥିବା ବେଳେ ଉଦଳା ରକ୍ତ କେନ୍ଦ୍ରରେ ୮୮ଜଣ ଓ କରଞ୍ଜିଆ କେନ୍ଦ୍ରରେ ୫୫ଜଣ ରକ୍ତ ଦାନ କରିଥିଲେ ବାରିପଦା ଠାରେ ଏମ ପି କେ ନର୍ସିଂ, ସେକ ନର୍ସିଂ, ବିଜୁ ପଟ୍ଟନାୟକ ନର୍ସିଂ, ମୟୁରଭଞ୍ଜ ନର୍ସିଂ ଓ ବାଇଗଣ ବାଡିଆ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ରକ୍ତଦାନ କରିଥିଲେ ବାରିପଦା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମଓ ଡାକ୍ତର ବିଜୟ କୁମାର ଦାଶ, ଇଣ୍ଡିଆନ ମେଡିକାଲ ଏସସିଏସନର ସଭାପତି ଡାକ୍ତର ଶ୍ୟାମ ସୁନ୍ଦର ଖଣ୍ଡେଲଓ୍ୱାଲ, ସମାଜସେବୀ ଅମର ସେଠୀ, ଡ. ନିରୋଜ ପୋଥାଳ, ଶିକ୍ଷକ ଶ୍ରୀ ସୋମନାଥ ସିଂ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ଗଣମାଧମର ପ୍ରତନିଧିମାନେ ଉପସ୍ଥିତ ଥିଲେ।

## ଶଙ୍ଖୁଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକ ନାଆମୀ ପଞ୍ଚାୟତ ଶଙ୍ଖୁଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ମଙ୍ଗଳବାର ପ୍ରତିଷ୍ଠାତା ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଅକ୍ରୁର ଚରଣ ବାରିକ ଓ ପ୍ରଧାନଶିକ୍ଷକ ନିରାକାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଶିଶୁମାନଙ୍କୁ ସୃଜନାତ୍ମକ ଓ ସଂସ୍କାରପୂର୍ଣ୍ଣ ପରିବେଶରେ ଶିକ୍ଷା ପ୍ରଦାନ କରିବା ଦିଗରେ ଏହି ବିଦ୍ୟାମନ୍ଦିର ଅଗ୍ରଣୀ ଭୂମିକା ନିର୍ବାହ କରିଛି ବୋଲି ମତ ପ୍ରକାଶ କରିଥିଲେ। ପ୍ରଧାନଚାର୍ଯ୍ୟ ଦଶରଥ ବେହେରା ବିଦ୍ୟାମନ୍ଦିର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାମନ୍ଦିର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଦ୍ୟନାଥ ବେହେରା ଅତିଥି ପରିଚୟ ଓ ନିରଞ୍ଜନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବ ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ରାୟଗଡା (ଭାସ୍କର ନ୍ୟୁଜ) : ରାୟଗଡା ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଓଡିଆ ପକ୍ଷ ପାଳନ ଅବସରରେ ସଂସ୍କୃତି ବିଭାଗ,ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସହଯୋଗରେ ଆଜି ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ୪୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ରକ୍ତ ଦାନ ଶିବିରକୁ ରାୟଗଡା ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ ଉଦଘାଟନ କରିଥିଲେ । ରାୟଗଡା ରକ୍ତଭଣ୍ଡାରର ଡାକ୍ତର ଗେ ?ତମ ପଟନାୟକ,ସରୋଜକାନ୍ତ ଆଚାର୍ଯ୍ୟ,ବାଡି କିଶୋର କୁମାର,ଉମାକାନ୍ତ ମିଶ୍ର,ଶିବାଜି ବିଶୋୟି ଓ ଚନ୍ମୟ ପରିଛା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ରକ୍ତଦାତା ମାନଙ୍କୁ ରାୟଗଡା ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ,ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ କୁମାର ପାଢ଼ୀ,ଏଡିଏମ(ପି.ଏଚ) ମମତା ଚେ ?ଧୁରୀ,ଉପ-ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତୀ ଅଧିକାରୀ ସୁସ୍ମିତା ବାଉରୀ, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ସରସ୍ୱତୀ ରାୟ,ମହିଳା ଏନ.ଏସ.ଏସ ଅଧିକାରୀ ମୋନାଲିସା ପାଣିଗ୍ରାହି,ଏ.ଭି.ଭାସ୍କର,ଟଙ୍କଧର ବାଗ,ଲକେନ୍ଦ୍ର ଟାଙ୍ଗାରାଙ୍ଗୀ,ପ୍ରିତୀକା ଭାରାନସୀ,ଅଙ୍କିତା ରାଉତ, ତୃପ୍ତିମୟୀ ଭୋଇ, ପ୍ରଶାନ୍ତ ସାହୁ,ହରୀଶ ନିମାଲ,ପ୍ରମିତ ମିଶ୍ର,ପି.ଚିନ୍ମୟୀ, ଜିଲ୍ଲା ଜରୁରୀ କାଳିନ ଅଧିକାରୀ ମନୋଜ କୁମାର ନାହାକ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ।

# ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ୧ମ ବାର୍ଷିକ ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ଓ ପ୍ରଥମ ମ୍ୟାଚକୁ ତାଙ୍କର ଜ୍ୟେଷ୍ଠ ପୁତ୍ର ମନୋଜ କୁମାର ମିସ୍ତ୍ରୀ ଓ ପରିବାରବର୍ଗ ତଥା ଶିକ୍ଷାବିତ ବିପ୍ଳବ ଭୁଗୁଡେଇ ଓ ସମାଜସେବୀ ପିଣ୍ଟୁ ମାଇତି ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ଓ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ମହାରାଜା ପ୍ରବୀନ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଉପ ନଗରପାଳ ସୀମା ଦାସ, ରାଜ୍ୟ ପ୍ରକ୍ତା କବି ବିଷ୍ଣୁ ଶତପଥି, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରା ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ ସାହୁ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି, ସମ୍ପାଦକ ଅଶୋକ ମିସ୍ତ୍ରୀ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ଓ ପ୍ରଥମ ମ୍ୟାଚରେ ଶିରିଶବଣୀ ଷ୍ଟେସନ ବଜାରକୁ ଟାଇ ବ୍ରେକର ଜରିଆରେ ୪- ୩ ଗୋଲରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଡାକଇ ଫୁଟବଲ କ୍ଲବକୁ ୨- ୦ ଗୋଲରେ ଏବଂ ତୃତୀୟ ମ୍ୟାଚରେ ମା ତାରିଣୀ ଫ୍ରେଣ୍ଡସ କ୍ଲବକୁ ୨- ୦ ଗୋଲରେ ପରାସ୍ତ କରିଥିଲା ଓ ସାମାୟ ଟୁଡୁ, ସମ୍ରାଟ ହେମ୍ବ୍ରମ, ଗୋବିନ୍ଦ ହାଁସଦା, ସୁନାରାମ ଟୁଡୁ ଓ ରତ୍ନାକର ସୋରେନ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଓ ସୁଭଦ୍ରା ହେମ୍ବ୍ରମ ଧାରାବିବରଣୀ ପ୍ରଦାନ କରିଥିଲେ ଓ ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୯ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ଓ କୈଳାଶ ବେହେରା, ବରିଷ୍ଠ କ୍ରୀଡା ପ୍ରଶିକ୍ଷକ କୁମାର ରଞ୍ଜନ ପଣ୍ଡା, ମନୋଜ ମିସ୍ତ୍ରୀ, ବିନୋଦ ରାମ, ବିନୋଦ ସିଂବାବୁ ସନ୍ତୋଷ ବରାଜ, ଜୟନ୍ତ ନାୟକ, କପିଳ ଖଣ୍ଡେଲୱାଲ, ମହାଦେବ ପାତ୍ର ତଥା ମଧୁବନ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

# ଆନ୍ତଃ ବିଭାଗୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ : ଟ୍ରାଫିକ ବିଭାଗ ଚମ୍ପିୟନ




ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ୫ମ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ସୋମବାର ଟ୍ରାଫିକ ଓ ମେଡ଼ିକାଲ ବିଭାଗ ମଧ୍ୟରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ମେଡ଼ିକାଲ ବିଭାଗ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଜବାବରେ ଟ୍ରାଫିକ ବିଭାଗ ୪ଟି ଉଇକେଟ ହରାଇ ୧୪.୧ ଓଭରରେ ୧୦୯ରନ କରି ବିଜୟୀ ହୋଇଥିଲା ।ଉଦଯାପନୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଦଳକୁ ଟ୍ରଫି ପ୍ରଦାନ କରିଥିଲେ କ୍ଷ ଫାଇନାଲ ମ୍ୟାଚକୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ,ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଏବଂ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ସଫଳତା ର ସହ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ ରେ ବନ୍ଦରର ବିଭାଗ ମୁଖ୍ୟମାନେ ତଥା ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖିବା ତଥା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ଲକ୍ଷ୍ୟରେ ଏପରି କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜନ କରିବାରେ ବନ୍ଦର ଅଧକ୍ଷଙ୍କ ଅନନ୍ୟ ପ୍ରଚେଷ୍ଟାର ଭୁୟସୀ ପ୍ରଶଂସା କରିଥିଲେ ।

# ଆଳିରେ ବିଜେପିର ୪୬ତମ ପ୍ରତିଷ୍ଠା ଦିବସ ପାଳିତ




ଆଳି, (ଭାସ୍କର ନ୍ୟୁଜ)ସ୍ଥାନୀୟ ହାରାମଣି ଭବନରେ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଭାରତୀୟ ଜନତା ପାର୍ଟିର ୪୬ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି । ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅନନ୍ତ ରଥଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଧାନସଭା ବିଧାୟକ ପାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ୨ନମ୍ବର ମଣ୍ଡଳ ସଭାପତି କଳ୍ପତରୁ ଦାସ, ୩ନମ୍ବର ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତି, ୪ନମ୍ବର ମଣ୍ଡଳ ସଭାପତି ତପନ କୁମାର ପରିଡା ଓ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା ଯୋଗଦେଇଥିଲେ । ଓଡ଼ିଶାକୁ ରାମରାଜ୍ୟ କରିବା ସହ ଆଗାମୀ ୨୫ ବର୍ଷ ଓଡ଼ିଶାରେ ବିଜେପି ଶାସନ କରିବା ପାଇଁ ସଂକଳ୍ପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ପଣ୍ଡା ପୁରାତନ ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ଜଗଦେବ, ରବି ଜେନା, ଚନ୍ଦ୍ର ମଣି ରାଉତ, ବିଶ୍ୱନାଥ ସାହୁ, ରଞ୍ଜନ ରାଉତ, ଭକ୍ତବନ୍ଧୁ ମିଶ୍ର, ଦୟାନିଧି ସ୍ୱାଇଁ ଙ୍କୁ ପ୍ରତିଷ୍ଠା ଦିବସ ଉପଲକ୍ଷେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ କ୍ଷ ଆଳି ରୁ ସ୍ନେହଜିତ ପଲ୍ଲାଇ ।

# ଯାହା ସବୁ ହେଉଛି ତାହା ଦଳ ପାଇଁ କ୍ଷତିକାରକ: ପଦ୍ମନାଭ


ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପାଣ୍ଡିଆନ ସପକ୍ଷରେ ଦଳର ୪ ସାଂସଦଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବର୍ଷିଲେ ବରିଷ୍ଠ ନେତା ପଦ୍ମନାଭ ବେହେରା । ପ୍ରତିକ୍ରିୟା ରଖି କହିଛନ୍ତି ଯାହା ସବୁ ହେଉଛି ତାହା ଦଳ ପାଇଁ କ୍ଷତିକାରକ । ଖୁବଶୀଘ୍ର ଯବନିକା ପଡିବା ଉଚିତ । ପାଣ୍ଡିଆନ ତ ନାହାନ୍ତି ସନ୍ୟାସ ନେଲେଣି ବୋଲି ସେ ନିଜେ କହିଛନ୍ତି । ତା ପରେ ଏମାନେ ଅଧିକା ତାଙ୍କ ବାବଦରେ ଆଲୋଚନା କରିକି ଦଳଟାକୁ କ୍ଷତି ପହଞ୍ଚାଇବା ଠିକ ହେଉନି ବୋଲି କହିଛନ୍ତି ପଦ୍ମନାଭ । ତେଣୁ ଶୀଘ୍ର ସଭାପତି ଆମ ଦଳର ସୁପ୍ରିମୋ ଏହା ଉପରେ ଯବନିକା ପକେଇବା ଉଚିତ। ଏଥିରେ ଅଧିକ ବିଳମ୍ବ କରିବା ଆଦୌ ଠିକ ହେଉନି ବୋଲି ବିଜେଡି ଉପଦେଷ୍ଟା କମିଟି ସଦସ୍ୟ ପଦ୍ମନାଭ ବେହେରା କହିଛନ୍ତି ।

# ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ



ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ପୁର୍ବତନ ଫୁଟବଲ ଖେଳାଳି ମୁବଶିର ଅହମଦ ଖାଁ(ଟୁନା ଭାଇ) ପିତା ସ୍ୱର୍ଗତ ମୁବାରକ ଅହମଦ ଖାଁଙ୍କ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ରୋଗରେ ପିଡୀତ ଥାଇ ଘରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୋମବାର ଦିନ ୫୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଫୁଟବଲ ଖେଳାଳି, ପୋଲିସ ସହପାଠୀ ସହ ଶତାଧିକ ମାନ୍ୟଗଣ୍ୟ ଲୋକ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ପରେ ତାଙ୍କ ମରଶରୀରକୁ କେରଙ୍ଗ ସ୍ଥିତ ବାଘଟାଙ୍ଗି କବରସ୍ତାନକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସେ ଜଣେ ସୁଦକ୍ଷ ଫୁଟବଲ ଖଳାଳି ଓ କୋଚ୍ ଥିଲେ । କେରଙ୍ଗ ସିନିଅର ଓ ଜୁନିଅର ଫୁଟବଲ ଟିମ ପାଇଁ ତାଙ୍କର ବହୁତ ବଡ ଅବଦାନ ରହିଛି । ବିଶେଷ କରି କେରଙ୍ଗ ଆଦିବାସୀ ଓ ହରିଜନ ତଥା ଗରିବ ଶ୍ରେଣୀର ପିଲାମାନଙ୍କୁ ଖେଳ ମଇଦାନରେ ଆଗକୁ ବଢିବା, ଉନ୍ନତି କରିବା ପ୍ରତିଭାକୁ ଉଜାଗର କରିବା ପାଇଁ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରାଣ ପଣେ ଚେଷ୍ଟା କରିଥିଲେ । ସେ ଜଣେ ପୋଲିସ ଚାକିରିଆ ଥିଲେ । ଓଡିଶା ପୋଲିସରେ ସେ ୧୯୮୬ ମସିହାରେ ଯୋଗ ଦେଇଥିଲେ । ଆଉ ଦୁଇ ବର୍ଷ ପରେ ଅବସର ନେଇଥାନ୍ତେ । ସେ ଢେଙ୍କାନାଳ ଜିଲ୍ଲା ପୋଲିସ ବିଭାଗର ଫୁଟବଲ ଦଳରେ ୧୦ ବର୍ଷ କ୍ୟାପଟେନ ରହିଥିଲେ । ଓଡିଶା ଷ୍ଟେଟ ଦଳରେ ବି ୧୦ ବର୍ଷ ଖେଳିଥିଲେ । ଦୁଇଥର ସନ୍ତୋଷ ଟ୍ରଫି ମ୍ୟାଚରେ ମଧ ଖେଳିବାର ସୌଭାଗ୍ୟ ପାଇଥିଲେ । ଖେଳ ପ୍ରତି ତାଙ୍କର ବହୁତ ରୂଚି ଥିଲା । ସେ ଅହମଦୀୟା ମୁସଲିମ ଧାର୍ମିକ ସଂଗଠନ ସହ ଜଡିତ ରହି ସର୍ବଦା ସଂଗଠନ କାମରେ ମଧ ଆଗ ଧାଡିରେ ରହୁଥିଲେ । ତାଙ୍କୁ ଦଳର ନେତୃତ୍ୱ ନେବା ସହ ଦାୟିତ୍ୱକୁ ଭଲ ଭାବେ ସମ୍ପାଦନ କରିବାର ବେଶ ଦକ୍ଷତା ହାସଲ ଥିଲା । ଏକାକୀ ସେ ଜଣେ ଭଲ ଫୁଟବଲ ଖେଳାଳି ସହ ସୁସଂଗଠକ,ମେଳାପୀ,ମିଷ୍ଟଭାଷୀ, ସରଳ, ଅମାୟିକ, ଶୁଭଚିନ୍ତକ, ପରାମର୍ଶଦାତା, ନିଷ୍କାମ କର୍ମଯୋଗୀ, ନିଷ୍କପଟ,ପରୋପକରୀ,ଅତିଥି ସତ୍କାରୀ,ବନ୍ଧୁବତ୍ସଳ ଓ ସତ୍ୟନିଷ୍ଠ ଥିଲେ । ଅଲ୍ଲାଃ ଆପଣଙ୍କ ଆତ୍ମାର ସଦଗତି କରିବା ସହ ଆପଣଙ୍କ ଶୋକ ସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଏବଂ ସନ୍ତାନ ସନ୍ତତିଙ୍କୁ ତାଙ୍କ ଆଦର୍ଶ ଜୀବନ ପଥରେ ଆଗେଇ ନିଅନ୍ତୁ ।

# ସମୀକ୍ଷା କଲେ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରିକ୍ଷକ ନୀତି ଶେଖର ମଙ୍ଗଳବାର ଭଞ୍ଜନଗର ଥାନାକୁ ପରିଦର୍ଶନରେ ଆସି ଥାନାର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ଥାନାରେ ଲୋକଙ୍କୁ ଉଚିତ୍ ବ୍ୟବହାର ମିଳୁଛି କି ନାହିଁ, ଅପରାଧ ହାର କେତେ ଅଛି, ପରିବେଶ ପ୍ରମୁଖ ବିଷୟରେ ସମୀକ୍ଷା କରିଥିଲେ। ଏହି ସମୟରେ ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ, ଥାନାଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠି, ଏଏସଆଇ ସୁଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ‘ବନ୍ଧୁମିଳନ ଅତୀତର ସ୍ମୃତିକୁ ତାଜା କରିଥାଏ’

ଆଳି, (ଭାସ୍କର ନ୍ୟୁଜ): ଆଳି ବ୍ଲକ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ର ୨୦୦୮ ବ୍ୟାଚ ଛାତ୍ର ମାନଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଗଗନ ମଲିକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର ,ନୃସିଂହ ଚରଣ ନନ୍ଦୀ, ନିରଞ୍ଜନ ବେହେରା, ବର୍ତମାନର ଶିକ୍ଷକ ଶିବ ପ୍ରସାଦ ସାହୁ, ନିରଞ୍ଜନ ସାହୁ, ବିଜୟ କୁମାର ବୋଇତି, ରବୀନ୍ଦ୍ର କୁମାର ବାରିକ, ଦଶରଥ ମଲିକ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ର ମାନେ ବିଦ୍ୟାଳୟ ଫାଟକ ନିକଟରୁ ଶିକ୍ଷକ ମାନଙ୍କୁ ପାଛୋଟି ନେଇଥିଲେ ଓ ସମସ୍ତ ଶିକ୍ଷକ ମାନଙ୍କର ଗୋଡ଼ ଧୋଇ ଦେଇ ପୂଜାର୍ଚ୍ଚନା କରିଥିଲେ। ଉତ୍ସବ ଆରମ୍ଭରେ ଶିକ୍ଷକ ମାନେ ବିଦ୍ୟାଳୟ ପରିସରରେ ଥିବା ଗଜାନନ ଗଣେଶଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରି ସଭାମଞ୍ଚରେ ଉପବେଶନ କରିଥିଲେ। ଏହା ପରେ ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଶିକ୍ଷକ ମାନଙ୍କୁ ଫୁଲ ତୋଡା, ବ୍ୟାଚ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତା ପରେ ଏହି ସ୍କୁଲ ର ରାଜ୍ୟପାଳ ଙ୍କ ପୁରସ୍କାର ପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ରତ୍ନାକର ମିଶ୍ର ଏବଂ ନିରୋଦ ରାଉତ ଙ୍କ ଉଦ୍ୟେସରେ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା। ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଭାବ ବିହୋଳ ଶିକ୍ଷକ ମାନେ ସେମାନଙ୍କ ୧୭ ବର୍ଷ ର ସ୍ମୃତି କୁ ରୋମନ୍ଥନ କରିଥିଲେ। ସେମାନେ କହିଥିଲେ ଯେ ଯେଉଁ ମାନେ ଯେତେ ସଂସ୍କାରିତ ହୋଇଛନ୍ତି ସେମାନଙ୍କର ଜୀବନ ସେତେ ସୁଖମୟ,ସରଳ ଓ ଶାନ୍ତିପୂର୍ଣ୍ଣ ହୋଇଛି। ଏ ବିଦ୍ୟାଳୟ ର ଐତିହ୍ୟ ଅତ୍ୟନ୍ତ ଗାରିମାମୟ। ବିଦ୍ୟାଳୟ କେବଳ ଶିକ୍ଷା ଦେଇନାହିଁ ଭବିଷ୍ୟତ ରେ ଜଣେ ଭଲ ମଣିଷ ହେବା ପାଇଁ ସଂସ୍କାର ମଧ୍ୟ ଦେଇଛି। ପିଲା ମାନଙ୍କ ଉଦ୍ୟେସରେ ଶିକ୍ଷକ ମାନେ କହିଥିଲେ ପିଲା ମାନେ ହେଉଛନ୍ତି ଶିକ୍ଷକ ମାନଙ୍କର ପରିଚୟ କ୍ଷ ପିଲାମାନେ ହେଉଛ ଆମ ଆଖି ଆଗରେ ସମସ୍ତେ ଆମର ଛାତ୍ର କ୍ଷ ଭକ୍ତିରେ ଭାବରେ ତୁମକୁ ସମସ୍ତେ ଗ୍ରହଣ କରନ୍ତୁ କିନ୍ତୁ ଭୟରେ ନୁହେଁ କ୍ଷ ସମାଜ ପାଇଁ ଭଲ କାର୍ଯ୍ୟ କରି ତୁମ ନା ଯଶ ହେଲେ ସେଇଟା ହିଁ ହେବ ଆମ ମାନଙ୍କର ଗୁରୁ ଦକ୍ଷିଣା କାର୍ଯ୍ୟ କରି ବନ୍ଧୁ ମିଳନ ଅତୀତର ସ୍ମୃତିକୁ ତାଜା କରିଥାଏ। ସେଇଥିପାଇଁ ପାଇଁ ଦୀର୍ଘ ୧୭ ବର୍ଷ ପରେ ମଧ ବନ୍ଧୁ ମିଳନ ଆଳରେ ସେମାନେ ଶିକ୍ଷକ ମାନଙ୍କର ବନ୍ଧୁ ମିଳନ କରି ତାଙ୍କ ର ପୂଜାର୍ଚ୍ଚନା କରିଛନ୍ତି ଓ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟ ପାଇଁ ସେମାନେ ଶିକ୍ଷକ ଭାବରେ ଗର୍ବ ଅନୁଭବ କରୁଛନ୍ତି। ପୁରାତନ ଛାତ୍ରଛାତ୍ରୀ ରଞ୍ଜନ ପାତ୍ର, ସୁନୀଲ ବେହେରା, ରାକେଶ ରାୟ, ବିଶ୍ୱଜିତ ସେନାପତି, ଅଭିନନ୍ଦନ ବେହେରା, ତାପସ କୁମାର ମହାନ୍ତି, ସଞ୍ଜୟ ସାମଲ, ଗଗନ ମଲ୍ଲିକ, ପ୍ରିୟରଞ୍ଜନ ମିଶ୍ର,ବିକାଶ ସିଂ, ପ୍ରମୋଦ ସାମଲ, ରାଧାରାଣୀ ସିଂ, ପ୍ରଣତି ବେହେରା, ନମିତା ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଓଡିଆ ପକ୍ଷ ପାଳନ ଅବସରରେ ରକ୍ତ ଦାନ ଶିବିର

# ରାଜଧାନୀରୁ ୩୭୬୯ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ମାସ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱକୀୟ ଉତ୍କୃଷ୍ଟ ଭାଷା-ଭୂଷଣ, ଭୋଜନ-ଆୟୋଜନ, ଆଚାର-ବିଚାର, ଦାନ-ବିଧାନକୁ ନେଇ ସାରା ରାଜ୍ୟରେ ଓଡିଆ ପକ୍ଷ ପାଳନ କରାଯାଉଅଛି । ଏହି ଅବସରରେ ଆଜି ରକ୍ତଦାନ ଦିବସ ପାଳନ କରାଯାଇଛି । ସଦର ମହକୁମାରେ ଅବସ୍ଥିତ ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ / କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଅଧୀନରେ ଥିବା ରକ୍ତ ଭଣ୍ଡାର ଗୁଡିକରେ ଏବଂ ରାଜଧାନୀର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀ ଓ ସ୍ଥାନୀୟ ଯୁବାବର୍ଗ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନେ ବହୁ ମାତ୍ରାରେ ଯୋଗ ଦାନ କରି ରକ୍ତଦାନ କରିଥିଲେ । ତେଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇବା ସହ ଜଣାଶୁଣା ଲୋକଙ୍କୁ ରକ୍ତଦାନର ମହତ୍ୱ ସମ୍ପର୍କରେ ଅବଗତ କରି ତାଙ୍କ ମଧ୍ୟରେ ପ୍ରେରଣା ସୃଷ୍ଟି କରିବା ପାଇଁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ / କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରରେ ଅନୁଷ୍ଠିତ ୮୮ଟି ରକ୍ତଦାନ ଶିବିର ଗୁଡିକରେ ସମୁଦାୟ ୩୭୬୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଭୁବନେଶ୍ୱର ରେଡ କ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ରାଜଧାନୀ ମହାବିଦ୍ୟାଳୟରୁ ୪୩ ୟୁନିଟ୍, ସାକ୍ଷୀଗୋପାଳ ମହାବିଦ୍ୟାଳୟରୁ ୨୫ ୟୁନିଟ୍, ଭୁବନେଶ୍ୱର ରେଡ କ୍ରସ ବ୍ଲଡ଼ ବ୍ୟାଙ୍କରୁ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି ସେଣ୍ଟ୍ରାଲ ରେଡ କ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ଅଡଶପୁର ମହାବିଦ୍ୟାଳୟରୁ ୮୫ ୟୁନିଟ୍, କୁଆଁପାଳ ମହାବିଦ୍ୟାଳୟରୁ ୫୩ ୟୁନିଟ୍, ସେଣ୍ଟ୍ରାଲ ରେଡ କ୍ରସ ବ୍ଲଡ଼ ବ୍ୟାଙ୍କରୁ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସମୁଦାୟ ରେଡ କ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ମୋଟ ୩୧୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୧ ଯୋଡା ଟ୍ରେନ୍ ବାତିଲ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବୁଢାପଙ୍କ-ଶାଳଗାଁ ୩ୟ ଏବଂ ୪ର୍ଥ ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଗତ ଢେଙ୍କାନାଳ-ଅନୁଗୁଳ ରେଳ ସେକ୍ସନରେ ହିନ୍ଦୋଳ ରୋଡ଼ ଏବଂ ମେରାମଣ୍ଡଳୀ ରେଳ ଷ୍ଟେସନ ମଧ୍ୟରେ ୨୭.୨୮ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟ ସମ୍ପାଦନ ପାଇଁ ମେରାମଣ୍ଡଳୀ ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ଟ୍ରାକ୍ ଲିଙ୍କିଂ ଏବଂ ନନ-ଇଣ୍ଟରଲକିଙ୍ଗ ଜନିତ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁରହିଛି । ଏହି ପ୍ରକ୍ରିୟାର ଏକ ଅଂଶ ଭାବରେ, ନିର୍ମାଣ କାର୍ଯ୍ୟଗୁଡିକର ଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ଟ୍ରେନ୍ ସେବାକୁ ସାମୟିକ ଭାବରେ ପରିବର୍ତ୍ତନ କରିବାକୁ ନିଷ୍ପତି ନିଆଯାଇଛି । ଅନେକ ଟ୍ରେନ୍ ଏପ୍ରିଲ୍ ୧୩ ରୁ ୨୪ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଦିନମାନଙ୍କରେ ବାତିଲ୍ ଏବଂ ମାର୍ଗ ପରିବର୍ତନ କରିବ । ଟ୍ରେନ ଯାତ୍ରୀ ମାନଙ୍କର ଅସୁବିଧାକୁ ହ୍ରାସ କରିବାର ମୂଳ ଲକ୍ଷ୍ୟ ସହିତ ଏହି ପରିବର୍ତନ କରାଯାଇଛି ।

# ତୀର୍ଥଯାତ୍ରାରେ ୭୭୫ଜଣ ବରିଷ୍ଠ ନାଗରିକ



ରାୟଗଡା (ଭାସ୍କର ନ୍ୟୁଜ୍) : ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣ କାର୍ଯ୍ୟକ୍ରମରେ ଦକ୍ଷିଣାପଶ୍ଚିମାଚଂଳର କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲ୍ଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ଜଣ ଏସକର୍ଟ କର୍ମକର୍ତାମାନେ ଆଜି ରାୟଗଡା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ବନାରସ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡ ଜିଲ୍ଲାପାଳ ପାରୁଲ ପାଟାଓ୍ୱରୀଙ୍କ ଅଧ୍ୟକ୍ଷତକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ ବିଧାୟକ, ଆପଲସ୍ୱାମୀ କଦ୍ରକ୍ଷକକ୍ଷ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ରେଳ ବିଭାଗ ରାୟଗଡ ରେଳ ମଣ୍ଡଳ ପରିଚାଳକ ଅମିତାଭ ସିଂଘଲ,ମୁଖ୍ୟ ଉନ୍ନୟନ ଅଧିକାରୀ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବକ୍ଷଳମୁକୁନ୍ଦ ଭୂୟାଁ,ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ,ରାୟଗଡ ପୌର ଅଧକ୍ଷ ମହେଶ ପଟ୍ଟନାୟକ,ରାମନାଗୁଡ଼ା ସମିତି ଅଧକ୍ଷା ରବିଶଙ୍କର ଗମାଙ୍ଗ, ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନରେ ଫିତା କାଟିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାନଙ୍କ ଯାତ୍ରାକୁ ପତାକା ଦେଖାଇ ଶୁଭରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅତିରକ୍ତ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାଏ, ବରିଷ୍ଠ ସହାୟକ ବୁଦ୍ଧ ଦେବ ବୁଦୁଲା ସମେତ ରେଳବାଇ ଆଇଆରସିଟିସି କର୍ତ୍ତୁପକ୍ଷ ଏବଂ ରାୟଗଡା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହିଥିଲେ । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଆଧାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ତୀର୍ଥଯାତ୍ରା କରିବାକୁ ମଧ ମନ ବଳାଇଥାନ୍ତି ତେବେ ଅର୍ଥାଭାବରୁ ତଥା ପାରିବାରିକ ଆର୍ଥିକସ୍ଥିତି ଉଜ୍ଜ୍ୱଳ ନ ଥିବାରୁ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି ନାହିଁ । ସେହିପରି ଆର୍ଥିକ ଅନଗ୍ରସର ଓ ଦାରିଦ୍ର ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପୁନ୍ନ କାର୍ଯ୍ୟକ୍ଷମ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିବା ସୁଯୋଗ ଦେଇଛନ୍ତି । ଏଥର ୭୭୫ଜଣ ଓ ଏସକୋଟ ଅଫିସର ମିଶି ସର୍ବମୋଟ ୮୦୦ଜଣ ତୀର୍ଥଯାତ୍ରୀ ଯାତ୍ରାର ସୁଯୋଗ ପାଉଛନ୍ତି । ଏହି ଯାତ୍ରା ବେଳେ ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ସୁବିଧାସୁଯୋଗ ରାଜ୍ୟ ସରକାର ବହନ କରିଥାନ୍ତି କ୍ଷତୀର୍ଥଯାତ୍ରୀମାନଙ୍କ ରହିବା,ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଗସ୍ତ ଜଗୁଆଳୀ,ପଥ ପ୍ରଦର୍ଶକ,ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଚଳିତ ୨୦୨୪-୨୫ଆର୍ଥିକ ବର୍ଷରେ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥି ମଧ୍ୟରେ ରାୟଗଡା ଠାରୁ ଅଯୋଧ୍ୟା - ବନାରସ ତୀର୍ଥସ୍ଥାନ ଭ୍ରମଣର ସ୍ଥିର କରାଯାଇଥିଲା ବୋଲି ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି । ଏଥିରେ ରାୟଗଡା ଜିଲ୍ଲାର ୧୧୮,ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣୟ, ନବରଙ୍ଗପୁରର ୧୪୮ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ଲେଖାଁଏ ଏବଂ କଳାହାଣ୍ଡିର ୧୯୨ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା ଭ୍ରମଣରେ ଗସ୍ତ କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣୀ ବ୍ୟବସ୍ଥା କରାଯାଇଥିବା ବେଳେ ସଂଧାରେ ଭଜନ ସଂଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଜି ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ତୀର୍ଥଯାତ୍ରା ଭ୍ରମଣ ନିମନ୍ତେ ରାୟଗଡା ଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲପାଳ ନବୀନ ଚନ୍ଦ୍ର ନାୟକ , ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନାରାୟଣ ମିଶ୍ର ପରିଚାଳନା କରିଥିଲେ ।



# ଆମ କଳାହାଣ୍ଡି





## ଡିଫାଇନ୍ କଳାହାଣ୍ଡିର ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ

# ୧୧ରେ ଜଳ, ଜଙ୍ଗଲ ଓ ଜମିକୁ ନେଇ ଗର୍ଜିବ ଡିଫାଇନ୍ କଳାହାଣ୍ଡି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାବାସୀଙ୍କ ବିଶ୍ୱାସ ଓ ନିଷ୍ଠାକୁ ପୁଞ୍ଜି କରି ସମସ୍ତଙ୍କୁ ଏକାଠି କରିବା ଓ ସେମାନଙ୍କ ଆସ୍ଥାକୁ ସମ୍ମାନ ଜଣାଇ ଏକ ସଶକ୍ତ କଳାହାଣ୍ଡି ଜିଲ୍ଲା ଗଠନ କରିବାର ସ୍ୱପ୍ନ ଦେଖିଥିବା ଡିଫାଇନ୍ କଳାହାଣ୍ଡି ପକ୍ଷରୁ ୭ ତାରିଖ ସୋମବାର ଅପରାହ୍ନରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭବାନୀପାଟଣା ଟାଉନ ହଲ ଠାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଡିଫାଇନ୍ କଳାହାଣ୍ଡିର ଅଧ୍ୟକ୍ଷ ମଧୁ ମହାନ୍ତି ଯୋଗ ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଡିଫାଇନ୍ କଳାହାଣ୍ଡିର ସଦସ୍ୟ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଡିଫାଇନ୍ କଳାହାଣ୍ଡିର ଏକ ମାତ୍ର ଉଦ୍ଦେଶ୍ୟ କଳାହାଣ୍ଡି ଜିଲ୍ଲାର ବିକାଶ। କଳାହାଣ୍ଡିରେ ତ ଅନେକ ସମସ୍ୟା ରହିଛି କିନ୍ତୁ ମୁଖ୍ୟ ସମସ୍ୟା ହେଲା ବେକାରୀ ସମସ୍ୟା ଓ ଦ୍ୱିତୀୟ ସମସ୍ୟା ହେଲା ମଦ। ଆଜି ଯୁବକ ଯୁବତୀ ମାନେ ପାଠ ପଢ଼ି ବେକାର ରହୁଥିବା ବେଳେ ମଦ ସାଜିଛି ପରିବାର ଉଜୁଡ଼ିବାର କାରଣ। ଘରର ମୁଖ୍ୟ ଯାହା ଉପାର୍ଜନ କରୁଛି ତାହା ମଦ ପିଇ ସର୍ବସ୍ୱାନ୍ତ କରି ଦେଉଛି। ଜିଲ୍ଲାରେ ଚାଷୀ ମାନଙ୍କ ସମସ୍ୟା ମଧ୍ୟ ଲାଗି ରହିଛି। ତେଣୁ ଚାଷୀ ମାନଙ୍କ ସହ ମଧ୍ୟ ଅଛୁ ବୋଲି କହିବା ସହ ଜିଲ୍ଲାରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସହ ଡିଫାଇନ କଳାହାଣ୍ଡି ଅଛି ବୋଲି ଡିଫାଇନ କଳାହାଣ୍ଡିର ଅଧ୍ୟକ୍ଷ ମଧୁ ମହାନ୍ତି ପ୍ରକାଶ କରିଥିଲେ। ଏହା ସହ କଳାହାଣ୍ଡି ଜିଲ୍ଲାରେ ଭରପୁର ଖଣି ରହିଛି, ବିଭିନ୍ନ ବହୁ ରାଷ୍ଟ୍ରୀୟ କମ୍ପାନୀ ଆସି ଖଣି ଖନନ କରୁଛନ୍ତି। କିନ୍ତୁ ଅତି ଦୁଃଖର କଥା ଯେ ପଡୋଶୀ ରାୟଗଡ଼ା ଜିଲ୍ଲା ଖଣି ଖନନ ଦ୍ୱାରା ସେଠିକାର ବିକାଶ ଓ ଉନ୍ନତି କରୁଥିବା ବେଳେ କଳାହାଣ୍ଡି ଜିଲ୍ଲାରେ କିଛି ବିକାଶ କରୁନାହାନ୍ତି ବୋଲି ଶ୍ରୀ ମହାନ୍ତି କ୍ଷୋଭ ପ୍ରକାଶ କରିଥିଲେ। ଏହିସହ ଆସନ୍ତା ୧୧ ତାରିଖ ଦିନ ଜଳ, ଜଙ୍ଗଲ ଓ ଜମିକୁ ନେଇ ଏକ ବିରାଟ ଜନ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ହଜାର ହଜାର ମହିଳା ଯୁବକ ଯୁବତୀ ସାମିଲ ହେବେ। ପ୍ରଥମେ ଜିଲ୍ଲାରେ ଏହି ସମାବେଶ ଆୟୋଜିତ ହେବ। ଯଦି ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସମାଧାନ ନକରନ୍ତି ତେବେ ବହୁ ସଂଖ୍ୟାରେ କର୍ମୀ କଳାହାଣ୍ଡି ଜିଲ୍ଲାରୁ ଏକ ବାଇକ୍ ଶୋଭାଯାତ୍ରାରେ ଭୁବନେଶ୍ୱର ଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବେ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଏହି ସଦସ୍ୟ ସଂଗ୍ରହ ଅଭିଯାନରେ ଭବାନୀପାଟଣା ସହର ଓ ଆଖପାଖ ଅଞ୍ଚଳର ହଜାର ହଜାର ଯୁବକ ଯୁବତୀ ମହିଳା ପୁରୁଷ ଯୋଗ ଦେଇଥିଲେ। ଏଥିରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ସଂଗ୍ରହ କରିଥିବା ଜଗନ୍ନାଥପୁରର ଲୟାଧର ଡାଙ୍ଗିଙ୍କୁ ଏକ ବାଇକ ପ୍ରଦାନ କରାଯିବା ସହ ଶିକ୍ଷା କ୍ଷେତ୍ରରେ ସଫଳତା ପାଇଁ ଶୁଭମ ସରାଫଙ୍କୁ ଏକ ଲାପଟପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆମ୍ ଆଦମୀ ପାର୍ଟିର ରମେଶ ମାଝି ଡିଫାଇନ କଳାହାଣ୍ଡିରେ ଯୋଗ ଦେଇଥିଲେ। ଜୟନ୍ତ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମରେ ବହୁ ମହିଳା-ପୁରୁଷ, ଯୁବକ-ଯୁବତୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



# ଖରା ଆସିଲେ ଲୋଡ଼ା ପଡେ ମାଟି ହାଣ୍ଡି

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ମାଟି ତିଆରି ଜିନିଷର ବ୍ୟବହାର ନିଆରା। ଏଥିରୁ ତିଆରି ଖାଦ୍ୟର ସ୍ୱାଦ ବି ଭିନ୍ନ ଧରଣ ଅନୁଭବ ଜାଗ୍ରତ କରେ। କୁହାଯାଏ ମାଟି ତିଆରି ହାଣ୍ଡି ଆଦିରେ ରଖା ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି ବେଶ ହିତକର। ପୂର୍ବେ ମାଟି ତିଆରି ହାଣ୍ଡି ଠାରୁ ଆରମ୍ଭ କରି ପାତ୍ର ଗ୍ଲାସ ସବୁ କିଛି ବ୍ୟବହାର କରୁଥିଲା ମଣିଷ। ଏହାର ଚାହିଦା ବି ବେଶ ଅଧିକ ଥିଲା। ଯୁଗ ପରିବର୍ତ୍ତନ ସାଙ୍ଗକୁ ବିଜ୍ଞାନ ପଦ୍ଧତି ଅଗ୍ରଣୀ ଯୋଗୁଁ ତାହା ଧୀରେ ଧୀରେ ଲୋପ ପାଇବାକୁ ବସିଲା। ତେବେ କୁମ୍ଭାର ସମ୍ପ୍ରଦାୟର ଲୋକଙ୍କ ପ୍ରମୁଖ ଜୀବିକା ଭାବେ ପରିଗଣନା କରାଯାଏ। ପୂର୍ବରୁ ଏହି ସମ୍ପ୍ରଦାୟର ଲୋକେ ମାଟିରୁ ବିଭିନ୍ନ ପ୍ରକାର ଜିନିଷ ତିଆରି କରି ଜୀବିକା ନିର୍ବାହ କରି ଆସୁଥିଲେ। ଧୀରେ ଧୀରେ ଏହା ଲୋପ ପାଇବାକୁ ବସିଥିବା ବେଳେ ଏବେ ବି ଅନେକ କୁମ୍ଭାର ସମ୍ପ୍ରଦାୟର ପରିବାର ଏହି କଳା ସଂସ୍କୃତିକୁ ବଜାଇ ରଖିଛନ୍ତି। ଆଗ ଅପେକ୍ଷା କମ ବିକ୍ରି ହେଉଥିଲେ ହେଁ ବିଶେଷ ଭାବେ ଗ୍ରୀଷ୍ମପ୍ରବାହରେ ଏହାର ଚାହିଦା ବଢି ଥାଏ। ୧୨ମାସ ୧୩ ଯାତ୍ରା ଭିତରେ ମାଟି ତିଆରି ଜିନିଷର ଆବଶ୍ୟକ ପଡିଥାଏ। ହେଲେ ବିଶେଷ କରି ନୂଆଁଖାଇ, ଚୈତ୍ର ପର୍ବରେ ଏହା ଜୋରସୋରରେ ବିକ୍ରି ହୁଏ ବୋଲି କୁହନ୍ତି ବେପାରୀ। ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ବଜାରରେ ଏହାକୁ ବିକ୍ରି କରାଯାଏ। ବର୍ତ୍ତମାନ ଏବେ ବିଭିନ୍ନ ପୂଜା ଦୋକାନ ମାନଙ୍କରେ ମଧ୍ୟ ଏସବୁ ମିଳୁଥିବା ଦେଖାଯାଏ। ଏବେ ଖରା ମାସ ହେଲେକୁ ମାଟି ହାଣ୍ଡିର ଅନେକ ଚାହିଦା ରହିଛି। ଏହି ହାଣ୍ଡିରେ ପାଣି ରଖୁ ଲୋକେ ପିଇ ଥାଆନ୍ତି। କୁହାଯାଏ ମାଟି ହାଣ୍ଡି ପାଣି ଥଣ୍ଡା ରହିବା ସହ ହଜମ ହେବାରେ ସହାୟତା କରେ। ଏଣୁ ଲୋକଙ୍କୁ କିଛି ନ ହେଲେ ବି ଖରା ଦିନେ ମାଟି ହାଣ୍ଡି ମନେ ପଡେ ବୋଲି ଅନେକ ଲୋକ ପରିପ୍ରକାଶ କରନ୍ତି।



ମାଟି ହାଣ୍ଡି ବିକି ଲାଭବାନ ହେଉଛନ୍ତି ବେପାରୀ

# ରାମମୟ ହେଲା କେସିଙ୍ଗା ସହର



କେସିଙ୍ଗା, (ଭାସ୍କର ନ୍ୟୁଜ୍) : ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଶ୍ରୀ ରାମ ନବମୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ସହରରେ ଅନେକ ଛୋଟ ବଡ଼ କାର୍ଯ୍ୟକ୍ରମ ସହିତ ପ୍ରମୁଖ ଆୟୋଜକ ରାମ ଭକ୍ତୋ କି ଟୋଲି ପକ୍ଷରୁ ୧୫ ଦିନ ଆଗରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ସାରା ସହରକୁ ଅତି ସୁନ୍ଦର ଭାବରେ ସଜାଯାଇ ଆକର୍ଷଣୀୟ ତୋରଣ ସବୁ ଲଗାଯାଇଥିଲା। ରାମ ନବମୀ ଦିନ ସକାଳୁ ପ୍ରଥମେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମା ଅମ୍ବାଜି ମନ୍ଦିର ପର୍ଯ୍ୟନ୍ତ ବାଇକ୍ ରେଲି କରାଯାଇ ଦିନ ୩ ଘଣ୍ଟା ସମୟରେ ବାଜା, ଡିଜେ, ଘଣ୍ଟ, କୀର୍ତ୍ତନ, ଆଦିବାସୀ ନୃତ୍ୟ, ସହିତ ବିରାଟ ଶୋଭାଯାତ୍ରା ଦେଖଣାହାରୀଙ୍କ ମନ ଜିଣିଥିଲା। ସ୍ଥାନେ ସ୍ଥାନେ କେସିଙ୍ଗା ବ୍ରାହ୍ମଣ ସମାଜ, ମା କାଳୀ ପୂଜା କମିଟି, ସିନ୍ଧି ସମାଜ, ମାରବାଡି ଯୁବା ମଞ୍ଚ ପକ୍ଷରୁ ଥଣ୍ଡା ପାନୀୟ ସହିତ ସରବତ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା। ପରେ ଅମ୍ବାଜି ମନ୍ଦିରରେ ରାମ ଭକ୍ତୋ କି ଟୋଲି ପକ୍ଷରୁ ସହରବାସୀଙ୍କ ପାଇଁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ସେହିପରି କେସିଙ୍ଗା ସ୍ଥିତ ଶ୍ରୀ ରାମଭକ୍ତ କୈବର୍ତ୍ତ ସମାଜ ପକ୍ଷରୁ ମଧ୍ୟ ବିଶାଳ ଶୋଭାଯାତ୍ରା ସହିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାପାଳଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଣ୍ଟନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଚଳିତ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୧୪ ଏପ୍ରିଲ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ୭ତାରିଖ ସୋମବାର ଦିନ ସ୍କୁଲପିଲାଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ସଦର ମହକୁମା ଭବାନୀପାଟଣାସ୍ଥିତ ପୁରୁଣାପଡାର ଟାଉନ୍ ଉଚ୍ଚବିଦ୍ୟାଳୟ, ପରଦେଶୀ ପଡା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ବର୍ଣ୍ଣବୋଧ ବଣ୍ଟନ କରି ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ଉପ ଜିଲ୍ଲାପାଳ ଭବାନୀ ପାଟଣା, ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପଶିଙ୍ଗ ରାଉତ, ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନେ ଯୋଗଦେଇ ଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଅଛି।



# ପାଣି ବିନା ହନ୍ତସନ୍ତ ମକରାଗୁଡା ଗ୍ରାମବାସୀ: ଭରସା ଉଦନ୍ତୀ ନଦୀର ବାଲିଚୁଆ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ଲେତେର ପଞ୍ଚାୟତ ମକ୍ରାଗୁଡା ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ଗ୍ରାମରେ ଅନେକ ନଳକୂପ ଥାଇ ମଧ୍ୟ ପିଇବା ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ପକ୍ଷରୁ କୁହାଯାଇଛି। ଗ୍ରାମର ଲୋକେ ପିଇବା ପାଣି ପାଇଁ ସଦା ସର୍ବଦା ଉଦନ୍ତୀ ନଦୀ ଉପରେ ନିର୍ଭର କରୁଥିଲେ। ହେଲେ ଗ୍ରୀଷ୍ମ ଋତୁର ପ୍ରଭାବରେ ଉଦନ୍ତୀ ନଦୀ ପାଣି ସୁଖୀ ଗଲାଣି। ଯାହାକୁ ନେଇ ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ଗ୍ରାମବାସୀ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ଭୋଇ ଓ ପିଇଓ ରାଜମନ ଶବରଙ୍କୁ ବାରମ୍ବାର ଜଣାଇବା ପରେ ଗତ ୨ ଅପ୍ରିଲରେ ପାଣି ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପାଣି ଟୋପାଏ ଯୋଗାଇ ନ ଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତକାଲି ଏ ଉପରେ ପୁନର୍ବାର ପିଇଓଙ୍କୁ ଜଣାଇଥିବା ବେଳେ ସରପଞ୍ଚ ଏପର୍ଯ୍ୟନ୍ତ ପାଣି ଯୋଗାଇ ଦେଇ ନ ଥିବା ନେଇ ଦୁଃଖ ପ୍ରକାଶ କରିଛନ୍ତି ପିଇଓ ରାଜମନ ଶବର। ଜଣେ ନିର୍ବାଚିତ ପ୍ରତିନିଧି ବିଭିନ୍ନ ପ୍ରତିଶୃତି ଦେଇ କ୍ଷମାତାକୁ ଆସନ୍ତି ହେଲେ କ୍ଷମତା ପାଇଲେ ଲୋକଙ୍କ ସେବା ବଦଳରେ ନିଜର ସ୍ୱାର୍ଥରେ ଲିପ୍ତ ରହନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଯୁବତୀଙ୍କ ମୃତଦେହ ଉଦ୍ଧାର ନେଇ ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଗର୍ଗାଫ ସ୍ଥିତ ଏକ ଗଛରୁ ଜଣେ ଯୁବତୀଙ୍କ ମୃତ ଦେହ ପୋଲିସ ଠାବ କରିଛି। ମୃତ ଯୁବତୀ ଜଣକ ହେଉଛନ୍ତି ଗର୍ଗାଫ ଗ୍ରାମର ଅମ୍ରିତା ଗଡ଼ତିଆ। ରବିବାର ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକେ ଯୁବତୀ ଜଣକର ମୃତ ଦେହ ଦେଖି କେଗାଁ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି । ଏ ସଂକ୍ରାନ୍ତରେ ମୃତ ଝିଅର ମାମୁଁ ତୋଫାନ ଭୋଇ ସୋମବାର ସକାଳ ୯ ଟାରେ ଏକ ଏତଲା ଦେଭା ପରେ କେଗାଁ ଥାନା ଯୁଡ଼ି କେଶ ନମ୍ବର ୨/୨୫ ରେ ଏକ ମାମଲା ରୁଜୁ କରିବା ସହିତ ପୋଲିସ ଶବ ଜବତ କରି ସୋମବାର ଦିନ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ନେଇଥିବା ପୋଲିସ ଏସ୍‌ଆଇ ମେଘରାଏ ହାସଦା ସୂଚନା ଦେଇଛନ୍ତି। ତେବେ ଉକ୍ତ ଯୁବତୀ ଜଣକ କଣ ପାଇଁ ଆତ୍ମହତ୍ୟା କଲେ ତାର କାରଣ ଅସ୍ପଷ୍ଟ ରହିଛି।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧିନସ୍ଥ କଣ୍ଡୁପଡାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ରେଡ଼କ୍ରସ ଶାଖା ତରଫରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ରେଡ଼କ୍ରସ କାଉନସିଲର ତଥା ସମ୍ବଲ ଶିକ୍ଷକ ଗୋବିନ୍ଦ ବ୍ରହ୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର କୁମାର ବିଷୀ ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନେତ୍ରାନନ୍ଦ ମାଝୀ, ଯୋଗ ପ୍ରଶିକ୍ଷିକା ମୈତ୍ରୀ ତ୍ରିପାଠୀ ଓ ଅଙ୍ଗନୱାଡି କର୍ମୀ ବସନ୍ତମଞ୍ଜରୀ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ଓ ଏହାର ଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ଗୋବିନ୍ଦ ବ୍ରହ୍ମା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ଯାଜ୍ଞସେନୀ ମାଝୀ। ଶିକ୍ଷକ ଧନଞ୍ଜୟ ମହାପାତ୍ର ଓ ସତ୍ୟରଞ୍ଜନ ଜେନା ବୈଷୟିକ ସହାୟତା କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ। ପରେ ବିଦ୍ୟାଳୟ ପାର୍ଶ୍ୱ ଜାତୀୟ ରାଜପଥ ୨୬ରେ ରେଡ଼କ୍ରସ ଜୁନିୟର ଛାତ୍ରଛାତ୍ରୀ ଶିକ୍ଷକ ତାରାକାନ୍ତ ଜେନା, ହେମନ୍ତ ପଧାନ, ରାମକୃଷ୍ଣ ବାରିକ, ଶିକ୍ଷୟତ୍ରୀ କରିସ୍ମା ସାଗର, ସୁଶ୍ରୀସ୍ମିତା ପ୍ରଧାନ, ଜ୍ୟୋସ୍ନାମୟୀ ପୃଷ୍ଟି ଓ କର୍ମଚାରୀ ବିଶ୍ୱନାଥ ରଣାଙ୍କ ପ୍ରତ୍ୟକ୍ଷ୍ୟ ତତ୍ୱାବଧାନରେ ପଥଚାରୀ ମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା, ଅଂଶୁଘାତ ପ୍ରତିକାର ଓ ସଡକ ସୁରକ୍ଷା ସମ୍ପର୍କିତ ପ୍ରଚାର ପତ୍ର ବଣ୍ଟନ କରି ସଚେତନ କରାଇଥିଲେ।

# ବ୍ଲକ କଂଗ୍ରେସ ତରଫରୁ ମହମବତୀ ଶୋଭାଯାତ୍ରା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ନାରୀ ସୁରକ୍ଷା ଦାବିରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ତରଫରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସରଗୁଲ ମାଲପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁଟିଗାଁ ଠାରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ତଥା କର୍ଲାମୁଣ୍ଡା ବ୍ଲକ ଖ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ସ୍ଥାନୀୟ ମହିଳା ଏବଂ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି, ଏହି ଶୋଭାଯାତ୍ରାରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ପର୍ଯ୍ୟବେକ୍ଷକ ଚୁଳମଣୀ ଗୌଡିଆ, ବରିଷ୍ଠ କଂଗ୍ରେସ କର୍ମୀ ରାଜକିଶୋର ମିଶ୍ର, ସରଗୁଲ ମାଲପଡା ସମିତି ସଭ୍ୟ ଗୋଲାପ ସାହୁ, ଅନୁକ୍ଷଣ ସାହୁ, ଗୋବର୍ଦ୍ଧନ କୁମାର, ମାର୍କଣ୍ଡ ସାହୁ, ବିଦ୍ୟାଧର ସାହୁ, ରମେଶ ସାହୁ, ହିରୋଜ ସାହୁ, ନାଗୁ ସାହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ, ଆସନ୍ତା ଏପ୍ରିଲ ୧୫ ତାରିଖ ଦିନ କର୍ଲାମୁଣ୍ଡା ବ୍ଲକ ଠାରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ହେବ ବୋଲି ବ୍ଲକ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଚୌଧୁରୀ ସୂଚନା ଦେଇଛନ୍ତି।

# ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ




ମିଛ ବିଲ ଦେଇ ଅର୍ଥ ହଡପ ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସରକାର ଗୁଣାତ୍ମକ ଶିକ୍ଷା ସହ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଓ ସେମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇବା ନିମନ୍ତେ ବିଦ୍ୟାଳୟ ମାନଙ୍କରେ ମାଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଗ୍ରହଣ କଲେ। ଏଥିପାଇଁ ସରକାରୀ ଅର୍ଥ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଅନ୍ୟପକ୍ଷେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ ଏହି ମଧ୍ୟାହ୍ନ ଭୋଜନ ପରିଚାଳନା କରିବାକୁ ଏସ୍‌ଏସ୍‌ଜି ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ବେହେରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ମା ସରସ୍ୱତୀ ସ୍ୱୟଂ ସହାୟିକା ଗୋଷ୍ଠୀ ମିଛ ବିଲ ଦାଖଲ କରି ସରକାରୀ ଅର୍ଥ ହଡପ କରିଥିବା ଜଣାପଡ଼ିଛି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ରହିଥିବା ବେଳେ ମୋଟ ୪୫୧ଜଣ ଛାତ୍ରଛାତ୍ରୀ ରହିଛନ୍ତି। ପିଲାଙ୍କ ଉପସ୍ଥାନ ଅନୁଯାୟୀ ଦୈନିକ ରନ୍ଧା ଯିବା ବ୍ୟବସ୍ଥା ରହିଛି। ମାସ ଶେଷରେ ମୋଟ ଉପସ୍ଥାନ ସମେତ ଖର୍ଚ୍ଚର ପରିମାଣ ବିଲ ବିଦ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଦାଖଲ କରିଥାନ୍ତି। ଏହି ବିଲ ଅନୁଯାୟୀ ସରକାରୀ ଅର୍ଥ ଅନୁମୋଦନ ହୋଇଥାଏ। ତେବେ ମାଧ୍ୟାହ୍ନ ଭୋଜନ ପରିଚାଳନା ଦାୟିତ୍ୱ ଥିବା ମା ସରସ୍ୱତୀ ସ୍ୱୟଂ ସହାୟିକା ଗୋଷ୍ଠୀ ୨ପ୍ରକାର ବିଲ ଦାଖଲ କରିଥିବା ଜଣାପଡ଼ିଛି। ବିଦ୍ୟାଳୟ କାର୍ଯ୍ୟାଳୟ ଠାରେ ସଠିକ ବିଲ ଦେଇଥିବା ବେଳେ ଅତି ଚାଲାକି ଭାବେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଛ ବିଲ ଦାଖଲ କରି ସରକାରୀ ଅର୍ଥ ହଡପ କରିଥିବା ଜଣାପଡ଼ିଛି। ଅନ୍ୟପଟେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବିଲ ତିଆରି କରିବା ଦାୟିତ୍ୱ ଥିବାବେଳେ ଏଠି କିନ୍ତୁ ଏସ୍‌ଏସ୍‌ଜି ନିଜେ ବିଲ କରି ଦାଖଲ କରିବା ସନ୍ଦେହ ଘେରକୁ ଆସିଛି। ଗତ ୨୦୨୪ଏପ୍ରିଲ ଠାରୁ ଏଭଳି ମିଛ ବିଲ ଏସ୍‌ଏସ୍‌ଜି ତିଆରି କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରି ୨ଲକ୍ଷ, ୨୨ହଜାର ୮୯୮ଟଙ୍କା ହଡପ କରିଥିବା ସୂଚନା ମିଳିଛି। ୨୦୨୪ ଏପ୍ରିଲମାସ ଠାରୁ ୨୦୨୫ ଫେବୃଆରୀ ମାସ ମଧ୍ୟରେ ମୋଟ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୫୭ହଜାର ୬୭୦ ଥିବା ବେଳେ ମଧ୍ୟାହ୍ନ ଭୋଜନରେ ମୋଟ ୪ଲକ୍ଷ ୫୯ହଜାର ୩୯୦ଟଙ୍କା ଖର୍ଚ୍ଚ ହୋଇଥିବା ବିଦ୍ୟାଳୟରେ ଦାଖଲ ହୋଇଥିବା ବିଲରୁ ଜଣାପଡେ। ହେଲେ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରତ୍ୟେକ ମାସରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା ବଢ଼ାଇ ମିଛ ବିଲ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦାଖଲ କରି ମୋଟ ୬ଲକ୍ଷ, ୮୨ହଜାର, ୨୮୮ଟଙ୍କା ଉଠାଇଛନ୍ତି। ଯାହା ବାସ୍ତବିକ ଟଙ୍କା ଠାରୁ ୨ଲକ୍ଷ, ୨୨ହଜାର, ୮୯୮ଟଙ୍କା ସରକାରୀ ଅର୍ଥ ଅଧିକ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିବା ବିଲ ମଧ୍ୟରେ ସମାନତା ନ ଥିବା ଏବେ ପ୍ରଶ୍ନ ଉଠିଛି। ନିୟମ ଅନୁଯାୟୀ ଦୈନିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମୋଟ ଉପସ୍ଥାନ ସଂଖ୍ୟା ଓଡିଶା ଶିକ୍ଷା ବିଭାଗ ଟୋଲ ଫ୍ରି ନମ୍ବରରେ ଦୈନିକ ମେହେଜ ମାଧ୍ୟମରେ ପଠାଯାଇଥାଏ। ଅନ୍ୟପଟେ ବିଲରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ କାଉଣ୍ଟର ଦସ୍ତଖତ ରହିବା ନିୟମ ଥିବା ବେଳେ ବିନା ପ୍ରଧାନ ଶିକ୍ଷକଙ୍କ ଦସ୍ତଖତରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କେମିତି ଦାଖଲ ହେଲା ଓ ଏହି ବିଲକୁ କାର୍ଯ୍ୟାଳୟ କେମିତି ଗ୍ରହଣ କରୁଥିଲା ତାହା ତଦନ୍ତ ସାପେକ୍ଷ। ଦୀର୍ଘ ୧୧ମାସ ଧରି ଏଭଳି ମିଛ ବିଲ ଦାଖଲ ଉପରେ କର୍ତ୍ତୃପକ୍ଷଙ୍କ ନଜର ନପଡିବା ନିହାତି ସନ୍ଦେହ ଉପୁଜିଛି। ଏଥିରେ କାର୍ଯ୍ୟାଳୟ କର୍ମଚାରୀଙ୍କ ପ୍ରୋତ୍ସାହ ଥିବା କଥାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ ଘଟଣା ଜଣାପଡିବା ପରେ ଡେରିରେ ହେଉ ପଛେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି। ଅଧିକାରୀଙ୍କ ନିର୍ଦ୍ଦେଶ ରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତଦନ୍ତରୁ ହଡପ ହୋଇଥିବା ଜଣାପଡିଛି। ଅନ୍ୟପଟେ ଏସ୍‌ଏସ୍‌ଜି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀକୁ ହଡପ ଟଙ୍କା ଭରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ଏଗ୍ରିମେଣ୍ଟ ଜରିଆରେ ମାସ ଭିତରେ ସମସ୍ତ ଅର୍ଥ କାର୍ଯ୍ୟାଳୟରେ ପୈଠ କରିବାକୁ ଏସ୍‌ଏସ୍‌ଜି ଏକ ଦସ୍ତଖତ କରିଥିବା ଓ କିଛି ଟଙ୍କା ପୈଠ ହୋଇଥିବା ଅଧିକାରିଣୀ ପଙ୍କଜିନି ମାଝୀ କହିଛନ୍ତି। ହେଲେ ସାଧାରଣ ଭାବେ ସରଳ ମହିଳା ମାନେ ଏସ୍‌ଏସ୍‌ଜିରେ ରହିଥିବା ବେଳେ ଏଭଳି ସାହସ ଜୁଟାଇବା ସମ୍ଭବ ନ ଥିବା ବେଳେ ଏହାର ପଛରେ ଶିକ୍ଷା ବିଭାଗ କର୍ମଚାରୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ତାର ସତ୍ୟାସତ୍ୟ ଲୋକଲୋଚନକୁ ଆସି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ରାଶିଫଳ


ବୁଧବାର, ୦୯ ଏପ୍ରିଲ୍ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଘର ସାଜସଜ୍ଜା ବହୁ ପରିମାଣରେ ଖର୍ଚ୍ଚ ହୋଇପାରେ।




**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଜୀବନ ସାଥୀଙ୍କ ସ୍ୱାସ୍ଥ୍ୟ ମଧ୍ୟ ଏକ ଚିନ୍ତାର ବିଷୟ ହୋଇ ରହିବ ।




**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ। ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।




**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ ।




**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ। ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ସ୍ୱାସ୍ଥ୍ୟ ଭଲ ହେବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯